# ଧରିତ୍ରୀ
DHARITRI
52 Years

ଭୁବନେଶ୍ୱର, ଶୁକ୍ରବାର, ମେ ୧/୨୦୨୬ (୧୮ ପୃଷ୍ଠା) | Bhubaneswar, Friday, May 1/2026 | Page 18 | ₹ 7.00

୫୨ଶ ଭାଗ ୧୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 156 | ମୂଲ୍ୟ ₹୭/-


25001/76/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଓଡ଼ିଶାରେ
# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା - ୪ର
## ସ୍ୱୀକୃତିପତ୍ର ହସ୍ତାନ୍ତର ସମାରୋହ

**ମୁଖ୍ୟ ଅତିଥି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

**ଗରିମାମୟ ଉପସ୍ଥିତି**

**ଶ୍ରୀ ଶିବରାଜ ସିଂହ ଚୌହାନ**
କେନ୍ଦ୍ର ମନ୍ତ୍ରୀ, କୃଷି ଓ କୃଷକ କଲ୍ୟାଣ, ଗ୍ରାମୀଣ ବିକାଶ

**ଶ୍ରୀ ରବି ନାରାୟଣ ନାଏକ**
ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ
ଓ ପାନୀୟ ଜଳ, ଓଡ଼ିଶା

**ଶ୍ରୀ ସପ୍ତଗିରି ଶଙ୍କର ଉଲାକା**
ସାଂସଦ, କୋରାପୁଟ

**ଏବଂ ବିଧାୟକ ବୃନ୍ଦ, ରାୟଗଡ଼ ଜିଲ୍ଲା**

୦୧ ମଇ ୨୦୨୬ | ରାୟଗଡ଼




| ଜିଲ୍ଲା | ରାସ୍ତା ସଂଖ୍ୟା | ଦୈର୍ଘ୍ୟ (କି.ମି.) | ପ୍ରକଳ୍ପ ରାଶି (କୋଟି) | ବସତି ସଂଖ୍ୟା |
|---|---|---|---|---|
| କନ୍ଧମାଳ | ୧୫୩ | ୩୪୯.୬୨ | ୩୩୯.୮୭ | ୧୬୪ |
| କେନ୍ଦୁଝର | ୪୫ | ୧୦୧.୯୯ | ୧୦୭.୪୪ | ୪୭ |
| ଖୋର୍ଦ୍ଧା | ୭ | ୧୫.୦୨ | ୧୪.୭୦ | ୭ |
| କୋରାପୁଟ | ୨୩ | ୩୨.୪୯ | ୩୫.୮୭ | ୨୪ |
| ମାଲକାନଗିରି | ୧୬୮ | ୨୮୧.୫୫ | ୨୭୫.୨୭ | ୧୭୦ |
| ନବରଙ୍ଗପୁର | ୧୩୮ | ୩୨୪.୧୭ | ୩୨୦.୧୯ | ୧୫୩ |
| ରାୟଗଡ଼ | ୨୭୪ | ୫୫୨.୨୧ | ୫୬୨.୧୦ | ୩୧୪ |
| ସମ୍ବଲପୁର | ୧୯ | ୪୪.୮୧ | ୪୨.୬୦ | ୧୯ |
| ସମୁଦାୟ | ୮୨୭ | ୧୭୦୧.୮୬ | ୧୬୯୮.୦୪ | ୮୯୮ |

OIPR-25001/25001/2/26-27/0004

## ପ୍ରଗତି ପଥରେ ଓଡ଼ିଶାର ଗାଁ, PMGSY-IV ସାଜିବ ବିକାଶର ନାଁ ।

ଉନ୍ନତ ସ୍ୱାସ୍ଥ୍ୟ ସେବା | ଶିକ୍ଷାର ପ୍ରସାର | ଅର୍ଥନୈତିକ ସମୃଦ୍ଧି | ସାମାଜିକ ବିକାଶ


ରାୟଗଡ଼


ଖୋର୍ଦ୍ଧା


କୋରାପୁଟ


ମାଲକାନଗିରି

ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ, ଭାରତ ସରକାର । ଗ୍ରାମ୍ୟ ଉନ୍ନୟନ ବିଭାଗ, ଓଡ଼ିଶା ସରକାର

# ବଳାତ୍କାର ପୀଡ଼ିତାଙ୍କୁ ମାତୃତ୍ୱ ପାଇଁ ବାଧ କରାଯାଇପାରିବ ନାହିଁ

## ଗର୍ଭପାତ ନିୟମରେ ସଂଶୋଧନ ପାଇଁ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୩୦।୪ (ପି.ଟି.)

ଜଣେ ନାବାଳିକାଙ୍କୁ ଜବରଦସ୍ତି ମାତୃତ୍ୱ ବୋଝ ସହିବାକୁ ବାଧ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ଗୁରୁବାର ଏକ ଐତିହାସିକ ଶୁଣାଣିରେ କହିଛନ୍ତି। ବଳାତ୍କାରର ଶିକାର ହୋଇଥିବା ପୀଡ଼ିତାମାନେ ୨୦ ସପ୍ତାହ ପରେ ମଧ୍ୟ ଯଦି ଚାହାନ୍ତି, ତେବେ ସେମାନଙ୍କୁ ଗର୍ଭପାତ ପାଇଁ ଅନୁମତି ଦେବାକୁ କେନ୍ଦ୍ର ସରକାର ନିଜ ଆଇନରେ ସଂଶୋଧନ କରନ୍ତୁ ବୋଲି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ସମୟ ଅନୁସାରେ ଆଇନରେ ପରିବର୍ତ୍ତନ ଆସିବା ଜରୁରୀ। ବଳାତ୍କାରଜନିତ ଗର୍ଭଧାରଣ କ୍ଷେତ୍ରରେ କୌଣସି ସମୟ ସୀମା ରହିବା ଉଚିତ ନୁହେଁ। ଏଥିସହିତ ଏଭଳି ମାମଲାର ଶୁଣାଣି ଏକ ସପ୍ତାହ ମଧ୍ୟରେ ଶେଷ କରିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି। ଏବେ ନାବାଳିକାଙ୍କର ପଢ଼ିବା ସମୟ, କିନ୍ତୁ ଆମେ ତାଙ୍କୁ ମା' କରିବାକୁ ଚାହିଁବା ଦ୍ୱାରା ସେ ସାରା ଜୀବନ ପାଇଁ ମାନସିକ ଆଘାତ ପାଇବ ବୋଲି ପ୍ରଧାନ ବିଚାରପତି କହିଛନ୍ତି। ଜଣେ ୧୫ ବର୍ଷୀୟା ନାବାଳିକାଙ୍କ ୩୦ ସପ୍ତାହର ଗର୍ଭପାତ ପାଇଁ ସୁପ୍ରିମକୋର୍ଟ ପୂର୍ବରୁ ଅନୁମତି ଦେଇଥିଲେ। କିନ୍ତୁ ଏମ୍ସ ପକ୍ଷରୁ ଏହି ନିଷ୍ପତ୍ତିକୁ ବିରୋଧ କରାଯାଇ 'କ୍ୟୁରେଟିଭ ପିଟିଶନ' ଦାଏର କରାଯାଇଥିଲା। ଏଥିରେ ଏମ୍ସ ଯୁକ୍ତି ବାଢ଼ିଥିଲା ଯେ ୩୦ ସପ୍ତାହ ପରେ ଶିଶୁଟି ଜୀବିତ ଜନ୍ମ ହେବାର ସମ୍ଭାବନା ରହିଛି। ଏହା ଉପରେ ଅସନ୍ତୋଷ ପ୍ରକାଶ କରି କୋର୍ଟ କହିଛନ୍ତି ଯେ, ସରକାରୀ ସଂସ୍ଥା ନାଗରିକଙ୍କ ସହ ଲଢ଼େଇ କରିବା ଉଚିତ ନୁହେଁ। ଏମ୍ସର କାମ କେବଳ ଚିକିତ୍ସା ସେବା



ଯୋଗାଇଦେବା, ନାଗରିକଙ୍କ ପାଇଁ ନିଷ୍ପତ୍ତି ନେବା ନୁହେଁ। ବିଚାରପତି ଜୟମାଲ୍ୟ ବାଗ୍‌ଚୀ କହିଛନ୍ତି ଯେ, ଜଣେ ମା' ହେବାକୁ ଯାଉଥିବା ବ୍ୟକ୍ତିର ନିଜ ଶରୀର ଉପରେ ସମ୍ପୂର୍ଣ୍ଣ ଅଧିକାର ରହିଛି। ପୀଡ଼ିତା ଓ ତାଙ୍କ ପରିବାରକୁ ମନସ୍ତତ୍ତ୍ୱବିତ୍‌ଙ୍କ ଜରିଆରେ କାଉନସେଲିଂ କରାଯାଉ ଏବଂ ସେମାନଙ୍କୁ ନିଷ୍ପତ୍ତି ନେବାକୁ ଦିଆଯାଉ। କୋର୍ଟ ପୂର୍ବରୁ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ, ପୀଡ଼ିତା ନାବାଳିକା ଦୁଇଥର ଆତ୍ମହତ୍ୟା ଉଦ୍ୟମ କରିସାରିଛନ୍ତି, ତେଣୁ ଗର୍ଭଧାରଣ ଜାରି ରଖିବା ତାଙ୍କ ଜୀବନ ପ୍ରତି ବିପଦ ହୋଇପାରେ। ସୂଚନାଥାଉ କି, ଗତ ସପ୍ତାହରେ ବିଚାରପତି ବି.ଭି. ନାଗରତ୍ନ ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ମଧ୍ୟ ସ୍ପଷ୍ଟ କରିଥିଲେ ଯେ, ଗର୍ଭାବସ୍ଥା ଯେତେ ବିଳମ୍ବ ହୋଇଥିଲେ ମଧ୍ୟ ପୀଡ଼ିତାଙ୍କ 'ଶାରୀରିକ ସ୍ୱାଧୀନତା'କୁ ଅଣଦେଖା କରାଯାଇପାରିବ ନାହିଁ। ଏହି ନିଷ୍ପତ୍ତି ଦେଶର ବଳାତ୍କାର ପୀଡ଼ିତାଙ୍କ ପାଇଁ ଏକ ବଡ଼ ଆଶ୍ୱାସନା ପାଲଟିଛି।

# ମେ' ୨ରେ ପ୍ରକାଶ ପାଇବ ମାଟ୍ରିକ୍ ଫଳ

କଟକ,୩୦।୪ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଚଳିତବର୍ଷର ମାଟ୍ରିକ୍, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାଫଳ ମେ' ୨ରେ ପ୍ରକାଶ ପାଇବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସବୁଜ ସଙ୍କେତ ମିଳିବା ପରେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ପ୍ରେସ୍ ଇସ୍ତାହାରରେ ଏନେଇ ଗୁରୁବାର ସୂଚନା ଦେଇଛନ୍ତି। ବୋର୍ଡ ୱେବ୍ ସାଇଟ www.bseodisha.ac.in ଓ www.bseodisha.nic.inରେ ପରୀକ୍ଷାର୍ଥୀମାନେ ସେମାନଙ୍କ ରୋଲ ନମ୍ବର ଜରିଆରେ ପରୀକ୍ଷାଫଳ ଦେଖିପାରିବେ। ତେବେ ସେଦିନ ଅପରାହ୍ନ ୪ଟାରେ ବୋର୍ଡ ମୁଖ୍ୟାଳୟରେ ପରୀକ୍ଷାଫଳ ଘୋଷଣା କରାଯିବ। ଏହାପରେ ସନ୍ଧ୍ୟା ୬ଟାରେ ଅନ୍‌ଲାଇନ୍‌ରେ ପରୀକ୍ଷାଫଳ ଉପଲବ୍ଧ ହେବ। ଏଥିସହ ମୋବାଇଲ୍ ଏସ୍‌ଏମ୍‌ଏସ୍ ମାଧ୍ୟମରେ ମଧ୍ୟ ପରୀକ୍ଷାଫଳ ମିଳିପାରିବ। ସେଥିପାଇଁ OR10<Roll No> ଲେଖିବା ପରେ 5676750କୁ ପଠାଇଲେ ପରୀକ୍ଷାଫଳ ମୋବାଇଲକୁ ଆସିଯିବ। ଅପରପକ୍ଷରେ ହାଇସ୍କୁଲର ମୁଖ୍ୟମାନେ ସେହିଦିନ ସନ୍ଧ୍ୟା ୭ଟାଠାରୁ ଟାବୁଲେଶନ ରେଜିଷ୍ଟର ଡାଉନଲୋଡ୍ କରିପାରିବେ। ଏହା ସେମାନଙ୍କୁ ସପ୍ଲିମେଣ୍ଟାରି ପରୀକ୍ଷା ନିମନ୍ତେ ଫର୍ମ ପୂରଣ କରିବାକୁ ସହାୟକ ହେବ।

# ୧୨୨ ଡଲାର ଟପିଲା କ୍ରୁଡ୍ ଅଏଲ

**୧ ଡଲାର=୯୪.୮୪ ଟଙ୍କା**

ନୂଆଦିଲ୍ଲୀ,୩୦।୪

ମଧ୍ୟପ୍ରାଚ୍ୟ ଯୁଦ୍ଧ ଅବସାନ ନେଇ ଅନିଶ୍ଚିତତା ବଢ଼ି ଚାଲିଥିଲାବେଳେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ(କ୍ରୁଡ୍ ଅଏଲ) ମୂଲ୍ୟ ମଧ୍ୟ ବୃଦ୍ଧି ପାଇ ଚାଲିଛି। ବିଶେଷକରି ହର୍ମୁଜ୍ ବିବାଦକୁ ନେଇ ତୈଳ ବଜାରରେ ଅସ୍ଥିରତା ସୃଷ୍ଟି ହେବା ସହ ଗୁରୁବାର ବ୍ରେଣ୍ଟକ୍ରୁଡ୍ ଅଏଲ ମୂଲ୍ୟ ବ୍ୟାରେଲ ପିଛା ୧୨୨ ଡଲାର ଟପିଛି। ଯାହାକି ୨୦୨୨ ପରେ ବ୍ରେଣ୍ଟ କ୍ରୁଡ୍ ସର୍ବାଧିକ ସ୍ତର ଛୁଇଁଥିବା କୁହାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟରେ ୧୩ ପ୍ରତିଶତ ବୃଦ୍ଧି ଘଟିବା ସହ ଗୁରୁବାର ମଧ୍ୟାହ୍ନ କାରବାର ସୁଦ୍ଧା ଏହା ୧୨୬ ଡଲାରରେ ପହଞ୍ଚିଥିଲା। ତେବେ ପରବର୍ତ୍ତୀ ସମୟରେ କ୍ରୁଡ୍ ମୂଲ୍ୟରେ ସାମାନ୍ୟ ସୁଧାର ପରେ କାରବାର ଶେଷ ସୁଦ୍ଧା ବ୍ୟାରେଲ ପିଛା ମୂଲ୍ୟ ୧୨୨.୩୧ ଡଲାର ରହିଥିବା ଜଣାପଡ଼ିଛି। ଭାରତ ଆମଦାନୀ କରୁଥିବା 'ସୋର(ଓମାନ/ଦୁବାଇ) ଏବଂ ସ୍ୱିଟ୍(ବ୍ରେଣ୍ଟ) ଗ୍ରେଡ୍ କ୍ରୁଡ୍ ମୂଲ୍ୟ ବ୍ୟାରେଲ ପିଛା ୧୧୬ ଡଲାର ରହିଥିବା ଜଣାପଡ଼ିଛି। ସେପଟେ ଅନ୍ତର୍ଜାତୀୟ ବଜାର ତୈଳ ମୂଲ୍ୟକୁ ନେଇ ଟଙ୍କା ମୂଲ୍ୟ ଡଲାର ତୁଳନାରେ ହ୍ରାସ ପାଇ ୯୪.୮୪ ରହିଛି।

# ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଦାୟୀକଲେ ଉତ୍ତରାଞ୍ଚଳ ଆର୍‌ଡିସି

## ଭଉଣୀଙ୍କ କଙ୍କାଳ ଧରି ବ୍ୟାଙ୍କକୁ ଯିବା ଘଟଣା

ପାଟଣା,୩୦।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଏରେଣ୍ଡେଇ ପଞ୍ଚାୟତ ଡିଆନାଳୀ ଗ୍ରାମ ଚତୁରୀସାହିର ଜିତୁ ମୁଣ୍ଡା ଗତ ସୋମବାର ବ୍ୟାଙ୍କ କର୍ମଚାରୀ ଟଙ୍କା ନ ଦେବାରୁ ମୃତ ଭଉଣୀ କାଳାରା ମୁଣ୍ଡାଙ୍କ କଙ୍କାଳ ନେଇ ବ୍ୟାଙ୍କ ସମ୍ମୁଖରେ ରଖିଥିଲେ। ଘଟଣା ମୁଖ୍ୟ ଖବର ପାଲଟିଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଗୁରୁବାର ଉତ୍ତରାଞ୍ଚଳ ରାଜସ୍ୱ ବିଭାଗୀୟ କମିଶନର (ଆର୍‌ଡିସି) ସଂଗ୍ରାମ କେଶରୀ ମହାପାତ୍ର ଡିଆନାଳି ଗ୍ରାମ ଓ ମଲ୍ଲିପୋଷିଠାରେ ଥିବା ବ୍ୟାଙ୍କରେ ତଦନ୍ତ କରିଛନ୍ତି। ଘଟଣାରେ ବ୍ୟାଙ୍କ କର୍ମଚାରୀ ସମ୍ପୂର୍ଣ୍ଣ ଦାୟୀ ବୋଲି କହିଥିଲେ। ଏଥିସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପୋଲିସ ପ୍ରଶାସନ ଅବହେଳା କରିଥିବା କହିଥିଲେ।

ଉତ୍ତରାଞ୍ଚଳ ଆର୍‌ଡିସି ସଂଗ୍ରାମ କେଶରୀ ମହାପାତ୍ର, ଜିଲାପାଳ ବିଶାଲ ସିଂ ପୂର୍ବାହ୍ନରେ ଡିଆନାଳି ଜିତୁ ମୁଣ୍ଡାଙ୍କ ଘରେ ପହଞ୍ଚି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ମଲ୍ଲିପୋଷି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରେ ୧ ଘଣ୍ଟା ଧରି ବ୍ୟାଙ୍କ ଏଲ୍‌ଡିଏମ୍, ମ୍ୟାନେଜର, ବ୍ୟାଙ୍କ କର୍ମଚାରୀଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଘଟଣା ଦିନର ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ। ପରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକନ୍ଦ୍ରକୁ ଯାଇ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଶୁଭେନ୍ଦୁ ସାଗର ନାଏକଙ୍କ ସହ ଆଲୋଚନା କରିଥିଲେ। ମୃତ୍ୟୁ ପ୍ରମାଣପତ୍ର ଦେବାରେ ମେଡିକାଲ ଅବହେଳା କରିଥିବା କହିଥିଲେ। ଏଥିସହ ବ୍ୟାଙ୍କରୁ ପୁଣି କଙ୍କାଳ ଧରି ଜିତୁ ମୁଣ୍ଡାଙ୍କୁ ଚଲାଇନେବା ଘଟଣାରେ ପୋଲିସ ଅବହେଳା କରିଥିବା ନେଇ ଘଟଗାଁ ଏସ୍‌ଡିପିଓଙ୍କୁ ଜଣାଇଥିଲେ। ଗଣମାଧ୍ୟମକୁ ସୂଚନା ଦେଇ ଆର୍‌ଡିସି ମହାପାତ୍ର କହିଥିଲେ, ଘଟଣା ଅତି ସମ୍ବେଦନଶୀଳ, ଲଜ୍ଜାଜନକ। ପ୍ରାଥମିକ ଅନୁସନ୍ଧାନରେ ବ୍ୟାଙ୍କ କର୍ତ୍ତୃପକ୍ଷ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ଜଣାପଡ଼ିଛି। ଉକ୍ତ ଦିନ ଜିତୁ ପୂର୍ବାହ୍ନ ପ୍ରାୟ ୧୧ଟାରେ ବ୍ୟାଙ୍କକୁ ଆସିଥିଲେ। ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ରହିଥିବା ବେଳେ ୩ରୁ ୪ ଥର କର୍ମଚାରୀ ଓ ମ୍ୟାନେଜରଙ୍କ ନିକଟକୁ ଦୌଡ଼ୁଥିଲେ। ଶେଷରେ ନିରାଶ ହୋଇ ଫେରିଯାଇ କଙ୍କଳା ନେଇ ଆସିଥିଲେ। ଏଥିସହ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ମୃତ୍ୟୁ ସାର୍ଟିଫିକେଟ ନ ଦେବା ଓ ଜିତୁ ବ୍ୟାଙ୍କରୁ କଙ୍କାଳ ନେଇ ଫେରିବା ବେଳେ ପାଟଣା ଥାନା କର୍ମଚାରୀ ତାଙ୍କୁ ଓ କଙ୍କାଳକୁ ସମ୍ମାନ ନ ଦେଇ ଅମାନବୀୟ ଭାବେ ଚଲାଇ ଚଲାଇ ନେବା ଘଟଣାକୁ ତଦନ୍ତ ପରିସରକୁ ଆଣିଛନ୍ତି। ସବୁକ୍ଷେତ୍ରରେ ଅବହେଳା କରାଯାଇଥିବା କହିଥିଲେ। ସରକାରଙ୍କୁ ସମସ୍ତ ରିପୋର୍ଟ ଦେବେ ବୋଲି କହିଥିଲେ। ଏହି ଅବସରରେ ଆର୍‌ଡିସିଙ୍କ ସହ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ କଂଗ୍ରେସ ନେତା ଜୟଦେବ ଜେନା ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଆଲୋଚନା କରିଥିଲେ।

# ଜିତୁ ମୁଣ୍ଡାଙ୍କୁ ଛୁଟୁଛି ସହାୟତାର ସୁଅ



ଫିଜିକ୍ସ ୱାଲା ଓଡ଼ିଶା ଶାଖାର ଅଧ୍ୟାପକ ଟଙ୍କା ପ୍ରଦାନ ପରେ ବ୍ୟାଙ୍କ ପାସବୁକ୍ ଦେଖାଉଛନ୍ତି।

## ଫିଜିକ୍ସ ୱାଲାର ସିଇଓ ଅଲଖ ପାଣ୍ଡେ ଦେଲେ ୧୦ଲକ୍ଷ

ପାଟଣା,୩୦।୪ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ଡିଆନାଳି ଗ୍ରାମର ଜିତୁ ମୁଣ୍ଡା ଗତ ସୋମବାର ମୃତ ଭଉଣୀ କାଳାରା ମୁଣ୍ଡାଙ୍କ କଙ୍କାଳ ଧରି ବ୍ୟାଙ୍କରେ ପହଞ୍ଚିବା ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ସମ୍ବେଦନଶୀଳ ଘଟଣାକୁ ସମସ୍ତେ ନିନ୍ଦା କରୁଛନ୍ତି। ଜିତୁ ମୁଣ୍ଡାଙ୍କ ପ୍ରତି ସମବେଦନା ଓ ସହାୟତାର ସୁଅ ଛୁଟୁଛି। ପ୍ରତିଦିନ ବିଭିନ୍ନ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ପହଞ୍ଚି ସହାୟତା ପ୍ରଦାନ କରୁଛନ୍ତି। ଗୁରୁବାର ଉତ୍ତର ପ୍ରଦେଶର ଶିକ୍ଷା ବୈଷୟିକ କମ୍ପାନୀ ଫିଜିକ୍ସୱାଲାର ସିଇଓ ଅଲଖ ପାଣ୍ଡେ ୧୦ଲକ୍ଷ ଟଙ୍କା ଓଡ଼ିଶା ଶାଖା କର୍ମଚାରୀଙ୍କ ଜରିଆରେ ଜିତୁଙ୍କ ଆକାଉଣ୍ଟକୁ ପ୍ରଦାନ କରିଛନ୍ତି। ସେହିଭଳି କେରଳର ଥଉଗମ ଫାଉଣ୍ଡେଶନ ୧ ଲକ୍ଷ ଟଙ୍କା ପ୍ରଦାନ କରିଛି। ଏଥିସହ ପ୍ରଶାସନ ପକ୍ଷରୁ ଗୁରୁବାର ୧ ହଜାର ବାର୍ଦ୍ଧକ୍ୟଭତ୍ତା, ଘରକୁ ବିଦ୍ୟୁତ୍, ଭଉଣୀ କାଳାରାଙ୍କ ଅନ୍ତ୍ୟୋଦୟ କାର୍ଡ ଜିତୁ ମୁଣ୍ଡାଙ୍କ ନାମକୁ ପରିବର୍ତ୍ତନ କରାଯାଇଛି।

3001/12/2627

ବିଜ୍ଞାପନ

ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଓଡ଼ିଶୀ ନୃତ୍ୟ ଓ ସଂଗୀତ ପ୍ରଶିକ୍ଷଣ

'ଓଡ଼ିଶୀ ପ୍ରତିଭା ଅନ୍ୱେଷଣ'
ଭଦ୍ରକ ଜିଲ୍ଲାରୁ ଶୁଭାରମ୍ଭ

ଆବଶ୍ୟକ

ଓଡ଼ିଶୀ ନୃତ୍ୟ ଗୁରୁ

ପ୍ରାର୍ଥୀ ଉତ୍କଳ ସଂଗୀତ ମହାବିଦ୍ୟାଳୟରୁ ଓଡ଼ିଶୀ ନୃତ୍ୟରେ ସ୍ନାତକ କିମ୍ବା କୌଣସି ବିଶିଷ୍ଟ ଖ୍ୟାତନାମା ଓଡ଼ିଶୀ ଗୁରୁଙ୍କ ନିକଟରୁ ଅନ୍ୟୁନ ୬-୧୦ବର୍ଷ ନିରନ୍ତର ଶିକ୍ଷା ଅର୍ଜନ କରିଥିବା ଆବଶ୍ୟକ।

ମାସିକ ବେତନ ସହିତ ଯାତାୟତ ଖର୍ଚ୍ଚ ପ୍ରଦାନ କରାଯିବ
ସ୍ଥାନ - ଜିଲ୍ଲା ସଂସ୍କୃତି ଭବନ, ଭଦ୍ରକ

ନିଜର ଆତ୍ମ ପରିଚିତି (Biodata) ଏବଂ ନୃତ୍ୟ ପରିବେଷଣର ଭିଡ଼ିଓ Link ନିମ୍ନଲିଖିତ E-mail ଜରିଆରେ ପଠାଇବେ।

ଆବେଦନ କରିବାର ଶେଷ ତାରିଖ : ୧୦.୦୫.୨୦୨୬

ବୟସ ସୀମା : ୨୫ ରୁ ୫୫ ବର୍ଷ

ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର
Website : gkcmorc.org, Email : gkcmorc@gmail.com

ଅଧିକ ଜାଣିବା ନିମନ୍ତେ ହ୍ୱାଟ୍ସଆପ୍ କିମ୍ବା ଫୋନ୍ ମାଧ୍ୟମରେ ଯୋଗାଯୋଗ କରନ୍ତୁ :
୮୧୧୭୮୨୭୦୩୫ / ୭୦୦୮୦୫୭୭୯୪

OIPR-3001/3004/1/26-27/0002

17001/6/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରମିକଙ୍କ ପ୍ରତି ସମର୍ପିତ ଓଡ଼ିଶା ସରକାର
ଆନ୍ତର୍ଜାତିକ ଶ୍ରମିକ ଦିବସ
ରାଜ୍ୟସ୍ତରୀୟ ସମାରୋହ

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଭିନ୍ନ ଶ୍ରମିକ କଲ୍ୟାଣ ବୋର୍ଡ ମାଧ୍ୟମରେ ରାଜ୍ୟବ୍ୟାପୀ **୧୫୦ କୋଟି ଟଙ୍କାରୁ** ଉର୍ଦ୍ଧ୍ୱ ସହାୟତା ରାଶି ବଣ୍ଟନ

**୧୩୦ କୋଟି ଟଙ୍କା** ବ୍ୟୟ ଅଟକଳରେ **ପ୍ରଭାଗୀୟ ଶ୍ରମ ଆୟୁକ୍ତ** ଓ **ସହକାରୀ ଶ୍ରମ ଅଧିକାରୀମାନଙ୍କ** ପାଇଁ **୫୦ଟି ନୂତନ ସ୍ଥାୟୀ କାର୍ଯ୍ୟାଳୟର** ଭିତ୍ତିପ୍ରସ୍ତର ସ୍ଥାପନ

୧ ମଇ ୨୦୨୬ | ସନ୍ଧ୍ୟା ୦୫.୩୦ ଘଟିକା | କୃଷି ଶିକ୍ଷା ସଦନ, ଓ.ୟୁ.ଏ.ଟି., ଭୁବନେଶ୍ୱର

ଗରିମାମୟ ଉପସ୍ଥିତି

ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ
ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା

ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ
ସାଂସଦ, ଭୁବନେଶ୍ୱର

ଶ୍ରୀ ଅନନ୍ତ ନାରାୟଣ ଜେନା
ବିଧାୟକ, ମଧ୍ୟ-ଭୁବନେଶ୍ୱର

ଶ୍ରୀ ବାବୁ ସିଂ
ବିଧାୟକ, ଏକାମ୍ର-ଭୁବନେଶ୍ୱର

ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା ସରକାର

OIPR-17001/17002/2/26-27/0003

ଧରିତ୍ରୀ
DHARITRI
ଧରିତ୍ରୀ 52 Years

ଭୁବନେଶ୍ୱର, ଶୁକ୍ରବାର, ମେ ୧/୨୦୨୬ | Bhubaneswar, Friday, May 1/2026 | ପୃଷ୍ଠା-୧

## ଆଇସିଏସ୍‌ଇ, ଆଇଏସ୍‌ସି ପରୀକ୍ଷା ଫଳ ପ୍ରକାଶ

କାଉନସିଲ ଫର୍ ଦି ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ ଏକ୍ଜାମିନେସନ୍ସ (ସିଆଇଏସ୍‌ସିଇ) ପକ୍ଷରୁ ଗୁରୁବାର ୨୦୨୬ ବର୍ଷର ଦଶମ (ଆଇସିଏସ୍‌ଇ) ଏବଂ ଦ୍ୱାଦଶ (ଆଇଏସ୍‌ସି) ଶ୍ରେଣୀ ପରୀକ୍ଷା ଫଳ ଘୋଷଣା କରାଯାଇଛି। ଚଳିତ ବର୍ଷ ଉଭୟ ପରୀକ୍ଷାରେ ପାସ୍ ହାର ୯୯ ପ୍ରତିଶତରୁ ଅଧିକ ରହିଥିବାବେଳେ ପୁଅଙ୍କ ଅପେକ୍ଷା ଝିଅମାନେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଚଳିତ ବର୍ଷ ଆଇସିଏସ୍‌ଇ ବା ଦଶମ ଶ୍ରେଣୀରେ ମୋଟ ୯୯.୧୮% ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବାବେଳେ ଆଇଏସ୍‌ସି ବା ଦ୍ୱାଦଶ ଶ୍ରେଣୀରେ ପାସ୍ ହାର ୯୯.୧୩% ରହିଛି। ଓଡ଼ିଶାରେ ଆଇସିଏସ୍‌ଇ ପାସ୍ ହାର ୯୮.୧୭% ଥିବାବେଳେ ୯୯.୨୪% ପରୀକ୍ଷାର୍ଥୀ ଆଇଏସ୍‌ସିରେ କୃତକାର୍ଯ୍ୟ ହୋଇଛନ୍ତି।

# ଓଡ଼ିଶାରେ ଦଶମ ପାସ୍ ହାର ୯୮.୧୭%, ଦ୍ୱାଦଶ ୯୯.୨୪%


ଆଇସିଏସ୍‌ଇ ଦଶମ ଓ ଆଇଏସ୍‌ସି ଦ୍ୱାଦଶ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇବା ପରେ ଭୁବନେଶ୍ୱରସ୍ଥିତ ଷ୍ଟିୱାର୍ଟ ସ୍କୁଲ୍‌ର ଛାତ୍ରୀଛାତ୍ର ଖୁସି ମନାଉଛନ୍ତି। **(ଫଟୋ: ବିକାଶ ନାୟକ)**

ଭୁବନେଶ୍ୱର,୩୦।୪(ସୁଚିସ୍ମିତା ସାହୁ)

ଓଡ଼ିଶାରେ ଦଶମ (ଆଇସିଏସ୍‌ଇ)ରେ ଝିଅଙ୍କ ପାସ୍ ହାର ୯୮.୬୯ ପ୍ରତିଶତ ଓ ପୁଅଙ୍କ ପାସ୍ ହାର ୯୭.୬୯ ପ୍ରତିଶତ ରହିଛି। ସେହିପରି ଦ୍ୱାଦଶରେ ଝିଅଙ୍କ ପାସ୍ ହାର ୯୯.୩୭ ପ୍ରତିଶତ ରହିଥିବା ବେଳେ ୯୯.୧୧ ପ୍ରତିଶତ ପୁଅ ପାସ୍ କରିଛନ୍ତି। ଦଶମରେ ସାଧାରଣ ବର୍ଗର ପାସ୍‌ହାର ୯୯.୦୬% ଓ ପଛୁଆ ବର୍ଗ(ଓବିସି) ୯୮.୭୭% ରହିଥିବାବେଳେ ଦ୍ୱାଦଶରେ ସାଧାରଣ ବର୍ଗ ପାସ୍ ହାର ୯୯.୨୬% ଓ ପଛୁଆ ବର୍ଗ ୯୯.୩୮% ରହିଛି।

ସାରା ଦେଶରେ ଆଇସିଏସ୍‌ଇ ଦଶମ ଶ୍ରେଣୀରେ ମୋଟ ୨,୫୮,୭୨୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ଏମାନଙ୍କ ମଧ୍ୟରୁ ୧,୩୭,୫୦୩ ଛାତ୍ର ଓ ୧,୨୧,୨୧୮ ଛାତ୍ରୀ ରହିଥିଲେ। ସେହିପରି ଆଇଏସ୍‌ସି ଦ୍ୱାଦଶରେ ମୋଟ ୧,୦୩,୩୧୬ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୯,୧୯୮ଜଣ ଛାତ୍ରୀ ଓ ୫୪,୧୧୮ ଜଣ ଛାତ୍ର ଥିଲେ। ତେବେ ☞ **ପୃଷ୍ଠା-୨**

# ପ୍ରେସ୍ ସ୍ୱାଧୀନତା 'ଅତ୍ୟନ୍ତ ଗମ୍ଭୀର'

ବିଶ୍ୱବ୍ୟାପୀ ଗଣମାଧ୍ୟମର ସ୍ୱାଧୀନତା ସଙ୍କଟଜନକ ସ୍ଥିତିରେ ପହଞ୍ଚିଛି। ଆସନ୍ତା ମେ' ୩ ତାରିଖରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳନ ହେବାକୁ ଥିବାବେଳେ ଅନ୍ତର୍ଜାତୀୟ ସଙ୍ଗଠନ 'ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ' (ଆର୍‌ଏସ୍‌ଏଫ୍) ପକ୍ଷରୁ ପ୍ରକାଶିତ ସଦ୍ୟତମ ରିପୋର୍ଟ ଅନୁଯାୟୀ, ଗତ ୨୫ ବର୍ଷ ମଧ୍ୟରେ ସାମ୍ବାଦିକତାର ସ୍ୱାଧୀନତା ବିଶ୍ୱରେ ସବୁଠାରୁ ନିମ୍ନସ୍ତରକୁ ଖସି ଆସିଛି। ଇତିହାସରେ ପ୍ରଥମ ଥର ପାଇଁ ବିଶ୍ୱର ଅଧାରୁ ଅଧିକ ଦେଶରେ ପ୍ରେସ୍ ସ୍ୱାଧୀନତା 'ଅତ୍ୟନ୍ତ ଗମ୍ଭୀର' ଶ୍ରେଣୀଭୁକ୍ତ ହୋଇଛି, ଯାହା ଗଣତନ୍ତ୍ର ପାଇଁ ଅଶୁଭ ସଙ୍କେତ। ୨୦୨୬ ସୂଚକାଙ୍କରେ ଭାରତର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ରହିଛି। ଆର୍‌ଏସ୍‌ଏଫ୍ ରିପୋର୍ଟ ଅନୁଯାୟୀ, ସାରା ବିଶ୍ୱର ୧୮୦ଟି ଦେଶ ମଧ୍ୟରୁ ଭାରତ ୧୫୭ତମ ସ୍ଥାନରେ ରହିଛି। ଗତବର୍ଷ ଏହାର ସ୍ଥାନ ଥିଲା ୧୫୧। ଏଥିରୁ ଭାରତରେ ସାମ୍ବାଦିକତାର ସ୍ୱାଧୀନତା ଅଧିକ ବିପଦପୂର୍ଣ୍ଣ ହୋଇଥିବା ଜଣାପଡୁଛି। ଗଣମାଧ୍ୟମ କର୍ମୀଙ୍କ ଉପରେ କଟକଣା ଏବଂ ସାମ୍ବାଦିକତାକୁ ଅପରାଧୀକରଣ କରିବା କ୍ଷେତ୍ରରେ ଭାରତକୁ ଏକ ପ୍ରମୁଖ ଉଦାହରଣ ଭାବେ ଏହି ରିପୋର୍ଟରେ ଦର୍ଶାଯାଇଛି।



- ୨୫ ବର୍ଷରେ ସର୍ବନିମ୍ନ ସ୍ତରରେ ସାମ୍ବାଦିକତାର ସ୍ୱାଧୀନତା
- ଭାରତର ସ୍ଥାନ ୧୫୧ରୁ ୧୫୭କୁ ଖସିଲା

ପ୍ୟାରିସ୍,୩୦।୪

ଫ୍ରାନ୍ସର ଅଣଲାଭଦାୟକ ସଂଗଠନ ଆର୍‌ଏସ୍‌ଏଫ୍ ପକ୍ଷରୁ ପ୍ରତିବର୍ଷ ବିଶ୍ୱର ୧୮୦ଟି ଦେଶରେ ଗଣମାଧ୍ୟମ ସଂସ୍ଥାମାନେ କିଭଳି ସ୍ୱାଧୀନତା ଉପଭୋଗ କରୁଛନ୍ତି, ତାହାକୁ ନେଇ ଏକ ସୂଚକାଙ୍କ ପ୍ରକାଶ କରିଥାଏ। ୨୦୦୨ରୁ ଏହି ଗଣନା ଆରମ୍ଭ ହେବା ପରଠାରୁ ପ୍ରଥମ ଥର ପାଇଁ ବିଶ୍ୱର ଅଧାରୁ ଅଧିକ ଦେଶରେ ପ୍ରେସ୍ ସ୍ୱାଧୀନତା 'ଅତ୍ୟନ୍ତ ଗମ୍ଭୀର' ଶ୍ରେଣୀଭୁକ୍ତ ହୋଇଛି। ମାତ୍ର ୭ଟି ଦେଶରେ ସାମ୍ବାଦିକତା ପାଇଁ 'ଉତ୍ତମ' ପରିବେଶ ରହିଛି, ଯେଉଁଥିରେ ନରୱେ, ନେଦରଲାଣ୍ଡ୍ସ ଏବଂ ଏଷ୍ଟୋନିଆ ଶୀର୍ଷ ତିନୋଟି ସ୍ଥାନରେ ରହିଛନ୍ତି। ଅନ୍ୟପଟେ ଫ୍ରାନ୍ସ ୨୫ତମ ସ୍ଥାନରେ ରହିଥିବା ବେଳେ ଆମେରିକା ୬୪ତମ ସ୍ଥାନକୁ ଖସି ଆସିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶାସନ କାଳରେ ଆମେରିକାରେ ଗଣମାଧ୍ୟମ ଉପରେ ଆକ୍ରମଣ ଓ କଟକଣା ବୃଦ୍ଧି ପାଇଥିବା ରିପୋର୍ଟରେ ଦର୍ଶାଯାଇଛି।

ରିପୋର୍ଟ ଅନୁଯାୟୀ, ବିଶ୍ୱର ପ୍ରାୟ ୬୦ ପ୍ରତିଶତ ଦେଶ (୧୮୦ରୁ ୧୧୦ଟି ଦେଶ) ଗଣମାଧ୍ୟମ କର୍ମୀଙ୍କୁ ବିଭିନ୍ନ ଉପାୟରେ ଅପରାଧୀ ସଜାଇବାକୁ ଚେଷ୍ଟା କରୁଛନ୍ତି। ଏହି ତାଲିକାରେ ଶ୍ରୀଲଙ୍କା (୧୩୪ତମ), ବାଂଲାଦେଶ (୧୫୨ତମ), ପାକିସ୍ତାନ (୧୫୩ତମ), ଭାରତ (୧୫୭ତମ), ଇଜିପ୍ଟ (୧୬୯ତମ), ତୁର୍କୀ (୧୬୩ତମ) ଏବଂ ହଂକଂ (୧୪୦ତମ) ଭଳି ଦେଶ ରହିଛନ୍ତି, ଯେଉଁଠାରେ ସରକାରୀ ଦମନଲୀଳା ବୃଦ୍ଧି ପାଇଛି। ରୁଷିଆ (୧୭୨ତମ) ଏବଂ ଇରାନ (୧୭୭ତମ) ନିମ୍ନ ୧୦ଟି ଦେଶ ମଧ୍ୟରେ ସ୍ଥାନ ପାଇଛନ୍ତି। ରିପୋର୍ଟରେ ଇସ୍ରାଏଲ-ଗାଜା ସଂଘର୍ଷର ଭୟାବହତାକୁ ମଧ୍ୟ ଉଲ୍ଲେଖ କରାଯାଇଛି। ଅକ୍ଟୋବର ☞ **ପୃଷ୍ଠା-୨**

SHAILABALA WOMEN'S AUTONOMOUS COLLEGE, CUTTACK
GRADUATE & POSTGRADUATE PROFESSIONAL COURSES
ADMISSION NOTICE 2026

| Course | Duration | Eligibility |
|---|---|---|
| B.Sc. (ITM) (Bachelor in Science Information Technology & Management) | Duration: 3 Years (6 Semesters) | Eligibility: For admission into B.Sc. (ITM) applicants, who have passed the Higher Secondary (+2/Equivalent Exam./Vocational (+2) in Science Stream with Mathematics and applicant having 3 years Diploma are eligible to apply for B.Sc. (ITM) |
| MSW Master in Social Work; M.Com. (F&C) Master in Commerce (Finance & Control); MBA Master in Business Administration (Approved by AICTE, New Delhi) | Duration: 2 Years (4 Semesters) | Eligibility: Must have a Bachelor's Degree of Minimum 3 years duration or its equivalent (10 +2 +3) from recognized university with 40% marks for MSW/M.Com. (F&C) & 50% marks for MBA, this criterion applies to all categories |

Applications are invited for admission into the above self financing courses for the Session 2026-27. The Prospectus and Application Form can be obtained directly by the applicants from the SFC Department on payment of Rs.300/- OR may be downloaded through College website **www.shailabalawomenscollege.ac.in** and payment ensure through Payphone (8337900578).
**Sd./- Principal**
For any query or Call for Admission:
8926392655, 8598993119, 9692901528
E-mail: shailabalasfc@gmail.com

# ଅଷ୍ଟ୍ରେଲିଆର ସବୁଠୁ ବଡ଼ ପ୍ରବାସୀ ଗୋଷ୍ଠୀ ଭାରତୀୟ

କାନବେରା, ୩୦।୪

ଅଷ୍ଟ୍ରେଲିଆର ଜନସଂଖ୍ୟା ଗଠନରେ ଏକ ଐତିହାସିକ ପରିବର୍ତ୍ତନ ଦେଖିବାକୁ ମିଳିଛି। ପ୍ରଥମ ଥର ପାଇଁ ବ୍ରିଟିଶ ବା ଇଂଲଣ୍ଡ ନିବାସୀଙ୍କୁ ପଛରେ ପକାଇ ଭାରତୀୟମାନେ ଅଷ୍ଟ୍ରେଲିଆର ସବୁଠାରୁ ବଡ଼ ପ୍ରବାସୀ ଗୋଷ୍ଠୀ ଭାବେ ଉଭା ହୋଇଛନ୍ତି। ଅଷ୍ଟ୍ରେଲିଆ ପରିସଂଖ୍ୟାନ ବ୍ୟୁରୋ (ଏବିଏସ୍) ପକ୍ଷରୁ ପ୍ରକାଶିତ ସଦ୍ୟତମ ତଥ୍ୟ ଅନୁଯାୟୀ, ଦେଶର ମୋଟ ଜନସଂଖ୍ୟାର ପ୍ରାୟ ୫.୨ ପ୍ରତିଶତ ବର୍ତ୍ତମାନ ଭାରତୀୟ।

ସରକାରୀ ତଥ୍ୟ ଅନୁଯାୟୀ, ବର୍ତ୍ତମାନ ଅଷ୍ଟ୍ରେଲିଆରେ ବସବାସ କରୁଥିବା ପ୍ରାୟ ୯,୭୧,୦୨୦ ଜଣ ବ୍ୟକ୍ତି ଭାରତରେ ଜନ୍ମଗ୍ରହଣ କରିଛନ୍ତି। ଅନ୍ୟପଟେ ଇଂଲଣ୍ଡରେ ଜନ୍ମିତ ପ୍ରବାସୀଙ୍କ ସଂଖ୍ୟା ୯,୭୦,୯୫୦ ରହିଛି। ୨୦୧୩ ମସିହାରେ ଇଂଲଣ୍ଡରୁ ଆସିଥିବା ପ୍ରବାସୀଙ୍କ ସଂଖ୍ୟା ୧୦ ଲକ୍ଷରୁ ଅଧିକ ଥିଲା, ଯାହା ଏବେ ହ୍ରାସ ପାଇଛି। ଏହି ତାଲିକାରେ ଚାଇନା (୭,୩୨,୦୦୦) ତୃତୀୟ ଏବଂ ନ୍ୟୁଜିଲାଣ୍ଡ (୬,୩୮,୦୦୦) ଚତୁର୍ଥ ସ୍ଥାନରେ ରହିଛନ୍ତି।

୧୯୯୦ ଦଶକରୁ ଅଷ୍ଟ୍ରେଲିଆର ଅର୍ଥନୈତିକ ଅଭିବୃଦ୍ଧିରେ ପ୍ରବାସୀମାନଙ୍କର ପ୍ରମୁଖ ଭୂମିକା ରହିଛି। କରୋନା ମହାମାରୀ ସମୟରେ ଅଳ୍ପ ଦିନ ପାଇଁ ଅର୍ଥନୀତି ପ୍ରଭାବିତ ହୋଇଥିଲେ ସୁଦ୍ଧା ପ୍ରବାସୀଙ୍କ ଯୋଗଦାନ ଯୋଗୁ ଦେଶ ଏକ ବଡ଼ ଅର୍ଥନୈତିକ ମାନ୍ଦାବସ୍ଥାରୁ ରକ୍ଷା ପାଇଛି। ୨୦୨୧ରେ ସୀମା ନିଷେଧାଦେଶ ☞ **ପୃଷ୍ଠା-୨**

**ଧରିତ୍ରୀର ଛୁଟି**

ଶ୍ରମିକ ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ମେ' ୧ ତାରିଖ ଶୁକ୍ରବାର ବନ୍ଦ ରହିବ। ପରବର୍ତ୍ତୀ ସଂଖ୍ୟା ମେ' ୩ ତାରିଖ ରବିବାର ସକାଳେ ପ୍ରକାଶ ପାଇବ।

**ଆଜିର ସମ୍ପାଦକୀୟ**

ଆର୍ଥିକ ଅପରାଧର ସ୍ୱର୍ଗ

UTKAL UNIVERSITY
CENTRE FOR AGRI-MANAGEMENT
DEPARTMENT OF BUSINESS ADMINISTRATION
NAAC-A+Accredited
ADMISSION INTO 21ST BATCH : 2026
MBA (AGRIBUSINESS MANAGEMENT) in ppp mode
AICTE Approved
OUR ESTEEMED RECRUITERS:
ELIGIBILITY: B.Sc. (Agriculture) & allied subjects /B.Tech (Ag) / Bachelor's degree in Science/ Commerce/ Management (BBA/ BBM) with minimum 50% aggregate marks. Students with Agriculture and allied subjects will be given preference. Degree Students those who are waiting for the result can also apply.
SELECTION: CAT / MAT / XAT / CMAT / GMAT / ATMA / ICAR - AIEEA PG / TISSNET Test scores. Candidates those who have not appeared the above tests will have to appear **Written Test** conducted by the centre. Candidates those who have appeared the above tests, but willing to appear for the written test conducted by the Centre can also do so. The Final selection shall be based on entrance scores, career marks and performance in Personal Interview.
Important Notes :
• Fill in the Application Form ONLINE at www.camutkal.ac.in.
• Last date of submission of Online Application form: 31.05.2026
Scan Here
BARC Outreach Building, Utkal University, Bhubaneswar - 751004
Mob.: 9437124356, 7008751003
e-mail : admission@camutkal.org, academic@camutkal.org, Website : www.camutkal.ac.in
Professor In Charge, CAM | Chairman, P.G Council

1001/31/2627

सत्यमेव जयते



**ମଇ ଦିବସ-୨୦୨୬ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

"ମଇ ଦିବସ" ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ସହିତ ଏକ "ବିକଶିତ ଓଡ଼ିଶା-ବିକଶିତ ଭାରତ" ଗଠନ ଦିଗରେ ଅବଦାନ ରଖିବାକୁ ମୁଁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମପାଟି)



**ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି। ରାଜ୍ୟର ବିକାଶ କ୍ଷେତ୍ରରେ ଆପଣମାନଙ୍କ ଅମୂଲ୍ୟ ଯୋଗଦାନ ପ୍ରତି ମୁଁ ସମ୍ମାନ ଜଣାଉଛି। ଶ୍ରମିକ ସମାଜର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ ତଥା ଅଧିକାରର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ।

ଆସନ୍ତୁ, ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନରେ ସମସ୍ତେ ସମ୍ମିଳିତ ହୋଇ କାମ କରିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-1001/1001/2/26-27/0001

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ, ସ୍ଥାନ: ବିଧାନସଭା ସମ୍ମୁଖ ପ୍ରତିମୂର୍ତ୍ତି, ସମୟ: ସକାଳ ୮ଟା ୩୦ ।
- ସାହିତ୍ୟ ଏକାଡେମୀ ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଆଲୋଚନାଚକ୍ର 'ଓଡ଼ିଆ ନାରୀ ସ୍ୱାଧୀନତା ସଂଗ୍ରାମୀ ଓ ଗାନ୍ଧୀବାଦ', ସ୍ଥାନ: ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଏଆଇଟିୟୁସି ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ, ସ୍ଥାନ: ଅଶୋକ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ବିଜୁ ଶ୍ରମିକ ସାମ୍ମୁଖ୍ୟ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଶ୍ରମିକ ଦିବସ ପାଳନ, ସ୍ଥାନ: ବିଜୁ ଶ୍ରମିକ ସାମ୍ମୁଖ୍ୟ ହେଡ୍‌କ୍ୱାଟର, ସମୟ: ପୂର୍ବାହ୍ନ ୧୧ଟା ।
- ପ୍ରଗତିବାଦୀ ପ୍ରତିଷ୍ଠା ଦିବସ ଉପଲକ୍ଷେ ସାହିତ୍ୟ ସଭା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ପ୍ରଗତିବାଦୀ କାର୍ଯ୍ୟାଳୟ, ମଞ୍ଚେଶ୍ୱର, ସମୟ: ଅପରାହ୍ନ ୩ଟା ୩୦ ।
- ମିଳିତ ଟ୍ରେଡ ୟୁନିୟନ ମଞ୍ଚ ପକ୍ଷରୁ ଶ୍ରମିକ ଦିବସ ସମାରୋହ, ସ୍ଥାନ: ରାଜମହଲ ଛକ, ସମୟ: ଅପରାହ୍ନ ୫ଟା ।
- ୧୫ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଲିଅନ୍ତା ବ୍ଲକର ପାରିବାସୁଦେଇପୁରସ୍ଥିତ ନୃସିଂହ ବରାହ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା ।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ହରିଦାସପୁର – ନହରକଣ୍ଟାସ୍ଥିତ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା ।
- ରାଜ୍ୟସ୍ତରୀୟ ଶ୍ରମିକ ଦିବସ ସମାରୋହ, ସ୍ଥାନ: କୃଷି ଶିକ୍ଷା ସଦନ, ଓୟୁଏଟି, ସମୟ: ଅପରାହ୍ନ ୫ଟା ୩୦ ।
- ପକ୍ଷୀଘର ପ୍ରକାଶନୀ ପକ୍ଷରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଅଧ୍ୟକ୍ଷ ମାଧବ କୌଶିକଙ୍କ ପୁସ୍ତକ ଲୋକାର୍ପଣ, ସ୍ଥାନ: ଭାରତୀୟ ବିଦ୍ୟାଭବନ, ସମୟ: ସନ୍ଧ୍ୟା ୬ଟା ।
- ଯଜ୍ଞର ପୂର୍ଣ୍ଣାହୁତି ଓ ରୌପ୍ୟ ଜୟନ୍ତୀ ମହୋତ୍ସବ ପାଳନ ଅବସରରେ ଯାତ୍ରା ପାର୍ଟି ଦ୍ୱାରା ଫି ସେଲ୍‌ରେ ନାଟକ ପରିବେଷଣ, ସ୍ଥାନ: ଗଡ଼ ନହରକଣ୍ଟାସ୍ଥିତ ରୁଦ୍ରେଶ୍ୱର ମନ୍ଦିର ପରିସର, ସମୟ: ରାତି ୧୧ଟା ।

**ପୁରୀ**
- ବୋଧିଚକ୍ର ପକ୍ଷରୁ ବୁଦ୍ଧ ଜୟନ୍ତୀ, ସ୍ଥାନ: ଗାନ୍ଧୀ ସ୍ମୃତି ପୀଠ, ସମୟ: ସକାଳ ୮ଟା ।
- ନୀଳାଚଳ କ୍ରିକେଟ ଟ୍ରଫି ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦ ।
- ଶିକ୍ଷକ ପ୍ରଶିକ୍ଷଣ ଶିବିର, ସ୍ଥାନ: ସାରସ୍ୱତ ବିଦ୍ୟା ନିକେତନ, ଲୋକନାଥ ରୋଡ୍, ସମୟ: ସକାଳ ୯ଟା ୩୦ ।
- ପୁରୀ କ୍ଲବ ପ୍ରିମିୟର୍ କ୍ରିକେଟ ଲିଗ୍‌ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ପୁରୀ କ୍ଲବ, ସମୟ: ପୂର୍ବାହ୍ନ ୧୧ଟା ।
- ଶଙ୍କରେଶ୍ୱର ମହାଦେବଙ୍କ କ୍ଷୀରସାଗର ଉତ୍ସବ, ସ୍ଥାନ: ଶଙ୍କରେଶ୍ୱର ମହାଦେବ ପୀଠ, ସମୟ: ଅପରାହ୍ନ ୧ଟା ।
- ବୁଦ୍ଧ ପୂର୍ଣ୍ଣିମା ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ଷ୍ଟେଶନ ରୋଡ୍, ସମୟ: ଅପରାହ୍ନ ୫ଟା ।

**ଖୋର୍ଦ୍ଧା**
- ଶ୍ରମିକ ସମାବେଶ, ସ୍ଥାନ: ଶ୍ୟାମାମାଧବ ବାସନ୍ତୀ ମେମୋରିଆଲ ପାଠାଗାର, ଜେଲ୍‌ରୋଡ, ସମୟ: ପୂର୍ବାହ୍ନ ୧୦ଟା ।

**ବାଲେଶ୍ୱର**
- ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ : ବାରାପାଳ ରାଧାକୃଷ୍ଣ ୟୁଜିୟୁପି ସ୍କୁଲ, ରୂପସା, ସମୟ : ସକାଳ ୭ଟା ୩୦ ।
- ଆନ୍ତର୍ଜାତିକ ଶ୍ରମିକ ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସକାଳ ୯ଟା ।
- ଜିଲାସ୍ତରୀୟ ପ୍ରତିବାଦ ଦିବସ ଓ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ : ସକାଳ ୯ଟା ।
- ଜଉକଣ୍ଢେଇ ବାହାଘର ପାଇଁ ଲଗ୍ନଧରା ଉତ୍ସବ, ସ୍ଥାନ : ରୋମି ସମ୍ମିଳନୀ କକ୍ଷ, ପୋଲିସ ଲାଇନ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା ।
- ଇଣ୍ଡିଆ ଟ୍ରେଡ୍ ଏକ୍ସପୋ –୨୦୨୬ ଉଦ୍‌ଘାଟନ ଉତ୍ସବ, ସ୍ଥାନ :ଆଇଟିଆଇ ପଡିଆ, ବାଲେଶ୍ୱର, ସମୟ : ଅପରାହ୍ନ ୨ଟା ।

**ଭଦ୍ରକ**
- ଜିଲାସ୍ତରୀୟ ଶ୍ରମିକ ଦିବସ, ସ୍ଥାନ: ଚରମ୍ପା ଅଗ୍ରେସନ ଭବନ, ଭଦ୍ରକ, ସମୟ: ସକାଳ ୯ଟା ।
- ରକ୍ତଦାନ ଶିବିର, ସ୍ଥାନ: ଏରେଇଁ ମା' ବାସନ୍ତୀ ଦୁର୍ଗା ପୂଜା ମଣ୍ଡପ, ଚରମ୍ପା, ସମୟ: ସକାଳ ୯ଟା ।
- ବୁଦ୍ଧ ଜୟନ୍ତୀ ପାଳନ, ସ୍ଥାନ: ଷୋଳମପୁର ବୌଦ୍ଧବିହାର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା ।
- ଶ୍ରମିକ ଦିବସ ପାଳନ, ସ୍ଥାନ: ହୃଦାନନ୍ଦ ପାଠାଗାର, ଧୁସୁରୀ, ସମୟ: ମଧ୍ୟାହ୍ନ ୧୨ଟା ୩୦ ।
- ଶିବ ବିବାହ ଉପଲକ୍ଷେ ଲଗ୍ନ ଉତ୍ସବ, ସ୍ଥାନ: ଆଖଣ୍ଡଳମଣି ପୀଠ, ଆରଡ଼ି, ସମୟ: ଅପରାହ୍ନ ୩ଟା ୩୦ ।
- ବୈଶାଖୀ ମେଳାର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା ।
- ମା' ଓ ମାଟି ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ମନମୋହନ ସଙ୍ଗୀତ ପରିଷଦ ପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା ୩୦ ।

**କେନ୍ଦୁଝର**
- ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଶ୍ରମିକ ସହାୟତା ବଣ୍ଟନ ଶିବିର, ସ୍ଥାନ: ଜିଲା ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୯ଟା ୩୦ ।

**ମୟୂରଭଞ୍ଜ**
- ତ୍ରିନାଥ ଗୋସାଇଁ କମିଟି ପକ୍ଷରୁ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ,ସ୍ଥାନ:ଉଦଳା ହାଇସ୍କୁଲ ଛକ, ଅତୁଲ ବାବୁଙ୍କ ଯାତ୍ରା ପଡ଼ିଆ,ସମୟ:ସକାଳ ୯ଟା ।
- ସଦ୍‌ଭାବନା ସମିତିର ୫୬୩ତମ ମାସିକ ସନ୍ଥ ଦିବସ ପାଳନ,ସ୍ଥାନ:ଗୋପବନ୍ଧୁ ଭବନ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା ।
- ଆମେ–୮୦ ପକ୍ଷରୁ ଜଳଛତ୍ର, ସ୍ଥାନ: ପୂର୍ତ୍ତବିଭାଗ ଅଫିସ ସମ୍ମୁଖ, କଚେରୀ ରୋଡ୍ ବାରିପଦା, ପୂର୍ବାହ୍ନ ୧୦ଟା ।
- ବାରିପଦା ଏକ୍ସପୋ ମେଳା, ସ୍ଥାନ: କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା ।

**ବ୍ରହ୍ମପୁର**
- ଶ୍ରମିକ ଦିବସ, ସ୍ଥାନ : ସଂସ୍କୃତି ଭାବନ ବ୍ରହ୍ମପୁର, ସମୟ: ପୂର୍ବାହ୍ନ ୧୦ ଟା ।
- ସ୍ୱର୍ଣ୍ଣ ପ୍ରୋ ଫେଷ୍ଟ–୨୦୨୬, ସ୍ଥାନ: ଗଞ୍ଜାମ କଳା ପରିଷଦ ବ୍ରହ୍ମପୁର, ସମୟ: ପୂର୍ବାହ୍ନ ୧୦ ଟା ।

**ଗଞ୍ଜାମ**
- ମା' ତାରାଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନିଗମାନନ୍ଦ ଯୋଗାଶ୍ରମ, କର୍ଣ୍ଣୋଳି, ଆସିକା ବ୍ଲକ, ସମୟ: ସକାଳ ୮ଟା ।
- ତପସ୍ୟାଧାମର ଉଦ୍‌ଘାଟନ,ସ୍ଥାନ: କଳିଙ୍ଗା ରୋଡ, ଆସିକା, ସମୟ: ପୂର୍ବାହ୍ନ: ୧୦ଟା ୩୦ ।

**ଢେଙ୍କାନାଳ**
- ଓୟୁଜେ ପକ୍ଷରୁ ଧାରଣା, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୮ଟା ।
- ଅନ୍ତର୍ଜାତୀୟ ଶ୍ରମିକ ଦିବସ, ସ୍ଥାନ: ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା ।
- ହରିହାଟ ମହୋତ୍ସବ, ସ୍ଥାନ: ହିନ୍ଦୋଳ ହରିହାଟ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ।

**ଅନୁଗୋଳ**
- ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ ନାମ ସଂକୀର୍ତ୍ତନ ଶୁଭାରମ୍ଭ, ସ୍ଥାନ: ଆଠମଲ୍ଲିକ ରୁଗୁଡ଼ିସାହି ଏନ୍‌ଏସି ; ଆଠମଲ୍ଲିକ ବ୍ଲକ ମାଳିପଦର, ସମୟ: ସକାଳ ୬ଟା ।
- ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ସକାଳ ୯ଟା ।

**ଜଗତ୍‌ସିଂହପୁର**
- ପୋର୍ଟ ଆଣ୍ଡ ଡକ୍ ମଜଦୁର୍ ୟୁନିୟନ ପକ୍ଷରୁ ଶ୍ରମିକ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ୟୁନିୟନ ପରିସର, ନୂଆବଜାର, ପାରାଦୀପ, ସମୟ: ସକାଳ ୯ଟା ।
- ପାରାଦୀପ କ୍ରିକେଟ କ୍ଲବ ପକ୍ଷରୁ ଆମନ୍ତ୍ରଣୀୟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର,ପାରାଦୀପ, ସମୟ: ଅପରାହ୍ନ ୪ଟା ।
- ୱାର୍କର୍ସ ୟୁନିୟନ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ୟୁନିୟନ ପରିସର, ବଡପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା ।

**କେନ୍ଦ୍ରାପଡ଼ା**
- ଶ୍ରୀ ବାସୁଦେବଙ୍କ ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ, ସ୍ଥାନ: ବେଣାଜୋରୀ ବଟ, ଭରତପୁର, କେନ୍ଦ୍ରାପଡା, ସମୟ: ସକାଳ ୬ଟା ।
- ମା'ରାମଚଣ୍ଡୀ ଉପକୂଳ ଶ୍ରମିକ ସଙ୍ଗଠନ ପକ୍ଷରୁ ଶ୍ରମିକ ଦିବସ ପାଳନ, ସ୍ଥାନ: ରାମଚଣ୍ଡୀ ପୀଠ ପରିସର, ରାମନଗର, ମହାକାଳପଡା, ସମୟ: ସକାଳ ୮ଟା ।
- ଓଡ଼ିଶା ସାମ୍ବାଦିକ ୟୁନିଅନ କେନ୍ଦ୍ରାପଡା ଜିଲା ୟୁନିଅନ ପକ୍ଷରୁ ବିକ୍ଷୋଭ ଓ ଗଣଧାରଣା, ସ୍ଥାନ:ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, କେନ୍ଦ୍ରାପଡା, ସମୟ: ସକାଳ ୯ଟା ।
- ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ ସଂସ୍କୃତି ଗବେଷକ ସ୍ୱର୍ଗତ ନିରଞ୍ଜନ ମେକାପଙ୍କ ସ୍ମୃତିସଭା, ସ୍ଥାନ: ସଞ୍ଜିବନୀ ବିଦ୍ୟାମନ୍ଦିର, ଗୁଲନଗର ଛକ ନିକଟ, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୪ଟା ।
- ସ୍ୱର୍ଗତ ରବିନ୍ଦ୍ର କୁମାର ବେହେରାଙ୍କ ଜୟନ୍ତୀ ଦିବସରେ ସ୍ମୃତିସଭା, ସ୍ଥାନ: ପୋଖରିଆପଡା ଟାଉନ କ୍ଲବ, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୪ଟା ।
- ସୀତା ନବମୀ ଉପଲକ୍ଷେ ଶ୍ରୀରାମଚରିତ ମାନସ ଓ ଅନଙ୍ଗ କୁମାର ଦାସଙ୍କ ପ୍ରବଚନ, ସ୍ଥାନ: ମହିପାଳ, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୫ଟା ।
- ଶ୍ରୀ ବଳଦେବଜୀଉଙ୍କ ଗଜ ଉଦ୍ଧାର ବେଶ, ସ୍ଥାନ: ଇଚ୍ଛାପୁର ମନ୍ଦିର, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୫ଟା ।
- ବିଶ୍ୱଶାନ୍ତି ନାମଯଜ୍ଞ, ସ୍ଥାନ: ଦେମାଳ, ବାଲିସାହି, ଆଳି, ସମୟ: ସନ୍ଧ୍ୟା ୬ଟା ।
- ଶଙ୍କୁକର୍ଣ୍ଣ ପୋଡି ଉତ୍ସବ, ସ୍ଥାନ: ନନ୍ତାର, କୋରୋ, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୬ଟା ।

**ଯାଜପୁର**
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ, ସ୍ଥାନ : ବ୍ୟାସନଗର ଟାଉନ ହଲ, ସମୟ: ସକାଳ ୯ଟା ।
- ଅନ୍ତର୍ଜାତୀୟ ଶ୍ରମିକ ଦିବସ, ସ୍ଥାନ : ସୁକିନ୍ଦା ବିହନ ଫାର୍ମ, ସମୟ: ପୂର୍ବାହ୍ନ ୧୦ଟା ।
- ବୁଦ୍ଧ ସଂସ୍କୃତି ପରିଷଦ ପକ୍ଷରୁ ବୁଦ୍ଧ ଜୟନ୍ତୀ ପାଳନ, ସ୍ଥାନ: ଧର୍ମଶାଳା ବ୍ଲକ କୋଟପୁର ପଞ୍ଚାୟତ ବଜ୍ରଗିରୀ ମହାବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୪ଟା୩୦ ।
- ମା' ପଳାଶବୁଢ଼ୀ ପୀଠରେ ୨୦ତମ ବିଶ୍ୱ ଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁସ୍ଥିତ ମା' ପଳାଶବୁଢ଼ୀ ପୀଠ, ସମୟ: ରାତ୍ର ୮ଟା ।

**ନୟାଗଡ଼**
- ବିଶ୍ୱ ଶ୍ରମିକ ଦିବସ, ସ୍ଥାନ: ନୟାଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୦ଟା ।
- ବିଶ୍ୱ ଶ୍ରମିକ ଦିବସ, ସ୍ଥାନ: ଖଣ୍ଡପଡା ଆଞ୍ଚଳିକ ସାମ୍ବାଦିକ ସଂଘ, ସମୟ:ପୂର୍ବାହ୍ନ ୧୦ଟା ୩୦ ।
- ଚନ୍ଦନ ଯାତ୍ରାର ଦ୍ୱାଦଶ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥ ଜୀଉ ମନ୍ଦିର ; ଶରଣକୁଳ ଲଡୁବାବାଙ୍କ ମନ୍ଦିର, ଓଡ଼ଗାଁ ରଘୁନାଥ ଜୀଉ ମନ୍ଦିର, ସମୟ:ମଧ୍ୟାହ୍ନ ୧୨ଟା ୩୦ ।
- ଚନ୍ଦନ ଯାତ୍ରା ଦ୍ୱାଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା ।
- ଚନ୍ଦନ ଯାତ୍ରା ଦ୍ୱାଦଶ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ଜୀଉ ମନ୍ଦିର ; ରଣପୁର ଜଗନ୍ନାଥ ଜୀଉ ମନ୍ଦିର, ସମୟ: ଅପରାହ୍ନ ୨ଟା ।
- ବୈଶାଖି ଯଜ୍ଞ ଉଦ୍‌ଯାପିତ, ସ୍ଥାନ: ଖଣ୍ଡପଡା ବ୍ଲକ ବନମାଳିପୁର, ସମୟ:ଅପରାହ୍ନ ୫ଟା ।
- ନାଟକ ପ୍ରେମ ଗୋଟେ ଝଡର ନାଁ, ସ୍ଥାନ:ଗୋଡିପଡା ଖଇରପଟିର ସାଇ ମନ୍ଦିର, ସମୟ:ରାତ୍ର ୧୦ଟା ।

**ରାୟଗଡ଼ା**
- ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା–୪ର ସ୍ୱୀକୃତିପତ୍ର ହସ୍ତାନ୍ତର କାର୍ଯ୍ୟକ୍ରମ, ସ୍ଥାନ: ଜେଏସ୍‌କୋ ପଡିଆ, ରାୟଗଡା, ସମୟ: ପୂର୍ବାହ୍ନ ୧୧ ଟା ।

**ନବରଙ୍ଗପୁର**
- ଶ୍ରମିକ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ଶୁଭ ଅଭିନନ୍ଦନ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୯ଟା ।

**କୋରାପୁଟ**
- ଘରୋଇ ବସ ମାଲିକ ସଂଘ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କୋରାପୁଟ ବସ୍‌ଷ୍ଟାଣ୍ଡ, କୋରାପୁଟ, ସମୟ: ସକାଳ ୯ଟା ୩୦ ।
- ଖବରଦାତାଙ୍କ ପ୍ରତିବାଦ ସଭା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଜିଲାସ୍ତରୀୟ ଶ୍ରମିକ ଦିବସ ପାଳନ, ସ୍ଥାନ: ଟାଉନ ହଲ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା ।
- ଏଆଇୟୁଟିୟୁସି ପକ୍ଷରୁ ଶ୍ରମିକ ଦିବସ ପାଳିତ, ସ୍ଥାନ: ବୈପାରିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା ।

**ସମ୍ବଲପୁର**
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଭୀମ ଭୋଇ ଶିଶୁ ଉଦ୍ୟାନସ୍ଥିତ ସନ୍ତକବି ଭୀମ ଭୋଇଙ୍କ ପ୍ରତିମୂର୍ତ୍ତି ସ୍ଥଳ, ସମୟ: ସକାଳ ୭ଟା ।
- ସୌନ୍ଦର୍ଯ୍ୟ ପ୍ରତିଯୋଗିତାର ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସକାଳ ୭ଟା ।
- ଶ୍ରୀଶ୍ରୀ ମରୁତନନ୍ଦନଙ୍କ ସପ୍ତମ ବାର୍ଷିକ ଉତ୍ସବରେ ହୋମ ଯଜ୍ଞ, ସ୍ଥାନ: ସମଲେଶ୍ୱରୀ ମନ୍ଦିର ନିକଟସ୍ଥ ମାଲିବାରୀ, ସମୟ: ସକାଳ ୮ଟା ।
- ସମ୍ବଲପୁର ଜିଲା ସାମ୍ବାଦିକ ୟୁନିୟନ ପକ୍ଷରୁ ସରକାରଙ୍କ ପ୍ରତାରଣର ପ୍ରତିବାଦ ସଭା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୯ଟା ।
- ଭୀମ ଭୋଇ ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ଜୟନ୍ତୀ ସଭା, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ସଭା କକ୍ଷ, ସମୟ: ଅପରାହ୍ନ ୫ଟା ୩୦ । ଭୀମ ଭୋଇ ସାହିତ୍ୟ ସଂସଦର ରୌପ୍ୟ ଜୟନ୍ତି ଉତ୍ସବ, ସ୍ଥାନ : ସଂସଦର ସଭାକକ୍ଷ, ସମୟ : ସନ୍ଧ୍ୟା ୬ଟା ୩୦ ।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ପକ୍ଷରୁ ବୁଦ୍ଧ ପୂର୍ଣ୍ଣିମା କାର୍ଯ୍ୟକ୍ରମ ସ୍ଥାନ: ବିନାଖଣ୍ଡିସ୍ଥିତ ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୭ଟା ।
- ଶ୍ରୀଶ୍ରୀ ମରୁତନନ୍ଦନଙ୍କ ସପ୍ତମ ବାର୍ଷିକ ଉତ୍ସବରେ ମହିଳା କୀର୍ତ୍ତନ କାର୍ଯ୍ୟକ୍ରମ, ସ୍ଥାନ: ସମଲେଶ୍ୱରୀ ମନ୍ଦିର ନିକଟସ୍ଥ ମାଲିବାରୀ, ସମୟ: ସନ୍ଧ୍ୟା ୭ଟା ।

**ବଲାଙ୍ଗୀର**
- ଅନ୍ତର୍ଜାତୀୟ ଶ୍ରମିକ ଦିବସ ଉପଲକ୍ଷେ ବାଇକ୍ ରାଲି, ସ୍ଥାନ: ବଲାଙ୍ଗୀର ଏସ୍‌ପି ଅଫିସ ସମ୍ମୁଖରୁ,ସମୟ: ସକାଳ ୮ଟା ।
- ଶ୍ରମିକ ଦିବସ ଉପଲକ୍ଷେ କଣ୍ଟାବାଞ୍ଜି ପୋଲିସର ବାଇକ୍ ରାଲି, ସ୍ଥାନ: କଣ୍ଟାବାଞ୍ଜି ପୋଲିସ ଷ୍ଟେଶନରୁ , ସମୟ: ପୂର୍ବାହ୍ନ ୯ଟା ।
- ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ, ସ୍ଥାନ: ଭୀମଭୋଇ ମେଡିକାଲ କଲେଜ ଅଡିଟୋରିୟମ୍, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।
- ଆଗଲପୁର ପଞ୍ଚାୟତ ସମିତି କଲେଜର ବାର୍ଷିକୋତ୍ସବ, ସ୍ଥାନ: ରୋତ କଲେଜ ପରିସର, ସମୟ : ଅପରାହ୍ନ: ୫ଟା ।

**ରାଉରକେଲା**
- କଳ୍ପତରୁ ଆଶ୍ରମର ୭ ଦିନିଆ ବାୟାବାବା ଉତ୍ସବ, ସ୍ଥାନ: ବାସନ୍ତୀ କଲୋନୀ ଆଶ୍ରମ ପରିସର, ସମୟ: ସକାଳ ୮ଟା ।
- ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ବିପିୟୁଟି ନେତାଜୀ ପରିସର, ସମୟ: ସକାଳ ୯ଟା ।

**ବରଗଡ଼**
- ବୈଶାଖ ମେଳା,ସ୍ଥାନ: ନୃସିଂହନାଥ, ପାଇକମାଳ,ସମୟ:ସକାଳ ୭ଟା ।
- ଗୌତମ ବୁଦ୍ଧଙ୍କ ତ୍ରିପାବନ ସମାରୋହ, ସ୍ଥାନ: ନାଗାର୍ଜୁନ ବୁଦ୍ଧ ବିହାର, ବଗେଇବିରା, ବରଗଡ଼,ସମୟ:ସକାଳ ୮ଟା ।
- ଶହୀଦ ଖଗେନ୍ଦ୍ର ମହାପାତ୍ର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ (ଚତୁର୍ଥ ଦିବସ), ସ୍ଥାନ: ଗୋଡ଼ଭଗା ଗ୍ରାମ୍ୟ ଖେଳ ପଡ଼ିଆ, ସମୟ:ଅପରାହ୍ନ ୨ଟା ।
- ପଞ୍ଚ ଦିନାତ୍ମକ ଶିବ ପୁରାଣ ପାରାୟଣ, ସ୍ଥାନ:ସରଣ୍ଡା ବିଶ୍ୱେଶ୍ୱର ବାବା ଶିବ ମନ୍ଦିର ପ୍ରାଙ୍ଗଣ, ସରଣ୍ଡା, ସମୟ:ଅପରାହ୍ନ ୫ଟା ।

**କଳାହାଣ୍ଡି**
- ପଞ୍ଚମ ଦିନରେ କଂଗ୍ରେସର ଗଣଧାରଣା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ସକାଳ ୯ଟା ।
- ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ, ସ୍ଥାନ: ଭବାନୀପାଟଣାସ୍ଥିତ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ।

**ବୌଦ୍ଧ**
- ଜିଲାସ୍ତରୀୟ ଅନ୍ତରାୟ ଶ୍ରମିକ ଦିବସ ପାଳନ, ସ୍ଥାନ:ଟାଉନହଲ ବୌଦ୍ଧ, ସମୟ:ସକାଳ ୮ଟା ।
- ବୁଦ୍ଧ ଜୟନ୍ତୀ ସମାରୋହ, ସ୍ଥାନ:ରାଜବାଟି ସ୍ଥିତ ବୁଦ୍ଧ ପାର୍କ ବୌଦ୍ଧ, ସମୟ:ସନ୍ଧ୍ୟା ୭ଟା ।
- ଚନ୍ଦନ ଯାତ୍ରା ଉତ୍ସବ ଉଦ୍‌ଯାପିତ, ସ୍ଥାନ:ସାଲକଟା ଗ୍ରାମ, ହରଭଙ୍ଗା ବ୍ଲକ, ସମୟ: ସନ୍ଧ୍ୟା ୭ଟା ।
- ବୁଦ୍ଧ ପୂର୍ଣ୍ଣିମା ଓ ଚନ୍ଦନ ଯାତ୍ରା ଉତ୍ସବ ଉଦ୍‌ଯାପିତ,ସ୍ଥାନ:ପରଗଲପୁର ଗ୍ରାମ, ହରଭଙ୍ଗା ବ୍ଲକ, ସମୟ: ସନ୍ଧ୍ୟା ୭ଟା ।

**ଦେବଗଡ଼**
- ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ, ସ୍ଥାନ: ଦେବଗଡ଼ସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ସକାଳ ୯ଟା ।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

**ସୁବର୍ଣ୍ଣପୁର**
- ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ।

**ନୂଆପଡ଼ା**
- ଜିଲା ଶ୍ରମିକ ମହାସଂଘ ପକ୍ଷରୁ ଗ୍ରାମୀଣ ଚର୍ଚ୍ଚା ବା ଶ୍ରମିକ ଦିବସ ପାଳନ, ସ୍ଥାନ: ନୂଆପଡା ସଦର ବ୍ଲକ ଟାନୱାଟ କାଣାଭେିରା ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲା ଶ୍ରମ ବିଭାଗ ପକ୍ଷରୁ ଜିଲାସ୍ତରୀୟ ଶ୍ରମିକ ଦିବସ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଟାନୱାଟ ପଥପ୍ରାନ୍ତ ସୁବିଧା କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ।
- ବୈଶାଖ ମେଳା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ମିଛାପାଲି ପଞ୍ଚାୟତ ଖୋଲିଗାଁ ରାଣୀମହାସ, ସମୟ: ପୂର୍ବାହ୍ନ ୧୦ଟା ।
- ବୈଶାଖ ମେଳା ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: ବୋଡେନ ବ୍ଲକ ପାତଲଗଙ୍ଗା ଓ କୋମନା ବ୍ଲକ ରାଣୀମହାସ, ସମୟ: ମଧ୍ୟାହ୍ନ ୧୨ଟା ।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି ଓ ନଗରକୀର୍ତ୍ତନ, ସ୍ଥାନ: ଖଡିଆଳ ବ୍ଲକ ରାଣୀମୁଣ୍ଡା, ସମୟ: ପୂର୍ବାହ୍ନ ୧୦ଟା ୧୫ ।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ଅରେଡା ପଞ୍ଚାୟତ ଚନ୍ଦୁଟମାଲ ଗାଁ, ସମୟ: ସକାଳ ୭ଟା ୧୫ ।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ରଜନା ପଞ୍ଚାୟତ ବେଲଗାଁ, ସମୟ: ସକାଳ ୯ଟା ୩୫ ।
- ଜିଲା ଯାଦବ ସମାଜ ପକ୍ଷରୁ ବୈଶାଖ ମେଳା ଓ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ନାମାରମ୍ଭ, ସ୍ଥାନ: ବୋଡେନ ବ୍ଲକ ପାତାଳଗଙ୍ଗା ରାଧାକୃଷ୍ଣ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ।
- ଅଷ୍ଟପ୍ରହର ଅଖଣ୍ଡ ନାରଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ବ୍ଲକ ଇଚ୍ଛାପୁର ଗାଁ, ସମୟ: ସକାଳ ୮ଟା ୪୨ ।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ବଡଦୋହେଲ ଗାଁ, ସମୟ: ପ୍ରାତଃ ୫ଟା ୧୫ ।

**ଝାରସୁଗୁଡ଼ା**
- ସୁଭଦ୍ରା ଶକ୍ତି ମେଳା, ସ୍ଥାନ: ଝାରସୁଗୁଡ଼ାସ୍ଥିତ ବିଟିଏମ୍ ପଡିଆ, ସମୟ: ଅପରାହ୍ନ ୪ଟା ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଷୁଣୀ ସାହିରେ କଷୁଣି ପଡ଼ିଲେ**
**ବୋଲେ ହୀରା ସାର ମୁଦି ।**

ସାଧାରଣତଃ ଯାହାଙ୍କର ଯେଉଁ ବିଷୟ ଉପରେ ଆଦୌ ଧାରଣା ନ ଥାଏ, ସେହି ବ୍ୟକ୍ତି ଉକ୍ତ ବିଷୟ ଉପରେ ଠାସକ ମାରି ଏଣୁ ତେଣୁ କିଛି କହୁଥିବାର ଦେଖିବାକୁ ମିଳିଥାଏ । ବ୍ୟକ୍ତି ନିଜର ମୂର୍ଖାମୀ ବା ଅଜ୍ଞତାକୁ ଅନ୍ୟ ଆଗରେ ଲୁଚାଇ ରଖିବାର ମିଛ ଅପଚେଷ୍ଟା କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଚାଟୁଆ,**
**ପଛରୁ ଗଳାକୁ କାଟୁଆ ।**

ମୁହଁରେ ଚାଟୁ ବଚନ, ପ୍ରଶଂସା କିନ୍ତୁ ପରୋକ୍ଷରେ ଶତ୍ରୁତା ଆଚରଣ । କପଟୀ ବ୍ୟକ୍ତିଙ୍କର ଏପରି ସ୍ୱଭାବ ହୋଇଥିବାବେଳେ ଏମାନେ ଶତ୍ରୁଠାରୁ ଭୟଙ୍କର । ମୁହଁ ଉପରେ ମିଠା କଥା କହି ପଛରେ ଅନିଷ୍ଟ ଚିନ୍ତା କରୁଥିବା ବିଶ୍ୱାସଘାତକ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆପଣ ଯେମିତି ଉଚ୍ଚମନା, ଆପଣଙ୍କ କାମଗୁଡ଼ିକ ମଧ୍ୟ ସରସ, ସୁନ୍ଦର ରହିବ । ଶୁକ୍ରଙ୍କ ସ୍ଥିତିଜନିତ ଅଭାବ ରହିବନି ଏବଂ ପାରିବାରିକ ସ୍ଥିତି ମଧ୍ୟ ମନ୍ଦ ହେବନି । କିନ୍ତୁ କେତୁଙ୍କ କୁପ୍ରଭାବରେ କେତେକ କ୍ଷେତ୍ରରେ ଅପରିଣାମଦର୍ଶୀ ହୋଇ ଭୁଲ୍ ନିଷ୍ପତ୍ତି ନେଇପାରନ୍ତି । ପିଲାମାନଙ୍କ ସ୍ୱାସ୍ଥ୍ୟହାନି ଯୋଗୁ ସାମାନ୍ୟ ବିଚଳିତ ବୋଧକରିବେ ।

**ବୃଷ**
ସ୍ୱାସ୍ଥ୍ୟ ଭଲ ରହିବ ଓ ବନ୍ଧୁମାନେ ଆପଣଙ୍କ ଗୁଣାନୁକୀର୍ତ୍ତନ କରିପାରନ୍ତି । ବିଳମ୍ବରେ ହାତକୁ ନେଇଥିବା କାମଗୁଡ଼ିକ ସମ୍ପନ୍ନ ହେବାରେ ଅସୁବିଧା ହେବ ନାହିଁ । ବୁଧଙ୍କ ଦୁର୍ବଳତା ହେତୁ ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ । ଯେତେ ରୋଜଗାର କଲେ ମଧ୍ୟ ହାତ ସବୁବେଳେ ଖାଲି ରହିବ ।

**ମିଥୁନ**
ପରିବାରର ଆବଶ୍ୟକତାକୁ ଉପଲବ୍ଧି କରି କୌଣସି ନୂତନ ଜିନିଷଟିଏ କ୍ରୟ କରିପାରନ୍ତି । ମନ ନେଇ କାମ କଲେ ମଧ୍ୟ ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନେ ସହଜରେ ବଦଳିବେ ନାହିଁ । କର୍ମକ୍ଷେତ୍ରରେ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ । ପାରିବାରିକ କ୍ଷେତ୍ରରେ କୌଣସି ପ୍ରତିବନ୍ଧକର ସାମନା କରିବାକୁ ପଡିପାରେ ।

**କର୍କଟ**
କର୍ମସ୍ଥାନରେ ବୁଧାଦିତ୍ୟ ଯୋଗ ପ୍ରଭାବରେ ପ୍ରତ୍ୟେକ କ୍ଷେତ୍ରରେ ସମ୍ମାନଜନକ ସ୍ଥାନରେ ଅବସ୍ଥାନ କରିବେ । ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ହୋଇପାରେ । ଅନ୍ୟମାନଙ୍କ କଥାକୁ ସତ୍ୟ ମନେକରି ଅନୁସରଣ କଲେ ଅସୁବିଧାରେ ପଡିପାରନ୍ତି । ତଥାପି ମନର ବଳ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି କାର୍ଯ୍ୟ ସାଧନ କରିବେ ।

**ସିଂହ**
ରବି ଉଚ୍ଚଭାବରେ ଅବସ୍ଥାନ କରି ସାମାଜିକ ସ୍ତରରେ ରାଜକୀୟ ସମ୍ମାନ ପ୍ରଦାନ କରିବେ । ଆଜି ଯେଉଁ କାମରେ ହାତ ଦେବେ ତାହା ସୁବିଧାରେ ସମ୍ପନ୍ନ ହେବ । ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ । ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବାର ଆଶଙ୍କା ରହିଛି ।

**କନ୍ୟା**
ସୁଖଭାବରେ ଚନ୍ଦ୍ରଙ୍କ ସ୍ଥିତିଜନିତ ଆପଣ ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବେ । ସୁସ୍ଥମାନସିକତା କାରଣରୁ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ଶୃଙ୍ଖଳିତ ରହିବାରେ କୌଣସି ଅସୁବିଧା ରହିବନାହିଁ । ଅଭାବନୀୟ ପରିସ୍ଥିତିକୁ ହୃଦୟଙ୍ଗମ କରି ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି ।

**ତୁଳା**
ଗ୍ରହସ୍ଥିତିର ଅନୁକୂଳତାଜନିତ ଆଜି ଯାହା ଚାହିଁବେ ତାହାକୁ ନିର୍ବିଘ୍ନରେ ସମାପନ କରିପାରିବେ । ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ବନ୍ଧୁ,ସହକର୍ମୀମାନଙ୍କ ପରାମର୍ଶ ଗ୍ରହଣ କରିବା ଭଲ ହେବ । ବାଣିଜ୍ୟ,ବ୍ୟବସାୟ, ପ୍ରକାଶନ, ଗବେଷଣା, ଚୁକ୍ତିପତ୍ର, ଆଲୋଚନା ତଥା ଲେଖାପଢ଼ାରୁ ଶୁଭଫଳ ପାଇବେ ।

**ବିଛା**
ଅଷ୍ଟମଭାଗରେ ବୃହସ୍ପତି ରହିଥିବା ଯୋଗୁ ଉଦ୍ୟମକୁ ଭଣ୍ଡୁର କରିଦେଇପାରନ୍ତି । ସ୍ୱାସ୍ଥ୍ୟ ସମସ୍ୟା ଟେନ୍ସନ ବୃଦ୍ଧିର କାରଣ ହୋଇପାରେ । ପାରସ୍ପରିକ ଉତ୍ତମ ବୁଝାମଣା ପ୍ରଭାବରୁ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ବହୁତ ଭଲ ରହିବ । ଅଯଥା ରାଗି ଅନ୍ୟମାନଙ୍କ ସହ ଥିବା ସମ୍ପର୍କକୁ ଖରାପ କଲାଭଳି କିଛି କାମ କରିବା ଠିକ୍ ହେବ ନାହିଁ ।

**ଧନୁ**
ନୂତନ ଯାନ, ବିଳାସ ସାମଗ୍ରୀ, ସହ ବନ୍ଧୁମିଳନଜନିତ ମନ ଖୁସି କରାଇବ । ପାରିବାରିକ କ୍ଷେତ୍ରର ବିଶୃଙ୍ଖଳା ସକାଶେ ହଠାତ୍ କୌଣସି ପ୍ରତିକାର କରିପାରିବେ ନାହିଁ । ଶତ୍ରୁଙ୍କ ପ୍ରାଦୁର୍ଭାବ ଓ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ । ବାଣିଜ୍ୟ, ବ୍ୟବସାୟ, ପରିବହନ ଏବଂ ରିୟଲଇଷ୍ଟେଟ କ୍ଷେତ୍ରରେ ଆଶାଜନକ ସୁଫଳ ପାଇପାରନ୍ତି ।

**ମକର**
ଦିନଚର୍ଯ୍ୟା ଉନ୍ନତମାନର ହେଲେ ମଧ୍ୟ ଆଜି ଘର କାମ ଛାଡି ବାହାର କାମରେ ସମୟ କଟାଇବେ । ଆନୁଷ୍ଠାନିକ କାମ ସାଙ୍ଗକୁ ପରିବହନ, ନିର୍ମାଣ, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ସଫଳତା ହାସଲ କରିବେ । ସଙ୍ଗଠନ, ସଭାସମିତି ତଥା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ମିଳିବ । ନିଜ ଲୋକ ବିଶ୍ୱାସଘାତକତା କରିପାରନ୍ତି ।

**କୁମ୍ଭ**
ଯେଉଁ ପ୍ରକାରର ପରିସ୍ଥିତିକୁ ସାମ୍ନା କରିବାକୁ ପଡିଲେ ମଧ୍ୟ ଆପଣଙ୍କ ପ୍ରଭାବଶାଳୀ କଥାରେ ଅନ୍ୟମାନେ ବଶ୍ୟତା ସ୍ୱୀକାର କରିବେ । ନିଜର ଚତୁଃପାର୍ଶ୍ୱସ୍ଥ ପାରିପାର୍ଶ୍ୱିକ ପରିସ୍ଥିତି ଓ ପରିବେଶ ଆଜିପାଇଁ ବହୁତ ଭଲ ରହିବ । ଅର୍ଥ, ନୂତନ ଯୋଜନା, କଲ୍ୟାଣମୂଳକ କାର୍ଯ୍ୟ ଦିଗରେ ଜଣେ ବନ୍ଧୁ ସାହାଯ୍ୟ କରିବେ ।

**ମୀନ**
ମନରେ ଅସ୍ଥିରତା ସୃଷ୍ଟି ହେଲେ ମଧ୍ୟ ପ୍ରତିଶ୍ରୁତି ଅନୁଯାୟୀ କାମ କରିବାକୁ ପ୍ରସ୍ତୁତ ହେବେ । ଭୁଲ୍ ବୁଝାମଣା କ୍ରମେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯାଇପାରେ । ବନ୍ଧୁ କିମ୍ବା ସହକର୍ମୀଙ୍କ ଜରିଆରେ ସକାଳୁ ସକାଳୁ ଶୁଭ ଖବର ପାଇ ଖୁସି ହୋଇଯିବେ । ପ୍ରିୟଜନଙ୍କ ସହ ଭ୍ରମଣ ହେତୁକ ଶାରୀରିକ ପୀଡ଼ା ପାଇପାରନ୍ତି ।

ଆଜି ମେ ୧ ତାରିଖ, ଶ୍ରମିକଦିବସ, ବୈଶାଖ ପୂର୍ଣ୍ଣିମା ଶୁକ୍ରବାର, ବୈଶାଖବ୍ରତ ସମାପନ, ବୁଦ୍ଧଜୟନ୍ତୀ, ଭୀମ ଭୋଇ ଜୟନ୍ତୀ, ପୂର୍ଣ୍ଣିମାବିହିତ ଚନ୍ଦ୍ରୋପବାସ । ରାଶିନକ୍ଷତ୍ର–ସ୍ୱାତୀ/ତୁଳା, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ଦିବା ଘ.୦୫।୨୧ ଗତେ ଘ.୦୬।୧୨ ମଧ୍ୟେ, ଘ. ୦୭।୦୩ ଗତେ ଘ.୦୮।୩୨ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୧୦।୦୮ ଗତେ ଘ.୧୧।୪୩ ମଧ୍ୟେ ରାହୁ କାଳ ।

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଶାରେ ଦଶମ...

ଏହି ଦୁଇ ପରୀକ୍ଷାରେ ପୁଅଙ୍କଠାରୁ ଝିଅ ଅଧିକ ସଫଳ ହୋଇଛନ୍ତି । ଦଶମରେ ଝିଅଙ୍କ ପାସ୍ ହାର ୯୯.୪୬% ରହିଥିବା ବେଳେ ପୁଅ ୯୮.୯୩% ପାସ୍ କରିଛନ୍ତି । ସେହିପରି ଦ୍ୱାଦଶ ଶ୍ରେଣୀରେ ୯୯.୪୮% ଝିଅ ପାସ୍ କରିଥିବା ବେଳେ ପୁଅଙ୍କ ପାସ୍ ହାର ୯୮.୮୧% ରହିଛି । ସୂଚନାଯୋଗ୍ୟ, ଆଇସିଏସ୍‌ଇ ୬୭ଟି ବିଷୟରେ ପରୀକ୍ଷା କରିଥିବା ବେଳେ ସେଥିରୁ ୨୦ଟି ଭାରତୀୟ ଭାଷା ଏବଂ ୧୪ଟି ଅନ୍ତର୍ଜାତୀୟ ଭାଷା ଓ ଗୋଟିଏ ଶାସ୍ତ୍ରୀୟ ଭାଷାରେ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ସେହିପରି ଦ୍ୱାଦଶ ପରୀକ୍ଷାରେ ୪୫ଟି ବିଷୟ ମଧ୍ୟରୁ ୧୩ଟି ଭାରତୀୟ ଭାଷାରେ ପରୀକ୍ଷା ହୋଇଥିବେଳେ ୨ଟି ଅନ୍ତର୍ଜାତୀୟ ଓ ୨ଟି ଶାସ୍ତ୍ରୀୟ ଭାଷାରେ ପରୀକ୍ଷା ଦେଇଥିଲେ ଛାତ୍ରୀଛାତ୍ର । ଦଶମରେ ୱେଷ୍ଟର୍ନ ରିଜିଅନରେ ପାସ୍ ହାର ସର୍ବାଧିକ ୯୯.୮୫ ପ୍ରତିଶତ ରହିଥିବାବେଳେ ଏହାପଛକୁ ସାଉଥ୍ ରିଜିଅନ ୯୯.୮୧ ପ୍ରତିଶତ, ନର୍ଥ ରିଜିଅନ ୯୮.୮୬ ପ୍ରତିଶତ, ଇଷ୍ଟ ରିଜିଅନ ୯୮.୮୪ ପ୍ରତିଶତ, ଫରେନ ରିଜିଅନ୍‌ରେ ୯୦.୪୧ ପ୍ରତିଶତ ପାସ୍ ହାର ରହିଛି । ତେବେ ସାଉଥ ରିଜିଅନରେ ସର୍ବାଧିକ ୪୯.୭୧ପ୍ରତିଶତ ଝିଅ ପରୀକ୍ଷା ଦେଇଥିଲେ । ସେହିଭଳି ଦ୍ୱାଦଶରେ ସାଉଥ ରିଜିଅନରେ ସର୍ବାଧିକ ୯୯.୮୭% ପାସ୍‌ହାର ରହିଛି । ଏହାପଛକୁ ଫରେନ ରିଜିଅନରେ ପାସ୍ ହାର ୯୯.୭୭% ରହିଥିବା ବେଳେ ୱେଷ୍ଟ ରିଜିଅନ ୯୯.୫୫%, ନର୍ଥ ରିଜିଅନ ୯୯.୦୫% ଓ ଇଷ୍ଟ ରିଜିଅନରେ ୯୮.୯୩% ପାସ୍ ହାର ରହିଛି । ତେବେ ଦ୍ୱାଦଶରେ ୱେଷ୍ଟ ରିଜିଅନରେ ସର୍ବାଧିକ ୫୦.୦୭ ପ୍ରତିଶତ ଝିଅ ପରୀକ୍ଷା ଦେଇଥିଲେ ।

ଜାତିଗତ ବର୍ଗ ଅନୁସାରେ ଫଳାଫଳ ମଧ୍ୟ ଉତ୍ସାହଜନକ ରହିଛି । ଆଇସିଏସ୍‌ଇ ଦଶମ ପରୀକ୍ଷାରେ ସାଧାରଣ ବର୍ଗର ପାସ୍‌ହାର ୯୯.୨୬% ରହିଥିବାବେଳେ ପଛୁଆ ବର୍ଗ(ଓବିସି) ୯୯.୨୪%, ଅନୁସୂଚିତ ଜାତି(ଏସ୍‌ସି) ୯୮.୭୬% ଓ ଅନୁସୂଚିତ ଜନଜାତି(ଏସ୍‌ଟି)ର ୯୮.୦୭% ଛାତ୍ରୀଛାତ୍ର ପାସ୍ କରିଛନ୍ତି । ସେହିପରି ଦ୍ୱାଦଶରେ ସାଧାରଣ ବର୍ଗର ପାସ୍ ହାର ୯୯.୧୭% ରହିଥିବାବେଳେ ପଛୁଆ ବର୍ଗ(ଓବିସି) ୯୯.୧୨%, ଅନୁସୂଚିତ ଜାତି(ଏସ୍‌ସି) ୯୮.୭୭% ଓ ଅନୁସୂଚିତ ଜନଜାତି(ଏସ୍‌ଟି)ର ୯୮.୮୪% ଛାତ୍ରୀଛାତ୍ର ପାସ୍ କରିଛନ୍ତି ।

### ପ୍ରେସ୍ ସ୍ୱାଧୀନତା...

୨୦୨୩ ପରଠାରୁ ଗାଜାରେ ଇସ୍ରାଏଲ ସେନା ଦ୍ୱାରା ଦମନଲୀଳା ଯୋଗୁ ୨୨୦ରୁ ଅଧିକ ସାମ୍ବାଦିକଙ୍କ ମୃତ୍ୟୁ ଘଟିଛି । ଇସ୍ରାଏଲକୁ ଏହି ସୂଚକାଙ୍କରେ ୧୧୬ତମ ସ୍ଥାନରେ ରଖାଯାଇଛି ।

ଏକଛତ୍ରବାଦୀ ଶାସନର କଠୋର କଟକଣା ଯୋଗୁ ଚାଇନା (୧୭୮ତମ), ଉତ୍ତର କୋରିଆ (୧୭୯ତମ) ଏବଂ ଏରିଟ୍ରିଆ (୧୮୦ତମ) ଶେଷ ୩ ସ୍ଥାନରେ ରହିଛନ୍ତି । ଏହି ଦେଶଗୁଡ଼ିକରେ ସରକାରୀ ଦମନଲୀଳା ଯୋଗୁ ସାମ୍ବାଦିକତା ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି । ଏରିଟ୍ରିଆରେ ସାମ୍ବାଦିକ ଦାୱିତ ଇସାକଙ୍କୁ ବିନା କୌଣସି ବିଚାରରେ ଦୀର୍ଘ ୨୫ ବର୍ଷ ଧରି ଜେଲରେ ରଖାଯାଇଛି । ପୂର୍ବ ୟୁରୋପ ଏବଂ ମଧ୍ୟପ୍ରାଚ୍ୟ ଏବେ ବି ସାମ୍ବାଦିକଙ୍କ ପାଇଁ ବିଶ୍ୱର ସବୁଠାରୁ ବିପଜ୍ଜନକ ଅଞ୍ଚଳ ଭାବେ ପରିଗଣିତ ହେଉଛି ।

ଆର୍‌ଏସ୍‌ଏଫ୍‌ର ସମ୍ପାଦକୀୟ ନିର୍ଦ୍ଦେଶିକା ଏନ୍ ବୋକାଣ୍ଡେ କହିଛନ୍ତି, ସ୍ୱେଚ୍ଛାଚାରୀ ଶାସନ, ଦୁର୍ବଳ ରାଜନୈତିକ ଶକ୍ତି ଏବଂ ଅନିୟନ୍ତ୍ରିତ ଅନ୍‌ଲାଇନ ପ୍ଲାଟଫର୍ମଗୁଡ଼ିକ ଏହି ଅଧୋପତନ ପାଇଁ ମୁଖ୍ୟତଃ ଦାୟୀ । ସେ ଗଣତାନ୍ତ୍ରିକ ସରକାର ଏବଂ ସାଧାରଣ ନାଗରିକଙ୍କୁ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି । ସେ ସତର୍କ କରାଇ ଦେଇଛନ୍ତି ଯେ, ସାମ୍ବାଦିକଙ୍କୁ ମିଳୁଥିବା ସୁରକ୍ଷା ବ୍ୟବସ୍ଥା ଯଥେଷ୍ଟ ନୁହେଁ ଏବଂ ଏହି ସମସ୍ୟା ପ୍ରତି ନିଷ୍କ୍ରିୟ ରହିବା ଅର୍ଥ ହେଉଛି ଅପରାଧକୁ ପ୍ରୋତ୍ସାହନ ଦେବା ।

### ଅଷ୍ଟ୍ରେଲିଆର ସବୁଠୁ...

ଯୋଗୁ ପ୍ରବାସୀଙ୍କ ସଂଖ୍ୟା କମିଥିଲେ ହେଁ, ୨୦୨୫ ସୁଦ୍ଧା ଏହା ବୃଦ୍ଧି ପାଇ ମୋଟ ଜନସଂଖ୍ୟାର ୩୨%ରେ ପହଞ୍ଚିଛି । ପ୍ରବାସୀଙ୍କ ସଂଖ୍ୟା ବଢୁଥିବାବେଳେ ଏହା ଅଷ୍ଟ୍ରେଲିଆ ରାଜନୀତିରେ ଏକ ଚର୍ଚ୍ଚାର ବିଷୟ ପାଲଟିଛି । ବିଶେଷ କରି ଦେଶରେ ଦେଖାଦେଇଥିବା ଗୁରୁତର ଗୃହ ସମସ୍ୟା ବା ବାସଗୃହ ଅଭାବ ପାଇଁ ବଢୁଥିବା ଜନସଂଖ୍ୟାକୁ ଦାୟୀ କରାଯାଉଛି । ଏହି ପ୍ରସଙ୍ଗକୁ ନେଇ ସେଠାକାର 'ୱାନ ନେସନ' ପାର୍ଟି ନିଜର ପ୍ରଭାବ ବିସ୍ତାର କରିବାରେ ଲାଗିଛି । ଦଳର ନେତ୍ରୀ ପଲିନ ହାନସନ ଦୀର୍ଘ ଦଶନ୍ଧି ଧରି ଅତ୍ୟଧିକ ପ୍ରବାସୀ ନୀତିର ବିରୋଧ କରି ଆସୁଛନ୍ତି । ଭାରତୀୟ ପ୍ରବାସୀଙ୍କ ଏହି ବର୍ଦ୍ଧିତ ସଂଖ୍ୟା କେବଳ ପରିସଂଖ୍ୟାନ ନୁହେଁ, ବରଂ ଅଷ୍ଟ୍ରେଲିଆର ଶ୍ରମ ବଜାର ଏବଂ ସାମାଜିକ ଗଠନରେ ଭାରତର ବଢୁଥିବା ଗୁରୁତ୍ୱକୁ ଦର୍ଶାଉଛି ।

ଧରିତ୍ରୀ 52 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ ୧/୨୦୨୬ Bhubaneswar, Friday, May 1/2026



# ପୁରୁଷକୈନ୍ଦ୍ରିକ ମାନସିକତା ବଦଳାଇବାକୁ ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୦।୪(ସୁନିତ୍ ମିଶ୍ର)

ସରକାରଙ୍କ ଦାୟିତ୍ୱ ହେଉଛି ଏପରି ଏକ ବାତାବରଣ ସୃଷ୍ଟି କରିବା, ଯେପରି ଜଣେ ମହିଳା ରାଜନୀତିରେ ମଧ୍ୟ ସଫଳତାର ସ୍ୱପ୍ନ ଦେଖିପାରିବେ। ସମାଜର ପୁରୁଷକୈନ୍ଦ୍ରିକ ମାନସିକତାକୁ ବଦଳାଇବାକୁ ହେବ। ପୂର୍ବ ସରକାର ଏଥିରେ ବିଫଳ ହୋଇଥିଲେ। ସେମାନେ ମହିଳାଙ୍କୁ କେବଳ ସାହାଯ୍ୟର ପାତ୍ର ଦେଖୁଥିଲେ, କିନ୍ତୁ ମୋଦି ସରକାର ମହିଳାଙ୍କୁ ସାରଥି ଭାବେ ଗଢ଼ି ତୋଳୁଛନ୍ତି। ଦେଶରେ ବିଶେଷକରି ଓଡ଼ିଶା ପରିପ୍ରେକ୍ଷୀରେ ମହିଳା ସଶକ୍ତୀକରଣର ସବୁଠୁ ବଡ଼ ପ୍ରତୀକ ହେଉଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ତାଙ୍କୁ ରାଷ୍ଟ୍ରପତି କରାଇବା ଲାଗି ମୋଦି ଅଗ୍ରଣୀ ଭୂମିକା ନେଇଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ବିରୋଧୀଙ୍କୁ ଉତ୍ତର ଦେଇ କହିଛନ୍ତି। ସେ କହିଛନ୍ତି, ଓଡ଼ିଶାର ବାଚସ୍ପତି ସୁରମା ପାଢ଼ୀ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କିମ୍ବା ଅନ୍ୟ ଯେଉଁମାନେ ଏଠାରେ ସଦସ୍ୟା ଅଛନ୍ତି, ସେମାନଙ୍କ ପାଇଁ ହୁଏତ ଆରକ୍ଷଣ ଆବଶ୍ୟକ ନାହିଁ। କାରଣ ସେମାନେ ସବୁ ପୁରୁଷ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ବିଧାନସଭାରେ ଅନେକ ସଦସ୍ୟ ମହିଳା ସଂରକ୍ଷଣକୁ ସମର୍ଥନ କରୁଥିବା କଥା କହୁଛନ୍ତି। ମାତ୍ର ସେମାନେ ସବୁ କଥାରେ କିନ୍ତୁ ଓ ପରନ୍ତୁ ଲଗାଉଛନ୍ତି। ଐତିହାସିକ ସୁଯୋଗକୁ ଅଟକାଇବା ପାଇଁ ଏହା ବିରୋଧୀଙ୍କ ଛଳନା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସମର୍ଥନ କରିବା ଲାଗି ବିଧାନସଭାରେ ଆସିଥିବା ସଂକଳ୍ପ ଉପରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ବିରୋଧୀଙ୍କ ଅସଲ ଉଦ୍ଦେଶ୍ୟ ହେଉଛି ଯେନତେନ ପ୍ରକାରେ ମହିଳା ସଂରକ୍ଷଣ ବିଲ୍‌କୁ ପାସ୍ କରାଇ ନ ଦେବା। ସୀମା ପୁନଃନିର୍ଦ୍ଧାରଣ ହେଲେ ସେମାନେ ଓଡ଼ିଶାର ପ୍ରତିନିଧିତ୍ୱ କମିବ ବୋଲି କହୁଛନ୍ତି। ହେଲେ ସେମାନେ ଭୁଲ୍ ଭାବୁଛନ୍ତି। ଏଭଳି ସନ୍ଦେହର କୌଣସି କାରଣନାହିଁ। ଏବେ ନ ହେଲେ ମଧ୍ୟ ଅଳ୍ପଦିନ ମଧ୍ୟରେ ଏହି ବିଲ୍ ପାରିତ ହେବ। ଏହା ଉଭୟ ଲୋକ ସଭା, ରାଜ୍ୟ ସଭା ଏବଂ ସବୁ ବିଧାନସଭାରେ ପାରିତ ହେବ। ବିରୋଧୀ ଦଳ ନେତା ଯେଉଁଭଳି ନିଜ ମତ ରଖିଲେ, ତାହା ଦେଖିବା ପରେ ମନକୁ ଗୋଟିଏ କଥା ଆସୁଛି, ଅତି ଭକ୍ତି ଚୋରର ଲକ୍ଷଣ। ବିରୋଧୀ ଦଳ ନେତାଙ୍କ ମନ୍ତବ୍ୟ ଅହଙ୍କାରର ପରିପ୍ରକାଶ। ଯେଉଁମାନଙ୍କୁ ରାଜ୍ୟବାସୀ ପ୍ରତ୍ୟାଖ୍ୟାନ କରିସାରିଛନ୍ତି, ସେମାନେ ବର୍ତ୍ତମାନ ମଲା ଘୋଡ଼ାରେ ଚଢ଼ିବାକୁ ଚେଷ୍ଟା କରୁଛନ୍ତି। ଦାନ ମାଝୀ କଥା ସେ ଭୁଲି ଗଲେଣି। କଳିଙ୍ଗ ନଗରରେ ଗୁଳିମାଡ଼ ସମୟରେ ସେ କୁଆଡ଼େ ଯାଇଥିଲେ। ଦିନ ଦ୍ୱିପ୍ରହରରେ ତାଙ୍କ କ୍ୟାବିନେଟ୍‌ର ଜଣେ ସଦସ୍ୟଙ୍କୁ ଗୁଳି କରି ହତ୍ୟା କରାଗଲା, ସେତେବେଳେ କୁଆଡ଼େ ଯାଇଥିଲେ। କେତେଜଣ ବରିଷ୍ଠ ବିଧାୟକ ରାବଣ ପ୍ରସଙ୍ଗ ଉଠାଇ କହିଲେ, ରାବଣ ଗେରୁଆ ବସ୍ତ୍ର ପିନ୍ଧି ଛଳରେ ସୀତାଙ୍କୁ ହରଣ କରିଥିଲେ। ମାତ୍ର ସେମାନେ ଜାଣି ରଖିବା ଦରକାର, ରାମଚନ୍ଦ୍ର ୧୪ ବର୍ଷ ବନବାସ ସମୟରେ ଗେରୁଆ ବସ୍ତ୍ର ପିନ୍ଧିଥିଲେ। ବିବେକାନନ୍ଦ ମଧ୍ୟ ଗେରୁଆ ବସ୍ତ୍ର ପିନ୍ଧିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାପରେ ଗୃହରେ ଶାସକ ଏବଂ ବିରୋଧୀ ସଦସ୍ୟମାନଙ୍କ ମଧ୍ୟରେ ଯୁକ୍ତିତର୍କ ସ୍ଥିତି ଦେଖିବାକୁ ମିଳିଥିଲା। କିଛି ସମୟ ପରେ ସ୍ଥିତିରେ ସୁଧାର ଆସିଥିଲା।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ସେମାନେ ଯେଉଁଭଳି ଅନ୍ୟାୟ ଓ ଅତ୍ୟାଚାର କରିଛନ୍ତି ସେମାନଙ୍କୁ ଲୋକେ କଂସ କହିବାକୁ ପଛାଇବେ ନାହିଁ। ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କ ଅଂଶଗ୍ରହଣକୁ ନେଇ ଡକାଯାଇଥିବା ଏହି ସ୍ୱତନ୍ତ୍ର ଅଧିବେଶନ ଇତିହାସର ଏକ ସ୍ମରଣୀୟ ଅଧ୍ୟାୟ ହୋଇରହିବ। ଭାରତୀୟ ସଂସ୍କୃତିର ମହାନ ପରମ୍ପରାକୁ ପାଥେୟ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ଜରିଆରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ବିଲ୍ ମାଧ୍ୟମରେ ନାରୀମାନଙ୍କୁ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ସମାନ ସୁଯୋଗ ପ୍ରଦାନ କରିବ। ☞ପୃଷ୍ଠା-୧୪



ଗୁରୁବାର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

## ଭାଜପା ବିଧାୟକମାନେ କୁମ୍ଭୀରକାନ୍ଦଣା ବନ୍ଦ କରନ୍ତୁ:ନବୀନ

### ମହିଳା ମୁଖ୍ୟମନ୍ତ୍ରୀ ଦେଇଛି କଂଗ୍ରେସ: କାଡାମ

ଭୁବନେଶ୍ୱର,୩୦।୪ (ରବିନାରାୟଣ ଜେନା)

ମହିଳାଙ୍କୁ କେଉଁ ଦଳ କେତେ ପ୍ରାଧାନ୍ୟ ଦେଇଛି ଓ ସଶକ୍ତ କରିଛି, ତାହାକୁ ନେଇ ଗୁରୁବାର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ମହାବିତର୍କ ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଆଲୋଚନାକୁ ଆରମ୍ଭ କରିବା ପରେ ବିଜେଡି ଓ କଂଗ୍ରେସ ଭାଜପା ସରକାରଙ୍କୁ ଟାର୍ଗେଟ କରିଛନ୍ତି। ମହିଳା ପ୍ରସଙ୍ଗରେ ଭାଜପା ବିଧାୟକମାନେ କେବଳ କୁମ୍ଭୀରକାନ୍ଦଣା କାନ୍ଦୁଛନ୍ତି ବୋଲି ବିଜେଡି କହିଥିବାବେଳେ ଓଡ଼ିଶାକୁ ମହିଳା ମୁଖ୍ୟମନ୍ତ୍ରୀ କଂଗ୍ରେସ ଦେଇଛି ବୋଲି କହିଛି। ଗୃହକାର୍ଯ୍ୟ ଆରମ୍ଭରେ କଂଗ୍ରେସ ସଦସ୍ୟମାନେ ହାତରେ ପ୍ଲାକାର୍ଡ ଧରି ମୋହନ ସରକାର ଆଦିବାସୀ ମହିଳା ବିରୋଧୀ କହି ହଟ୍ଟଗୋଳ କରିଥିଲେ। ଏପରି କି କକ୍ଷ ତ୍ୟାଗ କରିଥିଲେ। ଏହି ସମୟରେ ବିରୋଧୀଦଳ ନେତା ☞ପୃଷ୍ଠା-୧୪






ପକ୍ଷପାତିତା ହେଲା ପୂର୍ଣ୍ଣ ଆନ୍ତରିକତାର ପରମ ଶତ୍ରୁ। ସେ ପକ୍ଷପାତିତା ଦେହର ହେଉ ବା ପ୍ରାଣର ହେଉ ବା ମନର ହେଉ। ଆଉ ମଧ୍ୟ ତୁମ ମନରେ ଥିବା ପୂର୍ବ କଳ୍ପିତ ଧାରଣା ଉପରେ ପୂର୍ଣ୍ଣ ନିର୍ଭର କରିବା ଅନୁଚିତ। ତୁମକୁ ଏସବୁ ଅତିକ୍ରମ କରିବାକୁ ହେବ। -ଶ୍ରୀମା

ଶ୍ରମିକ ଦିବସ, ଚନ୍ଦନ ପୂର୍ଣ୍ଣିମା, ଚନ୍ଦ୍ରପୂଜା, ବୁଦ୍ଧ ଜୟନ୍ତୀ ଓ ବୈଶାଖ ବ୍ରତ ସମାପନ



# ଆର୍ଥିକ ଅପରାଧର ସ୍ୱର୍ଗ


ଫ୍ରେଡେରିକ ଓବରମାୟର


ବାଷ୍ଟିଆନ ଓବରମେୟର

ପାନାମା ପେପର ପଛରେ ଥିବା ରହସ୍ୟକୁ ହ୍ୱିସିଲ ବ୍ଲୋୟର ଜନ ଡୋଏ ସାମ୍ନାକୁ ଆଣିଥିଲେ। ଯେତେବେଳେ ୩ ଏପ୍ରିଲ ୨୦୧୬ରେ ଅଫଶୋର ଫାଇନାନ୍ସ ଇଣ୍ଡଷ୍ଟ୍ରିର ତଦନ୍ତ ଫଳାଫଳ ପ୍ରକାଶ ପାଇଲା, ସେତେବେଳେ ବିଶ୍ୱ ଆଗରେ ଏକ ପରୀକ୍ଷାର ସମୟ ଆସିଗଲା। ଅନୁସନ୍ଧାନକାରୀ ସାମ୍ବାଦିକ ଭାବରେ ଆମେ ଏହାର ସୁଯୋଗ ନେଇଥିଲୁ। ହେଲେ ଦୁଃଖର ବିଷୟ, ବିଶ୍ୱ ସେହି ପରୀକ୍ଷାରେ ବିଫଳ ହୋଇଛି।

ଦଶନ୍ଧି ଧରି ପାନାମା, ମାଲ୍ଟା, ବ୍ରିଟିଶ ଭର୍ଜିନ ଦ୍ୱୀପପୁଞ୍ଜ ଏବଂ କୁକ୍ ଦ୍ୱୀପପୁଞ୍ଜ ଏକଚ୍ଛତ୍ରବାଦୀ ଶାସକ, କ୍ଷମତାଶାଳୀ ବ୍ୟକ୍ତି, ରାଷ୍ଟ୍ରପତି, ରାଜା, ମାଫିଆ ଗୋଷ୍ଠୀ, ଟଙ୍କା ଲୁଟେରା ଏବଂ ଟିକସ ଠକ ପାଇଁ ନିରାପଦ ସ୍ଥାନ ପାଲଟିଥିଲା। ନିୟମ ଉଲ୍ଲଂଘନ କରି କେବଳ କାଗଜପତ୍ରରେ ଚାଲୁଥିବା କମ୍ପାନୀ (ଶେଲ୍ କମ୍ପାନୀ)ଗୁଡ଼ିକ ସେମାନଙ୍କ ଗୁପ୍ତ ଧନ, ପ୍ରଭାବ ଏବଂ ଅପରାଧକୁ ଲୁଚାଇ ରଖିଥିଲେ । ହେଲେ ହ୍ୱିସିଲ ବ୍ଲୋୟର ଜନ ଡୋଏ ତାହାର ରହସ୍ୟ ଉଜାଗର କରିଥିଲେ। ତୁରନ୍ତ ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଲା। ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବାରାକ ଓବାମା ଟିକସ ଫାଙ୍କିବା ସମସ୍ୟାର ସମାଧାନ ପାଇଁ ଅନ୍ତର୍ଜାତୀୟ ସଂସ୍କାର ଆଣିବାକୁ ଆହ୍ୱାନ ଦେଇଥିଲେ। ବ୍ରିଟିଶ ଚାନ୍ସେଲର ଜର୍ଜ ଓସବର୍ନ ବେଆଇନ ଭାବେ ଟିକସ ଫାଙ୍କୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା ପଦକ୍ଷେପର କଥା ଉଠାଇଥିଲେ।

ଏହାକୁ ନେଇ ଅନେକ ଅନୁସନ୍ଧାନ ଆରମ୍ଭ ହୋଇଥିଲା। ଆଇସ୍‌ଲାଣ୍ଡର ପ୍ରଧାନମନ୍ତ୍ରୀ ସିଗମୁଣ୍ଡୁର ଗୁନ୍ଲାଗସନ ଏକ ଗୁପ୍ତ ଅଫଶୋର କମ୍ପାନୀ(ଟିକସ ଲାଭ ପାଇବା ପାଇଁ ବିଦେଶରେ ପ୍ରତିଷ୍ଠା କରାଯାଇଥିବା କମ୍ପାନୀ)ର ମାଲିକ ବୋଲି ଦର୍ଶାଇ ଇସ୍ତଫା ଦେଇଥିଲେ। ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫଙ୍କୁ ପଦରୁ ହଟାଇଦିଆଯାଇ ଦୁର୍ନୀତି ଅଭିଯୋଗ ଅଣାଯାଇଥିଲା। ବିଭିନ୍ନ ଦେଶର ସରକାର ୧ ବିଲିୟନ ଡଲାରରୁ ଅଧିକ ବାକିଥିବା ଟିକସ ଏବଂ ଜରିମାନା ଆଦାୟ କରିଥିଲେ। ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଏବଂ ସ୍ପେନ ଟିକସ ଚୋରି ଏବଂ ଫାଙ୍କିବା ବିରୋଧରେ ସୂଚନା ଆଦାନ ପ୍ରଦାନର ଏକ ପଦକ୍ଷେପ ଆରମ୍ଭ କରିଥିଲେ। କିଛି ସମୟ ପାଇଁ ଦେଖାଗଲା ଯେ, ଦଶନ୍ଧି ଧରି ସରକାର ସହିଆସୁଥିବା ସମସ୍ୟାର ମୁକାବିଲା କରିବାକୁ ସରକାର ସତେ ଯେମିତି ପ୍ରସ୍ତୁତ । କିନ୍ତୁ ବ୍ୟବସ୍ଥିତ ସଂସ୍କାର ଆସିଲା ନାହିଁ। ନ୍ୟାୟପାଳିକା କଠୋର ମନ୍ତବ୍ୟ ଦେଲେ ମଧ୍ୟ ଭିତିରି ସ୍ଥିତିକୁ ସୁରକ୍ଷା ଦେଲେ। ଆଇନ ନିର୍ମାତାମାନେ ପଛକୁ ହଟିଗଲେ ଏବଂ ବ୍ୟବସ୍ଥା ନକାରାତ୍ମକ ଭାବେ ପ୍ରଭାବିତ ହେଲା।

ପାନାମା ପେପର ଦ୍ୱାରା ପ୍ରକାଶିତ ଆର୍ଥିକ ଅପରାଧର ମୁକାବିଲା କରିବା କିଛି ଅସମ୍ଭବ ସ୍ୱପ୍ନ ନୁହେଁ । ଅପରପକ୍ଷେ, ପବ୍ଲିକ ରେଜିଷ୍ଟର ଅଫ୍ ବେନିଫିସିଆଲ ଓନରଶିପ (ସରକାରୀ ନିୟନ୍ତ୍ରିତ କେନ୍ଦ୍ରୀକୃତ ଡେଟାବେସ୍, ଯାହା କମ୍ପାନୀ ମାଲିକ ଓ ତାହାର ତାଙ୍କ ଲାଭ ସମ୍ପର୍କରେ ଲୋକଙ୍କୁ ସହଜରେ ତଥ୍ୟ ଯୋଗାଇ ଦେଇଥାଏ)କୁ ଉପସ୍ଥାପନ କରି ଅନେକ କିଛି ହାସଲ କରାଯାଇପାରେ । ଯଦି ଜନସାଧାରଣ ପ୍ରତ୍ୟେକ ଫାର୍ମର ମାଲିକ କିଏ ଜାଣନ୍ତି, ତେବେ ଶେଲ କମ୍ପାନୀଗୁଡ଼ିକ ଚୋରି, ଲାଞ୍ଚ, ଟଙ୍କା ଲୁଟିବା ଏବଂ ଟିକସ ଫାଙ୍କୁଥିବା ଲୋକଙ୍କୁ ସୁରକ୍ଷା ଦେବାରେ ସକ୍ଷମ ହେବେ ନାହିଁ। ପବ୍ଲିକ ଓନରଶିପ ରେଜିଷ୍ଟରଗୁଡ଼ିକ ଦୁର୍ନୀତି ବିରୋଧରେ ଅନ୍ୟତମ ପ୍ରଭାବଶାଳୀ ସାଧନ ଭାବରେ ସ୍ୱୀକୃତ। କିନ୍ତୁ ସରକାର ଏହାକୁ କାର୍ଯ୍ୟକାରୀ କରିବାକୁ ମନା କରନ୍ତି। ଯେଉଁଠାରେ ପବ୍ଲିକ ଓନରଶିପ ରେଜିଷ୍ଟର ଅଛି, ସେସବୁର ଉପଲବ୍ଧତାକୁ ସୀମିତ କରିଦିଆଯାଉଛି। ବ୍ରିଟିଶ ଓଭରସିଜ ଟେରିଟୋରି (ବିଓଟିଏସ୍) ଏବଂ ସ୍ୱୟଂଶାସିତ ଦ୍ୱୀପାଞ୍ଚଳଗୁଡ଼ିକରେ ପବ୍ଲିକ ଓନରଶିପ ରେଜିଷ୍ଟର ସବୁ ଅସମ୍ପୂର୍ଣ୍ଣ ରହିଛି । ଆମେରିକାରେ କର୍ପୋରେଟ ଟ୍ରାନ୍ସପରେନ୍ସି ଆକ୍ଟ, ୨୦୨୧କୁ ଏକ ସଫଳତା ଭାବରେ ଗ୍ରହଣ କରାଯାଇଥିଲା। କିନ୍ତୁ ଜାତୀୟ ମାଲିକାନା ରେଜିଷ୍ଟର ସମ୍ପୂର୍ଣ୍ଣ ଭାବରେ ଉପଲବ୍ଧ ହୋଇପାରି ନ ଥିଲା ଏବଂ ଫାଇନାନ୍ସିଆଲ କ୍ରାଇମ ଏନ୍‌ଫୋର୍ସମେଣ୍ଟ ନେଟୱର୍କ ସେବେଠାରୁ ଅନେକ କମ୍ପାନୀକୁ ଆବଶ୍ୟକ ତଥ୍ୟ ଦେବାରୁ ମୁକ୍ତ କରିଦେଇଛି। ଆମେରିକାର ରାଜନେତାମାନେ ବିଦେଶରେ ଗୁପ୍ତ ଆର୍ଥିକ ରହସ୍ୟକୁ ନିନ୍ଦା କରୁଥିବାବେଳେ ସେମାନେ ବାସ୍ତବ ସତ୍ୟକୁ ଅଣଦେଖା କରନ୍ତି। ଯେତେବେଳେ ଗୁପ୍ତ ବେଆଇନ ଟଙ୍କା ବିଷୟ ଆସେ, ବିଶେଷକରି ଡେଲାୱେର୍ ଏବଂ ନେଭାଡା ବି ପାନାମାଠାରୁ ଖରାପ। ତତ୍କାଳୀନ ଟ୍ରେଜେରି ସଚିବ ଜାନେଟ ଏଲ ୟେଲେନ ୨୦୨୧ ରେ ସ୍ୱୀକାର କରିଥିଲେ ଯେ,ଏବେ ସୁଦ୍ଧା ଲାଭକୁ ଗୁପ୍ତ ରଖିବା ଏବଂ ଅନୈତିକ ଉପାୟରେ ଅର୍ଥ ହାସଲ କରିବାର ସର୍ବୋତ୍ତମ ସ୍ଥାନ ହେଉଛି ଆମେରିକା।

ବେଆଇନ ଲାଭ ପ୍ରାୟତଃ ସମ୍ପତ୍ତି କ୍ଷେତ୍ର ମାଧ୍ୟମରେ ହୋଇଥାଏ। ଗ୍ଲୋବାଲ ଫାଇନାନ୍ସିଆଲ ଇଣ୍ଟିଗ୍ରିଟି ରିପୋର୍ଟରୁ ଜଣାପଡ଼ିଛି, ୨୦୧୫ରେ ଆମେରିକାର ରିଅଲ ଇଷ୍ଟେଟ ମାଧ୍ୟମରେ ୨.୩ ବିଲିୟନ ଡଲାରରୁ ଅଧିକ ଅବୈଧ ଅର୍ଥକୁ ବୈଧ କରାଯାଇଥିଲା। ଆମେରିକାର କର୍ତ୍ତୃପକ୍ଷ ଚେତାବନୀ ଦେଇଛନ୍ତି ଯେ ଅସ୍ପଷ୍ଟ ମାଲିକାନା ସଂରଚନା ଅନୁମୋଦିତ ରୁଷୀୟ ମାଲିକଙ୍କୁ ଆମେରିକାର ସମ୍ପତ୍ତିରେ ନିବେଶ କରିବାକୁ ସକ୍ଷମ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଗୁପ୍ତ ସମ୍ପତ୍ତି ବିରୋଧରେ କାର୍ଯ୍ୟ କରିବା ସମ୍ଭବ ନୁହେଁ। ଲୁକ୍କାୟିତ ଧନ ଦୁର୍ନୀତିକୁ ବଢ଼ାଏ, ବଜାରକୁ ଅବ୍ୟବସ୍ଥିତ କରେ, ଅସମାନତା ବୃଦ୍ଧି କରେ, ଏକଛତ୍ର ଶାସନକୁ ଆର୍ଥିକ ସହାୟତା କରେ ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରକୁ ଦୁର୍ବଳ କରେ। ଏହା କ୍ଷମତାଶାଳୀ ବ୍ୟକ୍ତିଙ୍କ ସ୍ୱାର୍ଥଗତ ଲାଭ ଯୋଗୁ ତିଷ୍ଠି ରହିଛି। ତେବେ ବେଆଇନ ଲାଭକୁ ନିୟନ୍ତ୍ରଣ କରିବା ପାଇଁ ସୁପାରିସ କରାଯାଇଥିବା କୌଣସି ପଦକ୍ଷେପ ଟେକ୍ନିକାଲ ଦୃଷ୍ଟିରୁ କଷ୍ଟସାଧ୍ୟ କିମ୍ବା ଆର୍ଥିକ ଦୃଷ୍ଟିରୁ କ୍ଷତିକାରକ ନୁହେଁ । ଆଇନଜୀବୀମାନେ ଏହି ଆର୍ଥିକ ଅପରାଧର ସ୍ୱର୍ଗକୁ ଭାଙ୍ଗିବା ପାଇଁ କାର୍ଯ୍ୟ ନ କଲେ ଏକଛତ୍ରବାଦ ଏବଂ ଦୁର୍ନୀତିକୁ ବିରୋଧ କରୁଛନ୍ତି ବୋଲି ଦାବି କରିପାରିବେ ନାହିଁ।

(ଉଭୟ ଲେଖକ ପୁଲିଜର ପୁରସ୍କାର ବିଜେତା)

# କରୁଣାର ବାର୍ତ୍ତା ଦିଏ ବୁଦ୍ଧ ପୂର୍ଣ୍ଣିମା


ଶ୍ରୀ ସି. ପି. ରାଧାକୃଷ୍ଣନ
ଉପରାଷ୍ଟ୍ରପତି

ଚିତ୍ରା ପୂର୍ଣ୍ଣିମାର ଶୁଭ ଅବସରରେ ବିଭିନ୍ନ ମନ୍ଦିରରେ ଉତ୍ସବ ପାଳନ କରାଯାଉଛି। ଏହି ଉପଲକ୍ଷେ ପ୍ରତ୍ୟେକ ଘରେ ସୁଖ-ସମୃଦ୍ଧି ବଜାୟ ରହୁ ବୋଲି ମୁଁ ପ୍ରାର୍ଥନା କରୁଛି। ସବୁ ଭାଇ ଓ ଭଉଣୀଙ୍କୁ ବୁଦ୍ଧ ପୂର୍ଣ୍ଣିମାର ଶୁଭକାମନା ଜଣାଇ ମୁଁ ଆନନ୍ଦ ଅନୁଭବ କରୁଛି।

ଭାରତ ବିଶ୍ୱକୁ ଯେଉଁ ଅନେକ ଉପହାର ପ୍ରଦାନ କରିଛି, ସେଥିମଧ୍ୟରୁ ବୌଦ୍ଧ ଧର୍ମ ସର୍ବୋପରି। ଭଗବାନ୍ ବୁଦ୍ଧଙ୍କ ଜୀବନ ଓ ଶିକ୍ଷା ବିଶ୍ୱର ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ଆଲୋକିତ କରିଚାଲିଛି। ଭାରତ ବିଶ୍ୱକୁ ଆତ୍ମ-ଜ୍ଞାନର ଗୁରୁତ୍ୱ ଶିଖାଇଛି। 'ବୁଦ୍ଧ' ଶବ୍ଦର ଅର୍ଥ 'ଜାଗ୍ରତ ବ୍ୟକ୍ତି'। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ମାନବଜାତିକୁ ଆତ୍ମଜ୍ଞାନର ପଥ ପ୍ରଦର୍ଶନ କରିବା ପାଇଁ ପ୍ରୟାସ କରିଥିବା ଏହି ମହାନ୍ ଆତ୍ମାଙ୍କ ଜନ୍ମ ଓ ଜ୍ଞାନ ପ୍ରାପ୍ତି ଗୋଟିଏ ଦିନରେ ହୋଇଥିଲା।

ରାଜକୁମାର ସିଦ୍ଧାର୍ଥଙ୍କ ପାଳନ-ପୋଷଣ ବିଳାସପୂର୍ଣ୍ଣ ପରିବେଶରେ ହୋଇଥିଲା। ୨୯ ବର୍ଷ ବୟସରେ ସେ ରାଜପ୍ରାସାଦ, ସ୍ତ୍ରୀ, ପୁତ୍ର ଏବଂ ସମସ୍ତ ସାଂସାରିକ ଧନସମ୍ପତ୍ତି ତ୍ୟାଗ କରି ଆଧ୍ୟାତ୍ମିକ ସତ୍ୟର ଅନ୍ୱେଷଣରେ ବିଚରଣ କରିଥିଲେ। ଛଅ ବର୍ଷ ଧରି ତୀବ୍ର ଅନ୍ୱେଷଣ ପରେ, ସେ ବୋଧଗୟାର ବୋଧିଦ୍ରୁମ ତଳେ ପରମ ଜ୍ଞାନ ପ୍ରାପ୍ତ କରି ବୁଦ୍ଧ ହୋଇଥିଲେ।

ଚାରୋଟି ଆର୍ଯ୍ୟ ସତ୍ୟର ଅନୁଭବ ଓ ନୈତିକ ଆଚରଣର ମାର୍ଗ ଏକ ନୂତନ ଦର୍ଶନର ଶୁଭାରମ୍ଭ କରିଥିଲା। ଏହା ବିଶ୍ୱ ଇତିହାସରେ ଭାରତର ଗୌରବକୁ ନୂତନ ଉଚ୍ଚତାରେ ପହଞ୍ଚାଇଥିଲା। ବାରାଣସୀ ନିକଟସ୍ଥ ସାରନାଥରେ ସେ ପାଞ୍ଚ ଜଣ ତପସ୍ୱୀଙ୍କୁ ତାଙ୍କର ପ୍ରଥମ ଉପଦେଶ ଦେଇଥିଲେ। ''ଧର୍ମଚକ୍ର ପ୍ରବର୍ତ୍ତନ'' ନାମରେ ପ୍ରସିଦ୍ଧ ଏହି ଶିକ୍ଷା ବୌଦ୍ଧଧର୍ମର ମୂଳଦୁଆ ପାଲଟିଥିଲା ଏବଂ ଆନୁଷ୍ଠାନିକ ଭାବେ ବୌଦ୍ଧ ଧର୍ମ ଆରମ୍ଭର ପ୍ରତୀକ ଥିଲା।

ସମୟ ବିତିବା ସହିତ, ଅନେକ ଲୋକ ତାଙ୍କ ଶିକ୍ଷା ପ୍ରତି ଆକର୍ଷିତ ହୋଇଥିଲେ। ମଗଧର ରାଜା ବିମ୍ବିସାର ରାଜଗିରଠାରେ ଥିବା ବେଣୁବନ (ବାଉଁଶ ଉପବନ) ମଠ ତାଙ୍କୁ ଦାନ କରିଥିଲେ। ଧନୀ ଅନାଥପିଣ୍ଡିକା ଏକ ବୌଦ୍ଧ ବିହାର ନିର୍ମାଣ କରିବା ପାଇଁ ସମଗ୍ର ଜେତବନ ଉପବନକୁ ସ୍ୱର୍ଣ୍ଣମୁଦ୍ରାରେ ଆଚ୍ଛାଦିତ କରିଥିଲେ। ଏପରି କାର୍ଯ୍ୟ ଭାରତରେ ଧର୍ମପରାୟଣତା ପ୍ରତି ରହିଥିବା ଗଭୀର ବିଶ୍ୱାସକୁ ପ୍ରତିଫଳିତ କରିଥାଏ। ବିହାରଗୁଡ଼ିକ ମାଧ୍ୟମରେ ଚାରୋଟି ଆର୍ଯ୍ୟ ସତ୍ୟର ପ୍ରଚାର କରାଯାଇଥାଏ: କାମନା ଦୁଃଖର ମୂଳ କାରଣ ଅଟେ; କାମନାର ବିନାଶ ହିଁ ଦୁଃଖର ବିନାଶ ଏବଂ ଅଷ୍ଟାଙ୍ଗିକ ମାର୍ଗ ପାଳନ କରି ଦୁଃଖମୁକ୍ତ ଜୀବନ ଯାପନ କରାଯାଇପାରିବ।

ଭଗବାନ୍ ବୁଦ୍ଧ ଉପଦେଶ ଦେଇଥିଲେ ଅତୀତକୁ ନେଇ ଚିନ୍ତିତ ହେବା ଉଚିତ ନୁହେଁ, ବର୍ତ୍ତମାନକୁ ନେଇ ବଞ୍ଚିବା ଉଚିତ। ସତ୍ୟନିଷ୍ଠାରେ ହିଁ ମହାନ୍ ଶକ୍ତି ରହିଛି। ମନ ସବୁ କର୍ମର ମୂଳ, ସେଥିପାଇଁ ସକାରାତ୍ମକ ଚିନ୍ତାଧାରା ବିକଶିତ କରିବା ଆବଶ୍ୟକ। କଠିନ ସମୟରେ ଭୟଭୀତ ହୋଇ ପଛକୁ ଫେରିଯିବା ଉଚିତ ନୁହେଁ। ଜୀବନ ଯାତ୍ରା ଅନ୍ତତଃ ବ୍ୟକ୍ତିଗତ ହୋଇଥାଏ, ସେଥିପାଇଁ ଏହାକୁ ଆଧ୍ୟାତ୍ମିକ ମାର୍ଗରେ ଆଗକୁ ବଢ଼ାଇବା ଉଚିତ। ମଣିଷ ବାଣୀରେ ଆଘାତ ପହଞ୍ଚାଇବାର ଶକ୍ତି ଥାଏ, ସେଥିପାଇଁ ସମସ୍ତେ ମଧୁର ବଚନ କହିବା ଆବଶ୍ୟକ। ପ୍ରେମ ଓ ଅହିଂସା ଅତ୍ୟନ୍ତ ଜରୁରୀ। ସବୁବେଳେ ଜ୍ଞାନ ଆହରଣ କରିବା ଉଚିତ, କେବେ ବି ଅଟକିଯିବା ଉଚିତ ନୁହେଁ।

ମଣିମେକଲଇ ଏବଂ କୁଣ୍ଡଲକେସୀ ଭଳି ତାମିଲ ସାହିତ୍ୟ ଗ୍ରନ୍ଥରେ ବୌଦ୍ଧ ଦର୍ଶନକୁ ଅତ୍ୟନ୍ତ ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି। ତେବେ ଅନେକ ପ୍ରାଚୀନ ଗ୍ରନ୍ଥ କାଳାନ୍ତରରେ ବିଲୁପ୍ତ ହୋଇଯାଇଛନ୍ତି, ତଥାପି ସେଗୁଡ଼ିକ ଅମୂଲ୍ୟ ଛାପ ଛାଡ଼ି ଯାଇଛନ୍ତି। ''ମନକୁ କଳୁଷିତ କରୁଥିବା ମଦ ଓ ଜୀବ ହିଂସାକୁ ବୁଦ୍ଧିମାନ ବ୍ୟକ୍ତିମାନେ ମୋହମୁକ୍ତ ହୋଇ ତ୍ୟାଗ କରିଥା'ନ୍ତି। ଜାଣି ରଖିବା ଉଚିତ ଯେ, ଜନ୍ମ ଓ ମୃତ୍ୟୁ ତଥା ମୃତ୍ୟୁ ପରେ ପୁନର୍ଜନ୍ମ, ନିଦ୍ରା ଓ ଜାଗରଣ ଭଳି ଧ୍ରୁବ ସତ୍ୟ ଅଟେ। ଧର୍ମପୂର୍ଣ୍ଣ କର୍ମ କରୁଥିବା ମଣିଷ ଶ୍ରେଷ୍ଠ ଲୋକ ପାଇଥା'ନ୍ତି। ଯେଉଁମାନେ ଅଧର୍ମ କରନ୍ତି, ସେମାନେ ଗଭୀର ଦୁଃଖ ଭୋଗ କରନ୍ତି। ଏହି ସତ୍ୟକୁ ଜାଣି ବିବେକୀ ମନୁଷ୍ୟ ନିଜର ସବୁ ବନ୍ଧନକୁ ଭାଙ୍ଗି ଦେଇଥା'ନ୍ତି।'' ଏପରି ଭାବେ ମହାକାବ୍ୟ 'ମଣିମେକଲଇରେ (ଆଥିରୈ ପିଚ୍ଚୈୟିଙ୍ଗା କାଥୈ: ୮୪-୯୦) ବୌଦ୍ଧ ଧର୍ମର ସାରାଂଶ ସ୍ପଷ୍ଟ ରୂପେ ବର୍ଣ୍ଣନା କରାଯାଇଛି।

ସେ ପାଞ୍ଚଟି ନୈତିକ ସିଦ୍ଧାନ୍ତ ଉପରେ ଗୁରୁତ୍ୱ ଦେଇଥିଲେ: ଅହିଂସା, ଚୋରି ନ କରିବା, ବ୍ୟଭିଚାରଠାରୁ ଦୂରେଇ ରହିବା, ସତ୍ୟବାଦୀ ହେବା ଏବଂ ନିଶାଦ୍ରବ୍ୟରୁ ଦୂରେଇ ରହିବା। ଧର୍ମଠାରୁ ଆଗକୁ ବି ସେ ଶିକ୍ଷା ଦେଇଥିଲେ ଯେ ମନ ହେଉଛି ସବୁକିଛିର ମୂଳ-ସକାରାତ୍ମକ ଚିନ୍ତାଧାରା ଏବଂ ଶ୍ରେଷ୍ଠ କର୍ମ ହିଁ ବ୍ୟକ୍ତି ତଥା ସମାଜରେ ସନ୍ତୁଳନ ଓ ଶାନ୍ତି ଆଣିଥାଏ। ଅଶାନ୍ତ ମନକୁ ଜ୍ଞାନ ଓ ସ୍ୱଚ୍ଛତା ଦେବା କାରଣରୁ ତାଙ୍କୁ ''ଏସିଆର ଆଲୋକ'' କୁହାଯାଏ।

'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବକ୍ତବ୍ୟ ଏହି ଅବସରରେ ମୋର ମନେପଡ଼େ ''ଭଗବାନ୍ ଗୌତମ ବୁଦ୍ଧଙ୍କ ଜୀବନର ବାର୍ତ୍ତା ଆଜି ମଧ୍ୟ ପୂର୍ବପରି ପ୍ରାସଙ୍ଗିକ ହୋଇରହିଛି। ଆମ ଭିତରୁ ହିଁ ଶାନ୍ତିର ଉତ୍ପତ୍ତି ହୋଇଥାଏ ବୋଲି ସେ ଆମକୁ ଶିଖାଇଛନ୍ତି। ନିଜ ଉପରେ ବିଜୟ ହାସଲ କରିବା ସବୁଠୁ ବଡ଼ ବିଜୟ ବୋଲି ସେ ଆମକୁ ଅନୁଭବ କରାଇଥିଲେ। ଆଜି ଯେତେବେଳେ ସାରା ବିଶ୍ୱ ଉତ୍ତେଜନା ଓ ସଂଘର୍ଷର ପର୍ଯ୍ୟାୟ ଦେଇ ଗତି କରୁଛି, ସେହି ସମୟରେ ଭଗବାନ୍ ବୁଦ୍ଧଙ୍କ ଉପଦେଶ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି।

ସମ୍ରାଟ ଅଶୋକଙ୍କ ପରି ଜଣେ ଯୁଦ୍ଧପ୍ରିୟ ଶାସକଙ୍କୁ ମଧ୍ୟ ଶାନ୍ତି ଏବଂ କରୁଣାର ପ୍ରବକ୍ତାରେ ପରିଣତ କରିବାର ସତ୍ୟରୁ ବୁଦ୍ଧଙ୍କ ଶିକ୍ଷାର ପରିବର୍ତ୍ତନକାରୀ ଶକ୍ତି ସ୍ପଷ୍ଟ ହୋଇଥାଏ। ସମ୍ରାଟ ଅଶୋକ ଶିଳାଲିପି ଏବଂ ସ୍ତୂପ ମାଧ୍ୟମରେ ସାରା ଦେଶରେ ବୌଦ୍ଧ ସିଦ୍ଧାନ୍ତର ପ୍ରଚାର କରିଥିଲେ। ସାଞ୍ଚି ଏବଂ ସାରନାଥର ସ୍ତୂପଗୁଡ଼ିକ ଏବେ ବି ବିଶ୍ୱର ବିଭିନ୍ନ ସ୍ଥାନରୁ ପରିଦର୍ଶକଙ୍କୁ ଆକର୍ଷିତ କରିଥା'ନ୍ତି। ସାରନାଥର ସିଂହ ସ୍ତମ୍ଭ ଆଜି ଭାରତର ଜାତୀୟ ଚିହ୍ନ ପାଲଟିଛି।

ଅଶୋକ ଭିକ୍ଷୁ ଓ ନିଜ ପରିବାରର ସହଯୋଗରେ ସମଗ୍ର ଏସିଆରେ ବୌଦ୍ଧ ଧର୍ମର ପ୍ରସାର କରିଥିଲେ। ମହାବଂଶରେ ଥିବା ବର୍ଣ୍ଣନା ଅନୁଯାୟୀ, ତାଙ୍କ ପୁତ୍ର ମହେନ୍ଦ୍ର ବୌଦ୍ଧ ଧର୍ମର ଶିକ୍ଷା ପ୍ରଚାର କରିବାକୁ ଶ୍ରୀଲଙ୍କା ଯାଇଥିଲେ। ବୌଦ୍ଧ ଭିକ୍ଷୁମାନେ ମଧ୍ୟ ତାମିଲନାଡୁରେ ଏହି ଧର୍ମର ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେଠାରେ ଆଜି ମଧ୍ୟ ବୌଦ୍ଧ ପରମ୍ପରାର ଚିହ୍ନ ଦେଖିବାକୁ ମିଳିଥାଏ।

ବୌଦ୍ଧ ଭିକ୍ଷୁମାନେ କୌଣସି ଭେଦଭାବ ବିନା ମାଗଣା ଚିକିତ୍ସା ଓ ଶିକ୍ଷା ପ୍ରଦାନ କରୁଥିଲେ। ସେମାନେ ତ୍ରିପିଟକ ଭଳି ପବିତ୍ର ଗ୍ରନ୍ଥ ଶିକ୍ଷା ଦେଉଥିଲେ, ଜାତକ କଥା ଶୁଣାଉଥିଲେ ଏବଂ ଧ୍ୟାନ ମାଧ୍ୟମରେ ଲୋକଙ୍କୁ ଜ୍ଞାନର ପଥ ଦେଖାଇଥିଲେ।

ଦାନ, ବିଶେଷକରି କ୍ଷୁଧାର୍ତ୍ତଙ୍କୁ ଖାଦ୍ୟ ଦେବାକୁ ଏକ ମୌଳିକ କର୍ତ୍ତବ୍ୟ ବୋଲି ବିବେଚନା କରାଯାଉଥିଲା। ତାମିଲ ସାହିତ୍ୟରେ ମଧ୍ୟ କୁହାଯାଇଛି ଯେ କ୍ଷୁଧାର୍ତ୍ତଙ୍କୁ ଖାଦ୍ୟ ଦେବା ଜୀବନଦାନର ପୁଣ୍ୟ ସହିତ ସମାନ।

ହଜାର ହଜାର ବର୍ଷ ଧରି ଏହି ଭୂମିରେ ଅନେକ ଆଧ୍ୟାତ୍ମିକ ବିଚାରଧାରା ଏବଂ ଦର୍ଶନ ବିକଶିତ ହୋଇଛି। ବୌଦ୍ଧ ଧର୍ମ ହେଉ କି ଜୈନ ଧର୍ମ, ଭାରତ ପ୍ରତ୍ୟେକ ଧର୍ମ ଓ ସମ୍ପ୍ରଦାୟକୁ ଏକାତ୍ମ ଭାବନା ସହିତ ସ୍ୱୀକାର କରିଛି। ଏହା ଦର୍ଶାଏ ଯେ ସାଂସ୍କୃତିକ ଚେତନା ଏବଂ ସହଭାଗୀ ଭାବନା ସ୍ତରରେ ଏ ରାଷ୍ଟ୍ର ସର୍ବଦା ଏକ ହୋଇ ରହିଛି।

ଜୀବନବ୍ୟାପୀ ଶିକ୍ଷା ଉପରେ ଗୁରୁତ୍ୱ ଦେଉଥିବା ବୌଦ୍ଧ ଧର୍ମ ବହୁ ସଂଖ୍ୟାରେ ଶିକ୍ଷାନୁଷ୍ଠାନ ଓ ପାଠାଗାର ପ୍ରତିଷ୍ଠା କରିଥିଲା। ପଞ୍ଚମ ଶତାବ୍ଦୀର ପ୍ରାରମ୍ଭରେ ନାଳନ୍ଦା ବିଶ୍ୱବିଦ୍ୟାଳୟ ପ୍ରାୟ ୧୦,୦୦୦ ବିଦ୍ୟାର୍ଥୀ ଏବଂ ୧,୫୦୦ ଶିକ୍ଷକଙ୍କୁ ନେଇ ଏକ ମହାନ୍ ଶିକ୍ଷା କେନ୍ଦ୍ର ଭାବରେ ବିକଶିତ ହୋଇଥିଲା। ଐତିହାସିକ ରେକର୍ଡରୁ ଜଣାପଡ଼େ ଯେ, ନାଳନ୍ଦା ପରି ତାମିଲନାଡୁର କାଞ୍ଚିପୁରମ୍‌ରେ ଏକ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ ଥିଲା। ବିକ୍ରମଶିଳା ଏବଂ ଉଦନ୍ତପୁରୀ ଭଳି ବିଶ୍ୱବିଦ୍ୟାଳୟ ତଥା ଅନେକ ସାହିତ୍ୟ କୃତି ଦେଶର ବୌଦ୍ଧିକ ଉଚ୍ଚତାକୁ ବିଶ୍ୱ ଆଗରେ ପ୍ରଦର୍ଶିତ କରିଥିଲା।

ସମଗ୍ର ଏସିଆରୁ ବିଦ୍ୱାନ୍‌ମାନେ ବୌଦ୍ଧ ବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିବାକୁ ଆସୁଥିଲେ। ଚୀନ ପରିବ୍ରାଜକ ଫାହିୟାନ ବିଶେଷ ଭାବରେ ବୌଦ୍ଧ ଧର୍ମ ଅଧ୍ୟୟନ ପାଇଁ ୧୫ ବର୍ଷ ଲମ୍ବା ତୀର୍ଥ ଯାତ୍ରା କରିଥିଲେ। ସେହିପରି ଅନ୍ୟତମ ଚୀନ ପରିବ୍ରାଜକ ହୁଏନ୍‌ସାଂ ୧୬ ବର୍ଷ ଭାରତରେ ବିତାଇବା ସହିତ ନାଳନ୍ଦାରେ ଅଧ୍ୟୟନ କରିଥିଲେ। ଫେରିବା ପୂର୍ବରୁ ସେ ବହୁ ଗ୍ରନ୍ଥ ସଂଗ୍ରହ କରି ନିଜ ସହିତ ନେଇ ଯାଇଥିଲେ। ତାମିଲନାଡୁ କାଞ୍ଚିପୁରମ୍‌କୁ ମଧ୍ୟ ଗସ୍ତ କରିଥିବା ସମ୍ପର୍କରେ ନିଜର ଯାତ୍ରା ବୃତ୍ତାନ୍ତରେ ହୁଏନ୍‌ସାଂ ଉଲ୍ଲେଖ କରିଛନ୍ତି। ସେଠାରେ ସେ ଏକ ବୌଦ୍ଧ ବିଶ୍ୱବିଦ୍ୟାଳୟରେ ରହିଥିଲେ, ଅଧ୍ୟୟନ କରିଥିଲେ ଏବଂ ଅନେକ ପାଣ୍ଡୁଲିପିର ପ୍ରତିଲିପି ପ୍ରସ୍ତୁତ କରିଥିଲେ। ସେଠାରେ ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ବ୍ୟାଖ୍ୟାନ ମଧ୍ୟ ଦେଇଥିବା କୁହାଯାଏ।

କଠୋର ତପସ୍ୟା ଯୋଗୁ ଅତ୍ୟନ୍ତ ଦୁର୍ବଳ ହୋଇଯାଇଥିବା ସିଦ୍ଧାର୍ଥଙ୍କୁ କରୁଣାରେ ଅନୁପ୍ରାଣିତ ହୋଇ ସୁଜାତା ସ୍ନେହର ସହ ଖିରି ଅର୍ପଣ କରିଥିଲେ। ଏହି କରୁଣାମୟୀ ସେବା ତାଙ୍କ ଜୀବନ ରକ୍ଷା କରିଥିଲା ଏବଂ ତାଙ୍କୁ ବୋଧିଦ୍ରୁମ ତଳେ ଧ୍ୟାନ କରିବା ଲାଗି ଶକ୍ତି ପ୍ରଦାନ କରିଥିଲା। ବୁଦ୍ଧ ପୂର୍ଣ୍ଣିମାରେ ଆମେ ଏହି ସ୍ନେହ ଓ ଦୟାକୁ ସ୍ମରଣ କରି ଖିରି ପ୍ରସ୍ତୁତ କରି ଅର୍ପଣ କରିଥାଉ।

''ସ୍ନେହ ହିଁ ଆନନ୍ଦର ଉତ୍ସ, ସ୍ନେହ ହିଁ ଦୁନିଆର ଆଲୋକ ଏବଂ ସ୍ନେହ ହିଁ ସବୁଠୁ ବଡ଼ ଶକ୍ତି'' ଭଗବାନ୍ ବୁଦ୍ଧଙ୍କ ଏହି ଶିକ୍ଷା ଆଜି ମଧ୍ୟ ପୂର୍ବପରି ପ୍ରାସଙ୍ଗିକ ରହିଛି। ସାରା ବିଶ୍ୱରେ ପ୍ରେମ ଓ ଶାନ୍ତି ବିରାଜମାନ କରୁ ବୋଲି ମୁଁ ପ୍ରାର୍ଥନା କରୁଛି।

# ଓଡ଼ିଆ ସାହିତ୍ୟକୁ ଭୀମ ଭୋଇଙ୍କ ଦାନ


ଡ. ଉଦ୍ଧବ ଚରଣ ନାୟକ

ଭୀମ ଭୋଇ (୧୮୪୬-୧୮୯୫) ହେଉଛନ୍ତି ବିଶ୍ୱର ଶ୍ରେଷ୍ଠ ଆଦିବାସୀ କବି। ବୌଦ୍ଧଧର୍ମରେ ନାଗାର୍ଜୁନ, ଖ୍ରୀଷ୍ଟଧର୍ମରେ ସେଣ୍ଟପଲ୍ ଓ ବ୍ରାହ୍ମ ସମାଜରେ କେଶବଚନ୍ଦ୍ର ସେନ୍‌ଙ୍କ ପରି ମହିମାଧର୍ମରେ ଭୀମ ଭୋଇଙ୍କ ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ। ଭୀମ ଭୋଇ ଏକାଧାରରେ ଥିଲେ କବି-ପଣ୍ଡିତ, ଧର୍ମ ପ୍ରଚାରକ, ସମାଜ ସଂସ୍କାରକ ଓ ବିପ୍ଳବୀ। ତାଙ୍କ ବ୍ୟକ୍ତିତ୍ୱର ପଟାନ୍ତର ନାହିଁ। ବାରବର୍ଷ ବୟସରୁ ସେ ହୋଇଥିଲେ କବି। ଏହି ସମୟରେ ସେ ଗୋରୁ ଚରାଉଥିବା କାଳରେ ରାଧାକୃଷ୍ଣଲୀଳାକୁ ସୁନ୍ଦର ସାବଲୀଳ ଭାଷାରେ ବଉଳ, ଜାଈଫୁଲ, ରସରକେଳି, ଡାଲଖାଇବୃତ୍ତରେ ଲୋକଗୀତ ମାନ ରଚନା କରି ମନକୁ ମନ ବୋଲୁଥିଲେ। ରେଢ଼ାଖୋଲର କାଙ୍କଣପଡ଼ା ଗ୍ରାମର ଗୌନ୍ତିଆ ଚୈତନ୍ୟ ପ୍ରଧାନଙ୍କ ଘରେ ରହି କାମଧନ୍ଦା କରି ଓ ବାରବର୍ଷ ବୟସରେ ଗୋରୁ ଚରାଇବା କାର୍ଯ୍ୟରେ ଲିପ୍ତ ଥିଲେ। ସେହି ସମୟରେ ଗୌନ୍ତିଆଙ୍କ ଘରେ ଭାଗବତ, ରାମାୟଣ, ମହାଭାରତ ସମେତ ଅଷ୍ଟାଦଶ ପୁରାଣର ପଠନ ଓ ଆଲୋଚନା ହେଉଥିଲା। ଭୀମ କନ୍ଧ ଓ ଅଛୁଆଁ ହୋଇଥିବାରୁ ପଠନ ସ୍ଥାନଠାରୁ ଦୂରରେ ବସି ଶ୍ରବଣ କରୁଥିଲେ। ସେ ପୁରାଣ ଶାସ୍ତ୍ରର ସାରମର୍ମକୁ ମନରେ ରଖି ଗାଈଚରାଉଥିବା ବେଳେ ଗୀତବାନ୍ଧି ଗାୟନ କରୁଥିଲେ।

ସେ ଷୋହଳ ବର୍ଷ ବୟସରେ ଅର୍ଥାତ୍ ୧୮୬୨ ମସିହାରେ ଗାଈ ଚରାଉଥିବା ସମୟରେ କୂଅରେ ପଡ଼ି ଯାଇଥିଲେ। ମହିମାଧର୍ମର ପ୍ରାଣ ପ୍ରତିଷ୍ଠାତା ମହିମା ଗୋସେଇଁ ସେହି ପଥ ଦେଇ ଅତିକ୍ରମ କରୁଥିବା ସମୟରେ ଭୀମଙ୍କୁ କୂଅରୁ ଉଦ୍ଧାର କରି ଦିବ୍ୟଜ୍ଞାନ ପ୍ରଦାନ କରିଥିଲେ। କାରଣ ଭୀମ ଥିଲେ ନିରକ୍ଷର। ଏହାର କିଛିଦିନ ପରେ ମହିମା ଗୋସେଇଁ ତାଙ୍କର ପ୍ରଥମ ପ୍ରିୟଶିଷ୍ୟ ଗୋବିନ୍ଦ ବାବାଙ୍କୁ ସଙ୍ଗରେ ଧରି କାଙ୍କଣପଡ଼ାର ଭୀମ ଭୋଇଙ୍କ ବାସସ୍ଥାନକୁ ଯାଇ ମହିମାଧର୍ମରେ ଦୀକ୍ଷିତ କରି ମହିମାଧର୍ମ ସମ୍ପର୍କରେ ଗୀତ ରଚନା କରିବା ନିମନ୍ତେ 'ଆଜ୍ଞା' ବା ଆଦେଶ ଦେଇଥିଲେ। ଫଳରେ ଭୀମ ଭୋଇ ମହିମାଧର୍ମ ଉପରେ ରାଶି ରାଶି ଭଜନ, ଜଣାଣ, ଚଉତିଶା, ପ୍ରାର୍ଥନା



ଓ ଚଉପଦୀଆଦି ରଚନା କରିବାରେ ସକ୍ଷମ ହୋଇଥିଲେ। ତାଙ୍କ ରଚନା ସମୂହକୁ ତାଳପତ୍ରରେ ଲିପିବଦ୍ଧ କରିବା ପାଇଁ ବାସୁଦେବ ପଣ୍ଡା ଓ ହରି ପଣ୍ଡା ନାମକ ଦୁଇଜଣ ପଣ୍ଡିତଙ୍କୁ ମହିମାଗୋସେଇଁ ଭୀମ ଭୋଇଙ୍କ ପାଖକୁ ପଠାଇଥିଲେ। ଏହାପରେ ଅନ୍ୟ ଦୁଇଜଣ ବୈଷ୍ଣବ ପଣ୍ଡିତ ଧର୍ମାନନ୍ଦ ଦାସ ଓ ମାର୍କଣ୍ଡ ଦାସ ଭୀମ ଭୋଇଙ୍କ ପାଖରେ ଆସି ପହଞ୍ଚିଥିଲେ ମହିମା ଗୋସେଇଁଙ୍କ ଆଦେଶରେ।

ଏହି ଚାରିଜଣ ଲେଖନକାରଙ୍କ ସହାୟତାରେ ଭୀମ ଭୋଇ ଏକା ଥରକେ ଏକା ରାଗରେ ଚାରିଗୋଟି ଭଜନ ରଚନା କରିଥିଲେ। ଏହା ଭୀମ ଭୋଇ ସ୍ୱରଚନାରାଜିର ବହୁ ସ୍ଥାନରେ ଉଲ୍ଲେଖ କରିଛନ୍ତି। ୧୮୭୬ରେ ଗୁରୁ ମହିମା ଗୋସେଇଁଙ୍କର ମହାପ୍ରୟାଣ ଢେଙ୍କାନାଳ ଯୋରନ୍ଦାଠାରେ ଘଟିଥିଲା। ଭୀମ ଭୋଇ ମହିମା ଧର୍ମର ନୀତି ନିୟମ ଆଦର୍ଶକୁ ସରଳ ଭାଷାରେ ପ୍ରାଞ୍ଜଳ ଭାବରେ ଲୋକମାନଙ୍କୁ ବୁଝାଇବାରେ ଲାଗିଲେ। ତାଙ୍କର ଅନୁଗାମୀମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଲା। ନାନା ଘାତ ପ୍ରତିଘାତ ସହି ଭୀମ ଭୋଇ ନିଜ ଅନୁଗାମୀମାନଙ୍କ ସହ ବିଭିନ୍ନ ସ୍ଥାନ ଦେଇ ଚାଲି ଆସିଲେ ସୋନପୁରର ଖଲିଆପାଲିକୁ। ଖଲିଆପାଲି ହୋଇଗଲା ତାଙ୍କ ସାଧନାର ସିଦ୍ଧପୀଠ। ଅଲେଖ ପରଂବ୍ରହ୍ମ ଏକ ମାତ୍ର ରହସ୍ୟ ବୋଲି ଲୋକଙ୍କୁ ଦୃଢ଼ ଚିତ୍ତରେ ବୁଝାଇଥିଲେ। ଫଳରେ ଲୋକେ ମହିମା ଧର୍ମ ପ୍ରତି ଆକୃଷ୍ଟ ହେଲେ। ମହିମା ଧର୍ମ ହୋଇଗଲା ଗଣଧର୍ମ। ସେହି ଧର୍ମ ମତକୁ ନେଇ ରାଶି ରାଶି ପୁସ୍ତକ ରଚନା କଲେ ଭୀମ ଭୋଇ।

ସର୍ବମୋଟ ୧୩୨ ଖଣ୍ଡ ପୁସ୍ତକ ଭୀମ ଭୋଇ ରଚନା କରିଥିଲେ ମହିମା ଧର୍ମ ସମ୍ପର୍କରେ। ଓଡ଼ିଆ ଭାଷା ସମେତ ଆଞ୍ଚଳିକ ସମ୍ବଲପୁରୀ, ଛତିଶଗଡ଼ି ଭାଷାର ସମନ୍ୱୟ ଘଟାଇ ସେ ରଚନା କରିଥିଲେ ନିଜର ସମସ୍ତ ରଚନା । ଭଗ୍ନ ବଙ୍ଗଳା ଭାଷାରେ ସେ ରଚନା କଲେ ମହିମା ଗୋସେଇଁଙ୍କ ଲୀଳାଖେଳାକୁ ନେଇ ମହିମା ବିନୋଦ ପୁସ୍ତକ ଓ 'ବଙ୍ଗଳା ଆଠ ଭଜନ'। ଭଗ୍ନ ସଂସ୍କୃତ ଭାଷା ଓ କଥିତ ଓଡ଼ିଆ ଭାଷାର ମିଶ୍ରଣରେ ସେ ରଚନା କଲେ ମନୁ ସଭା ମଣ୍ଡଳ ନାମରେ ଏକ ଗ୍ରନ୍ଥ। ତାଙ୍କର ଏହି ସବୁ ପୁସ୍ତକ ଲୋକମାନଙ୍କ ଦ୍ୱାରା ଆଦୃତ ହେଲା। ତାଙ୍କର ଜନ୍ମ କଥାତ କହି ହେବ ନାହିଁ। ସେ କିନ୍ତୁ ଆବିର୍ଭାବ ହୋଇଥିଲେ ୧୮୪୬ ମସିହା ବୈଶାଖ ପୂର୍ଣ୍ଣିମା ତିଥିରେ ସୋନପୁରର ଜଟାସିଂହା ଗ୍ରାମର ତାଳବଣରେ। ତିରୋଧାନ ତାଙ୍କର ଘଟିଥିଲା ୧୮୯୫ ମସିହା ଶିବ ଚତୁର୍ଦ୍ଦଶୀ ତିଥିରେ ଖଲିଆପାଲିରେ।

ମୋ: ୯୪୩୮୨୯୯୧୭୪

## ଏଇ ଭାରତରେ

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଲାଗି ରହିଥିବାରୁ ସାମ୍ପ୍ରତିକ ସ୍ଥିତିରେ ଗ୍ୟାସ୍ ବ୍ୟବହାର ସୀମିତ କରିବା ଏବଂ ତୈଳ ଅପଚୟ ବନ୍ଦ କରିବା ଜରୁରୀ ହୋଇଗଲାଣି। ଅନ୍ୟପକ୍ଷରେ ଜଳ ଏବଂ ବିଦ୍ୟୁତ୍ ସଙ୍କଟ ମଧ୍ୟ ଲାଗି ରହିଛି। ଏହି ପରିପ୍ରେକ୍ଷୀରେ ଏଭଳି ସଙ୍କଟକୁ ମୁକାବିଲା କରି ଅକ୍ଷୟଶକ୍ତିରେ ଜୀବନ ଧାରଣ ସହଜ ହୋଇପାରେ ବୋଲି ବେଙ୍ଗାଲୁରୁର ଦମ୍ପତି ଏକ ବାର୍ତ୍ତା ଦେଇଛନ୍ତି। ରିଭା ଓ ରଞ୍ଜନ ମଲିକ ବିନା ଗ୍ୟାସ୍ ସିଲିଣ୍ଡର ଓ ମ୍ୟୁନିସିପାଲ ପାଣି ନ ନେଇ ଜୀବନ ଜିଉଛନ୍ତି। ଏପରି କି ସେ ରହୁଥିବା ଚାଳଛପର ଘରେ ବିଦ୍ୟୁତ୍ ନାହିଁ। ସେମାନେ ବର୍ଷକୁ ୫୦,୦୦୦ ଲିଟର ବର୍ଷାଜଳ ସଂରକ୍ଷଣ କରି ତାହାକୁ ବିଶୋଧନକରି ବ୍ୟବହାର କରୁଛନ୍ତି। ସୌର ବିଦ୍ୟୁତ୍ ଉତ୍ପାଦନ କରିବା ସହ ସୋଲାର କୁକର ଓ ଧୂଆଁବିହୀନ ଚୁଲିରେ ରୋଷେଇ କରୁଛନ୍ତି। ଅକ୍ଷୟଶକ୍ତିରେ ଜୀବନ ଧାରଣ ସହଜ ହୋଇପାରେ ବୋଲି ଏହି ଦମ୍ପତି ଏକ ବାର୍ତ୍ତା ଦେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧ ମେ ୧୯୭୭

- ଆଡଭୋକେଟ ଜେନେରାଲ ପଦରୁ ଗଙ୍ଗାଧର ରଥଙ୍କ ଇସ୍ତଫା ପ୍ରଦାନ।
- ତ୍ରିପୁରାର ୩ ପୂର୍ବତନ ମନ୍ତ୍ରୀଙ୍କ ସମେତ ୨ ଜଣ ବ୍ୟବସ୍ଥାପକ କଂଗ୍ରେସ ଦଳ ତ୍ୟାଗ କରି ଗଣତାନ୍ତ୍ରିକ କଂଗ୍ରେସ ଦଳରେ ଯୋଗଦାନ କରିଛନ୍ତି।

## ଚିରନ୍ତନୀ

ଭାର ବହି ପଡ଼ିଥିଲା ଥକି
ନାମ ତା'ର ନ ପଡ଼ିଲା ମନେ
ଶୁଣିଲା କି ନ ଶୁଣିଲା ହୋଇ
ଚାଲିଗଲା ଧୀରେ ରାଧୁ ଭୋଇ
ମରିଯାଏ ପଡ଼ିଶାରୁ ଜଣେ
ନାମ ତାରନ ପଡଇ ମନେ !
-(ପୌଷ-ମଳୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | 1 | | | | | | | 4 |
| | | 2 | | | | | | 3 |
| | 7 | | | | | | 2 | 8 |
| 7 | | 9 | | 5 | | 4 | | |
| | | | | 8 | | | 5 | |
| 8 | | | | 1 | 9 | | 3 | |
| 9 | | | | | 1 | 6 | | |
| 6 | | | | | | 8 | | |
| | 4 | 7 | 6 | | | | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 7 | 4 | 3 | 2 | 9 | 8 | 1 |
| 9 | 3 | 4 | 6 | 1 | 8 | 5 | 7 | 2 |
| 1 | 8 | 2 | 5 | 9 | 7 | 4 | 6 | 3 |
| 8 | 7 | 1 | 9 | 6 | 3 | 2 | 4 | 5 |
| 2 | 4 | 9 | 8 | 5 | 1 | 7 | 3 | 6 |
| 6 | 5 | 3 | 2 | 7 | 4 | 8 | 1 | 9 |
| 3 | 9 | 8 | 7 | 2 | 6 | 1 | 5 | 4 |
| 7 | 2 | 6 | 1 | 4 | 5 | 3 | 9 | 8 |
| 4 | 1 | 5 | 3 | 8 | 9 | 6 | 2 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଏସ୍‌ଆଇଆର୍ ପ୍ରଭାବ

ମହାଶୟ,

ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ରେକର୍ଡ ପ୍ରତିଶତ ମତଦାନକୁ ନେଇ ସମସ୍ତେ ବିସ୍ମୟ ପ୍ରକଟ କରିଛନ୍ତି। ଏଥର ଭୋଟର ତାଲିକାରୁ ଜାଲ୍ ଭୋଟରଙ୍କ ନାମ ବାଦ୍ ପଡ଼ିବା ପରେ ମତଦାନ ହାର ବୃଦ୍ଧି ପାଇବାରେ ବିସ୍ମିତ ହେବାର କାରଣ ନାହିଁ। କାରଣ ମୋଟ ଭୋଟଦାତାଙ୍କ ସଂଖ୍ୟା ଉପରେ ମତଦାନ ହାର ନିର୍ଣ୍ଣୟ ହୋଇଥାଏ। ପୂର୍ବରୁ ଅଧିକ ମୋଟ ଭୋଟଦାତାଙ୍କ ହାର ଉପରେ ମତଦାନ ହାର ନିର୍ଣ୍ଣୟ ହୋଇଥିବାବେଳେ ଜାଲ୍, ମୃତ ଭୋଟରଙ୍କୁ ବାଦ୍ ଦିଆଯିବା ପରେ ମତଦାନ ହାର ନିର୍ଣ୍ଣୟ ହେବା ସ୍ୱାଭାବିକ। ସେହିପରି ସ୍ପେଶିଆଲ ଇଣ୍ଟେନସିଭ୍ ରିଭିଜନ(ଏସ୍‌ଆଇଆର୍)ପରେ ପ୍ରବାସୀ ଶ୍ରମିକମାନେ ନିଜ ଗ୍ରାମକୁ ଫେରି ମତଦାନ କରିଥିବା ରିପୋର୍ଟ ପ୍ରକାଶ ପାଇଛି। ଏହା ସତ୍ୟ ଯେ, ମତଦାନ ହାର ବୃଦ୍ଧି ଗଣତନ୍ତ୍ର ପାଇଁ ଶୁଭଙ୍କର। କିନ୍ତୁ ଏଥର ଏସ୍‌ଆଇଆର୍ ଓ ଆସାମରେ ଏନ୍‌ଆର୍‌ସି ପ୍ରଭାବରେ ମତଦାନ ହାର ବୃଦ୍ଧି ପାଇଥିବା ମନେହୁଏ। ଏଥିରେ ବିସ୍ମିତ ହେବାର କିଛି ନାହିଁ।

-ସୌଭାଗ୍ୟ ରଞ୍ଜନ ମହାନ୍ତି, ଗଙ୍ଗୋତ୍ରୀନଗର, ଶିଶୁପାଳଗଡ଼, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)




# ୟୁଜିସି-ନେଟ୍‌ରେ ସାମିଲ ହେଲା 'ଫରେଷ୍ଟ୍ରି', 'ଷ୍ଟାଟିଷ୍ଟିକ୍ସ'

**ଭୁବନେଶ୍ୱର,୩୦।୪(ସୁଚିସ୍ମିତା ସାହୁ)**

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ନେଟ୍ ପରୀକ୍ଷାରେ ଦୁଇଟି ନୂଆ ପାଠ୍ୟକ୍ରମ 'ଫରେଷ୍ଟ୍ରି' ଏବଂ ଷ୍ଟାଟିଷ୍ଟିକ୍ସ'କୁ ସାମିଲ କରାଯାଇଛି। ଆସନ୍ତା ୟୁଜିସି-ନେଟ୍ ୨୦୨୬ ଜୁନ୍ ସେସନରେ ଏହି ଦୁଇ ବିଷୟକୁ ଲାଗୁ କରାଯିବ। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପ୍ରତିବର୍ଷ ଦୁଇଥର (ଜୁନ ଓ ଡିସେମ୍ବର)ରେ ଏହି ଜାତୀୟ ପ୍ରବେଶିକା ପରୀକ୍ଷା ଆୟୋଜିତ ହୁଏ। ବର୍ଷର ପ୍ରଥମ ୟୁଜିସି-ନେଟ୍ ପରୀକ୍ଷା ଆସନ୍ତା ଜୁନ ୨୨ରୁ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସେସନ ପାଇଁ ଅନ୍‌ଲାଇନ ଆବେଦନ ଆରମ୍ଭ ହୋଇଥିବାବେଳେ ଏହା ମେ ୨୦ ରାତି ୧୧ଟା ୫୦ ପର୍ଯ୍ୟନ୍ତ ଚାଲିବ। ଆଗ୍ରହୀ ପ୍ରାର୍ଥୀମାନେ ଏନ୍‌ଟିଏର ଅଫିସିଆଲ ୱେବ୍‌ସାଇଟ https://ugcnet.nta.nic.in/ରେ ଆବେଦନ କରିପାରିବେ। ମେ ୨୨ ସୁଦ୍ଧା ଆବେଦନ ଫର୍ମର ସଂଶୋଧନ କରିବାର ସୁଯୋଗ ରହିଛି। ଛାତ୍ରୀଛାତ୍ର ୧୫ ତାରିଖରେ ଆଡ୍‌ମିଟ କାର୍ଡ ଡାଉନଲୋଡ କରିପାରିବେ। ପରୀକ୍ଷାର ସମୟ ୧୮୦ ମିନିଟ ଅର୍ଥାତ ୩ ଘଣ୍ଟା ହେବ। ପେପର ୧ ଓ ପେପର ୨ ପରୀକ୍ଷାରେ କୌଣସି ବିରତି ରହିବ ନାହିଁ। ପରୀକ୍ଷା ତାରିଖ, ସମୟ, କେନ୍ଦ୍ର ଓ ସିଫ୍ଟ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଆଡ୍‌ମିଟ କାର୍ଡରେ ଉଲ୍ଲେଖ ରହିବ ବୋଲି ସୂଚନା ଦିଆଯାଇଛି।

# ବାଘଛାଲ ଜବତ, ୨ ଶିକାରୀ ଗିରଫ



**ବୌଦ୍ଧ,୩୦।୪(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ପୁରୁଣାକଟକ ରେଞ୍ଜ୍‌ର କରଞ୍ଜକଟା-ତେଇଶିମାଇଲ ରାସ୍ତାରେ ବାଘ ଛାଲ ଚାଲାଣ ବେଳେ ଗୁରୁବାର ୨ ଶିକାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ କରଞ୍ଜକଟା ଗ୍ରାମର ଅଭୟ ନାଏକ (୫୦) ଓ ବାଇଶିପଡା ଗ୍ରାମର ନୀଳକଣ୍ଠ କହଁର (୩୯)। ଉଭୟଙ୍କଠାରୁ ଏକ କଲରାପତରିଆ ବାଘଛାଲ, ୨ଟି ମୋବାଇଲ ଓ ଗୋଟିଏ ବାଇକ୍ ଜବତ ହୋଇଛି। ବନ ବିଭାଗ ପକ୍ଷରୁ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଛି। ଅଭୟ ଓ ନୀଳକଣ୍ଠ ଏକ କଲରାପତରିଆ ବାଘ ଚମଡା ବିକ୍ରି ପାଇଁ କରଞ୍ଜକଟା-ତେଇଶିମାଇଲ ରାସ୍ତାରେ ଛିଡା ହୋଇଥିଲେ। ଏହି ସମୟରେ ପୁରୁଣାକଟକ ବନ ବିଭାଗ କର୍ମଚାରୀ କୌଣସି ସୂତ୍ରରୁ ଖବର ପାଇ ସେଠାରେ ଚଢାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲେ।

# ଆଜି ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ରାୟଗଡ଼ା ଗସ୍ତ

**ରାୟଗଡ଼ା,୩୦।୪(ଆଶିଷ ରଞ୍ଜନ ପଣ୍ଡା)**


ମୋହନ ଚରଣ ମାଝୀ

**ପିଏମ୍‌ଜିଏସ୍‌ୱାଇ-୪ ସ୍ୱୀକୃତିପତ୍ର ହସ୍ତାନ୍ତର ପ୍ରକ୍ରିୟା କାର୍ଯ୍ୟକ୍ରମରେ ଯୋଗଦେବେ**

ମେ ୧ ଶ୍ରମିକ ଦିବସରେ ଶୁକ୍ରବାର ରାୟଗଡ଼ା ଗସ୍ତରେ ଆସୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା-୪ର ସ୍ୱୀକୃତିପତ୍ର ହସ୍ତାନ୍ତର ଉତ୍ସବରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜନଜାତି ଓ ଜାତିକଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସଡକ ଭିତ୍ତିଭୂମି ଗ୍ରାମୀଣ ବିକାଶର ଏକ ମୌଳିକ ସ୍ତମ୍ଭ ସ୍ଥାପନ କରିବ ବୋଲି କୁହାଯାଇଛି।

ସ୍ଥାନୀୟ ବାଇପାସ୍ ସ୍ଥିତ ଜେଏସ୍‌କୋ ପଡ଼ିଆରେ ଏଥିନିମନ୍ତେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ ଟାରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ହେଲିକପ୍ଟର ଯୋଗେ ସେଠାରେ ପହଞ୍ଚିବେ ବୋଲି ସୂଚନା ମିଳିଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ରାଜ୍ୟର ୮୨୭ଟି ନୂତନ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା- ୪ର ସ୍ୱୀକୃତିପତ୍ର ହସ୍ତାନ୍ତର କରିବେ। ଏଥିରୁ ରାୟଗଡ଼ା ଜିଲାରେ ୨୭୪ଟି ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ୫୬୨. ୧୦ କୋଟି ଟଙ୍କା ବ୍ୟୟ ହେବ। ଉକ୍ତ ସଡକପଥ ଯୋଗୁ ଜିଲାର ୩୧୪ଟି ଜନବସତିକୁ ଯୋଗାଯୋଗ ହୋଇପାରିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷାକରି ଏହି କାର୍ଯ୍ୟକ୍ରମରେ ଅଧିକ ଲୋକ ଯୋଗଦାନ ନେଇ ପ୍ରସ୍ତୁତି ଚାଲିଛି। ପ୍ରତି ବ୍ଲକରୁ ଲୋକଙ୍କ ଆଗମନ ପାଇଁ ଆଜି ସନ୍ଧ୍ୟାରେ ବସ୍ ପହଞ୍ଚିବ। ସେଥିପାଇଁ ବିଡିଓମାନେ ଦାୟିତ୍ୱରେ ରହିଛନ୍ତି। ୩୦ ହଜାରରୁ ଅଧିକ ଜନ ସମାଗମ ହେବା ନେଇ ଆକଳନ ହୋଇଛି। ଏଥିପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଜେଡ୍ ସୁରକ୍ଷା ପାଇଁ କମାଣ୍ଡ ଯବାନ ମଧ୍ୟ ଆସିଛନ୍ତି। ଏତଦ୍‌ବ୍ୟତୀତ ଅନ୍ୟ ଜିଲାରୁ ଅଧିକ ପୋଲିସ କର୍ମଚାରୀ ଆସିଥିବା ସୂଚନା ମିଳିଛି। ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଓ ଏସ୍‌ପି ସ୍ୱାଥି ଏସ୍ କୁମାର ସଭାସ୍ଥଳକୁ ଯାଇ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ।

17001/5/2627

## ଆନ୍ତର୍ଜାତିକ ଶ୍ରମିକ ଦିବସ, ୨୦୨୬ ଉପଲକ୍ଷେ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀଙ୍କ ବାର୍ତ୍ତା

ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇ ଓ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ଦେଶ ତଥା ରାଜ୍ୟର ସର୍ବାଙ୍ଗୀନ ଉନ୍ନତି କ୍ଷେତ୍ରରେ ଶ୍ରମିକ ଭାଇ ଓ ଭଉଣୀମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶକୁ ଆମ ସରକାର ପ୍ରାଥମିକତା ଦେବା ସହିତ ବିଭିନ୍ନ କଲ୍ୟାଣକାରୀ ଯୋଜନା ହାତକୁ ନେଇଛନ୍ତି, ଯାହାକି ସେମାନଙ୍କ ଜୀବନର ମାନ ବୃଦ୍ଧିରେ ସହାୟକ ହୋଇପାରିଛି ।

ମୁଁ ଆଜି ଏହି ପବିତ୍ର ଦିବସରେ ସମସ୍ତ ଶ୍ରମିକ ଭାଇ ଓ ଭଉଣୀଙ୍କୁ ବିଶେଷ ଭାବରେ କୃତଜ୍ଞତା ଜ୍ଞାପନ କରିବା ସହିତ ବିକଶିତ ଓଡ଼ିଶା ଗଠନରେ ସମସ୍ତଙ୍କ ଆନ୍ତରିକ ସହଯୋଗ କାମନା କରୁଛି ।

(ଗଣେଶ ରାମ ସିଂ ଖୁଣ୍ଟିଆ)

OIPR-17001/17002/2/26-27/0002






# ଆର୍ଥିକ ଅନୁଷ୍ଠାନଗୁଡ଼ିକ ସହଭାଗିତାରେ ସହରାଞ୍ଚଳ ଆର୍ଥିକ ବ୍ୟବସ୍ଥା ଦୃଢ଼ ହେବ

ଭୁବନେଶ୍ୱର,୩୦।୪ (ବନ୍ଦନା ସେଠୀ)



ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ।

ରାଜ୍ୟରେ ସହରାଞ୍ଚଳର ରୂପାନ୍ତରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଏକ ଉଚ୍ଚସ୍ତରୀୟ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆର୍ଥିକ ଅନୁଷ୍ଠାନଗୁଡ଼ିକ ସହଭାଗିତାରେ ଓଡ଼ିଶାର ସହରାଞ୍ଚଳ ଆର୍ଥିକ ବ୍ୟବସ୍ଥା ଦୃଢ଼ ହେବ। ଏହି କ୍ରମରେ ରାଜ୍ୟରେ ବ୍ୟାଙ୍କ ଅର୍ଥାୟନ ଯୋଗ୍ୟ ସହରାଞ୍ଚଳ ପ୍ରକଳ୍ପଗୁଡ଼ିକର ବିକାଶ ପାଇଁ ନ୍ୟାଶନାଲ ହାଉସିଂ ବ୍ୟାଙ୍କ, ହାଉସିଂ ଆଣ୍ଡ ଅର୍ବାନ୍ ଡେଭଲପ୍‌ମେଣ୍ଟ କର୍ପୋରେଶନ ଏବଂ ପ୍ରମୁଖ ହାଉସିଂ ଫାଇନାନ୍ସ କମ୍ପାନୀଗୁଡ଼ିକ ସହିତ ଆଲୋଚନା କରାଯାଇଥିଲା। ବୈଠକରେ ମୁଖ୍ୟତଃ ସୁଲଭ ଗୃହ ନିର୍ମାଣର ପରିସର ବୃଦ୍ଧି ଏବଂ ଭାରତ ସରକାରଙ୍କ 'ଅର୍ବାନ୍ ଚ୍ୟାଲେଞ୍ଜ ଫଣ୍ଡ' ଅଧୀନରେ ପୁଞ୍ଜି ନିବେଶ ପାଇଁ ପ୍ରସ୍ତୁତ ଥିବା ପ୍ରକଳ୍ପଗୁଡ଼ିକୁ ଚିହ୍ନଟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସଂସ୍ଥାଗତ ଅର୍ଥାୟନକୁ ଆକୃଷ୍ଟ କରିବା ପାଇଁ ଆର୍ଥିକ ଦୃଷ୍ଟିରୁ ସକ୍ଷମ ଏବଂ ସମ୍ପ୍ରସାରଣଯୋଗ୍ୟ ସହରାଞ୍ଚଳ ପ୍ରକଳ୍ପର ରୂପରେଖ ପ୍ରସ୍ତୁତ କରିବା ଉପରେ ଆଲୋଚନା ହୋଇଥିଲା। ୨୦୧୧ରେ ଓଡ଼ିଶାର ସହରୀ ଜନସଂଖ୍ୟା ୧୭% ଥିବାବେଳେ ୨୦୩୬ ସୁଦ୍ଧା ଏହା ପ୍ରାୟ ୪୦%ରେ ପହଞ୍ଚିବ ବୋଲି ଆକଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସହରଗୁଡ଼ିକୁ ଅର୍ଥନୈତିକ ଅଭିବୃଦ୍ଧିର ମାଧ୍ୟମ ଭାବେ ଗଢ଼ି ତୋଳିବା ଏବଂ ଏହି ପରିବର୍ତ୍ତନକୁ ସହାୟତା କରିବା ପାଇଁ ଅଭିନବ ଆର୍ଥିକ ଢାଞ୍ଚାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଥିଲା। ନ୍ୟାଶନାଲ ହାଉସିଂ ବ୍ୟାଙ୍କ, ହାଉସିଂ ଆଣ୍ଡ୍ ଅର୍ବାନ ଡେଭଲପ୍‌ମେଣ୍ଟ କର୍ପୋରେଶନ ଓ ପ୍ରମୁଖ ହାଉସିଂ ଫାଇନାନ୍ସ କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓମାନେ ସେମାନଙ୍କ ଆର୍ଥିକ ସମାଧାନ ସମ୍ପର୍କରେ ଉପସ୍ଥାପନା କରିଥିଲେ। ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଏଥିରେ ଅଧ୍ୟକ୍ଷତା କରି ନିବେଶ ପାଇଁ ପ୍ରସ୍ତୁତ ପ୍ରକଳ୍ପର ଏକ ଦୃଢ଼ ତାଲିକା କରିବା, ସହରାଞ୍ଚଳ ଭିତ୍ତିଭୂମି ଅର୍ଥାୟନକୁ ସଶକ୍ତ କରିବା ଏବଂ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକରେ ଦ୍ରୁତ, ସହନଶୀଳ ତଥା ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧି ଉପରେ ଜୋର୍ ଦେଇଥିଲେ। ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ବିଭାଗୀୟ ବରିଷ୍ଠ ପଦାଧିକାରୀ, ୬ ମହାନଗର ନିଗମର କମିଶନର ଏବଂ ୬ ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷମାନେ ଯୋଗ ଦେଇଥିଲେ।

## ମା'ମଙ୍ଗଳାଙ୍କ ମନ୍ଦିର ପ୍ରତିଷ୍ଠାର ୩ୟ ବାର୍ଷିକୋତ୍ସବ

ବୋଲଗଡ଼,୩୦।୪(ଦେବବ୍ରତ ହୋତା)

ବୋଲଗଡ଼ର ଆରାଧ୍ୟା ମା'ମଙ୍ଗଳାଙ୍କ ମନ୍ଦିର ପ୍ରତିଷ୍ଠାର ତୃତୀୟ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ମାନସିକଧାରୀମାନେ ବୋଲଗଡ଼ ଉପକଣ୍ଠ ବନ୍ଧ ପୁଷ୍କରିଣୀ ନିକଟରେ ପୂଜାପାଠ ପରେ ଜଳପୂର୍ଣ୍ଣ କଳସ ମୁଣ୍ଡାଇ ଶୋଭାଯାତ୍ରାରେ ଆସି ମଙ୍ଗଳା ମନ୍ଦିର ନିକଟ ଯଜ୍ଞବେଦିରେ ସ୍ଥାପନ କରିଥିଲେ। ପରେ ଗ୍ରାମର ଇଷ୍ଟଦେବ ତୃତୀୟାଦେବଙ୍କୁ ଶୋଭାଯାତ୍ରାରେ ପୂଜାସ୍ଥଳୀକୁ ସୁସଜ୍ଜିତ ବିମାନରେ ଅଣାଯାଇଥିଲା। ସୂର୍ଯ୍ୟପୂଜା ଓ ଅନ୍ୟାନ୍ୟ ନୀତିକାନ୍ତି ପରେ ହୋମଯଜ୍ଞ ଆରମ୍ଭ ହୋଇଥିଲା। କର୍ତ୍ତାଭାବେ ଜୟକୃଷ୍ଣ ପଶ୍ଚିମକବାଟ ଦଳବେହେରା ଉପବିଷ୍ଟ ଥିବା ବେଳେ ବେଦଜ୍ଞ ବ୍ରାହ୍ମଣ ପୁରୋହିତମାନେ ଶ୍ଳୋକ ଉଚ୍ଚାରଣ ପୂର୍ବକ ଯଜ୍ଞ ଅଗ୍ନିକୁଣ୍ଡରେ ଘୃତ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଏହି ଯଜ୍ଞର ପୂର୍ଣ୍ଣାହୁତି ଅବସରରେ ବିଧାୟକ ପ୍ରଦୀପ ସାହୁ, କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂ ସାମନ୍ତ ପ୍ରମୁଖ ଯୋଗଦେଇଥିଲେ। ମା'ମଙ୍ଗଳା ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ପରିଚାଳନାରେ ଉମେଶ ମହାପାତ୍ର, ବୀର ଦାସ, ଅଶ୍ୱିନୀ ପଟ୍ଟନାୟକ, ନିରଞ୍ଜନ ପ୍ରଧାନ, ସନାତନ ପାଙ୍ଗଶାଣୀ ପ୍ରମୁଖ ସହଯୋଗ କରିଥିଲେ।



ବୋଲଗଡ଼ର ଆରାଧ୍ୟା ମା'ମଙ୍ଗଳାଙ୍କ ମନ୍ଦିର ପ୍ରତିଷ୍ଠାର ତୃତୀୟ ବାର୍ଷିକ ଉତ୍ସବ ଉପଲକ୍ଷେ ଗୁରୁବାର ମାନସିକଧାରୀମାନେ କଳସଯାତ୍ରାରେ ଯାଉଛନ୍ତି। (ଫଟୋ: ଦେବବ୍ରତ ହୋତା)

## ରଘୁନାଥଦେବଙ୍କ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ

ବେଗୁନିଆ,୩୦।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ନିକଟ କୁଶପଲ୍ଲୀସ୍ଥିତ ବୀର ହନୁମାନ ପୀଠରେ (କୁମ୍ଭି ଗୋସାଇଁ) ରାମଦୂତ ପରିଚାଳନା ପରିଷଦ ପକ୍ଷରୁ ଚାଲିଥିବା ଶ୍ରୀରଘୁନାଥ ଦେବଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯଜ୍ଞ କର୍ତ୍ତାଭାବେ ଧୀରଞ୍ଜନ ପାତ୍ର ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଗୋବର୍ଦ୍ଧନ କର ଶର୍ମା, ସୁଧାକର ପଟଯୋଶୀ, ଅଶୋକ କୁମାର ହୋତା, ଅରୁଣ କୁମାର ମିଶ୍ର, ପ୍ରଦୀପ କୁମାର ମିଶ୍ର, ତପନ କୁମାର ପଟଯୋଶୀ, ବିଜୟାନନ୍ଦ ଷଡ଼ଙ୍ଗୀ ପ୍ରମୁଖ ପଣ୍ଡିତ ମଣ୍ଡଳୀ ଯୋଗଦେଇଥିଲେ। ଗତ ୨୬ତାରିଖରେ ଅଙ୍କୁରାରୋପଣ, ୨୭ରେ ଶାଳା ମଣ୍ଡନ, ଜଳଯାତ୍ରା, ସର୍ବଦେବଦେବୀ ଆବାହନ, ଅଗ୍ନିସ୍ଥାପନ, ଆଳତି ଓ ପୁଷ୍ପାଞ୍ଜଳି ପ୍ରଦାନ, ବିଗ୍ରହଙ୍କ ଗର୍ଭାଧାନ, ସନ୍ଧ୍ୟା ୭ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ୨୮ରେ ସୂର୍ଯ୍ୟପୂଜା, ଗୋପୂଜା, ଶାଳାପୂଜା, ବିଗ୍ରହମାନଙ୍କ ମହାସ୍ନାନ, ଶୟନ, ହବନ, ଆଳତି ଓ ପୁଷ୍ପାଞ୍ଜଳି ପ୍ରଦାନ, ୧୦୮ହନୁମାନ ଚାଳିଶା ପାଠ, ସନ୍ଧ୍ୟା ୭ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ୨୯ତାରିଖ ବୁଧବାର ସୂର୍ଯ୍ୟପୂଜା, ଗୋପୂଜା, ଶାଳାପୂଜା, ରଘୁନାଥ ଦେବ ଓ ପରିବାର ଦେବତାଙ୍କ ଜୀବନ୍ୟାସ ଓ ପ୍ରାଣ ପ୍ରତିଷ୍ଠା, ପୂର୍ଣ୍ଣାହୁତି ପ୍ରଦାନ, ସନ୍ଧ୍ୟା ୭ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପୂର୍ଣ୍ଣାହୁତିରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ।

## 'ପଗଡ଼ି ପୁରୁଷଙ୍କ ପାଇଁ ଆମେ ନିଜକୁ ଓଡ଼ିଆ କହିପାରୁଛେ'

ଭୁବନେଶ୍ୱର,୩୦।୪
(ସୌମ୍ୟରଞ୍ଜନ ରାଉତ)

ଲେଖକ ସାମ୍ମୁଖ୍ୟ ପକ୍ଷରୁ ସଭାପତି ଡ. ଅଲେଖ ଚନ୍ଦ୍ର ପଡ଼ିଆରୀଙ୍କ ସଭାପତିତ୍ୱରେ 'ସ୍ୱାଭିମାନୀ ମଧୁବାବୁ' ଶୀର୍ଷକ କବିତା ପାଠୋତ୍ସବ ଓ ଆଲୋଚନାଚକ୍ର ମାଷ୍ଟର କ୍ୟାଣ୍ଟିନ୍‌ସ୍ଥିତ ଗୋକୁଳ ପ୍ଲାଜାଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦିକା ବିମଳା ସିଂହ କହିଲେ, ପଗଡ଼ି ପୁରୁଷ ମଧୁସୂଦନ ଦାସ ଯଥାର୍ଥରେ ଜଣେ ଖାଣ୍ଟି ଓଡ଼ିଆ ଥିଲେ। ତାଙ୍କ ସାରା ଜୀବନ ଉତ୍କଳ ମାତାଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଉତ୍ସର୍ଗୀକୃତ ଥିଲା। ତାଙ୍କ ପାଇଁ ଆଜି ଆମେ ନିଜକୁ ଓଡ଼ିଆ ବୋଲି କହିପାରୁଛେ। କାର୍ଯ୍ୟକ୍ରମରେ ପର୍ଶୁରାମ ଦ୍ୱିବେଦୀ, ସୀତା ବଲ୍ଲଭ ମହାପାତ୍ର, ଡ. ବାସନ୍ତୀ ମହାନ୍ତି, ଡ. ଚକ୍ରଧର ଦାଶ, ଖବରଦାତା ଶ୍ରୀରାମ ଦାଶ, ନାଟ୍ୟକାର ବିଜୟ କୁମାର ମହାନ୍ତି, ରଜନୀକାନ୍ତ ପଟ୍ଟନାୟକ, ଡ. ରଜନୀ ରଣସିଂହ, ରାକେଶ ମହାନ୍ତି ଏବଂ ଧନଞ୍ଜୟ ରାୟ ପ୍ରମୁଖ ଯୋଗଦେଇ ସ୍ୱାଭିମାନୀ ମଧୁବାବୁଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଡ. ଚକ୍ରଧର ଦାଶ, ଜୟଶ୍ରୀ ପଟ୍ଟନାୟକ, ଅରୁଣା କର, ସୁନିଲ କୁମାର ମହାପାତ୍ର ଏବଂ ଅଲେଖ ଚନ୍ଦ୍ର ପଡ଼ିଆରୀ ମଧୁବାବୁଙ୍କ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ ସାମ୍ମୁଖ୍ୟର ଆବାହକ ରମାକାନ୍ତ ମିଶ୍ର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବନ୍ଦନା ଗାନ କରିଥିବାବେଳେ ପରିଚାଳନା କମିଟି ସଭ୍ୟା ସୌଦାମିନୀ ସାମନ୍ତରାୟ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ।କୋଷାଧ୍ୟକ୍ଷ ଡ. ଚକ୍ରଧର ଦାଶ ଧନ୍ୟବାଦ ଦେଇଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାମଣିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଟାଙ୍ଗୀ,୩୦।୪(ରଘୁନାଥ ସାହୁ)

ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାମଣି ମଙ୍ଗରାଜଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ବିଶ୍ୱଜିତ୍ ପଲାଇଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ପୁରାତନ ଛାତ୍ର ସଂସଦ ସଭାପତି ପଦ୍ମନାଭ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିସ୍ନା ମାନ୍ଧାତା, ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ ସାହୁ, ପୁରାତନ ଛାତ୍ର ସଂସଦ ସମ୍ପାଦକ ବିଜୟ ରାଉତ, ପରିଚାଳନା କମିଟି ସଭାପତି ଗଣେଶ ବାରିକ, ଖୋର୍ଦ୍ଧା ଜିଲା ଓଷ୍ଟା ସମ୍ପାଦକ ସୁଧାକର ମହାପାତ୍ର, ଡା. ମଧୁସୂଦନ ସେନାପତି, ଡା. ଶରତ ଚନ୍ଦ୍ର ଜୟସିଂ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ମଙ୍ଗରାଜଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପ୍ରୋଭିଜନାଲ ପେନ୍‌ସନପତ୍ର ବିଇଓ ସାହୁ ପ୍ରଦାନ କରିଥିଲେ। ସୁଦର୍ଶନ ବେହେରା, ଅନିରୁଦ୍ଧ ସେଠୀ, ସରିତା ଜୟନ୍ତୀ ଦାସ, ପ୍ରଜ୍ଞା ପ୍ରିୟଦର୍ଶିନୀ ପରିଡ଼ା, ରଶ୍ମିତା ବେହେରା, ମମତା ଦାଶ, କିଶୋର ପରମଗୁରୁ, ସୂର୍ଯ୍ୟକାନ୍ତି ଜେନା, ବିଦେଶିନୀ ମିଶ୍ର, ଲିଙ୍ଗରାଜ ସାହୁ, ମହେଶ୍ୱର ପ୍ରଧାନ, ସାରଙ୍ଗଧର ପାଲଟାସିଂ, ରମେଶ ବଳବନ୍ତରାୟ, ରଘୁନାଥ ସାହୁ, ଆଇନଜୀବୀ ବିଶ୍ୱଜିତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଭୂମିହୀନ ଉଦୟନାଥଙ୍କୁ ମିଳିଲା ଜମି ପଟ୍ଟା



ପ୍ରଶାସନିକ ଅଧିକାରୀମାନେ ଉଦୟନାଥ ବେହେରାଙ୍କୁ ଜମିପଟ୍ଟା ପ୍ରଦାନ କରୁଛନ୍ତି।

ବୋଲଗଡ,୩୦।୪(ଦେବବ୍ରତ ହୋତା)

ସରକାର ଲୋକଙ୍କ ହିତରେ ଅନେକ ଜନକଲ୍ୟାଣ ଯୋଜନା ପ୍ରଣୟନ କରୁଛନ୍ତି। ସ୍ଥାନୀୟ ଅଧିକାରୀଙ୍କ ଅବହେଳା ଯୋଗୁ ସାଧାରଣ ହିତାଧିକାରୀ ହଇରାଣ ହେଉଛନ୍ତି। ଖୋର୍ଦ୍ଧା ଜିଲା ବୋଲଗଡ଼ ତହସିଲ ଅଧୀନ ସଂପୁର ଗ୍ରାମର ହରିରାଜପୁର ୱାର୍ଡ ଭୂମିହୀନ ଉଦୟନାଥ ବେହେରା (୫୦)ଙ୍କ କ୍ଷେତ୍ରରେ ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି। ଉଦୟନାଥ ଭୂମିହୀନ ହୋଇଥିବାରୁ ତାଙ୍କୁ ସରକାରୀ ଯୋଜନାରେ ଘର ନିର୍ମାଣ ପାଇଁ ସହାୟତା ମିଳିପାରୁ ନ ଥିବା ବେଳେ କୌଣସି ସରକାରୀ ସହାୟତା ଆବେଦନରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ସରକାରୀ ସହାୟତା ପାଇଁ ସେ ସ୍ଥାନୀୟ ବ୍ଲକଠାରୁ ତହସିଲ ଏବଂ ସରପଞ୍ଚଙ୍କୁ ବାରମ୍ବାର ଗୁହାରି କଲେ ମଧ୍ୟ କିଛି ସୁଫଳ ମିଳୁନଥିଲା। ଏନେଇ ଗ୍ରାମର ସାମାଜିକକର୍ମୀ ନିରଞ୍ଜନ ନାୟକଙ୍କ ଉଦ୍ୟମକ୍ରମେ ଉଦୟନାଥଙ୍କୁ ଗୃହ ନିର୍ମାଣ ପାଇଁ ଭୂମି ପ୍ରଦାନ ଓ ତାଙ୍କ ଦିବ୍ୟାଙ୍ଗ ସ୍ତ୍ରୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ତହସିଲ, ବ୍ଲକ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଶାସନ ପକ୍ଷରୁ ଗୁରୁବାର ଉଦୟନାଥଙ୍କୁ ୪୦ ଡିସିମିଲ ଜାଗା ପ୍ରଦାନ କରାଯାଇଛି। ସ୍ଥାନୀୟ ତହସିଲଦାର ବିଜୟ କୁମାର ସେଠୀ କର୍ମଚାରୀଙ୍କ ସହ ସଂପୁର ଗ୍ରାମରେ ପହଞ୍ଚି ଉଦୟନାଥଙ୍କୁ ନିକଟସ୍ଥ ଯୋଡ଼ାପଡା ମୌଜାରେ ଥିବା ଏକ ସରକାରୀ ଜାଗାର ପଟ୍ଟା ପ୍ରଦାନ କରିଛନ୍ତି। ଏବେ ଉଦୟନାଥଙ୍କୁ ଆବାସ ଯୋଜନାରେ ଘର ଯୋଗାଇଦେଲେ ଉପକୃତ ହୋଇପାରନ୍ତେ ବୋଲି ଗ୍ରାମବାସୀ ଏବଂ ସାମାଜିକକର୍ମୀ ନାୟକ ବ୍ଲକ ପ୍ରଶାସନକୁ ଅନୁରୋଧ କରିଛନ୍ତି।

## ଶିକ୍ଷକ ସନ୍ତୋଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଜଟଣୀ,୩୦।୪(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରପରିଷଦ ଅନ୍ତର୍ଗତ ରେଲଙ୍ଗ କଲୋନୀସ୍ଥ ଏନ୍‌ଡିଆର୍‌ସି ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଇଂରାଜୀ ସହକାରୀ ଶିକ୍ଷକ ସନ୍ତୋଷ କୁମାର ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧା ସ୍ୱାଇଁଙ୍କ ନେତୃତ୍ୱରେ ଗୁରୁବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜଟଣୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଅମ୍ବିକା ପ୍ରସାଦ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ବ୍ରଜବନ୍ଧୁ ନାୟକ, ପୂର୍ଣ୍ଣଚନ୍ଦ୍ର ବେହେରା, ସୁଧାକର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଦାୟୀ ଶିକ୍ଷକ ମିଶ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦନା କରାଯାଇଥିଲା। ଶେଷରେ ଶିକ୍ଷକ ମିଟୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଜଗନ୍ନାଥ, ଶ୍ରୀକ୍ଷେତ୍ର ପାଇଁ ବିଶ୍ୱସ୍ତରୀୟ ପଦକ୍ଷେପ ଲୋଡ଼ା

ଭୁବନେଶ୍ୱର,୩୦।୪
(ସୌମ୍ୟରଞ୍ଜନ ରାଉତ)

ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ଓ ଶ୍ରୀକ୍ଷେତ୍ର ପୁରୀକୁ ଆକର୍ଷଣୀୟ ଏବଂ ଶୃଙ୍ଖଳାମୟ କରି ଗଢ଼ି ତୋଳିବାକୁ ସଂଘବଦ୍ଧ ଉଦ୍ୟମ ଏକାନ୍ତ ଆବଶ୍ୟକ। ଶ୍ରୀଜଗନ୍ନାଥଙ୍କ ପୁରୁଷୋତ୍ତମ କ୍ଷେତ୍ର ବିଶ୍ୱର ପ୍ରମୁଖ ପୀଠ ଭାବେ ଗଣା ହେଉଥିଲେ ମଧ୍ୟ ଏହା ବାସ୍ତବରେ ବିଶ୍ୱସ୍ତରୀୟ ହୋଇପାରିଲେ ଭକ୍ତଗଣ ଶ୍ରୀମନ୍ଦିରର ସମସ୍ତ ଦେବଦେବୀ ଓ ଶ୍ରୀକ୍ଷେତ୍ରର ସମସ୍ତ ତୀର୍ଥସ୍ଥାନ ଦର୍ଶନ କରି ଧନ୍ୟ ମନେକରିବେ। ଶ୍ରୀମନ୍ଦିରରେ ଦିନକୁଦିନ ଭକ୍ତଙ୍କ ସଂଖ୍ୟା ବଢ଼ୁଥିବାରୁ ଶୃଙ୍ଖଳିତ ଦର୍ଶନ ଏକ ବଡ଼ ସମସ୍ୟା ରୂପେ ମୁଣ୍ଡ ଟେକିଛି ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି। ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ପକ୍ଷରୁ ୨୧୫ତମ ଆଲୋଚନାଚକ୍ର 'ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରରେ ସଂସ୍କାର' ଗୁରୁବାର ବିଦ୍ୟାଭବନଠାରେ ମଞ୍ଚ ଅଧ୍ୟକ୍ଷ ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରି କହିଲେ, ଶ୍ରୀଜଗନ୍ନାଥ ବିଶ୍ୱର ଠାକୁର। ତାଙ୍କ ପାଇଁ ବିଶ୍ୱସ୍ତରୀୟ ପଦକ୍ଷେପ ନେଲେ ଓଡ଼ିଶା ବିଶ୍ୱସ୍ତରରେ ଉଚ୍ଚ ଆସନରେ ରହିବ। ସେଥିପାଇଁ ପ୍ରଶାସନଠାରୁ ଆରମ୍ଭ କରି ସେବାୟତ ଏବଂ ରାଜନୈତିକ ଇଚ୍ଛାଶକ୍ତି ଏକାନ୍ତ ଆବଶ୍ୟକ ବୋଲି ସେ କହିଥିଲେ। ମୁଖ୍ୟ ଅତିଥି ରୂପେ ଯୋଗଦେଇ ପୂର୍ବତନ ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ, ସମୟ ଅନୁସାରେ ନୀତି ନିର୍ଘଣ୍ଟ, ଶ୍ରୀମନ୍ଦିରରେ ବହୁ ବିଲୁପ୍ତ ସେବାର ପୁନଃ ବିଚାର କରି ଆବଶ୍ୟକ ପରିବର୍ତ୍ତନ ଆଣିବାକୁ ମତ ରଖିବା ସହ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥକ୍ଷେତ୍ରର ପୁନରୁଦ୍ଧାର ଓ ରକ୍ଷଣାବେକ୍ଷଣ ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ଅସିତ୍ ମହାନ୍ତି, ଶକୁନ୍ତଳା ବଳିୟାରସିଂ, ବାବାଜୀ ବିଶ୍ୱାଳ, ସୁନାରାମ ସିଂହ, ମଞ୍ଜୁଳା ତ୍ରିପାଠୀ ଓ ନିଶାକର ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ରଫେସର ହରେକୃଷ୍ଣ ଶତପଥୀଙ୍କୁ ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ ପକ୍ଷରୁ 'ଶ୍ରୀଜଗନ୍ନାଥ ସମ୍ମାନ' ପ୍ରଦାନ କରାଯାଇଥିଲା। ମଞ୍ଚର ସମ୍ପାଦକ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ। ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

## ODISHA PUBLIC SERVICE COMMISSION

Loka Seva Ayog Bhavan, Cuttack

**NOTICE**

**No. 2425 /P.S.C., Dt : 30.04.2026**
**(2PG-03-26/27, DR-I)**

**Programme of Personality Test & Document Verification for OCSE-2024, Advt. No. 07 of 2024-25**

**No.12001/15/2627** : It is for information of all **385 (155-w)** provisionally qualified candidates of OCS Main (Written) Examination-2024 that, the **Personality Test & Document Verification** of Odisha Civil Services, 2024, pursuant to Advt. No. 07 of 2024-25 will be held from **14.05.2026 to 20.05.2026 (except 16.05.2026)** in the Office of Commission, at 19, Dr. P.K. Parija Road, Cuttack-753001 as per the programme detailed below: -

| Sl. No. | Roll No. of Candidates | Date of Personality Test & Document Verification | Session of Personality Test & Document Verification |
|---|---|---|---|
| 1 | 2 | 3 | 4 |
| 1. | 100029, 100445, 103509, 103684, 104276, 104619, 104816, 105355, 105438, 105615, 105970, 106538, 106878, 106882, 107490, 107597, 107860, 108496, 108777, 109012, 110213, 110334, 110582, 110724, 110765, 110779, 111926, 112214, 112524, 112899, 113158, 113663, 113688, 113951, 114255, 200027, 200065, 200188, 200296, 200443 **= 40 candidates** | 14.05.2026 | Forenoon Session |
| | 200491, 200519, 200567, 200770, 200820,200830, 201240, 201257, 201314, 201383, 201454, 201518, 201566, 201608, 201683, 201711, 202277, 202452, 202526, 202591, 202667, 202681, 202683, 202752 **= 24 candidates** | | Afternoon Session |
| 2. | 202832, 202889, 203054, 203073, 203151, 203257, 203294, 203356, 203383, 203418, 203639, 203649, 204157, 204166, 204355, 204397, 204454, 204476, 204699, 204708, 204743, 204797, 204942, 205066, 205067, 205087, 205317, 205425, 205477, 205726, 205857, 205941, 205974, 206015, 206517, 206565, 206574, 206590, 206666, 206772 **= 40 candidates** | 15.05.2026 | Forenoon Session |
| | 207197, 207241, 207553, 207597, 207892, 208077, 208114, 208502, 208872, 208916, 209122, 210050, 210088, 210279, 210566, 210786, 210865, 210991, 211355, 211445, 211475, 211550, 211623, 212201 **= 24 candidates** | | Afternoon Session |
| 3. | 212219, 212317, 212378, 212629, 212707, 212857, 212959, 212978, 213216, 213430, 213563, 213942, 214003, 214291, 214472, 214706, 214803, 214805, 214920, 215049, 215086, 215352, 215422, 215704, 215957, 216242, 216700, 217561, 217625, 218046, 218075, 218263, 218297, 218427, 218452, 218548, 218554, 219010, 219122, 219175 **= 40 candidates** | 17.05.2026 | Forenoon Session |
| | 219540, 219957, 220038, 220060, 220248, 220334, 220544, 220728, 220783, 220790, 221128, 221478, 221515, 221986, 222448, 222747, 222847, 223290, 223339, 223369, 223478, 223610, 223658, 223701 **= 24 candidates** | | Afternoon Session |
| 4. | 224041, 224097, 224170, 224794, 225271, 225671, 225810, 226298, 226424, 226800, 226874, 226911, 226963, 227121, 227147, 227598, 227830, 227936, 228586, 228715, 228872, 228910, 229100, 229252, 229430, 229446, 229587, 229859, 229934, 229948, 230231, 230584, 230615, 230801, 230945, 230963, 231106, 231118, 231484, 231771 **= 40 candidates** | 18.05.2026 | Forenoon Session |
| | 231841, 232123, 232183, 232190, 232251, 232851, 233040, 233274, 233544, 233564, 233579, 233854, 233928, 234118, 234543, 234879, 235390, 235430, 235506, 235639, 235733, 235817, 235858, 235963 **= 24 candidates** | | Afternoon Session |
| 5. | 236064, 236163, 236221, 236270, 236367, 236550, 236586, 236595, 236672, 236697, 236810, 237296, 237440, 237499, 237618, 237723, 238071, 301277, 301568, 301642, 301998, 302024, 302804, 303001, 303933, 304021, 304250, 304614, 304735, 305062, 305160, 305221, 305238, 400313, 400447, 400476, 400604, 400627, 400694, 400777 **= 40 candidates** | 19.05.2026 | Forenoon Session |
| | 402070, 402222, 402227, 402297, 402315, 402422, 402895, 403106, 403569, 403855, 404123, 404716, 404766, 404771, 406059, 406224, 406244, 406943, 407132, 407455, 407542, 407730, 407858, 407896 **= 24 candidates** | | Afternoon Session |
| 6. | 408435, 408656, 408757, 408917, 409277, 409482, 409516, 409582, 409784, 409856, 409906, 409926, 409973, 410037, 410068, 410415, 410475, 410617, 410656, 410743, 410789, 411154, 411159, 411276, 411528, 411905, 500109, 500695, 500776, 501330, 502402, 502637, 502839, 502869, 502913, 502918, 502999, 503216, 503325, 503337 **= 40 candidates** | 20.05.2026 | Forenoon Session |
| | 503929, 504457, 505197, 505779, 506134, 506652, 506727, 506745, 507289, 600557, 600560, 600592, 600891, 601979, 602314, 603666, 604247, 604601, 604791, 605479, 605714, 606183, 606240, 607098, 607322 **= 25 candidates** | | Afternoon Session |

**N.B.:- THE TIME OF REPORTING, DRAWING OF LOTS, TIME OF DOCUMENT VERIFICATION & TIME OF PERSONALITY TEST IN RESPECT OF FORENOON SESSION AND AFTERNOON SESSION ARE MENTIONED BELOW :**

| Session | Time of Reporting | Drawing of Lots | Time of Document Verification | Time of Personality test |
|---|---|---|---|---|
| Forenoon session | 07.45 A.M. | 08.15 A.M. | 08.30 A.M. | 10.30 A.M. |
| Afternoon session | 11.45 A.M. | 12.15 P.M. | 12.30 P.M. | 02.30 P.M |

It is also made clear that, the candidature of these candidates for the recruitment is purely provisional. The candidature is liable to rejection in the event of inadequacy/deficiency found at any stage before or after the verification of Original Certificate /Documents and is subject to fulfillment of terms and conditions laid down in the Advertisement.

Mere participation in the Document Verification does not reserve any right to appear in the Interview. The candidates shall be allowed to the Interview on the scheduled date & time mentioned above subject to fulfillment of their eligibility in all respect as per verification of Original Certificate /Documents. The decision of the Commission thereon shall be final.

The candidates are required to produce the following Original Documents along with a set of self-attested photocopies of all Certificates/Documents at the time of Document Verification failing which their candidature will be rejected.

1. **Hard copy** of Online Application Form duly signed in **mentioning Roll No. at the Top Right-Hand Corner**.
2. **Attestation Form, Bio Data Form**.
   (To be downloaded from the website of the Commission)
3. **H.S.C. Or Equivalent Certificate** in support of declaration of age.
4. **Intermediate/+2 Examination Certificate** issued by the concerned **Board/ Council**.
5. **Bachelor's Degree Certificate** issued by the concerned University. If any candidate claims to possess qualification, equivalent to the prescribed qualifications, the rule/ authority (with number & date) under which it is so treated must be furnished.
6. Mark sheets of all Semesters / Annual Examination in support of all the aforesaid Examinations (H.S.C. to Bachelor's Degree) passed including fail marks, if any, issued by the Board/Council/University concerned.
7. Conversion Certificate/Conversion Formula (CGPA to Percentage), wherever applicable.
8. **Odia Test Pass Certificate**.
9. **Caste Certificate by Birth** in support of claim as SC/ST/SEBC issued by the Competent Authority within the closing date of Online Application. SEBC Certificate must be issued within the last three years from the closing date for submission of Online Application Form.
10. **Sports Certificate/Identity Card** issued by Director of Sports, Odisha, if any.
11. **Permanent Disability Certificate** (including Percentage of Disability i.e. 40% or more) issued by the concerned Medical Board, wherever applicable.
12. **Discharge Certificate** issued by the Commanding Officer of the Unit last served in case of Ex-servicemen candidates.
    Further, Ex-Servicemen candidates must submit a **Court Affidavit** in the format annexed at Annexure-A, undertaking that he/she has not been appointed against any regular Civil Post or Civil Service under the Govt. of Odisha after retirement from military service.
13. A **declaration** regarding the number of attempts exercised by the candidates in the OCS Examination in the format annexed at Annexure-B.
14. **Four recent passport size photographs**, which have been uploaded with the Online Application Form.
15. **No Objection Certificate** (in case of in-service candidates), wherever applicable.
16. **Any document in support of identity**. (Aadhar/EPIC/DL/Passport/Pan Card).
17. **Any other relevant documents as per Para-10 of the Advertisement**.

The candidates are required to mention **"Submitted by me and Certified as genuine and has not been cancelled"** and put their full signature and date on the photocopies of Certificates/Documents.

**Procedure before Interview :-**

i. **For transparency measures, allotment of the Interview Board will be on the basis of a draw of lots by each candidate in the presence of all candidates.**
ii. **The draw of lots for the 1st sitting will be held in the Reception Hall at 8.15 A.M. and 2nd Sitting at 12.15 P.M.**
iii. **Candidates who do not turn up before the closure of the draw of lots will be allotted Boards through the draw of lots by any one of the candidates present.**
iv. **Like all other Interviews conducted by OPSC, this Interview process is also identity less and any personal particulars like Name, Roll Number or any information which might divulge the identity of candidates are not disclosed to the Interview Board. The candidate will appear for the Interview with a Code Number randomly generated through the system.**

**OIPR-12001/12002/1/26-27/0007** **Sd./- Secretary**

# ପ୍ରସ୍ତାବିତ ବନ୍ଦର ବିରୋଧରେ ବିସ୍ଥାପିତଙ୍କ ମେଳି

## 'ମରିବୁ ପଛେ ଭିଟାମାଟି ଛାଡ଼ିବୁ ନାହିଁ'

ଅସ୍ତରଙ୍ଗ,୩୦।୪ (ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)




ପୀରଜାହାନିଆ ପୀଠରେ ଅଞ୍ଚଳବାସୀ ବିରୋଧ ପ୍ରଦର୍ଶନ କରୁଛନ୍ତି।

ପୁରୀ ଜିଲା ଅସ୍ତରଙ୍ଗ ଦେବୀ ନଦୀ ମୁହାଣ ଦକ୍ଷିଣ ପାର୍ଶ୍ୱରେ ପ୍ରସ୍ତାବିତ ବନ୍ଦରକୁ ଅଞ୍ଚଳବାସୀ ବିରୋଧ କରିଆସୁଛନ୍ତି। ଗୁରୁବାର ଅପରାହ୍ନରେ ପୀର ଜାହାନିଆ ପୀଠରେ ପୀରଜାହାନିଆ ଭିଟାମାଟି ସୁରକ୍ଷା ମଞ୍ଚ ପକ୍ଷରୁ ନିଜ ଭିଟାମାଟି ସୁରକ୍ଷା ପାଇଁ ସ୍ୱତନ୍ତ୍ର ବୈଠକ ହେବା ସହ ପୁନର୍ବାର ଅଞ୍ଚଳବାସୀ ଏକତ୍ରିତ ହୋଇ ପ୍ରସ୍ତାବିତ ବନ୍ଦରକୁ ବିରୋଧ ପ୍ରଦର୍ଶନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମଞ୍ଚ ସଭାପତି ପ୍ରଫୁଲ୍ଲ କୁମାର ବିଶ୍ୱାଳ, ସ୍ଥାନୀୟ ସରପଞ୍ଚ କ୍ଷୀରୋଦ କୁମାର କାଣ୍ଡି, ସୁରେନ୍ଦ୍ର କୁମାର ସ୍ୱାଇଁ ଓ କୃଷ୍ଣଚନ୍ଦ୍ର ବିଶ୍ୱାଳଙ୍କ ସମେତ ବିସ୍ଥାପିତ ହେଉଥିବା ୮ଟି ମୌଜାର ଶତାଧିକ ଗ୍ରାମବାସୀ ଯୋଗଦେଇଥିଲେ। ଜୀବିକା ପାଇଁ ଧାନ, ପାନ ଓ ମୀନ ଉପରେ ନିର୍ଭର କରୁଥିବା ଏଠାକାର ଲୋକେ 'ମରିବୁ ପଛେ, ନିଜ ଭିଟାମାଟିକୁ ଛାଡ଼ିବୁ ନାହିଁ' ବୋଲି ରୋକ୍‌ଠୋକ୍ କହିଛନ୍ତି।

ସୂଚନା ଅନୁଯାୟୀ, ପ୍ରସ୍ତାବିତ ବନ୍ଦର ପାଇଁ ଗତବର୍ଷ ସେପ୍ଟେମ୍ବର ୧୩ରେ ଅସ୍ତରଙ୍ଗ ବ୍ଲକ ପଡ଼ିଆରେ ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ହୋଇଥିଲା। ପୁନର୍ବାର ଚଳିତବର୍ଷ ଜାନୁଆରୀ ୨୧ ଓ ୨୩ ତାରିଖରେ ଜନଶୁଣାଣି କରାଯାଇଥିଲା। ବିସ୍ଥାପିତ ହେବାକୁ ଥିବା ଗ୍ରାମବାସୀ ଏହି ଜନଶୁଣାଣିରେ ଉପସ୍ଥିତ ରହି ପ୍ରସ୍ତାବିତ ବନ୍ଦରକୁ ବିରୋଧ କରିଥିଲେ। ଜୈବ ବିବିଧତା ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ଅସ୍ତରଙ୍ଗ ଅଞ୍ଚଳକୁ ପ୍ରତିବର୍ଷ ବିଦେଶାଗତ ପକ୍ଷୀଙ୍କ ସମାଗମ ହେଉଛି। ସେହିପରି ଏହି ଅଞ୍ଚଳ ଅଲିଭ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନସ୍ଥଳୀ ଭାବେ ପରିଚିତ। ସ୍ଥାନୀୟ ଲୋକେ ନିଜ ପରିବାର ପ୍ରତିପୋଷଣ ପାଇଁ ଧାନ, ପାନ ଓ ମୀନ ଉପରେ ନିର୍ଭର କରନ୍ତି। ଏଠାରେ ବନ୍ଦର ହେଲେ ଜୀବିକା ପ୍ରଭାବିତ ହେବା ସହ ଅନେକ ସମସ୍ୟା ସୃଷ୍ଟିହେବ ବୋଲି ଜନଶୁଣାଣିରେ ପ୍ରକାଶ କରିଥିଲେ। ଏହାସତ୍ତ୍ୱେ ପ୍ରଶାସନ ପକ୍ଷରୁ ସର୍ଭେ କରାଯାଉଥିବା ଜଣାପଡ଼ିବା ପରେ ଗୁରୁବାର ପୀରଜାହାନିଆ ପୀଠରେ ପୀରଜାହାନିଆ ଭିଟାମାଟି ସୁରକ୍ଷା ମଞ୍ଚ ପକ୍ଷରୁ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମଞ୍ଚର ସଭାପତି ପ୍ରଫୁଲ୍ଲ କୁମାର ବିଶ୍ୱାଳ ସଭାପତିତ୍ୱ କରି ବିସ୍ଥାପିତ ହେଉଥିବା ବିଭିନ୍ନ ଗ୍ରାମକୁ କିଛିଦିନ ହେଲା ସରକାରୀ କର୍ମଚାରୀମାନେ ଯାଇ ସର୍ଭେ କରୁଥିବା ସେ ଜାଣିବାକୁ ପାଇଥିବା କହିଥିଲେ। ତେଣୁ ଏହାକୁ ନେଇ ପୁନର୍ବାର ଅଞ୍ଚଳବାସୀ ଏକତ୍ରିତ ହୋଇଥିଲେ। 'ଜୀବନ ଚାଲିଯିବ ପଛେ ନିଜ ଭିଟାମାଟିକୁ ଛାଡ଼ିବୁ ନାହିଁ' ବୋଲି ବିସ୍ଥାପିତମାନେ ଏକ ସ୍ୱରରେ କହି ବିରୋଧ ପ୍ରଦର୍ଶନ କରିଥିଲେ।

## ସଂକ୍ଷେପରେ

### ନୃସିଂହ ଜନ୍ମ ଉତ୍ସବ ପାଳିତ



ସାକ୍ଷୀଗୋପାଳ,୩୦।୪ (ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଜୀପୁର ଗ୍ରାମରେ ନୃସିଂହ ଚତୁର୍ଦ୍ଦଶୀ ଉତ୍ସବ ପାଳିତ ହୋଇଯାଇଛି। ଠାକୁରଙ୍କୁ ପ୍ରାତଃ ସ୍ନାନ, ମଙ୍ଗଳ ଆଳତି, ଅଭିଷେକ ସାଙ୍ଗକୁ ସନ୍ଧ୍ୟାରେ ନୃସିଂହ ଜନ୍ମ ପାଳନ, ହୋମ, ପୂର୍ଣ୍ଣାହୁତି, ଆଳତି ଆଦି ବିଧି ଯଥାରୀତି ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଲକ୍ଷ୍ମୀନୃସିଂହଙ୍କ ପ୍ରିୟଭୋଗ ଭାବେ ଦହି ପଖାଳ ଉପସ୍ଥିତ ଭକ୍ତଙ୍କୁ ବଣ୍ଟାଯାଇଥିଲା। ଏହି ଅବସରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ପ୍ରଭୁ ନୃସିଂହଙ୍କ ଅଧାରିତ ବିଷୟବସ୍ତୁ ପରିବେଷଣ କରାଯାଇଥିଲା। ଶେଷରେ ଠାକୁରଙ୍କୁ ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଂଶୁମାନ ରଥ, ରତିକାନ୍ତ ରଥ, ସୂର୍ଯ୍ୟକାନ୍ତ ରଥ, ସନ୍ତୋଷ କୁମାର ରଥ, ଶ୍ରୀନିବାସ ରଥ, ସାରଦା ପ୍ରସନ୍ନ ରଥ, ରାକେଶ ରୋଶନ ରଥ, ନରେଶ ତ୍ରିପାଠୀ, ରମାକାନ୍ତ ରଥ, ଅମ୍ବିକା ପ୍ରସାଦ ରଥ ଏବଂ ଦେବୀପ୍ରସାଦ ଦାସ ପ୍ରମୁଖ ପରିଚାଳନା କରିଥିଲେ।

### ଉତ୍କଳ ଗୌରବ ମଧୁସୂଦନଙ୍କୁ ଭାରତ ରତ୍ନ ଦିଆଯାଉ

କଣାସ, ୩୦।୪ (ବିଭୂତି ଭୂଷଣ ତ୍ରିପାଠୀ)

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଭାରତ ରତ୍ନ ପ୍ରଦାନ କରାଯିବାକୁ କଣାସ ମଣ୍ଡଳ ଉତ୍କଳ ସମ୍ମିଳନୀ ପକ୍ଷରୁ ଦାବି କରାଯାଇଛି। କଣାସ ପଞ୍ଚାୟତର ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଉତ୍କଳ ଗୌରବ ମଧୁସୂଦନଙ୍କ ୧୭୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ସଭାରେ ଅତିଥିମାନେ ଯୋଗଦେଇ ମଧୁବାବୁଙ୍କୁ ଭାରତରତ୍ନ ଦିଆଯିବା ଉଚିତ ବୋଲି କହିଥିଲେ। ନାଟ୍ୟ ଗୌରବ ବିଭୂତି ଭୂଷଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଶିଶୁ ସାହିତ୍ୟିକ ଡ. ହେମନ୍ତ କୁମାର ଛୋଟରାୟ ମୁଖ୍ୟ ଅତିଥି ଭାବେ ଭାବେ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷୟତ୍ରୀ ରୂପଶ୍ରୀ ଛୋଟରାୟ, ବିଶ୍ୱନାଥ ବେହେରା, ଅର୍ଚ୍ଚନା ପୁରୋହିତ, ମମତା ସାହୁ, ଚମ୍ପାମଣି ପ୍ରଧାନ, ତନ୍ଦ୍ରାବତୀ ପଟ୍ଟନାୟକ, ବନଲତା ସ୍ୱାଇଁ, ଜ୍ୟୋତ୍ସ୍ନାରାଣୀ ପ୍ରହରାଜ, ସୁବଳ ରାଉତ, ଧନେଶ୍ୱର ବରାଳ, କାର୍ତ୍ତିକ ସାହୁ ଓ ଲିଙ୍ଗରାଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଲିଙ୍ଗରାଜ ପରିଡା ସମ୍ପାଦକୀୟ ଅଭିଭାଷଣ ଓ ହଟ କିଶୋର ସାହୁ ଧନ୍ୟବାଦ ଦେଇଥିଲେ। ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖ ମଧୁବାବୁଙ୍କ ପ୍ରତିମୂର୍ତ୍ତି ଓ ବିଦ୍ୟାଳୟ ପରିସରସ୍ଥ ବନମାଳୀ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ଗ୍ରାମୀଣ ଉଦ୍ୟାନ ଏବେ ସରୀସୃପଙ୍କ ଆଶ୍ରୟସ୍ଥଳୀ

## ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିଲା

ଗୋପ,୩୦।୪ (ଭାରତୀ ଭୂଷଣ ଉପାଧ୍ୟାୟ)



ସରକାର ଗ୍ରାମାଞ୍ଚଳରେ ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ଗ୍ରାମୀଣ ଉଦ୍ୟାନ କରିଥିଲେ। ଗୋପ ବ୍ଲକ ଅନ୍ତର୍ଗତ ବୀରତୁଙ୍ଗ ପଞ୍ଚାୟତରେ ଏକ ଗ୍ରାମୀଣ ଉଦ୍ୟାନ ନିର୍ମାଣ କରାଯାଇଥିଲା। ତେବେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ଉଦ୍ୟାନ ରକ୍ଷଣାବେକ୍ଷଣ ଅଭାବରୁ ଏବେ ସରୀସୃପଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପଞ୍ଚାୟତ କର୍ତ୍ତୃପକ୍ଷ କିମ୍ବା ବ୍ଲକ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ବୀରତୁଙ୍ଗ ପଞ୍ଚାୟତରେ ୨୦୧୮-୨୦୧୯ ଆର୍ଥିକ ବର୍ଷରେ ଗ୍ରାମୀଣ ଉଦ୍ୟାନ ନିର୍ମାଣ କରାଯାଇଥିଲା। ନିର୍ମାଣ ସମୟରେ ଅଳ୍ପ କିଛି ବୃକ୍ଷରୋପଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ପଞ୍ଚାୟତ ପକ୍ଷରୁ ଏହି ଗ୍ରାମୀଣ ଉଦ୍ୟାନର ଉପଯୁକ୍ତ ରକ୍ଷଣାବେକ୍ଷଣ କରା ନ ଯିବାରୁ ଏହା ନଷ୍ଟ ହେବାକୁ ବସିଛି। ଏଭଳି ଅଭିଯୋଗ ନେଇ ବୀରତୁଙ୍ଗ ସରପଞ୍ଚ ସୁଲୋଚନା ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି, ପଞ୍ଚାୟତରେ ବିଭିନ୍ନ ସରକାରୀ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁନାହିଁ। କାରଣ ପ୍ରତ୍ୟେକ ମାସରେ ପିଇବାପାଣି ଲାଗି ବିଦ୍ୟୁତ ବିଲ୍ ଦେବାକୁ ହେଲେ ବିଭିନ୍ନ ପ୍ରୋଜେକ୍ଟର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ତେଣୁ ଗ୍ରାମୀଣ ଉଦ୍ୟାନ ଲାଗି ଟଙ୍କା କେଉଁଠୁ ଆସିବ ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି।

# ଖେଲାଉରରେ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

ଡେଲାଙ୍ଗ,୩୦।୪ (ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଖେଲାଉର ଗ୍ରାମପଞ୍ଚାୟତର ନୂତନ କଲ୍ୟାଣ ମଣ୍ଡପ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଖେଲାଉର ସରପଞ୍ଚ ସ୍ନେହଲତା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ପ୍ରସନ୍ନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଲ୍ୟାଣ ମଣ୍ଡପକୁ ଉଦ୍‌ଘାଟନ କରିଥିଲେ। ନାଏବ ସରପଞ୍ଚ ମନୋରଞ୍ଜନ ପାଇକରାୟ, ଅରିସଲ ପ୍ରାଥମିକ ସେବା ସମବାୟ ସମିତିର ସଭାପତି ବିପିନ ପଟ୍ଟନାୟକ, ସମିତିସଭ୍ୟ ଭୀମସେନ ପ୍ରଧାନ, ସାମାଜିକ କର୍ମୀ କାଶୀନାଥ ସାହୁ, ବାମଦେବ ନାୟକ, ପ୍ରଣତି ସାହୁ, ମହେନ୍ଦ୍ର ନାୟକ, ଜନ୍ମେଜୟ ପାଟ୍ଟଶାଣୀ, ମମତା ବେହେରା, ବାସନ୍ତୀ ସେନାପତି, ପ୍ରତାପ ବେହେରା, ଶୁଭସ୍ମିତା ଦାସ ଓ ଭାରତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



କଲ୍ୟାଣ ମଣ୍ଡପକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

# 'ସବୁଜ ଶାଖା' ପକ୍ଷରୁ ବଜାର ସଫେଇ

ଅସ୍ତରଙ୍ଗ,୩୦।୪ (ମମତା ଜେନା)

ଅସ୍ତରଙ୍ଗ ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସବୁଜ ଶାଖା' ପକ୍ଷରୁ ବଜାର ସଫେଇ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସବୁଜ ଶାଖା ଉପଦେଷ୍ଟା ତଥା ସାମାଜିକ କର୍ମୀ ଦିବାକର ଛାଟୋଇଙ୍କ ତତ୍ତ୍ୱାବଧାନରେ ଶାଖା ସଭାପତି ରମାକାନ୍ତ ବହିଆ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ପ୍ରଶାନ୍ତ ନାୟକ, ଦୁର୍ଗା ମହାରଣା, କେଳୁ ଚରଣ ଓଝା, ପ୍ରଶାନ୍ତ ମୁଦୁଲି, ପ୍ରଶାନ୍ତ ବେହେରା ପ୍ରମୁଖ ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ପାଖରୁ ମାଛ ହାଟ, ମୁଖ୍ୟ ବଜାର, ମେଡିକାଲ ଛକ, ବ୍ଲକ ପରିସର ଓ ଗ୍ରାମ ମହାବୀର ମନ୍ଦିର ପର୍ଯ୍ୟନ୍ତ ସଫେଇ କରିଥିଲେ। ଦୀର୍ଘ ପାଞ୍ଚବର୍ଷ ହେଲା ଏଭଳି କାର୍ଯ୍ୟକ୍ରମ ପ୍ରତେକ ମାସର ଶେଷ ଗୁରୁବାର ଦିନ କରାଯାଉଛି। ରକ୍ତଦାନ ଶିବିର, ଗରିବ ଏବଂ ଅସହାୟଙ୍କୁ ସହଯୋଗର ହାତ ବଢାଇବା ସହ ଅଞ୍ଚଳର ବିକାଶ ନିମନ୍ତେ ସବୁଜ ଶାଖା ଅନୁଷ୍ଠାନ କାର୍ଯ୍ୟ କରୁଛି ବୋଲି କର୍ମକର୍ତ୍ତାମାନେ କହିଛନ୍ତି।

# ଭାଜପାର ଜନ ଆକ୍ରୋଶ ମହିଳା ସମାବେଶ




ଭାରତୀୟ ଜନତା ପାର୍ଟି କୋଣାର୍କ ମଣ୍ଡଳ ପକ୍ଷରୁ ଆୟୋଜିତ ଜନ ଆକ୍ରୋଶ ମହିଳା ଶୋଭାଯାତ୍ରା ।

କୋଣାର୍କ,୩୦।୪ (ଜ୍ୟୋତିରାଜ ମହାନ୍ତି)

ସଂସଦରେ ବିରୋଧ ଯୋଗୁ ନାରୀଶକ୍ତି ବନ୍ଦନ ଅଧିନିୟମ (ମହିଳା ବିଲ୍) କାଟ୍ ଖାଇବା ପ୍ରତିବାଦରେ ଗୁରୁବାର କୋଣାର୍କରେ ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ବାଇଧର ମଲ୍ଲିକଙ୍କ ନେତୃତ୍ୱରେ ଜନ ଆକ୍ରୋଶ ମହିଳା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। କାକଟପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୋଣାର୍କ ଓ ବାଲିଦୋକାନ ମଣ୍ଡଳର କାର୍ଯ୍ୟକର୍ତ୍ତାମାନେ ଏଥିରେ ସାମିଲହୋଇ କଂଗ୍ରେସ ସମେତ ଇଣ୍ଡିଆ ମେଣ୍ଟ ବିରୋଧରେ ସ୍ଲୋଗାନ ଦେଇ କୋଣାର୍କ ମାଧିପୁର ଛକଠାରୁ ବାହାରି ମେଡିକାଲ ଛକସ୍ଥିତ ଦଳୀୟ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ମେଡିକାଲ ଛକରେ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଲ୍‌କୁ ବିରୋଧ କରିଥିବା କଂଗ୍ରେସ ଓ ବିଜେଡି ଆଦି ବିଭିନ୍ନ ଦଳର ପ୍ରମୁଖ ନେତାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ କୋଣାର୍କ ଭାଜପା ମଣ୍ଡଳ ସଭାପତି ଗୋପୀନାଥ ସ୍ୱାଇଁ, ପୂର୍ବତନ କାଉନସିଲର ରଞ୍ଜିତ ରାଉତରାୟ, ଏମ୍‌ପି ପ୍ରତିନିଧି ମଙ୍ଗରାଜ ମୁଦୁଲି, ସୁକାନ୍ତ କୁମାର ନାୟକ, କାଉନସିଲର ସୌମ୍ୟ ସୌରଭ ଦାଶ, ଦିଲୀପ ଦାସ, ଜିଲା ସାଧାରଣ ସମ୍ପାଦକ ରଶ୍ମିରଞ୍ଜନ ବିଶ୍ୱାଳ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ମନୋଜ କୁମାର ନାୟକ, ମଣ୍ଡଳ ମହିଳା ସଭାନେତ୍ରୀ ଚନ୍ଦ୍ରିକା ରାଉତରାୟ, ସମ୍ପାଦିକା ସବିତା ରଥ, ରଶ୍ମି ଗୋଚ୍ଛାୟତଙ୍କ ସମେତ ଭାଜପା ମହିଳା ମୋର୍ଚ୍ଚାର ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।


# ODISHA PUBLIC SERVICE COMMISSION

Loka Seva Ayog Bhavan, Cuttack

## NOTICE

No. 2425 /P.S.C., Dt : 30.04.2026
(2PG-03-26/27, DR-I)

**Programme of Personality Test & Document Verification for OCSE-2024, Advt. No. 07 of 2024-25**

**No.12001/15/2627** : It is for information of all **385 (155-w)** provisionally qualified candidates of OCS Main (Written) Examination-2024 that, the **Personality Test & Document Verification** of Odisha Civil Services, 2024, pursuant to Advt. No. 07 of 2024-25 will be held from **14.05.2026 to 20.05.2026 (except 16.05.2026)** in the Office of Commission, at 19, Dr. P.K. Parija Road, Cuttack-753001 as per the programme detailed below: -

| Sl. No. | Roll No. of Candidates | Date of Personality Test & Document Verification | Session of Personality Test & Document Verification |
|---|---|---|---|
| 1 | 2 | 3 | 4 |
| 1. | 100029, 100445, 103509, 103684, 104276, 104619, 104816, 105355, 105438, 105615, 105970, 106538, 106878, 106882, 107490, 107597, 107860, 108496, 108777, 109012, 110213, 110334, 110582, 110724, 110765, 110779, 111926, 112214, 112524, 112899, 113158, 113663, 113688, 113951, 114255, 200027, 200065, 200188, 200296, 200443 **= 40 candidates** | 14.05.2026 | Forenoon Session |
| | 200491, 200519, 200567, 200770, 200820,200830, 201240, 201257, 201314, 201383, 201454, 201518, 201566, 201608, 201683, 201711, 202277, 202452, 202526, 202591, 202667, 202681, 202683, 202752 **= 24 candidates** | | Afternoon Session |
| 2. | 202832, 202889, 203054, 203073, 203151, 203257, 203294, 203356, 203383, 203418, 203639, 203649, 204157, 204166, 204355, 204397, 204454, 204476, 204699, 204708, 204743, 204797, 204942, 205066, 205067, 205087, 205317, 205425, 205477, 205726, 205857, 205941, 205974, 206015, 206517, 206565, 206574, 206590, 206666, 206772 **= 40 candidates** | 15.05.2026 | Forenoon Session |
| | 207197, 207241, 207553, 207597, 207892, 208077, 208114, 208502, 208872, 208916, 209122, 210050, 210088, 210279, 210566, 210786, 210865, 210991, 211355, 211445, 211475, 211550, 211623, 212201 **= 24 candidates** | | Afternoon Session |
| 3. | 212219, 212317, 212378, 212629, 212707, 212857, 212959, 212978, 213216, 213430, 213563, 213942, 214003, 214291, 214472, 214706, 214803, 214805, 214920, 215049, 215086, 215352, 215422, 215704, 215957, 216242, 216700, 217561, 217625, 218046, 218075, 218263, 218297, 218427, 218452, 218548, 218554, 219010, 219122, 219175 **= 40 candidates** | 17.05.2026 | Forenoon Session |
| | 219540, 219957, 220038, 220060, 220248, 220334, 220544, 220728, 220783, 220790, 221128, 221478, 221515, 221986, 222448, 222747, 222847, 223290, 223339, 223369, 223478, 223610, 223658, 223701 **= 24 candidates** | | Afternoon Session |
| 4. | 224041, 224097, 224170, 224794, 225271, 225671, 225810, 226298, 226424, 226800, 226874, 226911, 226963, 227121, 227147, 227598, 227830, 227936, 228586, 228715, 228872, 228910, 229100, 229252, 229430, 229446, 229587, 229859, 229934, 229948, 230231, 230584, 230615, 230801, 230945, 230963, 231106, 231118, 231484, 231771 **= 40 candidates** | 18.05.2026 | Forenoon Session |
| | 231841, 232123, 232183, 232190, 232251, 232851, 233040, 233274, 233544, 233564, 233579, 233854, 233928, 234118, 234543, 234879, 235390, 235430, 235506, 235639, 235733, 235817, 235858, 235963 **= 24 candidates** | | Afternoon Session |
| 5. | 236064, 236163, 236221, 236270, 236367, 236550, 236586, 236595, 236672, 236697, 236810, 237296, 237440, 237499, 237618, 237723, 238071, 301277, 301568, 301642, 301998, 302024, 302804, 303001, 303933, 304021, 304250, 304614, 304735, 305062, 305160, 305221, 305238, 400313, 400447, 400476, 400604, 400627, 400694, 400777 **= 40 candidates** | 19.05.2026 | Forenoon Session |
| | 402070, 402222, 402227, 402297, 402315, 402422, 402895, 403106, 403569, 403855, 404123, 404716, 404766, 404771, 406059, 406224, 406244, 406943, 407132, 407455, 407542, 407730, 407858, 407896 **= 24 candidates** | | Afternoon Session |
| 6. | 408435, 408656, 408757, 408917, 409277, 409482, 409516, 409582, 409784, 409856, 409906, 409926, 409973, 410037, 410068, 410415, 410475, 410617, 410656, 410743, 410789, 411154, 411159, 411276, 411528, 411905, 500109, 500695, 500776, 501330, 502402, 502637, 502839, 502869, 502913, 502918, 502999, 503216, 503325, 503337 **= 40 candidates** | 20.05.2026 | Forenoon Session |
| | 503929, 504457, 505197, 505779, 506134, 506652, 506727, 506745, 507289, 600557, 600560, 600592, 600891, 601979, 602314, 603666, 604247, 604601, 604791, 605479, 605714, 606183, 606240, 607098, 607322 **= 25 candidates** | | Afternoon Session |

**N.B.:- THE TIME OF REPORTING, DRAWING OF LOTS, TIME OF DOCUMENT VERIFICATION & TIME OF PERSONALITY TEST IN RESPECT OF FORENOON SESSION AND AFTERNOON SESSION ARE MENTIONED BELOW :**

| Session | Time of Reporting | Drawing of Lots | Time of Document Verification | Time of Personality test |
|---|---|---|---|---|
| Forenoon session | 07.45 A.M. | 08.15 A.M. | 08.30 A.M. | 10.30 A.M. |
| Afternoon session | 11.45 A.M. | 12.15 P.M. | 12.30 P.M. | 02.30 P.M |

It is also made clear that, the candidature of these candidates for the recruitment is purely provisional. The candidature is liable to rejection in the event of inadequacy/deficiency found at any stage before or after the verification of Original Certificate /Documents and is subject to fulfillment of terms and conditions laid down in the Advertisement.

Mere participation in the Document Verification does not reserve any right to appear in the Interview. The candidates shall be allowed to the Interview on the scheduled date & time mentioned above subject to fulfillment of their eligibility in all respect as per verification of Original Certificate /Documents. The decision of the Commission thereon shall be final.

The candidates are required to produce the following Original Documents along with a set of self-attested photocopies of all Certificates/Documents at the time of Document Verification failing which their candidature will be rejected.

1. **Hard copy** of Online Application Form duly signed in **mentioning Roll No. at the Top Right-Hand Corner**.
2. **Attestation Form, Bio Data Form**.
   (To be downloaded from the website of the Commission)
3. **H.S.C. Or Equivalent Certificate** in support of declaration of age.
4. **Intermediate/+2 Examination Certificate** issued by the concerned **Board/ Council**.
5. **Bachelor's Degree Certificate** issued by the concerned University. If any candidate claims to possess qualification, equivalent to the prescribed qualifications, the rule/ authority (with number & date) under which it is so treated must be furnished.
6. Mark sheets of all Semesters / Annual Examination in support of all the aforesaid Examinations (H.S.C. to Bachelor's Degree) passed including fail marks, if any, issued by the Board/Council/University concerned.
7. Conversion Certificate/Conversion Formula (CGPA to Percentage), wherever applicable.
8. **Odia Test Pass Certificate**.
9. **Caste Certificate by Birth** in support of claim as SC/ST/SEBC issued by the Competent Authority within the closing date of Online Application. SEBC Certificate must be issued within the last three years from the closing date for submission of Online Application Form.
10. **Sports Certificate/Identity Card** issued by Director of Sports, Odisha, if any.
11. **Permanent Disability Certificate** (including Percentage of Disability i.e. 40% or more) issued by the concerned Medical Board, wherever applicable.
12. **Discharge Certificate** issued by the Commanding Officer of the Unit last served in case of Ex-servicemen candidates.
    Further, Ex-Servicemen candidates must submit a **Court Affidavit** in the format annexed at Annexure-A, undertaking that he/she has not been appointed against any regular Civil Post or Civil Service under the Govt. of Odisha after retirement from military service.
13. A **declaration** regarding the number of attempts exercised by the candidates in the OCS Examination in the format annexed at Annexure-B.
14. **Four recent passport size photographs**, which have been uploaded with the Online Application Form.
15. **No Objection Certificate** (in case of in-service candidates), wherever applicable.
16. **Any document in support of identity**. (Aadhar/EPIC/DL/Passport/Pan Card).
17. **Any other relevant documents as per Para-10 of the Advertisement**.

The candidates are required to mention **"Submitted by me and Certified as genuine and has not been cancelled"** and put their full signature and date on the photocopies of Certificates/Documents.

Procedure before Interview :-

i. **For transparency measures, allotment of the Interview Board will be on the basis of a draw of lots by each candidate in the presence of all candidates.**
ii. **The draw of lots for the 1st sitting will be held in the Reception Hall at 8.15 A.M. and 2nd Sitting at 12.15 P.M.**
iii. **Candidates who do not turn up before the closure of the draw of lots will be allotted Boards through the draw of lots by any one of the candidates present.**
iv. **Like all other Interviews conducted by OPSC, this Interview process is also identity less and any personal particulars like Name, Roll Number or any information which might divulge the identity of candidates are not disclosed to the Interview Board. The candidate will appear for the Interview with a Code Number randomly generated through the system.**

**OIPR-12001/12002/1/26-27/0007** **Sd./- Secretary**

# ସଫଳତାର ମନ୍ତ୍ର ବଖାଣିଲେ କୃତୀ ଛାତ୍ରୀଛାତ୍ର

## ଆଇସିଏସ୍‌ଇ ଦଶମ, ଆଇଏସ୍‌ସି ଦ୍ୱାଦଶ ଫଳ ପ୍ରକାଶ

**ଭୁବନେଶ୍ୱର, ୩୦।୪(ସୁଚିସ୍ମିତା ସାହୁ)**

ପ୍ରକାଶ ପାଇଛି ଭାରତୀୟ ସ୍କୁଲ ସାର୍ଟିଫିକେଟ ପରୀକ୍ଷା ପରିଷଦ (ସିଆଇଏସ୍‌ସିଇ) ପକ୍ଷରୁ ଆଇସିଏସ୍‌ଇ ଦଶମ ଏବଂ ଆଇଏସ୍‌ସି ଦ୍ୱାଦଶ ପରୀକ୍ଷାଫଳ। ସାରା ଦେଶରେ ଦଶମ ପାସ୍ ହାର ୯୯.୧୮ ପ୍ରତିଶତ ରହିଥିବା ବେଳେ ଦ୍ୱାଦଶରେ ୯୯.୧୩ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ତେବେ ଓଡ଼ିଶାରେ ମଧ ଛାତ୍ରୀଛାତ୍ରମାନେ ଭଲ ଫଳ ପ୍ରଦର୍ଶନ କରିଛନ୍ତି। ବିଶେଷକରି ଝିଅମାନେ ପୁଅମାନଙ୍କ ଅପେକ୍ଷା ଭଲ ପ୍ରଦର୍ଶନ କରିଛନ୍ତି। ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ପିଲାମାନେ ସେମାନଙ୍କ ରେଜଲ୍ଟରେ ଖୁସି ବ୍ୟକ୍ତ କରିବା ସହ ସେମାନଙ୍କ ସଫଳତାକୁ ବଖାଣିଛନ୍ତି। ଏପରି କି ଭବିଷ୍ୟତର ଲକ୍ଷ୍ୟ ସମ୍ପର୍କରେ କହିଛନ୍ତି।



କଟକ ଷ୍ଟିୱାର୍ଟ ସ୍କୁଲର ଦୁଇ ଜଣ ଛାତ୍ରୀ ମିଠା ଖୁଆଇ ପରସ୍ପରକୁ ଅଭିନନ୍ଦନ ଜଣାଉଛନ୍ତି। (ଫଟୋ-ରାଜକିଶୋର ମହାନ୍ତି)

### କଠିନ ପରିଶ୍ରମ ସଫଳତା ଆଣିଦେଇଛି



ଆଇସିଏସ୍‌ଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୯୯.୪% ମାର୍କ ପାଇଥିବାରୁ ଅତ୍ୟନ୍ତ ଖୁସି ଅନୁଭବ କରୁଛନ୍ତି। ସର୍ବମୋଟ ନମ୍ବର ୫୦୦ରୁ ୪୯୭ ରଖିଛି। ଏହା ମୋ ପାଇଁ, ମୋ ପରିବାର, ସ୍କୁଲ୍ ଏବଂ ସାରା ଜିଲା ପାଇଁ ଗର୍ବର ବିଷୟ। କଠିନ ପରିଶ୍ରମରୁ ମୁଁ ଏହି ସଫଳତା ପାଇଛି। ଭବିଷ୍ୟତରେ ଡାକ୍ତର ହୋଇ ରୋଗୀମାନଙ୍କ ସେବା କରିବା ସହ ସମାଜର ଉନ୍ନତି କରିବା ଲକ୍ଷ୍ୟ ରହିଛି। ବାପା ସ୍ୱର୍ଗତ ତ୍ରିନାଥ ସାହୁ କନ୍‌ଷ୍ଟେବଲ୍ ଥିଲେ। ତାଙ୍କର ଇଚ୍ଛାକୁ ମୁଁ ପୂରଣ କରିବା ସହ ମା'ଙ୍କ ମାର୍ଗ ଦର୍ଶନରେ ଏକ ସୁନ୍ଦର ଭବିଷ୍ୟତ ଗଢ଼ିବାକୁ ଲକ୍ଷ୍ୟ ରଖିଛି।

**– ଏସ୍. ଆକାଂକ୍ଷା, ଏସ୍‌ଟି ଭିନ୍‌ସେଣ୍ଟସ କନଭେଣ୍ଟ ସିନିଅର ସେକେଣ୍ଡାରୀ ସ୍କୁଲ, ବାଲେଶ୍ୱର**

### ସ୍କୁଲ ଟପ୍ପର ହୋଇଥିବାରୁ ବହୁତ ଖୁସି



ଆଇସିଏସ୍‌ଇ ଦଶମ ପରୀକ୍ଷାର ଫଳାଫଳ ପାଇଁ ମନରେ ଉତ୍ସୁକତା ରହିଥିଲା। ୯୯% ମାର୍କ ରଖି ସ୍କୁଲ ଟପ୍ପର ହୋଇଥିବାରୁ ମୁଁ ବହୁତ ଖୁସି। ପ୍ରତିଦିନ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଥିଲି। ପାଠପଢ଼ା ପ୍ରତି ଯେପରି ନିଜ ଭିତରେ ଆଗ୍ରହ ସୃଷ୍ଟି ହେବ, ସେଥିପାଇଁ ଘର କାନ୍ଥରେ ଚାଟ୍ ଲଗେଇଥିଲି। ଫଳରେ ପଢ଼ିବା ପାଇଁ ସୁବିଧା ହେବ। ସ୍କୁଲ ବହିକୁ ଭଲ ଭାବେ ପଢୁଥିଲି। ଭବିଷ୍ୟତରେ ଜଣେ ଭଲ ଇଂଜିନିୟର ହେବାକୁ ଲକ୍ଷ୍ୟ ରଖିଛି। ସେଥିପାଇଁ ମଧ ଆଗକୁ ମନ ଦେଇ ପାଠପଢ଼ିବି।

**– ଶାଶ୍ୱତ ରାଜ୍, ଦଶମ, ସେଣ୍ଟ ଯୋଶେଫ୍ ହାଇସ୍କୁଲ, ଭୁବନେଶ୍ୱର**

### ପରିଶ୍ରମ ଅନୁଯାୟୀ ମାର୍କ ମିଳିଛି



ପରିଶ୍ରମ ଅନୁଯାୟୀ ଆଶାନୁରୂପକ ଫଳ ମିଳିଛି। ଏହି ସଫଳତାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିଶେଷ ଭୂମିକା ରହିଛି। ମୋର ଏହି ସଫଳତା ପଛରେ ପରିବାର ଲୋକ, ଶିକ୍ଷକମାନେ ବହୁତ ସହଯୋଗ କରୁଥିଲେ। ପ୍ରଥମ ଥର ପାଇଁ ଚଳିତବର୍ଷ ଏଆଇ ବିଷୟକୁ ପାଠ୍ୟକ୍ରମରେ ରଖାଯାଇଥିଲା। ତା' ପାଇଁ ସେମିତି କିଛି ସୁବିଧା ନ ଥିଲା। ପ୍ରତିଦିନ ବହି ପାଠପଢ଼ାକୁ ମୁଁ ଧ୍ୟାନ ଦେଉଥିଲି। ଆଗକୁ ଜଣେ ଭଲ ଡାକ୍ତର ହେବାକୁ ଯୋଜନା ରଖିଛି। ସେଥିପାଇଁ ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତ କରୁଛି।

**– ଯଶ୍ୱସୀ ଦାଶ, ଦଶମ, ସେଣ୍ଟ ଯୋଶେଫ୍ ହାଇସ୍କୁଲ,ଭୁବନେଶ୍ୱର**

### ମେରାଇନ୍ ରିସର୍ଚ୍ଚର ହେବାକୁ ଲକ୍ଷ୍ୟ



ମୁଁ ଗୋଟିଏ ଦିନରେ ପାଠ ନ ପଢ଼ି ସବୁ ଦିନ କିଛିକିଛି ବିଷୟକୁ ଶେଷ କରିବାକୁ ଚେଷ୍ଟା କରୁଥିଲି। ପ୍ରତିଦିନ ୪ରୁ ୫ ଘଣ୍ଟା ପାଠପଢୁଛି। ପରୀକ୍ଷାରେ ଭଲ ରେଜଲ୍ଟ କରିବି ବୋଲି ଆଶା ରଖିଥିଲି। ପରୀକ୍ଷାରେ ୯୮.୪% ମାର୍କ ରଖିଛି। ସ୍କୁଲ ଓ ଟ୍ୟୁଶନରେ ନିଜର ଡାଉଟ କ୍ଲିୟର କରିପାରୁଥିବାରୁ ପଢ଼ିବା ସହଜ ଲାଗୁଥିଲା। ଏବେ ମୁଁ ବିଜ୍ଞାନ ବିଷୟରେ ପାଠପଢୁଛି। ଆଗକୁ ମେରାଇନ୍ ରିସର୍ଚ୍ଚ କରିବାକୁ ଲକ୍ଷ୍ୟ ରଖିଛି।

**– କୋମଲ ତ୍ରିପାଠୀ, ଦଶମ, ଲୟୋଲା ସ୍କୁଲ, ଭୁବନେଶ୍ୱର**

### ଆଗକୁ ଏମ୍‌ବିବିଏସ୍ କରିବାକୁ ପ୍ଲାନ୍ କରିଛି



ମୁଁ ପରୀକ୍ଷାରେ ୯୬.୩% ନମ୍ବର ରଖିଛି। କୌଣସି କୋଚିଂ ସେଣ୍ଟର ଯାଉ ନ ଥିଲି। ବରଂ ଘରେ ରହି ଅନ୍‌ଲାଇନ ମାଧ୍ୟମରେ ପାଠପଢୁଥିଲି। ସେମାନଙ୍କ ପରୀକ୍ଷା ଏବଂ ଉଦ୍ଦେଶ୍ୟକୁ ଅନୁସରଣ କରୁଥିଲି। ସବୁଦିନ ଘରେ ପାଠ ପଢ଼ିବା ପାଇଁ ଅଧିକ ସମୟ ଦେଉଥିଲି। ନିଜ ପାଖରେ ଥିବା ବହିକୁ ଭଲ ଭାବେ ପଢ଼ି ସେଥିରୁ ବୁଝିବାକୁ ସବୁବେଳେ ଚେଷ୍ଟା କରୁଥିଲି। ଆଗକୁ ଏମ୍‌ବିବିଏସ୍ କରିବାକୁ ପ୍ଲାନ କରିଛି।

**– ଆଦୃତି କର, ଛାତ୍ରୀ,** ଦ୍ୱାଦଶ, ଲୟୋଲା ସ୍କୁଲ, ଭୁବନେଶ୍ୱର

### କମ୍ପ୍ୟୁଟର ଇଞ୍ଜିନିୟର ହେବାକୁ ଲକ୍ଷ୍ୟ



ପରିଶ୍ରମ ବେଶି କରୁ ନ ଥିଲି। ତେବେ ୯୯.୨% ନମ୍ବର ରଖି ବିଦ୍ୟାଳୟର ୨ୟ ଟପ୍ପର ହୋଇ ବେଶ୍ ଖୁସି ଲାଗୁଛି। ଶ୍ରେଣୀରେ ପାଠପଢ଼ା ପରେ ଟିଉଶନ ଯାଏ। ଏସବୁ ପରେ ଦୈନିକ ୨ରୁ ୩ଘଣ୍ଟା ନିଜେ ପଢ଼େ। ଅଧିକ ପଢ଼ିବାକୁ ସମୟ ମିଳେନି। ଭବିଷ୍ୟତରେ ଜଣେ କମ୍ପ୍ୟୁଟର ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଛି। ମୋର ସଫଳତା ପଛରେ ଶିକ୍ଷୟିତ୍ରୀ, ଶିକ୍ଷକ ଓ ମା'ବାପାଙ୍କ ପ୍ରେରଣା ମୋତେ ଏପରି ସଫଳତା ଆଣିଦେଇଛି।

**–ଋଷଭ ଲାଲ, ଛାତ୍ର, ଷ୍ଟିୱାର୍ଟ ସ୍କୁଲ, କଟକ**

### ଡାକ୍ତର ହୋଇ ରୋଗୀ ସେବା କରିବି



ପ୍ରତିଦିନ ପାଠପଢ଼ାକୁ ମୁଁ ବିଶେଷ ଧ୍ୟାନ ଦେଉଥିଲି। କଠିନ ପରିଶ୍ରମ ଓ ଏକାଗ୍ରତା ଯୋଗୁ ଏହା ସମ୍ଭବ ହୋଇପାରିଛି। ଏଥିଯୋଗୁ ୯୮.୭% ନମ୍ବର ରଖିଛି। ଭବିଷ୍ୟତରେ ଡାକ୍ତର ହୋଇ ରୋଗୀ ସେବା କରିବାକୁ ଆଶା ରଖିଛି। ସେଥିପାଇଁ ନିଟ୍ ପରୀକ୍ଷା ଲାଗି ପ୍ରସ୍ତୁତ କରୁଛି। ଏହି ସଫଳତାରେ ପରିବାର ସହ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିଶେଷ ଭୂମିକା ରହିଛି।

**–ହର୍ଷିଲ ଅଗ୍ରୱାଲ, ଛାତ୍ର, ଷ୍ଟିୱାର୍ଟ ସ୍କୁଲ, କଟକ**

### ସଫଳତା ପାଇଁ ବହି ପଢ଼ିବାକୁ ପଡ଼ିବ

ପାଠ ପଢ଼ିବା ପାଇଁ ଘର ଲୋକ ଏବଂ ସ୍କୁଲ ଶିକ୍ଷକମାନେ ବହୁ ସହଯୋଗ କରୁଥିଲେ। ମୁଁ ପରୀକ୍ଷାରେ ୯୭.୮% ନମ୍ବର ରଖିଛି। ସଫଳତା ପାଇବା ପାଇଁ ବହି ପଢ଼ିବାକୁ ପଡ଼ିବ। ବହିରେ ହିଁ ସବୁ ପ୍ରଶ୍ନର ଉତ୍ତର ରହିଛି। କୌଣସି ଶର୍ଟକଟ ମାଧ୍ୟମରେ ସଫଳତା ମିଳେନାହିଁ। ସମୟ ପରିଚାଳନା ପାଇଁ ମୁଁ ପୂର୍ବ ବର୍ଷର ପ୍ରଶ୍ନପତ୍ରଗୁଡ଼ିକୁ ବାରମ୍ବାର ଅଭ୍ୟାସ କରିଥିଲି। ଆଗକୁ ପ୍ରଶାସନିକ ଅଧିକାରୀ ହେବାକୁ ଯୋଜନା ରଖିଛି।

**– ବିଦିଶା ସିଂ, ଛାତ୍ରୀ, ଦ୍ୱାଦଶ, ଲୟୋଲା ସ୍କୁଲ, ଭୁବନେଶ୍ୱର**

## ସେଣ୍ଟ ଜୋସେଫ ସ୍କୁଲ: ୯୯% ରଖିଲେ ଶାଶ୍ୱତ

ଭୁବନେଶ୍ୱର,୩୦।୪(ସୁଚିସ୍ମିତା ସାହୁ): ଆଇସିଏସ୍‌ଇ ଦଶମ ଓ ଆଇଏସସି ଦ୍ୱାଦଶ ପରୀକ୍ଷାରେ ଭୁବନେଶ୍ୱର ସେଣ୍ଟ ଜୋସେଫ୍ ସ୍କୁଲ ଭଲ ପ୍ରଦର୍ଶନ କରିଛି। ଦଶମ ଶ୍ରେଣୀରେ ମୋଟ ୧୯୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୭୪ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଛାତ୍ର ଶାଶ୍ୱତ ରାଜ୍ ୯୯% ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେହିଭଳି ଯଶ୍ୱଭି ଦାଶ ୯୮.୮% ନମ୍ବର ରଖି ଦ୍ୱିତୀୟ ଏବଂ ଶ୍ରୀୟାଶ୍ରୀ ରଥ ୯୮.୬% ସହ ତୃତୀୟରେ ଅଛନ୍ତି। ସେହିଭଳି ଦ୍ୱାଦଶରେ ମୋଟ ୬୩ଜଣ ପରୀକ୍ଷା ଦେଇଥିବାବେଳେ ପାସହାର ଶତ ପ୍ରତିଶତ ରହିଛି। ୧୩ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ବିଜ୍ଞାନ ବିଭାଗରେ ସୋନାକ୍ଷୀ ପଣ୍ଡା ୯୭% ନମ୍ବର ରଖି ଟପ୍ପର ହୋଇଥିବା ବେଳେ ବାଣିଜ୍ୟ ବିଭାଗରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ୯୬.୫ ପ୍ରତିଶତ ଏବଂ ହ୍ୟୁମାନିଟିଜ୍ ବିଭାଗରେ ତିସ୍ତା ତପସ୍ୱେତା ପାଣ୍ଡବ ୯୭.୫% ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି।

## ୧୦ମରେ ୯୯.୫% ରଖିଲେ କଟକ ଷ୍ଟିୱାର୍ଟ ସ୍କୁଲର ଛାତ୍ର ଶ୍ରୀଜିତ

### ରାଜ୍ୟ ଟପ୍ପର ଦାବି କଲେ ସ୍କୁଲ କର୍ତ୍ତୃପକ୍ଷ

**କଟକ,୩୦।୪(କାର୍ତ୍ତିକ ସାହୁ)**

ଗୁରୁବାର ପ୍ରକାଶ ଆଇସିଏସ୍‌ଇ ଦଶମ ପରୀକ୍ଷାଫଳ ବେଶ୍ ଉତ୍ସାହଜନକ ହୋଇଛି। କଟକ ଷ୍ଟିୱାର୍ଟ ସ୍କୁଲର ଦଶମ ଛାତ୍ର ଶ୍ରୀଜିତ ହାଲଦାର ୯୯.୫% ନମ୍ବର ରଖି ରାଜ୍ୟ ଟପ୍ପର ହୋଇଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବିଦ୍ୟାଳୟର ୧୬୩ ଛାତ୍ରୀଛାତ୍ର ଶତପ୍ରତିଶତ କୃତିତ୍ୱ ହାସଲ କରିଛନ୍ତି। ସେହିପରି ରିଷଭ ଲାଲ ୯୯.୨% ନମ୍ବର ରଖି ଦ୍ୱିତୀୟ ଓ ହର୍ଷିଲ ଅଗ୍ରୱାଲ ୯୮.୬% ନମ୍ବର ରଖି ତୃତୀୟ ସ୍ଥାନରେ ଅଛନ୍ତି। ୧୭ଜଣ ଛାତ୍ରଛାତ୍ରୀ ୯୫%ରୁ ଅଧିକ ଓ ୪୫ଜଣ ୯୦%ରୁ ଅଧିକ ନମ୍ବର ହାସଲ କରିଛନ୍ତି। ହ୍ୟୁମାନିଟିଜିମ୍‌ରେ ସର୍ବୋଚ୍ଚ ୯୩.୫% ରଖି ଏଞ୍ଜେଲ ଚୌଧୁରୀ ବିଦ୍ୟାଳୟ ପାଇଁ ଗୌରବ ଅର୍ଜନ କରିଛନ୍ତି। ସ୍କୁଲର ପରିଚାଳନା କମିଟି ସମ୍ପାଦିକା ଡ. ରଶ୍ମିରେଖା ସେନାପତି ଓ ଅଧକ୍ଷା ଡି. ମାର୍ଟିନା ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଲୟୋଲା ସ୍କୁଲର ଶତ ପ୍ରତିଶତ ସଫଳତା

### ଦଶମରେ କୋମଲ ଓ ରେନାନ ୯୮.୪% ସହ ସ୍କୁଲ ଟପ୍ପର

ଭୁବନେଶ୍ୱର,୩୦।୪(ସୁଚିସ୍ମିତା ସାହୁ): ଆଇସିଏସ୍‌ଇ ଦଶମ ଓ ଆଇଏସ୍‌ସି ଦ୍ୱାଦଶ ପରୀକ୍ଷାରେ ଭୁବନେଶ୍ୱର ଲୟୋଲା ସ୍କୁଲର ଛାତ୍ରୀଛାତ୍ର ଶତ ପ୍ରତିଶତ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦଶମ ଶ୍ରେଣୀରେ ମୋଟ ୧୯୮ଜଣ ପରୀକ୍ଷା ଦେଇଥିବାବେଳେ ସମସ୍ତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ୭୮ଜଣ ଛାତ୍ରୀଛାତ୍ର ୯୦ % ନମ୍ବର ରଖିଛନ୍ତି। ଛାତ୍ର କୋମଲ ତ୍ରିପାଠୀ ଓ ରେନାନ ସ୍ଲେଡ ଟପ୍ପୋ ୯୮.୪% ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେହିଭଳି କାସିଦା ନୂର ୯୮.୨% ସହ ଦ୍ୱିତୀୟ ଏବଂ ଶ୍ରିଷ୍ଟୀ ରୟ ୯୭.୮% ନମ୍ବର ରଖି ତୃତୀୟରେ ରହିଛନ୍ତି। ସେହିଭଳି ଦ୍ୱାଦଶରେ ମୋଟ ୫୧ଜଣ ପରୀକ୍ଷା ଦେଇଥିବାବେଳେ ପାସହାର ଶତ ପ୍ରତିଶତ ରହିଛି। ବିଜ୍ଞାନ ବିଭାଗରେ ଆଦୃତି କର ୯୬.୩ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଥିବା ବେଳେ ବାଣିଜ୍ୟ ବିଭାଗରେ ଶ୍ରେୟା ମହାନ୍ତି ୯୫.୩ ପ୍ରତିଶତ ଏବଂ କଳା ବିଭାଗରେ ବିଦିଶା ସିଂ ୯୭.୮% ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି।

## ଭୁବନେଶ୍ୱର ଷ୍ଟିୱାର୍ଟ ସ୍କୁଲ: ଶିଭାଂଶୁ ଦଶମ ଟପ୍ପର

ଭୁବନେଶ୍ୱର,୩୦।୪(ସୁଚିସ୍ମିତା ସାହୁ): ଆଇସିଏସ୍‌ଇ ଦଶମ ଏବଂ ଆଇଏସସି ଦ୍ୱାଦଶ ପରୀକ୍ଷାରେ ଭୁବନେଶ୍ୱରସ୍ଥିତ ଷ୍ଟିୱାର୍ଟ ସ୍କୁଲର ଛାତ୍ରୀଛାତ୍ର ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦଶମରେ ଶିଭାଂଶୁ ମହାପାତ୍ର ୯୮.୬୦% ମାର୍କ ରଖି ସ୍କୁଲ ଟପ୍ପର ହୋଇଥିବାବେଳେ ହଂସିକା ନାୟକ ୯୭.୬୦% ଏବଂ ପ୍ରିୟଙ୍କା ପ୍ରିୟଦର୍ଶିନୀ ୯୭.୨୦% ମାର୍କ ରଖିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ୬୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୮ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଆୟାଂଶ କୁମାର ୯୫.୮୦% ମାର୍କ ରଖି ସ୍କୁଲ ଟପ୍ପର ହୋଇଥିବା ବେଳେ ସାଇ ଅଂଶୁମାନ ୯୫.୩% ଦ୍ୱିତୀୟ, ଅମିତ ବିକ୍ରମ ପାଲ ଓ ଦିବ୍ୟାଜ୍ୟୋତି ଦାସ ୯୪.୮୦% ମାର୍କ ରଖି ତୃତୀୟ ସ୍ଥାନରେ ରହିଛନ୍ତି।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଗୁରୁବାର ଶ୍ରୀମୟୀ ନୃତ୍ୟାନୁଷ୍ଠାନର ବାର୍ଷିକ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

(ଫଟୋ: ବିକାଶ ନାୟକ)

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦିଲୀପ



@ ମିଟୁ



@ ସରିତା



@ ଶଶିକାନ୍ତ



@ ସିଦ୍ଧାନ୍ତ



@ ତୋଫାନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଭିତ୍ତିଭୂମି ଯାଞ୍ଚ କଲା, ରୋଗୀ ଦେଖିଲେ ଏମ୍‌ଜିଏମ୍ ଡାକ୍ତରୀ ଟିମ୍

### ଏସ୍‌ସିବିରେ ତୃତୀୟ ଯକୃତ ପ୍ରତିରୋପଣ ପାଇଁ ଖୋଲିଲା ବାଟ

- ଆଉ କିଛି ଯନ୍ତ୍ରାଂଶ ଯୋଡ଼ିବାକୁ ନିର୍ଦ୍ଦେଶ
- ପ୍ରତିରୋପଣ ପାଇଁ ୪ ରୋଗୀଙ୍କୁ ଚୟନ କଲା ଡାକ୍ତରୀ ଟିମ୍

**କଟକ,୩୦।୪(ଶିଳ୍ପା ପ୍ରିୟଦର୍ଶିନୀ)**

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ତୃତୀୟ ଯକୃତ ପ୍ରତିରୋପଣ ପାଇଁ ବାଟ ଖୋଲିଛି। ଗୁରୁବାର ଚେନ୍ନାଇସ୍ଥିତ ଏମ୍‌ଜିଏମ୍ ହେଲ୍‌ଥ କେୟାରର ୨ ଜଣିଆ ଡାକ୍ତରୀ ଟିମ୍ ପହଞ୍ଚି ଯକୃତ ପ୍ରତିରୋପଣ ୟୁନିଟ୍‌ରେ ଭିତ୍ତିଭୂମି ଯାଞ୍ଚ କରିଛନ୍ତି। ଯାଞ୍ଚ କରି ଟିମ୍ ସନ୍ତୋଷ ବ୍ୟକ୍ତ କରିବା ସହ କିଛି ଯନ୍ତ୍ରାଂଶ ଯୋଡ଼ିବାକୁ କହିଥିବା ଜଣାପଡ଼ିଛି। ଡାକ୍ତରୀ ଟିମ୍ ମେଡିକାଲ ପକ୍ଷରୁ ପ୍ରସ୍ତୁତ ରଖାଯାଇଥିବା ୬ ରୁ ୭ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିଲା। ସେମାନଙ୍କ ମଧ୍ୟରୁ ଫିଟ୍ ଥିବା ୪ ରୋଗୀଙ୍କ ପ୍ରତିରୋପଣ ପାଇଁ ଅନ୍ୟାନ୍ୟ ପରୀକ୍ଷା କରାଇବାକୁ ଡାକ୍ତରୀ ଟିମ୍ ପରାମର୍ଶ ଦେଇଥିବା ସୂଚନା ମିଳିଛି। ମିଳିଥିବା ସୂଚନାମୁତାବକ, ଏସ୍‌ସିବିରେ ଯକୃତ ପ୍ରତିରୋପଣ ୟୁନିଟ୍ କାର୍ଯ୍ୟ କରି ଆସୁଥିବାବେଳେ ୨ ବର୍ଷ ହେବ ଏହା ବନ୍ଦ ରହିଥିଲା। ପୂର୍ବରୁ ଦୁଇଟି ପ୍ରତିରୋପଣ କରିଥିବା ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି (ଏଆଇଜି)ର ଡାକ୍ତରୀ ଟିମ୍ କହିବା ମୁତାବକ ସମସ୍ତ ଯନ୍ତ୍ରାଂଶ ଓ ପ୍ରତିରୋପଣ ପାଇଁ ଆବଶ୍ୟକ ଥିବା ଆସବାବପତ୍ର ୟୁନିଟ୍‌ରେ ଥିବାବେଳେ ଏମ୍‌ଜିଏମ୍‌ର ଡାକ୍ତରୀ ଟିମ୍ ତାହାକୁ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ହେଲେ ଆଉ ୨ ରୁ ୪ ଟି ଯନ୍ତ୍ରାଂଶ ଆବଶ୍ୟକ ଥିବା ଟିମ୍ କହିଛି। ଏହାସହ ଚୟନ ହୋଇଥିବା ୪ଜଣ ରୋଗୀଙ୍କ ସମସ୍ତ ପରୀକ୍ଷା କରାଯାଇ ଅବଗତ କଲେ ଟିମ୍ ପୁନର୍ବାର ଏସ୍‌ସିବି ଆସି ଭିତ୍ତିଭୂମି ସହ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପରେ ପ୍ରତିରୋପଣ ପାଇଁ ତାରିଖ ଧାର୍ଯ୍ୟ କରାଯିବ ବୋଲି ଜଣାପଡ଼ିଛି। ତେବେ ଏହି ଟିମ୍ ଗସ୍ତ ସମୟରେ ମେଡିକାଲର ଅଧୀକ୍ଷକ, ପ୍ରଶାସନିକ ଅଧିକାରୀ, ବିଭାଗୀୟ ମୁଖ୍ୟଙ୍କ ସମେତ ଅନ୍ୟାନ୍ୟ ଡାକ୍ତର ଉପସ୍ଥିତ ଥିଲେ। ସୂଚନାଥାଉ କି, ଏସ୍‌ସିବିରେ ଯକୃତ ପ୍ରତିରୋପଣ ପାଇଁ ୧୪ବର୍ଷ ପୂର୍ବରୁ ଯୋଜନା କରାଯାଇ ପ୍ରଥମେ ଏଆଇଜି ସହ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ଏଆଇଜି ଟିମ୍ ୨୦୨୨ ଏପ୍ରିଲରେ ପ୍ରଥମ ଓ ୨୦୨୪ ଏପ୍ରିଲରେ ଦ୍ୱିତୀୟ ପ୍ରତିରୋପଣ କରିଥିଲା। ହେଲେ ତୃତୀୟ ପ୍ରତିରୋପଣ ନେଇ ରୋଗୀ ଚୟନ ହୋଇଥିଲେ ମଧ୍ୟ ଏହା ସମ୍ଭବ ହୋଇ ନ ଥିଲା। ଏଆଇଜି ସହ ଚୁକ୍ତିର ଅବଧି ଶେଷ ହୋଇଥିଲା। ଯକୃତ ପ୍ରତିରୋପଣ ବନ୍ଦ ହେବାରୁ ଏହି ଘଟଣାରେ ଉଚ୍ଚ ନ୍ୟାୟାଳୟ ସହର ସମସ୍ୟା ମାମଲାରେ ହସ୍ତକ୍ଷେପ କରି ଏହି ପ୍ରତିରୋପଣ ୟୁନିଟ୍ କାର୍ଯ୍ୟକ୍ଷମ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ପରେ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶରେ ଏମ୍‌ଜିଏମ୍ ସହ ଯକୃତ ପ୍ରତିରୋପଣ ନେଇ ଚୁକ୍ତି କରାଯାଇଥିଲା। ଏହି ଟିମ୍ କେବଳ ଯକୃତ ନୁହେଁ ବରଂ ଅନ୍ୟ କେତେକ ଜଟିଳ ପ୍ରତିରୋପଣ କରିବା ନେଇ ମଧ୍ୟ ଏମ୍‌ଜିଏମ୍ ସହ ଚୁକ୍ତି କରାଯାଇଛି।



# ବିଧାୟକ କ୍ୱାର୍ଟର୍ସ ପାଇଁ ପୁଣି ଗଛବଳି

ଭୁବନେଶ୍ୱର, ୩୦।୪ (ବନ୍ଦନା ସେଠୀ)

ବିଧାୟକଙ୍କ ପାଇଁ ଏମ୍ଏଲ୍ଏ କଲୋନୀରେ ନୂତନ କ୍ୱାର୍ଟର୍ସ ନିର୍ମାଣ ଚାଲିଥିବାବେଳେ ପୁଣି ଗଛକଟା ଆରମ୍ଭ ହୋଇଛି। ଚଳିତ ବର୍ଷ ସହରର ତାପମାତ୍ରା ୪୨ ଡିଗ୍ରୀ ଛୁଇଁଥିବାବେଳେ ଗୁରୁବାର ମଧ୍ୟ ପ୍ରବଳ ଖରାତାତି ଓ ଗୁଳୁଗୁଳି ହୋଇଥିଲା। ଏପରି ସମୟରେ ମେଶିନ ଦ୍ୱାରା ବହୁ ପୁରୁଣା ଓ ବଡ଼ ବଡ଼ ଗଛକୁ କଟାଉଥିବା ଦେଖିବାକୁ ମିଳିଥିଲା। ବିଧାୟକଙ୍କ କ୍ୱାଟର୍ସ ପାଇଁ ଏପରି ଗଛ ବଳି ପ୍ରକୃତିପ୍ରେମୀ ଓ ପରିବେଶବିତ୍‌ଙ୍କ ମନରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ବିକାଶ ନାମରେ ଏହା ସହରୀକରଣର ଆଉଏକ ବିନାଶ ବୋଲି କୁହାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୁଣା ଏମ୍ଏଲ୍ଏଲ କଲୋନୀକୁ ଭଙ୍ଗାଯାଇ ସେଠାରେ ୬.୫୪ ହେକ୍ଟର ଜମିରେ ନିର୍ମାଣ ହେଉଛି ନୂତନ ବିଧାୟକ କ୍ୱାର୍ଟର୍ସ। ଏଥିପାଇଁ ସେଠାରେ ଥିବା ୮ଶହରୁ ଊର୍ଦ୍ଧ୍ୱ ଗଛ କାଟିବାକୁ ଜଙ୍ଗଲ ବିଭାଗ ପକ୍ଷରୁ ଅନୁମତି ମିଳିଛି। ୨୦୨୫ ସେପ୍ଟେମ୍ବର ସୁଦ୍ଧା ମୋଟ ୭୨୧ଟି ଗଛ କଟାଯାଇଥିଲା, ଯାହାକୁ ନେଇ ସେହି ସମୟରେ ବହୁ ବିରୋଧ ହେବା ସହିତ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏବେ ପୁଣି ଗଛକଟା ଆରମ୍ଭ ହୋଇଛି। ଭବନ ନିର୍ମାଣ, ପାର୍କି ବ୍ୟବସ୍ଥା ଓ ଆଧୁନିକ ସୁବିଧା ପାଇଁ ଆଉ ୩୫ ଗଛ କାଟିବାକୁ ଜଙ୍ଗଲ ବିଭାଗ ଅନୁମତି ଦେଇଥିବା ସଫେଇ ଦିଆଯାଉଛି।



ଫଟୋ– ବିକାଶ ନାୟକ

# କଟକ, ଭୁବନେଶ୍ୱରରେ ତାଣ୍ଡବ ରଚିଲା କାଳବୈଶାଖୀ

ଭୁବନେଶ୍ୱର, ୩୦।୪ (ବନ୍ଦନା ସେଠୀ)

ରାଜଧାନୀ ଭୁବନେଶ୍ୱରରେ ଗୁରୁବାର ତାଣ୍ଡବ ରଚିଛି କାଳବୈଶାଖୀ। ଦିନରେ ଖରାତାତି ସହ ଗୁଳୁଗୁଳି ଓ ସନ୍ଧ୍ୟାରେ କାଳବୈଶାଖୀ ବର୍ଷା ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରିଥିଲା। ସନ୍ଧ୍ୟା ପ୍ରାୟ ୬ଟା ବେଳକୁ ଆକାଶରେ କଳାହାଣ୍ଡିଆ ମେଘ ଘୋଟି ଆସିବା ସହ ବର୍ଷା ପବନ ଆରମ୍ଭ ହୋଇଥିଲା। ଅନେକ ସ୍ଥାନରେ ଗଛଡାଳ ଭାଙ୍ଗି ପଡିବା ସହ ପାଣିର ସୁଅ ଛୁଟିଥିଲା। ହଠାତ ଏପରି ପାଗ ବଦଳିବାରୁ ଲୋକେ ଗରମ ଓ ଗୁଳୁଗୁଳିରୁ ଆଶ୍ୱସ୍ତି ଅନୁଭବ କରିଥିଲେ ମଧ୍ୟ ଯାତାୟାତାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପ୍ରବଳ ପବନ ଯୋଗୁ ପୁରୁଣା ଷ୍ଟେଶନ ବଜାର ଅଞ୍ଚଳରେ ଏକ ବିରାଟ ଲୁହା ହୋର୍ଡିଂ ଷ୍ଟ୍ରକ୍ଚର ଭୁଶୁଡି ରାସ୍ତାରେ ଯାଉଥିବା ଏକ କାର ଓ ବାଇକ୍ ଉପରେ ପଡିଥିଲା। ହେଲେ ସୌଭାଗ୍ୟ ବଶତଃ କାର ଚାଳକ ଓ ଅନ୍ୟମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ ମଧ୍ୟ ଗାଡିଗୁଡିକ କ୍ଷତିଗ୍ରସ୍ତ ହୋଇଛି। ସେହିପରି ସହରର ବିଭିନ୍ନ ସ୍ଥାନରେ ଗଛ ଡାଳ ଭାଙ୍ଗି ପଡିଥିବା ଦେଖିବାକୁ ମିଳିଥିଲା। ବର୍ଷା ଛାଡିଯିବା ପରେ ଧୀରେ ଧୀରେ ଗାଡିମୋଟର ଚଳାଚଳ ସ୍ୱାଭାବିକ ହେଉଥିବାବେଳେ ପୁଣି ରାତି ପ୍ରାୟ ୧୧ଟାରେ ହଠାତ୍ ଘଡଘଡି ବିଜୁଳି ସହ ପ୍ରବଳ ବର୍ଷା ପବନ ହୋଇଥିଲା। ଅଧଘଣ୍ଟାରୁ ଅଧିକ ସମୟ ଧରି ଭୟର ବାତାବରଣ ସୃଷ୍ଟି ହୋଇଥିଲା। ବଜ୍ରପାତ ଯୋଗୁ ରସୁଲଗଡ଼ ଶିଳ୍ପାଞ୍ଚଳ ସମେତ ବିଭିନ୍ନ ସ୍ଥାନରେ ବିଦ୍ୟୁତ ଟ୍ରାନ୍ସଫର୍ମର କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ବମିଖାଲଠାରୁ ଆରମ୍ଭ କରି ଲକ୍ଷ୍ମୀସାଗର, ଚକେଇସିଆଣୀ, ବଡ଼ଗଡ଼ ଆଦି ବିଭିନ୍ନ ଅଞ୍ଚଳରେ ରାସ୍ତାରେ ପାଣି ଚାଲିଥିବାବେଳେ ବମିଖାଟ ଓଭରବ୍ରିଜ୍ ତଳେ ପାଣିର ଢ଼େଉ ଖେଳିଥିଲା। ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ମଧ୍ୟ ଭୁବନେଶ୍ୱର ଓ କଟକକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଆଲର୍ଟ ଜାରି କରାଯାଇଥିଲା। ଏଥିସହ ୫୦ ରୁ ୭୦ କିମି ବେଗରେ ପବନ ବହିବା ନେଇ ସୂଚନା ଦିଆଯାଇଥିଲା। ସୂଚନାଯୋଗ୍ୟ, ପୂର୍ବରୁ ଏପରି ହୋର୍ଡିଂ ପଡି ଆଇଗିଣିଆ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା। ଏହାସତ୍ତ୍ୱେ ଭୁବନେଶ୍ୱର ମହାନଗର ନିଗମ ବିଭିନ୍ନ ସ୍ଥାନରେ ବିପଦପୂର୍ଣ୍ଣ ଓ ଦୁର୍ବଳ ଅବସ୍ଥାରେ ଥିବା ହୋର୍ଡିଂ ଯାଞ୍ଚ ନ କରିବାରୁ ଗୁରୁବାର କାଳବୈଶାଖୀରେ ପୁରୁଣା ଷ୍ଟେଶନ ବଜାର ଅଞ୍ଚଳରେ ଘଟଣାର ପୁନରାବୃତ୍ତି ଘଟିଥିଲା।



ରସୁଲଗଡ଼– ବମିଖାଲ ରାସ୍ତାରେ ବର୍ଷା ପାଣିର ସୁଅ।

## କାର୍ ଉପରେ ପଡ଼ିଲା ବଡ଼ ଲୁହା ହୋର୍ଡିଂ ଷ୍ଟ୍ରକ୍ଚର, ବର୍ତ୍ତିଗଲେ ଚାଳକ




# ତାତିରୁ ଆଶ୍ୱସ୍ତି

- ୨ ଡିଗ୍ରୀ ଖସିଲା, ଆଉ ୩ ଡିଗ୍ରୀ କମିବ ତାପମାତ୍ରା
- ଦିନରେ ଗୁଳୁଗୁଳି, ଅପରାହ୍ନରେ ଘଡ଼ଘଡ଼ି ବିଜୁଳି ସହ ବର୍ଷା, ପବନ

ଭୁବନେଶ୍ୱର, ୩୦।୪ (ବନ୍ଦନା ସେଠୀ)

ଗତ କିଛିଦିନ ଧରି ରାଜ୍ୟରେ ଲାଗି ରହିଥିବା ଅସହ୍ୟ ଗରମ ଓ ଗୁଳୁଗୁଳିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। କାଳବୈଶାଖୀ ବର୍ଷା ପାଇଁ ଗୁରୁବାର ତାପମାତ୍ରା ୨ ଡିଗ୍ରୀରୁ ଅଧିକ ହ୍ରାସ ପାଇଛି। ୪୦ ଡିଗ୍ରୀ ଉପରେ ମାତ୍ର ୭ ସହର ରହିଥିବାବେଳେ ବଲାଙ୍ଗୀରରେ ସର୍ବାଧିକ ତାପମାତ୍ରା ୪୨.୨ ଡିଗ୍ରୀ ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ସମୁଦ୍ର ପତ୍ତନଠାରୁ ୦.୯ କି.ମି. ଉଚ୍ଚତାରେ ଏକ ଟ୍ରଫ୍ ଲାଇନ୍ ଦକ୍ଷିଣ–ପୂର୍ବ ଉତ୍ତର ପ୍ରଦେଶରୁ ଛତିଶଗଡ଼ ଦେଇ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା ପର୍ଯ୍ୟନ୍ତ ଲମ୍ବିଛି। ଏହା ପ୍ରଭାବରେ ରାଜ୍ୟରେ ଆସନ୍ତା ୬ଦିନ ଅର୍ଥାତ୍ ମେ' ୬ ପର୍ଯ୍ୟନ୍ତ କାଳବୈଶାଖୀ ବର୍ଷା ଲାଗି ରହିବ। ଫଳରେ ଆସନ୍ତା ୩ଦିନ ମଧ୍ୟରେ ଦିନ ତାପମାତ୍ରାରେ ଆହୁରି ୨ ରୁ ୩ ଡିଗ୍ରୀ ହ୍ରାସ ପାଇବ। ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ପବନ ହେବ। ଏଥିପାଇଁ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାକୁ ଘଡ଼ଘଡ଼ି ବିଜୁଳି ସହ ପ୍ରବଳ ବର୍ଷା ଓ ପବନ ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏଥିସହ କୁଆପଥର ବର୍ଷା ହେବା ନେଇ ସତର୍କ କରାଯାଇଛି। ସେହିପରି ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କେନ୍ଦୁଝର, ନବରଙ୍ଗପୁର, ଅନୁଗୋଳ, ଢେଙ୍କାନାଳ, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ ଏବଂ ସୁନ୍ଦରଗଡ଼ ଜିଲାକୁ ଘଡ଼ଘଡ଼ି ବିଜୁଳି ସହ ବର୍ଷା ପବନ ନେଇ ୟେଲୋ ୱାର୍ନିଂ ଦିଆଯାଇଛି।

ଅପରପକ୍ଷେ ଦିନବେଳା ମଧ୍ୟ ରାଜ୍ୟର ବିଭିନ୍ନ ଜିଲାରେ ଗରମ ଓ ଗୁଳୁଗୁଳି ଲାଗି ରହିବ। ଏଥିପାଇଁ ଶୁକ୍ରବାର ବଲାଙ୍ଗୀର, କଳାହାଣ୍ଡି, ଅନୁଗୋଳ, ଝାରସୁଗୁଡା, ସୁନ୍ଦରଗଡ଼, ବୌଦ୍ଧ, ନୂଆପଡ଼ା, ସୋନପୁର, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଏବଂ ଗଜପତି ଜିଲାକୁ ସତର୍କ ସୂଚନା ଦିଆଯାଇଛି। ସେହିପରି ଶନିବାର ଘଡ଼ଘଡ଼ି ସହିତ ବର୍ଷା ପବନ ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ଅନୁଗୋଳ, ବୌଦ୍ଧ ଏବଂ କନ୍ଧମାଳ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି।

ସୂଚନାଯୋଗ୍ୟ, ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱର ଓ କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ପ୍ରକୋପ ଦେଖିବାକୁ ମିଳିଥିଲା। ଘଡ଼ଘଡ଼ି, ବିଜୁଳି ସହ ବର୍ଷା ଓ ପବନରେ ଅଞ୍ଚଳ ଭିଜିଥିଲା।

# ଘର ଉପରେ ବଜ୍ରପାତ, ୩ ଗୁରୁତର





ଭୁବନେଶ୍ୱର, ୩୦।୪ (ପ୍ରସନଜିତ୍ ସାହୁ) : କାଳବୈଶାଖୀ ପ୍ରଭାବରେ ନୀଳାଦ୍ରିବିହାର ସୋମନାଥ ବସ୍ତିରେ ବଡ଼ ଅଘଟଣ ଘଟିଛି। ଗୋଟିଏ ଘର ଉପରେ ବଜ୍ରପାତ ହେବାରୁ ଆଜ୍‌ବେଷ୍ଟସ ଓ କାନ୍ଥ ଫାଟି ଯାଇଥିବା ବେଳେ ପରିବାରର ବାପା, ମା' ଓ ପୁଅ ୩ଜଣ ପୋଡ଼ିଯାଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଆଉ ୨ଜଣ ପିଲା ବାହାରେ ଥିବାରୁ ରକ୍ଷା ପାଇଯାଇଛନ୍ତି। ଚନ୍ଦ୍ରଶେଖରପୁର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଭୁଶୁଡ଼ିଲା ହୋର୍ଡିଂ, ଭାଙ୍ଗିଲା ଗଛ

କଟକ,୩୦।୪(କାର୍ତ୍ତିକ ସାହୁ)

ବେଶ୍ କିଛିଦିନର ଗୁଳୁଗୁଳି ପରେ ପ୍ରବଳ ଝଡ଼ବର୍ଷା କଟକବାସୀଙ୍କୁ ଆଶ୍ୱସ୍ତି ଆଣିଦେଇଛି। ଗୁରୁବାର ସନ୍ଧ୍ୟାରେ ହଠାତ ତୀବ୍ର ବେଗରେ ପବନ ଓ ବର୍ଷା ଆରମ୍ଭ ହୋଇଥିଲା। ଫଳରେ କେତେକ ଅଞ୍ଚଳରେ ହୋର୍ଡିଂ, ଗଛ ଆଦି ଭାଙ୍ଗି ପଡିଥିଲା। ପୁଣି ରାତି ପ୍ରାୟ ସାଢ଼େ ୧୦ଟା ପରେ ଆରମ୍ଭ ହୋଇଥିଲା ଘଡ଼ଘଡ଼ି, ବିଜୁଳି ସହ ଖୁବ୍ ଜୋର୍‌ରେ ବର୍ଷ ଓ ପବନ। ଝଡ଼ବର୍ଷା ହେତୁ ସହରରେ ବିଦ୍ୟୁତ୍ ସରବରାହ ବି ବେଶ କିଛି ସମୟ ପାଇଁ ବନ୍ଦ ହୋଇଯାଇଥିଲା। ସତୀଚଉରା ଅଞ୍ଚଳରେ ଥିବା କଟକେଶ୍ୱର ମନ୍ଦିର ଉପରେ ଏକ ବଡ଼ ହୋର୍ଡିଂ ଭାଙ୍ଗି ପଡ଼ିଥିବା ଦେଖିବାକୁ ମିଳିଥିଲା। ମୂଷଳ ଧାରାରେ ବର୍ଷା ହେତୁ ସହରର ତଳ ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଇଥିଲା।






# ଆଜି ଓଏଫ୍‌ଟିଡିଏର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୩୦।୪(ସୌମ୍ୟରଞ୍ଜନ ରାଉତ)

## ୨ ନିର୍ଦ୍ଦେଶକଙ୍କୁ ଦିଆଯିବ ଭତ୍ତା, ସମ୍ବର୍ଦ୍ଧିତ ହେବେ କଳାକାର

ଓଡ଼ିଆ ଫିଲ୍ମ ଆଣ୍ଡ୍ ଟେଲିଭିଜନ ଡାଇରେକ୍ଟର୍ସ ଆସୋସିଏଶନ୍ (ଓଏଫ୍‌ଟିଡିଏ)ର ୨ୟ ବାର୍ଷିକ ଉତ୍ସବ ଶୁକ୍ରବାର କଟକର ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ୍ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍‌ର ନିରଦ ମହାପାତ୍ର ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ଫିଲ୍ମ ଓ ଟିଭି ଜଗତର କେତେଜଣ ପ୍ରମୁଖ ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ। ଚଳଚ୍ଚିତ୍ର ନିର୍ଦ୍ଦେଶକ ଘନଶ୍ୟାମ ମହାପାତ୍ର, ଅଭିନେତା ଅନନ୍ତ ମହାପାତ୍ର, ପ୍ରଯୋଜକ ଶଶାଙ୍କ ମିଶ୍ର, ଲେଖକ ରମେଶ ପାଣିଗ୍ରାହୀ, ଅଭିନେତ୍ରୀ ତ୍ରିପୁରା ମିଶ୍ର, ଅଭିନେତ୍ରୀ ତନ୍ଦ୍ରା ରାୟ, ପ୍ରେକ୍ଷାଳୟ ବିଜେନ୍ଦ୍ର କୁମାର ମହାନ୍ତି, କ୍ୟାମେରାମ୍ୟାନ୍ ଦିଲୀପ ରାୟ, ଶବ୍ଦ ଗ୍ରହଣକାରୀ ସଞ୍ଜୟ ପାଠକ, ସମ୍ପାଦନା ଚନ୍ଦ୍ରଶେଖର ମିଶ୍ର, ନୃତ୍ୟ ବିଦ୍ୟାଧର ଦାସ, ଟିଭି ନିର୍ଦ୍ଦେଶକ ହରିଶ ମହାନ୍ତି, ଟିଭି ସମ୍ପାଦକ ସୌଭାଗ୍ୟ ମହାନ୍ତି, ପାର୍ଶ୍ୱ ଅଭିନେତା ବନମାଳୀ ପାଣ୍ଡିଆ, ଟିଭି କ୍ୟାମେରାମ୍ୟାନ ଉତ୍ତମ ମୁଖାର୍ଜୀ, ସଙ୍ଗୀତ ନିର୍ଦ୍ଦେଶକ ନିର୍ମଳ ମହାପାତ୍ର, ପ୍ରଚ୍ଛଦପଟ ଗାୟକ ଶେଖର ଘୋଷ, ଗୀତିକାର ରଜନୀକାନ୍ତ ନାୟକ ଏବଂ ସିନେ ସାମ୍ବାଦିକ ଆଦିକନ୍ଦ ରାଉତଙ୍କୁ ସମ୍ମାନିତ କରାଯିବ। ଏହାସହିତ କିସ୍ ଫାଉଣ୍ଡେଶନ ସହାୟତାରେ ୨ଜଣ ନିର୍ଦ୍ଦେଶକ ରଜନୀକାନ୍ତ ସାମନ୍ତରାୟ ଓ ପ୍ରଣବ ଦାସଙ୍କୁ ବିଶେଷ ସମ୍ମାନ ସ୍ୱରୂପ ୫୦ ହଜାର ଟଙ୍କା ଲେଖାଏ ସହିତ ଆଜୀବନ ମାସିକ ୫ହଜାର ଟଙ୍କା ଦିଆଯିବ। ଆଗାମୀ ଦିନରେ ଓଡ଼ିଆ ଫିଲ୍ମ ଶତବାର୍ଷିକୀ ପାଳନ କରାଯିବ ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ ଓଏଫ୍‌ଟିଡିଏ ଅଧ୍ୟକ୍ଷ ହିମାଂଶୁ ଶେଖର ଖଟୁଆ, ସଭାପତି ସବ୍ୟସାଚୀ ମହାପାତ୍ର, ସାଧାରଣ ସମ୍ପାଦକ ତାପସ ସରଘରିଆ, ଉପସଭାପତି ବବିସ୍ ଇସ୍‌ଲାମଙ୍କ ଗଦାଧର ପୁଟି, ଅଶୋକ ପତି ପ୍ରମୁଖ ସୂଚନା ଦେଇଛନ୍ତି।

# 'ପଗଡ଼ି ପୁରୁଷଙ୍କ ପାଇଁ ଆମେ ନିଜକୁ ଓଡ଼ିଆ କହିପାରୁଛେ'



ଆଲୋଚନାଚକ୍ରରେ ଅତିଥି ଓ ଅନ୍ୟମାନଙ୍କ ସହ ଲେଖକ ସାମ୍ମୁଖ୍ୟ ସଭାପତି ଡ. ଅଲେଖ ଚନ୍ଦ୍ର ପଢ଼ିଆରୀ ଓ କର୍ମକର୍ତ୍ତାମାନେ।

ଭୁବନେଶ୍ୱର,୩୦।୪ (ସୌମ୍ୟରଞ୍ଜନ ରାଉତ)

ଲେଖକ ସାମ୍ମୁଖ୍ୟ ପକ୍ଷରୁ ସଭାପତି ଡ. ଅଲେଖ ଚନ୍ଦ୍ର ପଢ଼ିଆରୀଙ୍କ ସଭାପତିତ୍ୱରେ 'ସ୍ୱାଭିମାନୀ ମଧୁବାବୁ' ଶୀର୍ଷକ କବିତା ପାଠୋତ୍ସବ ଓ ଆଲୋଚନାଚକ୍ର ମାଷ୍ଟର କ୍ୟାଣ୍ଟିନ୍‌ସ୍ଥିତ ଗୋକୁଳ ପ୍ଲାଜାଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦିକା ବିମଳା ସିଂହ କହିଲେ, ପଗଡ଼ି ପୁରୁଷ ମଧୁସୂଦନ ଦାସ ଯଥାର୍ଥରେ ଜଣେ ଖାଣ୍ଟି ଓଡ଼ିଆ ଥିଲେ। ତାଙ୍କ ସାରା ଜୀବନ ଉତ୍କଳ ମାତାଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଉତ୍ସର୍ଗୀକୃତ ଥିଲା। ତାଙ୍କ ପାଇଁ ଆଜି ଆମେ ନିଜକୁ ଓଡ଼ିଆ ବୋଲି କହିପାରୁଛେ। କାର୍ଯ୍ୟକ୍ରମରେ ପର୍ଶୁରାମ ଦ୍ୱିବେଦୀ, ସୀତା ବଲ୍ଲଭ ମହାପାତ୍ର, ଡ. ବାସନ୍ତୀ ମହାନ୍ତି, ଡ. ଚକ୍ରଧର ଦାଶ, ଖବରଦାତା ଶ୍ରୀରାମ ଦାଶ, ନାଟ୍ୟକାର ବିଜୟ କୁମାର ମହାନ୍ତି, ରଜନୀକାନ୍ତ ପଟ୍ଟନାୟକ, ଡ. ରଜନୀ ରଣସିଂହ, ରାକେଶ ମହାନ୍ତି ଏବଂ ଧନଞ୍ଜୟ ରାୟ ପ୍ରମୁଖ ଯୋଗଦେଇ ସ୍ୱାଭିମାନୀ ମଧୁବାବୁଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଡ. ଚକ୍ରଧର ଦାଶ, ଜୟଶ୍ରୀ ପଟ୍ଟନାୟକ, ଅରୁଣା କର, ସୁନିଲ କୁମାର ମହାପାତ୍ର ଏବଂ ଅଲେଖ ଚନ୍ଦ୍ର ପଢ଼ିଆରୀ ମଧୁବାବୁଙ୍କ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ ସାମ୍ମୁଖ୍ୟର ଆବାହକ ରମାକାନ୍ତ ମିଶ୍ର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବନ୍ଦନା ଗାନ କରିଥିବାବେଳେ ପରିଚାଳନା କମିଟି ସଭ୍ୟା ସୌଦାମିନୀ ସାମନ୍ତରାୟ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। କୋଷାଧ୍ୟକ୍ଷ ଡ. ଚକ୍ରଧର ଦାଶ ଧନ୍ୟବାଦ ଦେଇଥିଲେ।

# ଏକାମ୍ର ବରିଷ୍ଠ ନାଗରିକ ସଂଘର ନୂତନ କର୍ମକର୍ତ୍ତା

ପୁରୁଣା ଭୁବନେଶ୍ୱର,୩୦।୪(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ବରିଷ୍ଠ ନାଗରିକ ସଂଘର ଦଶମ ସ୍ୱନକ୍ଷତ୍ର ପାଳନ ସହ ୨୦୨୬ –୨୮ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ କରାଯାଇଛି। ଉପଦେଷ୍ଟା ଭାବେ ରାଜେନ୍ଦ୍ର ସମର୍ଥା, ସଭାପତି ହୃଷୀକେଶ ତ୍ରିପାଠୀ, ଉପସଭାପତି ଅଶୋକ ଆଚାର୍ଯ୍ୟ, ସୁରେନ୍ଦ୍ର ନାଥ ନନ୍ଦ, ରମାକାନ୍ତ ମହାନ୍ତି, ବିମଳ ପଟ୍ଟନାୟକ, ସମ୍ପାଦକ ଧିରେନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଅଜିତ ବିଶ୍ୱାଳ, ହରିହର ସାହୁ, ସକଳେଶ୍ୱର ପଟ୍ଟନାୟକ, ରମେଶଚନ୍ଦ୍ର ବେହେରା, କୋଷାଧ୍ୟକ୍ଷଭାବେ ସୁଧାଂଶୁ ଶେଖର ମିଶ୍ର, ଅଡିଟରଭାବେ ପି. ପ୍ରଦୀପ କୁମାର ପାତ୍ର ନିର୍ବାଚିତ ହୋଇଛନ୍ତି। ଏଥିସହିତ ୩୧ଜଣ ସଦସ୍ୟ କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇଛନ୍ତି।

# ବାରଙ୍ଗରେ ଝଡ଼ବର୍ଷା, ଯାତାୟାତରେ ବାଧା



**ବାରଙ୍ଗ, ୩୦।୪(ଲିଙ୍ଗରାଜ ରାଉତ):** ଝଡ଼ବର୍ଷା ସହ ବଜ୍ରପାତ ଯୋଗୁ ଗୁରୁବାର ସନ୍ଧ୍ୟାରେ ବାରଙ୍ଗରେ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବଡ଼ ବଡ଼ ଗଛମାନ ଭାଙ୍ଗି ରାସ୍ତାରେ ପଡ଼ି ରହିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସନ୍ଧ୍ୟାରୁ ହଠାତ୍ ଆକାଶ ମେଘାଚ୍ଛନ୍ନ ହେବା ସହ ପ୍ରବଳ ବର୍ଷା ଓ ପବନ ଆରମ୍ଭ ହୋଇଥିଲା। ଝଡ଼ବର୍ଷା ପ୍ରାୟ ୪୫ ମିନିଟ୍ ଧରି ଜାରି ରହିଥିବା ବେଳେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିଲା।

**ବାର୍ଷିକ ନାମସଂକୀର୍ତ୍ତନ ମହୋତ୍ସବ ଉଦ୍‌ଯାପିତ**

ତାଳବସ୍ତ, (ସୁବ୍ରତ କୁମାର ନାୟକ): ପ୍ରତିବର୍ଷ ପରି ଡମପଡା ବ୍ଲକ ଅନ୍ତର୍ଗତ ଅରପୁର ଆଦିବାସୀ ଶବରସାହିରେ ୨ ଦିନିଆ ନାମ ସଂକୀର୍ତ୍ତନ ଓ ମେଳା ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ଶବରସାହି ଲୋକଙ୍କ ଭାଇଚାରା ଏକତାକୁ ପ୍ରଶଂସା କରିଥିଲେ। ଏପ୍ରିଲ ୨୯ ରୁ ମେ ୧ ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ଉତ୍କଳ ରଙ୍ଗମଞ୍ଚ ତରଫରୁ ଯାତ୍ରା ପରିବେଷଣ କରାଯାଉଛି। କାର୍ଯ୍ୟକର୍ତ୍ତା ଗଣେଶ୍ୱର ପ୍ରଧାନ, ବ୍ରଜବନ୍ଧୁ ନାୟକଙ୍କ ପୌରୋହିତ୍ୟରେ ସମସ୍ତ କାମ ଅନୁଷ୍ଠିତ ହୋଇଥିଲା।

**ସଂକ୍ଷେପରେ**

## ରାଜ୍ୟସ୍ତରୀୟ ଭାରତୀ କ୍ରିଷ୍ଣା ଗଣିତ ପରୀକ୍ଷାରେ ଅମ୍ରିତଙ୍କ କୃତିତ୍ୱ

**ତାଳବସ୍ତ ୩୦।୪(ସୁବ୍ରତ କୁମାର ନାୟକ/ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ବାଙ୍କୀ ବିଜ୍ଞାପିତ କ୍ଷେତ୍ର ପରିଷଦ ଅନ୍ତର୍ଗତ ଚକାପଦା ଗ୍ରାମର ଯୁବ ସାମାଜିକ କର୍ମୀ ଅକ୍ଷୟ କୁମାର ସାମଲଙ୍କ କନିଷ୍ଠ ପୁତ୍ର ଅମ୍ରିତ କୁମାର ସାମଲ ଶିକ୍ଷା ବିକାଶ ସମିତି, ଓଡ଼ିଶା ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ ଭାରତୀ କ୍ରିଷ୍ଣା ଗଣିତ ପରୀକ୍ଷାରେ ୯ମ ସ୍ଥାନ ଅଧିକାର କରିଛନ୍ତି। ସେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତୃତୀୟ ଶ୍ରେଣୀର ଛାତ୍ର। ଏହି ଅବସରରେ ବିଦ୍ୟାଳୟ ତରଫରୁ ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପଣ୍ଡାଙ୍କ ପରିଚାଳନାରେ ଏକ ସମ୍ବର୍ଦ୍ଧନା ପର୍ବର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରବୀନ୍ଦ୍ର କୁମାର ରାଉତ, ସମ୍ମାନିତ ଅତିଥିଭାବେ ସଭାକାନ୍ତ ସାହୁ, ବିଦ୍ୟା ମନ୍ଦିର ସମ୍ପାଦିକା ପ୍ରିୟଦର୍ଶିନୀ ମିଶ୍ର, ସଭାପତି ସୁରେଶ ଚନ୍ଦ୍ର ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ଅମ୍ରିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କୃତୀ ଛାତ୍ରଙ୍କ ମାତା ପ୍ରବାସିନୀ ସାମଲ, ବଡ ଭାଇ ଅମ୍ରିତ କୁମାର ସାମଲ ଓ ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ। ଶିକ୍ଷାବିତ୍ ମନୋଜକୁମାର ମହାପାତ୍ର, ଯୁବସଂଗଠକ ବିଶ୍ୱ ରଞ୍ଜନ ସ୍ୱାଇଁ, ପଣ୍ଡିତ ମନୋଜ କୁମାର ରାଉତଙ୍କ ସମେତ ଅନେକ ବୁଦ୍ଧିଜୀବୀ ଭବିଷ୍ୟତରେ ଅଧିକ ସଫଳତା ପାଇଁ ଆର୍ଶୀବାଦ ପ୍ରଦାନ କରିଛନ୍ତି।

## ଅଧକ୍ଷା ମଧୁମିତା ପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କଟକ,୩୦।୪ (ଶିଳ୍ପା ପ୍ରିୟଦର୍ଶିନୀ):**

ଖ୍ରୀଷ୍ଟ କଲେଜ ଶିକ୍ଷକ ସଂଘ ପକ୍ଷରୁ କଲେଜ ଅଧକ୍ଷା ମଧୁମିତା ପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବରିଷ୍ଠ ପ୍ରାଧ୍ୟାପିକା ଡ. ଦେବଯାନୀ ଦାଶ ସଭାପତିତ୍ୱ କରିଥିଲେ। ଅଧକ୍ଷା ମଧୁମିତା ପାତ୍ରଙ୍କ ପ୍ରଶାସନିକ ପାରଦର୍ଶିତା, କାର୍ଯ୍ୟନିପୁଣତା, ବନ୍ଧୁବତ୍ସଳତା ଆଦି ଗୁଣାବଳୀ ସମ୍ପର୍କରେ ସ୍ମୃତିଚାରଣ କରାଯାଇଥିଲା। ଶିକ୍ଷକ ସଂଘ ସମ୍ପାଦକ ଡ. ଅଶୋକ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ ମାନପତ୍ର ପାଠ କରିଥିଲେ। ଶେଷରେ ସହସମ୍ପାଦକ ଡ. ଦୀପକ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଡ. କ୍ଷଣପ୍ରଭା ନନ୍ଦ, ଅଧ୍ୟାପକ ସୁମନ ରଏ, ଡ. ବିନୀତା ନନ୍ଦ, ଡ. ଆଲୋକ ମିଶ୍ର, ଡ. ଜେହାରା ଜବୀନ, ଡ. ସାରଦା ପ୍ରସାଦ କର, ଅଧ୍ୟାପିକା ସ୍ୱାତୀ ଦାଶ, ଡ. କବିତା ଜେନା, ଡ. ସୁନନ୍ଦା ଦାସ, ଅଧ୍ୟାପକ ସୁବ୍ରତ ବଳ, ଅଧ୍ୟାପିକା ରିଙ୍କୁ ମହାପାତ୍ର, ଡ. ସିତ ବିଶ୍ୱାସ, ଡ. ସାଦିଆ ଆଲାମ, ଆଦ୍ୟାଶା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# କଟକରେ ତାଣ୍ଡବ ରଚିଲା ଝଡ଼ବର୍ଷା







କାଳବୈଶାଖୀର ପ୍ରଭାବରେ କଟକ ଏସ୍‌ସିବି ମେଡିକାଲକୁ ଯିବା ରାସ୍ତାକଡ଼ରେ ଥିବା କାର ଉପରେ ଗଛ ଭାଙ୍ଗିପଡ଼ିଛି। ସତୀଚୌରା ଛକ କାକଟେଶ୍ୱର ମହାଦେବ ମନ୍ଦିର ନିକଟରେ ଦୋକାନ ଉପରେ ଥିବା ହୋର୍ଡିଂ ଭାଙ୍ଗି ପଡ଼ିଛି। କଲେଜ ଛକଠାରେ ଉପୁଡ଼ି ପଡ଼ିଥିବା ଗଛ।

**କଟକ,୩୦।୪(କାର୍ତ୍ତିକ ସାହୁ):**

ବେଶ୍ କିଛିଦିନର ଗୁଳୁଗୁଳି ପରେ ପ୍ରବଳ ଝଡ଼ବର୍ଷା କଟକବାସୀଙ୍କୁ ଆଶ୍ୱସ୍ତି ଆଣିଦେଇଛି। ଗୁରୁବାର ସନ୍ଧ୍ୟାରେ ହଠାତ ତୀବ୍ର ବେଗରେ ପବନ ବହିବାକୁ ଆରମ୍ଭ କରିଥିଲା। ପରେ ପରେ ବର୍ଷା ଆରମ୍ଭ ହୋଇଥିଲା। କିଛି ସମୟ ପରେ ବର୍ଷା, ପବନ ଥମି ଯାଇଥିଲା। ମାତ୍ର ସେତିକି ସମୟ ମଧ୍ୟରେ କେତେକ ଅଞ୍ଚଳରେ ହୋର୍ଡିଂ, ଗଛ ଆଦି ଭାଙ୍ଗି ପକାଇଥିବା ଦେଖିବାକୁ ମିଳିଥିଲା। ପୁଣି ରାତି ପ୍ରାୟ ସାଢ଼େ ୧୦ଟା ପରେ ଆରମ୍ଭ ହୋଇଥିଲା ଘଡ଼ଘଡ଼ି, ବିଜୁଳି ସହ ଖୁବ୍ ଜୋର୍‌ରେ ବର୍ଷା। ଝଡ଼ବର୍ଷା ହେତୁ ସହରରେ ବିଦ୍ୟୁତ୍ ସରବରାହ ବି ବେଶ କିଛି ସମୟ ପାଇଁ ବନ୍ଦ ହୋଇଯାଇଥିଲା। ସତୀଚଉରା ଅଞ୍ଚଳରେ ଥିବା କଟକେଶ୍ୱର ମନ୍ଦିର ଉପରେ ଏକ ବଡ଼ ହୋର୍ଡିଂ ଭାଙ୍ଗି ପଡ଼ିଥିବା ଦେଖିବାକୁ ମିଳିଥିଲା। ମୂଷଳ ଧାରାରେ ବର୍ଷା ହେତୁ ସହରର ତଳ ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଇଛି। ଲୋକମାନେ ବାହାରକୁ ବାହାରିବା ମୁସ୍କିଲ ହୋଇଛି। ତେବେ ଯାହାବି ହେଉ ପ୍ରବଳ ରୌଦ୍ରତାପଜନିତ ଅସହ୍ୟ ଯନ୍ତ୍ରଣା ଝଡ଼ବର୍ଷାର ଶୀତଳ ସ୍ପର୍ଶରେ ଉପଶମ ହୋଇଛି।



ବକ୍ସିବଜାର ରୋଡ୍ ଟ୍ରାଫିକ୍ ଛକଠାରେ ଖରାରୁ ରକ୍ଷା ପାଇବା ପାଇଁ ବନ୍ଧା ଯାଇଥିବା ଛାମୁଡିଆ ଭାଙ୍ଗିପଡ଼ିଛି।(ଫଟୋ: ରାଜକିଶୋର ମହାନ୍ତି )

## ବାରଙ୍ଗରେ ଝଡ଼ବର୍ଷା: ଯାତାୟାତ ବାଧାପ୍ରାପ୍ତ



ବାରଙ୍ଗରେ ଗଛ ଉପୁଡ଼ି ପଡ଼ିବାରୁ ରାସ୍ତା ଅବରୋଧ ହୋଇଛି।

**ବାରଙ୍ଗ, ୩୦ ।୪(ଲିଙ୍ଗରାଜ ରାଉତ):**

କାଳବୈଶାଖୀ ପ୍ରଭାବରେ ଝଡ଼ବର୍ଷା ସହ ବଜ୍ରପାତ ଯୋଗୁ ଗୁରୁବାର ସନ୍ଧ୍ୟାରେ ବାରଙ୍ଗରେ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହା ପ୍ରଭାବରେ ରାସ୍ତା କଡ଼ରେ ଥିବା ବଡ଼ ବଡ଼ ଗଛମାନ ଭାଙ୍ଗି ରାସ୍ତାରେ ପଡ଼ି ରହିବାରୁ ଯାତ୍ରାୟତ ବାଧାପ୍ରାପ୍ତ ହୋଇଛି। ସନ୍ଧ୍ୟାରୁ ହଠାତ୍ ଆକାଶ ମେଘାଚ୍ଛନ୍ନ ହେବା ସହ ପ୍ରବଳ ବର୍ଷା ଓ ପବନ ଆରମ୍ଭ ହୋଇଯାଇଥିଲା। ଏହି ଝଡ଼ବର୍ଷା ପ୍ରାୟ ୪୫ ମିନିଟ୍ ଧରି ଜାରି ରହିଥିଲା। ଏହାସହ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିବା ବେଳେ ଝିପ୍‌ଝିପ୍ ବର୍ଷା ଲାଗିରହିଥିଲା।

## ବିଧାୟକଙ୍କ ନେତୃତ୍ୱରେ ମାଷ୍ଟର ପ୍ଲାନ୍ ସମୀକ୍ଷା କଲେ ଏମ୍‌ପି, ଜିଲାପାଳ

### ଏନ୍‌ଏସିରୁ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା

**ବାଙ୍କୀ,୩୦। ୪ (ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ବାଙ୍କୀ ଏନଏସିରୁ ସ୍ଥାୟୀଭାବେ ଜଳବନ୍ଦୀ ସମସ୍ୟା ଦୂର କରିବା ପାଇଁ ସର୍ଭେ ଚାଲିଛି। ଏନେଇ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥାର ମାଷ୍ଟର ପ୍ଲାନ ଚୂଡ଼ାନ୍ତ କରାଯିବ। ଏହା ପୂର୍ବରୁ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଓ ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଧେ ଗୁରୁବାର ଏହି ପ୍ଲାନର ସମୀକ୍ଷା କରିଛନ୍ତି। ଏମ୍‌ପିଙ୍କ କଟକସ୍ଥିତ ବାସଭବନରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ବାଙ୍କୀ ନଗରପାଳଙ୍କ ପ୍ରତିନିଧି କାଉନ୍‌ସିଲର ସନାତନ ବେହେରା, ଉପନଗରପାଳ ସନ୍ତୋଷ କୁମାର ରଣା, ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଇକୋମେଟ୍ରିକ୍ସ କନସଲଟାନ୍ସିର ପ୍ରକଳ୍ପ ନିର୍ଦ୍ଦେଶକ ଇଂ.ବସନ୍ତ କୁମାର ପରିଡା,



ଏମ୍‌ପି ଭର୍ତ୍ତୃହରି ମହତାବ ଓ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ପ୍ଲାନ୍ ଦେଖୁଛନ୍ତି।

ଡ୍ରେନେଜ ବିଶେଷଜ୍ଞ ଇଂ.ଅଶୋକ ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ପି ମହତାବ ପ୍ଲାନକୁ ଅନୁଧାନ କରି ଛୋଟ ଛୋଟ ଭାଗରେ ବିଭକ୍ତ କରି ଅଟକଳ ଡିପିଆର୍ ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ପ୍ରକଳ୍ପ ନିର୍ମାଣ ପାଇଁ ଘରୋଇ ଜମିର ଆବଶ୍ୟକତା ପଡୁଥିବାରୁ ଜମି ଅଧିଗ୍ରହଣ ପାଇଁ ନିଷ୍ପତ୍ତି ହୋଇଥିଲା। ଆଗାମୀ ୫୦ବର୍ଷକୁ ଲକ୍ଷ୍ୟ କରି ସର୍ବାଧିକ ଜଳ ଯେପରି କମ ସମୟରେ ନିଷ୍କାସନ ହୋଇପାରିବ ସେଥିପାଇଁ ଯୋଜନା କରାଯାଉଛି। ଆଗାମୀ ଦିନରେ ବାଙ୍କୀ ଏନ୍‌ଏସି ମ୍ୟୁନିସିପାଲିଟି ହେବାକୁ ଯାଉଥିବାରୁ ପ୍ରସ୍ତାବିତ ଗ୍ରାମ ପଞ୍ଚାୟତଗୁଡ଼ିକୁ ଏଥିରେ ସାମିଲ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଜଳ ନିଷ୍କାସନ ପଥରେ ଥିବା ଘରୋଇ ଜମି ମାଲିକଠାରୁ ଅନୁମତି ଆଣି ଅନୁଦାନ ଅଟକଳ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଏଥିସହ ମୁଖ୍ୟ ଡ୍ରେନ ଯାଉଥିବା ପଥରେ ଥିବା ଘରୋଇ ଜମି କିସମ ପରିବର୍ତ୍ତନ କିମ୍ବା କ୍ରୟ ବିକ୍ରୟ ବନ୍ଦ କରିବା ପାଇଁ ଉପଜିଲାପାଳ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବେ ବୋଲି ଜିଲାପାଳ କହିଥିଲେ।

## ରାଉତ୍ରାପୁର ମା' ବାସୁଳେଇ ପୀଠରେ ଘୋଡ଼ାନାଚ

**କଟକ ସଦର,୩୦ ।୪(ସୁଶାନ୍ତ କୁମାର ଜେନା)**

୪୨ ମୌଜା ଅନ୍ତର୍ଗତ ରାଉତ୍ରାପୁର ମା' ବାସୁଳେଇଙ୍କ ପୀଠରେ ୩ ଦିନ ବ୍ୟାପୀ ଅନୁଷ୍ଠିତ ଘୋଡ଼ାନାଚ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। କଟକ ଜିଲାର ପାରମ୍ପରିକ ନୃତ୍ୟ ଭାବେ ପରିଚିତ ଘୋଡନାଚର ଉଦ୍‌ଯାପନୀ ସମାରୋହରେ ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ ସଭାପତି ପ୍ରଫେସର ମନୋଜ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଘୋଡ଼ା ନାଚ କଳାକାର ଓ ବୟୋଜ୍ୟେଷ୍ଠ ସାହି ମୁରବିମାନଙ୍କୁ ଏହି ପରିପ୍ରେକ୍ଷୀରେ ସମ୍ବର୍ଦ୍ଧିତ କରାଯାଇଥିଲା। ଆଧୁନିକ ସମୟରେ ଘୋଡ଼ା ନାଚ ହଜି ଯାଉଥିବା ବେଳେ ଏଠାରେ ପରିବେଷଣ କରି ଦର୍ଶକମାନଙ୍କୁ ଆକର୍ଷିତ କରାଯାଉଥିବାରୁ ପ୍ରଫେସର ନାୟକ ପ୍ରଶଂସା କରିଥିଲେ। ଏହି ସମାରୋହକୁ ପ୍ରକାଶ ମାଝୀ, ଅରକ୍ଷିତ ମାଝୀ, ବିଘ୍ନେଶ୍ୱର ମାଝୀ, ଦିଲୀପ ମାଝୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ସାମିଲ ନୂଆପାଟଣା ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ

**ଟିଗିରିଆ,୩୦।୪(ଜାଫର ଖାଁ):**

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ପିଏମ୍‌ଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟକୁ ରାଜ୍ୟ ସରକାରଙ୍କ ତରଫରୁ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରାଥମିକ ଶିକ୍ଷାରସ୍ତରକୁ ବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟକୁ ସାମିଲ କରାଯାଇଛି। ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ, ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷାଦାନ ପଦ୍ଧତିରେ ବୈଷୟିକ ଜ୍ଞାନ କୌଶଳର ଉପଯୋଗ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି କ୍ରମରେ ସରକାରଙ୍କ ତରଫରୁ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୧୮ଟି ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଉଦ୍ଦିଷ୍ଟ ପ୍ରାଥମିକ ବିଦ୍ୟାଳୟକୁ ସାମିଲ କରାଯାଇଛି।

ସେହିପରି ଏପ୍ରିଲ ୨୭ରେ ସରକାରଙ୍କ ରାଜ୍ୟ ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ଅଥରିଟିଙ୍କ ପକ୍ଷରୁ ଦିଆଯାଇଥିବା ଚିଠି ଅନୁସାରେ ୨ୟ ପର୍ଯ୍ୟାୟରେ ଏହି ଯୋଜନାରେ ରାଜ୍ୟର ୨୧୨ଟି ବିଦ୍ୟାଳୟକୁ ସାମିଲ କରାଯାଇଛି। ଏହି କ୍ରମରେ କଟକ ଜିଲାର ୩ଟି ବିଦ୍ୟାଳୟକୁ ସାମିଲ କରାଯାଇଥିବା ବେଳେ ଟିଗିରିଆ ବ୍ଲକର ପିଏମ୍‌ଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟକୁ ଏହି ୩ଟି ବିଦ୍ୟାଳୟ ମଧ୍ୟରେ ସାମିଲ କରାଯାଇଥିବା ନେଇ ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା ସୂଚନା ଦେଇଛନ୍ତି। ଏହି ଖବରରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯିବା ସହ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ତରଫରୁ ବ୍ଲକ ଶିକ୍ଷା ବିଭାଗ, ସରକାର, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି।

## 'ପିଲାଙ୍କୁ ପାଠ ପଢ଼େଇ ଭଲ ମଣିଷ କରିବା ଆମ ପାଇଁ ଗର୍ବ'



### ୨ ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

**ସାଲେପୁର,୩୦।୪(ଅରବିନ୍ଦ ଭୂୟାଁ):**

ସାଲେପୁର ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ଉଚ୍ଚ ପ୍ରାଇମେରୀ ବିଦ୍ୟାଳୟରେ ୨ ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଫିରୋଜ ଅହମ୍ମଦ ଖାନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ତ୍ରିଲୋଚନପୁର ପଞ୍ଚାୟତର ସରପଞ୍ଚ ସସ୍ମିତା ମଲ୍ଲିକ, ଶିକ୍ଷକ ନେତା ଜ୍ୟାକି ଅମିନ, ପ୍ରଧାନ ଶିକ୍ଷକ ଉମାକାନ୍ତ ପଣ୍ଡା, ମାଛୁଆତି ସିଆରସିସି ଦେବଦତ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଶିକ୍ଷୟିତ୍ରୀମାନଙ୍କ ଭୂମିକା ବିଷୟରେ ବକ୍ତବ୍ୟ ରଖିଥିଲେ ଏଥି ସହିତ ପିଲାମାନଙ୍କୁ ଭବିଷ୍ୟତରେ ଭଲ ମଣିଷ କରିବା ଶିକ୍ଷକମାନଙ୍କ ଭୂମିକା ମହତ୍ତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଦ୍ୟାଳୟର ସମସ୍ତ ନୂତନ ଓ ପୁରାତନ ଛାତ୍ରୀଛାତ୍ର ପରିଚାଳନା କମିଟି ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଅବସରରେ ବିଦ୍ୟାଳୟର ୨ ଜଣ ଶିକ୍ଷୟିତ୍ରୀ ସେହନାଜ ବେଗମ, ଜ୍ୟୋତିରେଖା ମହାନ୍ତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସମସ୍ତ ନୂତନ ଓ ପୁରାତନ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା କମିଟି ସଭ୍ୟାସଭ୍ୟ ଓ ଗ୍ରାମବାସୀ ପରିଚାଳନା କରିଥିଲେ। ବ୍ଲକ ଶିକ୍ଷା ଅଧିକାରିଣୀ କୁନ୍ତଳା ଖଟୁଆ ୨ ଶିକ୍ଷୟିତ୍ରୀ ଙ୍କ ଅବସରକାଳୀନ ସମ୍ବର୍ଦ୍ଧନାରେ ଶୁଭେଚ୍ଛା ଜଣାଇଥିଲେ। ସ୍କୁଲ କମିଟି ସଭାପତି ଦିଲୀପ କୁମାର ଦାସ, ପ୍ରଧାନ ଶିକ୍ଷୟିତ୍ରୀ ସଲମା ମାରାଣ୍ଡି, ଶିକ୍ଷୟତ୍ରୀ ମାନସୀ ସିଂ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମହାଜନ ଘର ପୋଖରୀ ଏବେ ପରିତ୍ୟକ୍ତ

■ ଟଙ୍କା ଫେରିବା ଉପରେ ଉନ୍ନୟନ କାର୍ଯ୍ୟ ଆଗଉନାହିଁ

■ ରାଜନୈତିକ ଛକାପଞ୍ଝାରେ ବଳି ପଡୁଛନ୍ତି ସାଧାରଣ ଜନତା

**ତାଳବସ୍ତ, ୩୦।୪ (ସୁବ୍ରତ କୁମାର ନାୟକ):**

ଡମପଡ଼ା ବ୍ଲକ ବୃହତ୍ ପଞ୍ଚାୟତର ପୁରାତନ ମହାଜନ ଘର ପୋଖରୀ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ତାଳବସ୍ତ ଗ୍ରାମର ୪ ୱାର୍ଡର ୨ ହଜାର ଲୋକ ଦୈନିକ ଏହି ପୋଖରୀ ଉପରେ ସ୍ନାନ ଏବଂ ଶୌଚ ହେବା ସହ ଚାଷଜମିକୁ ପାଣି ନେବା ଆଦି କାର୍ଯ୍ୟ କରିଥାନ୍ତି। ଆଜକୁ ୫ ବର୍ଷ ହେବ କୋଭିଡ୍ ପରଠୁ ଏହି ପୋଖରୀ ଉପରେ ପଞ୍ଚାୟତ କି ବ୍ଲକ ପ୍ରଶାସନ ଦୃଷ୍ଟି ଦେଇନାହାନ୍ତି, ଯାହା କେତେକ ଲୋକଙ୍କ ଅଭିଯୋଗ ଏବଂ ପ୍ରଶାସନର ପ୍ରତିକ୍ରିୟା କେବଳ ଗଣମାଧ୍ୟମରେ ହିଁ ସୀମିତ ରହିଯାଇଛି। କିନ୍ତୁ ବାସ୍ତବ କ୍ଷେତ୍ରରେ କୌଣସି ଉନ୍ନୟନ କାର୍ଯ୍ୟ କି ସମାଧାନର ସୁଫଳ ସାଧାରଣ ଲୋକେ ପାଇନାହାନ୍ତି। ପୋଖରୀ ଫଳକ ଅନୁସାରେ ୧୬୮୪ରେ ତାଳବସ୍ତ ମହାଜନ ଘର (ତେଲୀ ଜାତି)ର ଶିବ ସାହୁ ଓ ଫକୀର ସାହୁ ନିଜର ୧୫ ଏକର ଜମିରେ ଲୋକଙ୍କ ବୃହତ୍ତର ସ୍ୱାର୍ଥପାଇଁ



ପରିତ୍ୟକ୍ତ ଅବସ୍ଥାରେ ପୋଖରୀ।

ଏହି ପୋଖରୀ ଖୋଳାଇଥିଲେ। ପରବର୍ତ୍ତୀ ସମୟରେ ଡମପଡା ରାଜା କପିଳେଶ୍ୱର ମନ୍ଦିରଙ୍କ ପାଖରେ ନିଜ ଝିଅ ନାମାନୁସାରେ ଚମ୍ପାଦେଈ ପୋଖରୀ ଖନନ କରିଥିଲେ। ତାଳବସ୍ତ ପଞ୍ଚାୟତର ସମସ୍ତ ଜନସାଧାରଣ ଏହି ଦୁଇଟି ପୋଖରୀ ଉପରେ ସ୍ନାନ ଓ ଶୌଚ ପାଇଁ ନିର୍ଭର କରୁଥିଲେ ବୋଲି ବ୍ରାହ୍ମଣସାହିର ବୟୋଜେଷ୍ଠ ନାଗରିକ ଭଗବାନ ଲେଙ୍କା କହିଛନ୍ତି।

ମହାଜନ ଘରର ଦାୟାଦମାନେ ଉକ୍ତ ପୋଖରୀକୁ ତାଳବସ୍ତ ପଞ୍ଚାୟତକୁ ଦାନ କରିଥିଲେ। ପୁରାତନ ପୋଖରୀ ଅନୁସାରେ ପୂର୍ବ ସରକାରଙ୍କ ସମୟରେ ଏହାକୁ ମାନ ସରୋବର ପୋଖରୀ ଯୋଜନାରେ ସାମିଲ କରି ୮ଲକ୍ଷ ଟଙ୍କାର ଅନୁଦାନ (୨୦୨୨-୨୩)ରେ ଦିଆଯାଇଥିଲା। କିନ୍ତୁ ସରକାର ପରିବର୍ତ୍ତନ ପରେ ପଞ୍ଚାୟତର ଦୁଇ ରାଜନୈତିକ ଗୋଷ୍ଠୀଙ୍କ ସ୍ୱାର୍ଥ ପାଇଁ କାମ ଆଗେଇ ପାରୁନାହିଁ। ଫଳରେ ଟଙ୍କା ଫେରିଯିବାର ଶୁଣିବାକୁ ମିଳୁଛି ବୋଲି ସାମାଜିକ କର୍ମୀ ପ୍ରଦ୍ୟୁମ୍ନ କୁମାର ପାଲ କୁହନ୍ତି।

ପୋଖରୀର ପୂର୍ବ ସୌନ୍ଦର୍ଯ୍ୟ ଆଉ ନାହିଁ। ଯୁଆଡ଼େ ଚାହିଁବ ଖାଲି ଦଳ ଘାସ ଗଛ ଭର୍ତ୍ତି ହୋଇ ରହିଛି। ଅସହ୍ୟ ଖରାରେ ଗୋଟେ କିଲୋମିଟର ରଣନଦୀକୁ ମହିଳା ଓ ଲୋକେ ଯାଇ ନ ପାରି ଏହି ପୋଖରୀରୁ ଦଳ ସଫା କରି ଗାଧୋଇ ଥା'ନ୍ତି। ଅପରିଷ୍କାର ଜଳ ଚର୍ମ ରୋଗ ସୃଷ୍ଟି କରୁଛି ଏବଂ ଲୋକମାନେ ମେଡିକାଲ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ପୂର୍ବ ବର୍ଷମାନଙ୍କରେ ପଞ୍ଚାୟତର ରାଜସ୍ୱ ବୃଦ୍ଧି ପାଇଁ ପୋଖରୀକୁ ନିଲାମଧାରୀ ବ୍ୟକ୍ତିମାନେ ସମ୍ପୂର୍ଣ୍ଣ ଔଷଧ, ଦାନାମଳ ପକାଇ ନଷ୍ଟକରି ଦେଇଛନ୍ତି। ପୋଖରୀରେ ପୋକଜୋକ ସାଲୁବାଲୁ ହେଉଛନ୍ତି।

ଏ ସମ୍ପର୍କରେ ସରପଞ୍ଚ ପାର୍ଥ ଅକ୍ଷୟ କୁମାର ବେହେରା କୁହନ୍ତି, ନିକଟରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ। ଖରାଦିନ ଭିତରେ ପୋଖରୀ ଶୁଖାଇ ମାନସରୋବର ଯୋଜନା ଅନୁଯାୟୀ ଭିବି ଜି-ରାମ୍-ଜୀରେ କାମ ଆରମ୍ଭ ହେବ। କାର୍ଯ୍ୟ ବିଳମ୍ବ ପାଇଁ ଡମପଡା ବିଡିଓ ଅଂଶୁମାନ୍ କରଙ୍କୁ ପଚାରିବାରେ ପୋଖରୀ ଦଳ ସଫା କରିବା କାମ ପଞ୍ଚାୟତର। ବ୍ଲକ ତରଫରୁ ଖନନ ଏବଂ ସୌନ୍ଦର୍ଯ୍ୟ ପାଇଁ ବିଭିନ୍ନ ଯୋଜନାରେ ଅନୁଦାନ ଦିଆଯାଇଥାଏ। ତଥାପି ମୁଁ ଚେଷ୍ଟା କରୁଛି, ଶୀଘ୍ର ସେହି ମହାଜନ ପୋଖରୀ ଦଳ ସଫା ସହିତ ଖନନ କାର୍ଯ୍ୟ ହୋଇ ଲୋକମାନଙ୍କର ସେବାରେ ଲାଗିବା ପାଇଁ।

ସରପଞ୍ଚ ପ୍ରତିନିଧି ଆଲୋକ ସାହୁ କୁହନ୍ତି, ପୋଖରୀ କାମ ବିଳମ୍ବ ଅଭିଯୋଗ ସତ୍ୟ। କାର୍ଯ୍ୟ ବିଳମ୍ବ ପାଇଁ ଦୁଃଖିତ। କିନ୍ତୁ ପ୍ରତ୍ୟେକ ଜନହିତକର କାମରେ ପ୍ରତିନିଧିଙ୍କୁ ଦୋଷ ଲଦି ଦେଲେ ହେବ ନାହିଁ। ସଚେତନ ନାଗରିକମାନଙ୍କର ମଧ୍ୟ ଏଥିପ୍ରତି ଉତ୍ତରଦାୟିତ୍ୱ ରହିଛି। ନିକଟରେ ଚମ୍ପାଦେଈ ପୋଖରୀ ଖୋଳା କାର୍ଯ୍ୟ ପରେ ଅସହିଷ୍ଣୁ ଲୋକ ଆର୍‌ଟିଆଇରେ ତଥ୍ୟ ମାଗିବା ଦ୍ୱାରା ଲକ୍ଷାଧିକ ଟଙ୍କାର ବିଲ୍ ମିଳୁନାହିଁ। ବ୍ଲକ ପ୍ରଶାସନ ଏବଂ ପଞ୍ଚାୟତ ଜନ ପ୍ରତିନିଧିଙ୍କ ଉଦାସୀନତା ପାଇଁ ପରିତ୍ୟକ୍ତ ପୋଖରୀର ଯଦି କାମ ନ ହୁଏ, ତେବେ ତାଳବସ୍ତ ଗ୍ରାମବାସୀଙ୍କ ତରଫରୁ ରାସ୍ତାରୋକୋ ସହିତ ବାଙ୍କୀ ଉପଜିଲାପାଳଙ୍କ ପାଖରେ ଗଣଧାରଣା ଦିଆଯିବ ବୋଲି ଶ୍ରୀରାମ କମିଟି ସଭାପତି ବିଶ୍ୱ ରଞ୍ଜନ ସ୍ୱାଇଁ କହିଛନ୍ତି।

# ଡ୍ରେନ୍, ପରିମଳ ଟେଣ୍ଡର ପ୍ରକ୍ରିୟାରେ ୬ କୋଟିର ଦୁର୍ନୀତି

**ଖୋର୍ଦ୍ଧା ପୌରପାଳିକା**

- ଅଭିଯୋଗ ଆଣିଲା ଓଡ଼ିଶା ଚୁକ୍ତିଭିତ୍ତିକ ଠିକା ସଫେଇ କର୍ମଚାରୀ ସଂଘ
- ତଦନ୍ତ ଦାବି, ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା


ଅଭିଯୋଗ କରିବାକୁ ଆସିଥିବା ଓଡ଼ିଶା ଚୁକ୍ତିଭିତ୍ତିକ ଠିକା ସଫେଇ କର୍ମଚାରୀ ସଂଘର କର୍ମଚାରୀ।

ଖୋର୍ଦ୍ଧା,୩୦।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୌରପାଳିକାରେ ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଛି। ଡ୍ରେନ୍ ଏବଂ ପରିମଳ ସଫେଇ ପାଇଁ ହୋଇଥିବା ଟେଣ୍ଡର (ନଂ.୦୩/୨୦୨୫-୨୬ ଏବଂ ୦୪/୨୦୨୫-୨୬)ରେ ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଛି ବୋଲି ଅଭିଯୋଗ ଆଣିଛି ଓଡ଼ିଶା ଚୁକ୍ତିଭିତ୍ତିକ ଠିକା ସଫେଇ କର୍ମଚାରୀ ସଂଘ। ଏହି ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା, ପକ୍ଷପାତିତା, ସରକାରୀକରଣ ଅପବ୍ୟବହାର ତଥା ଟେଣ୍ଡରରେ ଅଂଶଗ୍ରହଣ କରିଥିବା ସଂସ୍ଥାଗୁଡ଼ିକ ଅଗୋଚରରେ ଜଣେ ସଂସ୍ଥାକୁ କାର୍ଯ୍ୟକ୍ଷ ଅନୁକମ୍ପା ଦେଖାଇ କାର୍ଯ୍ୟାଦେଶ ଦେବାର ଏକ ମାସ ପରେ ଅଫିସିଆଲ ୱେବସାଇଟରେ ଅପଲୋଡ୍ କରାଯାଇଛି। ଏହା ସମ୍ପୂର୍ଣ୍ଣ ଭାବେ ବେଆଇନ, ଏଥିରେ ବ୍ୟାପକ ଅର୍ଥ କାରବାର କରାଯାଇଛି ବୋଲି ସଂଘ ଅଭିଯୋଗ କରିଛି। ଏହି ଟେଣ୍ଡରକୁ ରଦ୍ଦ କରାଯିବା ସହ ଅନିୟମିତତାରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଫୌଜଦାରୀ ମାମଲା ରୁଜୁ ଦାବିରେ ଓଡ଼ିଶା ଚୁକ୍ତିଭିତ୍ତିକ ଠିକା ସଫେଇ କର୍ମଚାରୀ ସଂଘ ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା ଦିଆଯିବା ସହ ଲିଖିତ ଅଭିଯୋଗ କରାଯାଇଛି। ଏହାସହିତ ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ, ପ୍ରମୁଖ ଶାସନ ସଚିବ, ଲୋକାୟୁକ୍ତ, ଓଡ଼ିଶା ଏବଂ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଭୁବନେଶ୍ୱର ନିକଟରେ ମଧ୍ୟ ଲିଖିତ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଏହି ଘଟଣାକୁ ଜିଲାପାଳ ଅମ୍ରିତ୍ ଋତୁରାଜ ଗୁରୁତର ସହ ଗ୍ରହଣ କରି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୫ ତାରିଖ ସୁଦ୍ଧା ଏହାର ସବିଶେଷ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ରହିଛି। ଅଭିଯୋଗରେ ଉଲ୍ଲେଖ ରହିଛିଯେ, ଖୋର୍ଦ୍ଧା ପୌରପାଳିକା ୨୦୨୫ ସେପ୍ଟେମ୍ବର ୨୧ରେ ଓଡ଼ିଶା ସରକାରଙ୍କ ଇ-ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ ମାଧ୍ୟମରେ ଦୁଇଟି ପୃଥକ୍ ଟେଣ୍ଡର ଆହ୍ୱାନ କରିଥିଲା। ପୌରପାଳିକା ୱାର୍ଡ ନମ୍ବର ୧ରୁ ୨୨ରେ ଡ୍ରେନ୍ ଶୌଚାଳୟ, ପରିଷ୍କାରଗାର ସଫେଇ ଘରୋଇକରଣ ପାଇଁ ଇ-ପ୍ରୋକ୍ୟୁରମେଣ୍ଟ ନୋଟିସ ୩୦୫୧ ନମ୍ବର ୦୩/୨୦୨୫-୨୬ ଟେଣ୍ଡର ଆହ୍ୱାନ କରିଥିଲେ ; ଯାହାର ଆନୁମାନିକ ମୂଲ୍ୟ ୧,୨୨,୭୧,୬୯୨ ଟଙ୍କା ରହିଥିଲା। ଟେଣ୍ଡର ୨ରେ ଇ-ପ୍ରୋକ୍ୟୁରମେଣ୍ଟ ନୋଟିସ ନଂ.୦୪/୨୦୨୫-୨୬ରେ ପୌରପାଳିକା ଅଧୀନ ୨୨ଟି ୱାର୍ଡ ରାସ୍ତା ସଫା କରିବା, କଠିନ ବର୍ଜ୍ୟବସ୍ତୁ ସଂଗ୍ରହ ସମେତ ପରିମଳ କାର୍ଯ୍ୟର ଘରୋଇକରଣ ପାଇଁ ଟେଣ୍ଡର ଆହ୍ୱାନ କରିଥିଲେ, ଯାହାର ମୂଲ୍ୟ ୫,୦୨,୪୨,୨୦୦ ଟଙ୍କା ରହିଛି। ତେବେ ଏହି ଟେଣ୍ଡର ପ୍ରକ୍ରିୟାରେ ରହିଥିବା ସର୍ତ୍ତାବଳୀକୁ ଉଲ୍ଲଂଘନ କରାଯାଇଛି। କୌଣସି ବିଡର ନେଇଥିବା ଟେଣ୍ଡର ଅବଧି ସମାପ୍ତ ହେବା ସମୟରେ ଏହାର ଅବଧି ବୃଦ୍ଧି ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିପାରିବେ। ତେବେ ଏହାର ଅବଧି ବୃଦ୍ଧି କରାଯିବ କି ନାହିଁ କର୍ତ୍ତୃପକ୍ଷ ତାହା ଏକପାଖିଆ ଭାବେ ନେଇପାରିବେ ନାହିଁ। ତେବେ ଉପରୋକ୍ତ ଦୁଇଟି ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ କୌଣସି ସୂଚନା ଦିଆ ନ ଯାଇ ତରବରିଆ ଭାବେ ଏକ ସଂସ୍ଥାକୁ ଅନୁକମ୍ପା ଦେଖାଇ କାର୍ଯ୍ୟ ଦିଆଯାଇଛି। ଟେଣ୍ଡର ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟଙ୍କ ରହିଥିବା ରାୟର ଉଲ୍ଲଂଘନ କରୁଛି। ଗତ ମାର୍ଚ୍ଚ ୩୧ରେ ସମ୍ପୃକ୍ତ ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଥିବା ବେଳେ ଏପ୍ରିଲ ୨୬ରେ ଇ-ପୋର୍ଟାଲରେ ଅପଲୋଡ କରାଯାଇଛି। ସଂଘ ରାଜ୍ୟ ସଭାପତି ମୋହନ ନାୟକ ଉପରୋକ୍ତ ଅନିୟମିତତା ଅଭିଯୋଗ ଆଣି ତୁରନ୍ତ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି। ଏନେଇ ଜିଲାପାଳ ଅମ୍ରିତ୍ ଋତୁରାଜ କହିଛନ୍ତି, ଏହିଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଟେଣ୍ଡର ପ୍ରକ୍ରିୟା ଅନିୟମିତତା ଅଭିଯୋଗ ସ୍ପଷ୍ଟ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ କହିଛନ୍ତି, ଏହିଘଟଣାର ତଦନ୍ତ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଟେଣ୍ଡର ପ୍ରକ୍ରିୟାର ସବିଶେଷ ରିପୋର୍ଟ ଦାଖଲ ପାଇଁ ପୌର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ଜିଲାପାଳଙ୍କୁ ପ୍ରଦାନ କରାଯିବ।

# ରାମଲୀଳାରେ ସୀତା ଚୋରି ମଞ୍ଚସ୍ଥ



ନିରାକାରପୁର,୩୦।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଭିଆ ପଞ୍ଚାୟତ ଅନ୍ତର୍ଗତ କାଶିପୁର ବଡ଼ପାଟଣା ସାହିରେ ସୀତାରାମ ନାଟ୍ୟ ସଂସଦ ପକ୍ଷରୁ ଚାଲିଛି ରାମଲୀଳା। ଏହି ଅବସରରେ ବୁଧବାର ସୀତା ଚୋରି ମଞ୍ଚସ୍ଥ ହୋଇଯାଇଛି। ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ସାଗର ଜେନା, ଲକ୍ଷ୍ମଣ ରାଜେଶ ପ୍ରଧାନ, ସୀତା ପ୍ରଭାତ ଲେଙ୍କା, ସୁର୍ପଣଖା ମନୁଆ ପରିଡ଼ା, ମାରୀଚ ରାକେଶ ପରିଡ଼ା, ରାବଣ ଅକ୍ଷୟ ଲେଙ୍କା, ମାୟାବୀ ରାବଣ ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ କଳାକାରଙ୍କ ଅଭିନୟ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସେହିପରି ସାଜସଜ୍ଜାରେ ନବ କିଶୋର ବରାଳ, ଗାୟକ ଶ୍ୟାମ ସୁନ୍ଦର ବିଶ୍ୱାଳ, ବାୟକଭାବେ ମହେଶ୍ୱର ନାୟକ ଦାୟିତ୍ୱ ତୁଲାଇଥିଲେ। ନୃସିଂହ ଦଳେଇ, ରାକେଶ ପରିଡ଼ା, ନକୁଳ ସାହୁ, ବିଦ୍ୟାସାଗର ପ୍ରଧାନଙ୍କ ସମେତ ସୀତାରାମ ନାଟ୍ୟ ସଂସଦର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ। ରାମାୟଣର ଏହି କଥାବସ୍ତୁ ଦେଖିବାକୁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା।

**କାଳବୈଶାଖୀ ପ୍ରଭାବ**

# ହୋର୍ଡିଂ ପଡ଼ି ଯୁବକ ଆହତ



ବେଗୁନିଆ, ୩୦।୪
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ପର୍ବପର୍ବାଣୀ ଆସିଲେ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବେଗୁନିଆ ନିର୍ବାଚନମଣ୍ଡଳୀ ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବିଭିନ୍ନ ବଜାର, ଛକ ସହ ଜନଗହଳିପୂର୍ଣ୍ଣ ସ୍ଥାନରେ ହୋର୍ଡିଂ ତଥା ବାଉଁଶ ତୋରଣ ଲଗାଯାଇଥାଏ। ତେବେ ଗୁରୁବାର କାଳବୈଶାଖୀ ପ୍ରଭାବରେ ଏକ ହୋର୍ଡିଂ ଭାଙ୍ଗିପଡ଼ିବାରୁ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବେଗୁନିଆ ଥାନା ଅଧୀନ ବଡ଼ନୟାପଲ୍ଲୀ ଗ୍ରାମର ବିଭୂତି ଭୂଷଣ ବରାଳ। ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ବିଭୂତି ଗୁରୁବାର ଅପରାହ୍ଣରେ ଥାନା ନିକଟରେ ଥିବା ଦୋକାନ ଖୋଲିବାକୁ ଯାଉଥିଲେ। ଏହି ସମୟରେ କାଳବୈଶାଖୀ ହେବାରୁ ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି ଶୁଭେଚ୍ଛା ବାର୍ତ୍ତା ଲେଖାଥିବା ହୋର୍ଡିଂଟି ବିଭୂତିଙ୍କ ଉପରେ ପଡ଼ିଯାଇଥିଲା। ଏଥିରେ ବିଭୂତିଙ୍କ ବେକ ଏବଂ ପିଠିରେ ଆଘାତ ଲାଗି ସେ ଆହତ ହୋଇଛନ୍ତି। ଏଥିସହ ତାଙ୍କ ପୋଷାକ ଚିରିଯାଇଛି। ଅନ୍ୟପଟେ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ରକ୍ଷା ପାଇଯାଇଥିବା ବିଭୂତି କହିଛନ୍ତି। ଏନେଇ ବିଭୂତି ଥାନାରେ ଲିଖିତ ଅଭିଯୋଗ କରିବା ସହ ଘଟଣାର ତଦନ୍ତ କରାଯାଇ ହୋର୍ଡିଂ ଲଗାଇଥିବା ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି। ଏନେଇ ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁ କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚାଲିଛି। ଅନପଟେ ହୋର୍ଡିଂ ଲଗାଇବାକୁ କେହି ଅନୁମତି ନେଇ ନାହାନ୍ତି ବୋଲି ଜାତୀୟ ରାଜପଥ ଯନ୍ତ୍ରୀ ରାକେଶ ପ୍ରଧାନ କହିଛନ୍ତି।

# ଶ୍ରୀନୃସିଂହ ଜନ୍ମ ପାଳିତ

ଖୋର୍ଦ୍ଧା,୩୦।୪(ପ୍ରଭାତ ପାଣିଗ୍ରାହୀ)

ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏଶନ ପକ୍ଷରୁ ଶ୍ରୀଚୈତନ୍ୟ ବିହାରଠାରେ ଆଦି ଦେବ ଭଗବାନ ଶ୍ରୀନୃସିଂହ ଜନ୍ମ ପାଳିତ ହୋଇଯାଇଛି। ଅପରାହ୍ଣରେ ଶ୍ରୀମଦ୍ ଭାଗବତ ପାଠ, ସନ୍ଧ୍ୟାରେ ଶ୍ରୀନୃସିଂହଙ୍କ ଆବିର୍ଭାବ ଅଭିଷେକ ଆଳତି ହୋଇଥିଲା। ପରେ ପଣ୍ଡିତ ଗୋପବନ୍ଧୁ ପଣ୍ଡା, ଗବେଷକ ଜାନକୀ ବଲ୍ଲଭ ପଟ୍ଟନାୟକ, ଅନନ୍ତ ହରିବାବା, ବୋଧାୟନ ମହାରାଜ ଶ୍ରୀନୃସିଂହ ତତ୍ତ୍ୱ ଓ ମହିମା ଭକ୍ତ ବାତ୍ସଲ୍ୟତା ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗଦୀଶ ପ୍ରସାଦ ପଟ୍ଟନାୟକ, ଶିଶିର ରାଉତ, ବନ୍ଦିତା ପଟ୍ଟନାୟକ, ବ୍ରଜ ବାବା, ସନ୍ତୋଷୀ ସାହୁ, କାଦମ୍ବିନୀ ସାମନ୍ତରାୟ, ମାମିନା ପଣ୍ଡା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ନାରାୟଣ ପଣ୍ଡା ଏବଂ ସଂଘ ସମ୍ପାଦକ ଜୟ ନାରାୟଣ ପଟ୍ଟନାୟକ ସଂଯୋଜନା କରିଥିଲେ।


ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏଶନ ପକ୍ଷରୁ ଶ୍ରୀଚୈତନ୍ୟ ବିହାରଠାରେ ଆଦି ଦେବ ଶ୍ରୀନୃସିଂହଙ୍କ ଜନ୍ମ ଉତ୍ସବ ପାଳନ କରାଯାଉଛି।

# ଲଘୁ ଖଣିଜ ଦ୍ରବ୍ୟ ଖନନ ସହ ଚାଲାଣ ବେଳେ ତହସିଲ ପକ୍ଷରୁ ଚଢ଼ାଉ





ବେଗୁନିଆ,୩୦।୪
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ତହସିଲ ଅଞ୍ଚଳରେ ବେଆଇନ ଭାବେ ଲଘୁ ଖଣିଜ ଦ୍ରବ୍ୟ ଖନନ ସହ ଚାଲାଣ ବଢ଼ିଚାଲିଛି। ପ୍ରଶାସନ ପକ୍ଷରୁ ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ତହସିଲଦାର ଆଦିତ୍ୟ ଦିପଙ୍କର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ବିଳମ୍ବିତ ରାତିରେ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଦେଉଳି ପଞ୍ଚାୟତ ଓଗାଳପୁରରେ ବେଆଇନ ଭାବେ ମାଙ୍କଡ଼ା ପଥର ଉତ୍ତୋଳନ ସମୟରେ ତିନୋଟି ପାୱାରଟିଲର ଜବତ କରିଥିଲେ। ପରେ ରାଉତପଡ଼ା ବଜାର ନିକଟରୁ କଳାମୁଗୁନି ପଥର ବୋଝେଇ ହାଇୱା (ଓଡି ୦୨ ଏଏଫ ୦୨୯୪)କୁ ଜବତ କରି ତହସିଲ କାର୍ଯ୍ୟାଳୟକୁ ଆଣିଥିଲେ। ସେହିପରି ବାଘମାରୀ ସିମୋର ରାସ୍ତାରେ ବାଲି ପରିବହନ ହେଉଥିବା ଗାଡ଼ିକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ଏହି ସମୟରେ ଓଡି ୦୨ବିକେ ୯୨୪୪ ନମ୍ବର ବିଶିଷ୍ଟ ବାଲି ବୋଝେଇ ହାଇୱା ବିନା କାଗଜପତ୍ରରେ ଯାଉଥିବା ବେଳେ ହାବୁଡ଼ରେ ପଡ଼ିଥିଲା। ପରେ ମାଙ୍କଡ଼ା ପଥର ବୋଝେଇ ମିନିଟ୍ରକ (ଓଡି ୦୨ଡି ୭୨୩୬ ନମ୍ବର)କୁ ଜବତ କରିଥିଲେ। ଏହି ଘଟଣାରେ କାହାରିକୁ ଗିରଫ କରାଯାଇ ନାହିଁ। ଏନେଇ ତହସିଲଦାର ଘଟଣା ସମ୍ପର୍କରେ ଜିଲାପାଳ, ଉପଜିଲାପାଳଙ୍କୁ ଅବଗତ କରିବା ସହ ଖଣି ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଲେଖିଛନ୍ତି। ଜବତ ସମସ୍ତ ଗାଡ଼ି ଆବଶ୍ୟକଠାରୁ ଅଧିକ ଲଘୁଖଣିଜ ଦ୍ରବ୍ୟ ବୋଝେଇ କରି ପରିବହନ କରୁଥିବା ଜଣାପଡ଼ିଛି। ଅନ୍ୟପଟେ ଗାଡ଼ିଗୁଡ଼ିକ ଜବତ ସମୟରେ ତହସିଲଦାରଙ୍କୁ ମାଫିଆମାନେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ ବୋଲି ଜଣାପଡ଼ିଛି। ଆଗାମୀ ଦିନରେ ମଧ୍ୟ ଚଢ଼ାଉ ଜାରି ରହିବ ବୋଲି ତହସିଲଦାର ଷଡ଼ଙ୍ଗୀ କହିଛନ୍ତି।

# ୬ ଅଭିଯୁକ୍ତଙ୍କୁ ୫ବର୍ଷ କାରାଦଣ୍ଡାଦେଶ

**କୁକୁଡ଼ା ଚୋରିକୁ ନେଇ ହତ୍ୟା ଉଦ୍ୟମ ମାମଲା**

ବାଣପୁର, ୩୦।୪ (ଦିଲୀପ କୁମାର ସ୍ୱାଇଁ)

କୁକୁଡ଼ା ଚୋରିକୁ ନେଇ ହତ୍ୟା ଉଦ୍ୟମ ମାମଲାର ବିଚାର କରି ବାଣପୁର ସହକାରୀ ଦୌରାଜଜ୍ ଅମରେଶ କୁମାର ମହାପାତ୍ର ଗୁରୁବାର ସମ୍ପୃକ୍ତ ୬ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୫ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ଜରିମାନା ଆଦେଶ ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ବାଣପୁର ଥାନା ଅଧୀନ ମାଣିକପୁର ଗ୍ରାମର ବାପପୁଅ ସଠିଆ ଦାସ ଓ ଏକାଦଶୀ ଦାସଙ୍କ ସମେତ କୈଳାସ ଦାସ, ଅମିନ ଦାସ, ମୁନା ଦାସ ଓ ଶରତ ଦାସ। ଅଭିଯୁକ୍ତଙ୍କୁ ୧୦ହଜାର ଟଙ୍କା ଲେଖାଏ ଜରିମାନା ଏବଂ ଅନାଦାୟ ଅଧିକ ୯ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ସୂଚନାଥାଉ କି, ୨୦୧୮ ଜୁଲାଇ ୨୭ ତାରିଖ ରାତିରେ ବାଣପୁର ଥାନା ମାଣିକପୁର ଗ୍ରାମର ବିଦୁ ଦାସଙ୍କ ଘରୁ ୩ଟି କୁକୁଡ଼ା ଚୋରି ହୋଇଥିଲା। ଏନେଇ ବିଦୁ ଗ୍ରାମଦାଣ୍ଡରେ ଗାଳିଗୁଲଜ କରୁଥିଲେ। ଏହି ସମୟରେ ଉପରୋକ୍ତ ଅଭିଯୁକ୍ତମାନେ ଆକ୍ରମଣ କରିବାରୁ ବିଦୁ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ବଞ୍ଚାଇବାକୁ ଯାଇ ବିଦୁଙ୍କ ସାନଭାଇ ସୁରେଶ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଏନେଇ ବିଦୁଙ୍କ ବୋହୂ ସପନା ଦାସ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବିଭିନ୍ନ ଦଫାରେ ମାମଲା ରୁଜୁ କରି ତଦନ୍ତ ଚଳାଇ ଅଦାଲତରେ ଅଭିଯୋଗପର୍ଦ୍ଦ ଦାଖଲ କରିଥିଲା। ତେବେ ସହକାରୀ ଦୌରାଜଜ୍ ମହାପାତ୍ର ଗୁରୁବାର ସମସ୍ତ ସାକ୍ଷ୍ୟପ୍ରମାଣ ଆଧାରରେ ଉପରୋକ୍ତ ରାୟ ଶୁଣାଇଛନ୍ତି।

ସେହିପରି ପାରିବାରିକ ଶତ୍ରୁତାକୁ ନେଇ ମରଣାନ୍ତକ ଆକ୍ରମଣ ମାମଲାର ବିଚାର କରି ବାଣପୁର ସହକାରୀ ଦୌରାଜଜ୍ ଅମରେଶ କୁମାର ମହାପାତ୍ର ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଦେଢ଼ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଅଭିଯୁକ୍ତ ହେଲେ ବରକୋଳି ଗ୍ରାମର ପ୍ରଭାତ କୁମାର ସ୍ୱାଇଁ। ଜରିମାନା ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ସୂଚନାଥାଉ କି, ୨୦୧୬ ଅଗଷ୍ଟ ୫ରେ ପାରିବାରିକ ବିବାଦକୁ ନେଇ ବରକୋଳି ଗ୍ରାମର ପ୍ରଭାତ କୁମାର ସ୍ୱାଇଁ ପଡ଼ୋଶୀ ନଟବର ସ୍ୱାଇଁଙ୍କୁ ଗୋଡ଼ାଇ ଫାଉଡ଼ାରେ ଆକ୍ରମଣ କରିଥିଲେ। ଏଥିରେ ନଟବର ଗୁରୁତର ଆହତ ହୋଇଥିଲେ। ଏନେଇ ନଟବରଙ୍କ ସ୍ତ୍ରୀ ଶଶିଙ୍କ ଅଭିଯୋଗକ୍ରମେ ବାଣପୁର ପୋଲିସ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ପ୍ରଭାତଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଥିଲା। ଏହି ମାମଲାର ଶୁଣାଣି କରି ସହକାରୀ ଦୌରାଜଜ୍ ମହାପାତ୍ର ସମସ୍ତ ସାକ୍ଷ୍ୟପ୍ରମାଣ ଆଧାରରେ ଉପରୋକ୍ତ ରାୟ ଶୁଣାଇଛନ୍ତି। ଉଭୟ ମାମଲାକୁ ସରକାରୀ ଓକିଲ ରମେଶ ଚନ୍ଦ୍ର ବିଶୋୟୀ ଏବଂ ସଞ୍ଜିତ ମିଶ୍ର ପରିଚାଳନା କରିଥିଲେ।

# ବଜ୍ରପାତରେ ମହିଳାଙ୍କ ମୃତ୍ୟୁ

ନିରାକାରପୁର,୩୦।୪
(ମାନସ ଚନ୍ଦ୍ର ପଟ୍ଟନାୟକ)

ବଜ୍ରପାତରେ ଗୁରୁବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ସ୍ଥାନୀୟ ଗୋଡ଼ିପଡ଼ା ପଞ୍ଚାୟତ ତଳମୋଟା ଗ୍ରାମର ସୁଷମା ମହାରଣା(୪୪)। ସୂଚନା ମୁତାବକ, ସୁଷମା ସକାଳେ କୌଣସି କାମରେ ନିକଟସ୍ଥ ପଡ଼ିଆକୁ ଯାଇଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହୋଇଥିଲା। ବଜ୍ରପାତ ଯୋଗୁ ତାଙ୍କର ଡାହାଣ କାନ ପୋଡ଼ିଯାଇଥିବା ବେଳେ ବାମଗୋଡ଼ ସହ ପାଉଁଜିଟି ମଧ୍ୟ ପୋଡ଼ିଯାଇଥିଲା। ଖବରପାଇ ପରିବାର ଲୋକେ ଏବଂ ଗ୍ରାମବାସୀ ପହଞ୍ଚି ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ଏକ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ମୃତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି। ଏନେଇ ଜଙ୍କିଆ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୭/୨୬) ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ସୁଶାନ୍ତ କୁମାର ବେହେରା କହିଛନ୍ତି।

# କରାଟେ ପ୍ରତିଯୋଗିତା: ଖୋର୍ଦ୍ଧା ଜିଲାକୁ ୪ ସ୍ୱର୍ଣ୍ଣ ସମେତ ୧୬ ପଦକ


ରୁଦ୍ରପ୍ରସାଦ ଶତପଥୀ | ଆଦିତ୍ୟରାଜ୍ ପ୍ରଧାନ | ଦିବ୍ୟାଙ୍ଗନା ସାମନ୍ତରା | ରାଜୁ ଲାଲ

ବାଲୁଗାଁ,୩୦।୪(ସଂଗ୍ରାମ ପାଇକରାୟ)

ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ଗତ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟ କନିଷ୍ଠ ଓ ଉପକନିଷ୍ଠ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୬୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଖୋର୍ଦ୍ଧା ଜିଲାକୁ ୪ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୯ କାଂସ୍ୟ ସମେତ ୧୬ଟି ପଦକ ମିଳିଛି। ଆସନ୍ତା ଜୁନରେ ଡେରାଡୁନଠାରେ ହେବାକୁ ଥିବା ଜାତୀୟ କରାଟେ ପ୍ରତିଯୋଗିତା ପାଇଁ ଖୋର୍ଦ୍ଧା ଜିଲାରୁ ସ୍ୱର୍ଣ୍ଣ ବିଜେତା ଦିବ୍ୟାଙ୍ଗନା ସାମନ୍ତରା, ରୁଦ୍ର ପ୍ରସାଦ ଶତପଥୀ, ଆଦିତ୍ୟରାଜ୍ ପ୍ରଧାନ ଏବଂ ରାଜୁ ଲାଲ ମନୋନୀତ ହୋଇଛନ୍ତି। ରୌପ୍ୟ ବିଜେତାମାନେ ହେଲେ ଦିବ୍ୟାଙ୍ଗନା ସାମନ୍ତରା, ରୁଦ୍ର ପ୍ରସାଦ ଶତପଥୀ ଓ ଜୁନିୟର ଟିମ୍ କାତା ରାଜୁ ଲାଲ, ରୋହନ ସ୍ୱାଇଁ, ଆଦର୍ଶ ମହାପାତ୍ର, କୃତି ଦୀପନ ବଳବନ୍ତରାୟ। ସେହିପରି କାଂସ୍ୟ ବିଜେତାମାନେ ହେଲେ ପଦ୍ମଜା ସାମନ୍ତସିଂହାର, ସାଇ ଦିଗ୍‌ବିଜୟ ମହାରଣା, ଦିବ୍ୟାଂଶୀ ବଂଶୀ, ସାତ୍ତ୍ୱିକ୍ କୁମାର ଜାଲି, ଏମ୍.ସାଇ. ହେମକେସ, ଶ୍ରୀୟାଂଶ ପାତ୍ର, କୃତି ଦୀପନ ବଳବନ୍ତରାୟ, ରୋହନ ସ୍ୱାଇଁ ଏବଂ ସବ୍‌ଜୁନିୟର ଟିମ୍ କାତା ଏମ୍.ସାଇ ହେମକେଶ, ରୁଦ୍ର ପ୍ରସାଦ ଶତପଥୀ, ଶୁଭମ୍ ପ୍ରଧାନ, ଆଦିତ୍ୟରାଜ ପ୍ରଧାନ। ଏହି ପ୍ରତିଯୋଗୀମାନେ କ୍ୟୋସି ଦୀପକ କୁମାର ସାମନ୍ତରାଙ୍କ ନିକଟରେ ପ୍ରଶିକ୍ଷଣ ନିଅନ୍ତି। ସମ୍ପୃକ୍ତ କୃତୀ ପ୍ରତିଯୋଗୀଙ୍କ ସଫଳତା ପାଇଁ ଜିଲା ଖେଳ ଅଧିକାରୀ, ଅଭିଭାବକ ଏବଂ ଖେଳପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି। ଖୋର୍ଦ୍ଧା ଜିଲା କରାଟେ ସଂଘର ସମ୍ପାଦକ କ୍ୟୋସି ଦୀପକ କୁମାର ସାମନ୍ତରା ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଜାତୀୟ ମନୋନୀତ ପ୍ରତିଯୋଗୀଙ୍କୁ ବ୍ୟକ୍ତିଗତ ଶିକ୍ଷା ଦେଇ ଜାତୀୟ ପଦକ ହାସଲ ନିମନ୍ତେ ଚେଷ୍ଟା ଜାରି ରଖିବେ ବୋଲି କହିଛନ୍ତି।

# ସ୍ୱାଇଲ୍ ଇଲେଭେନ୍, ଅନ୍‌ଷ୍ଟପେବଲ କିଙ୍ଗ୍‌ସ ବିଜୟୀ

**ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ**


ଅତିଥିଙ୍କଠାରୁ ଦୁଇ ଖେଳାଳି ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ବୋଲଗଡ଼,୩୦।୪(ଦେବବ୍ରତ ହୋତା)

ବୋଲଗଡ଼ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ଦ୍ୱାଦଶ ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅଷ୍ଟମ ଓ ନବମ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଅଷ୍ଟମ ଲିଗ୍ ମ୍ୟାଚ୍ ସ୍ୱାଇଲ ଇଲେଭେନ ଏବଂ ଫିଲ୍ଡ ଫାଇଟର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ସ୍ୱାଇଲ ଇଲେଭେନ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ବିନିମୟରେ ୬୦ରନ ସଂଗ୍ରହ କରିଥିଲା। ଜବାବରେ ଫିଲ୍ଡ ଫାଇଟର ଟିମ୍ ୧୦ ଓଭରରେ ୯ ଉଇକେଟ ବିନିମୟରେ ୫୭ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଏହି ମ୍ୟାଚରେ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ସିଦ୍ଧାନ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ମାଷ୍ଟର ରିଙ୍କୁ ଏବଂ ସୁନୀଲ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ନବମ ଲିଗ୍ ମ୍ୟାଚ ଅନ୍‌ଷ୍ଟପେବଲ କିଙ୍ଗ୍‌ସ ଏବଂ ରାନୀ ବ୍ଲାଷ୍ଟର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ରାନୀ ବ୍ଲାଷ୍ଟର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇଲେଟ ବିନିମୟରେ ୬୫ରନ ସଂଗ୍ରହ କରିଥିଲା। ଜବାବରେ ଅନ୍‌ଷ୍ଟପେବଲ କିଙ୍ଗ୍‌ସ ଟିମ୍ ୬.୪ ଓଭରରେ ୧ ଉଇକେଟ ବିନିମୟରେ ୬୯ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ମ୍ୟାଚରେ ମୋହିତ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅଜୟ ସିଂ ଏବଂ ମାଷ୍ଟର ରିଙ୍କୁ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ ଫ୍ରେଣ୍ଡସ କ୍ଲବର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୦।୪।୨୦୨୬

| | |
|---|---|
| ୫,୦୩,୧୦୨ ଟଙ୍କା | |
| ସୁନା | ୧୫.୫୫୦ ଗ୍ରାମ୍ |
| ରୁପା | ୯.୬୦୦ ଗ୍ରାମ୍ |

# ଶ୍ରୀଜଗନ୍ନାଥ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦରକୁ ବିରୋଧ

■ ପ୍ରତିଶ୍ରୁତି ଅନୁଯାୟୀ ମିଳିନି କ୍ଷତିପୂରଣ: ପଞ୍ଚାୟତବାସୀ
■ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ, ଦାବିପତ୍ର ପ୍ରଦାନ

ପୁରୀ,୩୦।୪(ଅଜିତ୍ କୁମାର ମହାନ୍ତି)

ପୁରୀ-ବ୍ରହ୍ମଗିରି ରାସ୍ତାର ସିପସରୁବାଲି ମୌଜାରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଗ୍ରୀନ୍‌ଫିଲ୍ଡ ଏୟାରପୋର୍ଟ ପାଇଁ ନୀତିଗତ (ଷ୍ଟେଜ୍-୧) ଜଙ୍ଗଲ ମଞ୍ଜୁରୀ ପ୍ରଦାନ ପରେ ଏବେ ବିମାନବନ୍ଦର ନିର୍ମାଣ ସକାଶେ ବାଟ ଖୋଲିଛି। ତେବେ ପ୍ରତିଶ୍ରୁତି ଅନୁଯାୟୀ କ୍ଷତିପୂରଣ ମିଳି ନ ଥିବା ଆମ୍ବପଡ଼ା ଓ ଗୋରୁଆଳ ପଞ୍ଚାୟତବାସୀ ଅଭିଯୋଗ ଆଣି ଏହାକୁ ବିରୋଧ ଆରମ୍ଭ କରିଛନ୍ତି। ଏନେଇ ଗୁରୁବାର ଏହି ଦୁଇ ପଞ୍ଚାୟତର ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଗୋରୁଆଳ ସରପଞ୍ଚ ନିରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ, କଂଗ୍ରେସ ନେତା ସ୍ୱାଧୀନ କୁମାର ପଣ୍ଡା, ବିନାୟକ ଦାସ ମହାପାତ୍ର, ଆଇନଜୀବୀ ସୁକାନ୍ତ ପଣ୍ଡା, ହରିହର ସେନାପତି, ରଘୁନାଥ ସାହୁ, ଗୋପାଳ ପ୍ରଧାନ, ଲକ୍ଷ୍ମୀଧର ଉପାଧ୍ୟାୟ, କୁନାମଣି ମିଶ୍ର, ବିଦ୍ୟୁତଲତା ଆଚାର୍ଯ୍ୟ, ଲଲାଟେନ୍ଦୁ ଦାସ, ବାବୁ ପାଇକରାୟଙ୍କ ସମେତ ଉକ୍ତ ଦୁଇ ପଞ୍ଚାୟତର ଶତାଧିକ ଗ୍ରାମବାସୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

ପଞ୍ଚାୟତବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗୋରୁଆଳ ପଞ୍ଚାୟତ ଅଧୀନ ସିପସରୁବାଲି ମୌଜାରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ନିମନ୍ତେ ପ୍ରସ୍ତାବ ଥିଲା। ଜନଶୁଣାଣିରେ ଜନସାଧାରଣଙ୍କ ପକ୍ଷରୁ ଯେଉଁ ଦାବି ଓ ପ୍ରସ୍ତାବ ରଖାଯାଇଥିଲା, ସେଗୁଡ଼ିକୁ ପୂରଣ କରିବାକୁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ଅଦ୍ୟାବଧି ପ୍ରତିଶ୍ରୁତି ପାଳନ କରାଯାଇନାହିଁ। ପ୍ରଥମେ ନୂତନ ଜଙ୍ଗଲ ସୃଷ୍ଟି, ପ୍ରତି ପରିବାରକୁ ୧୦ଲକ୍ଷ ଟଙ୍କା ପ୍ରଦାନ, ପଞ୍ଚାୟତ ପାଇଁ ଅନ୍ୟୂନ ୫ ଏକର ଜମି ସଂରକ୍ଷଣ, ଅଞ୍ଚଳବାସୀଙ୍କ ନିମନ୍ତେ ଚାକିରିରେ ୩୦% ସଂରକ୍ଷଣ ସାବ୍ୟସ୍ତ, ବିମାନ ବନ୍ଦର ଆୟରୁ ୩୦% ପଞ୍ଚାୟତକୁ ହସ୍ତାନ୍ତର, ବ୍ରହ୍ମଗିରିବାସୀଙ୍କ ନିମନ୍ତେ ମଲ୍ଟି ସ୍ପେଶାଲିଷ୍ଟ ମେଡିକାଲ ସ୍ଥାପନ ଏବଂ ଷଣ୍ଢପୁର ଓ ସିପସରୁବାଲିରେ ୨ଟି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ, ବିମାନବନ୍ଦର ପାଇଁ ମୋଟ ୧୧୬୪.୭୫୪ ଏକର ଜମି ଅଧିଗ୍ରହଣ ହେବ। ତନ୍ମଧ୍ୟରୁ ୨୨୧.୮୯୧ ଏକର ଘରୋଇ ଜମି ଅଧିଗ୍ରହଣ ହେବ। ବାକି ୯୪୨.୮୬୩ ଏକର ସରକାରୀ ଜମି ରହିଛି। ଉଭୟ ସିପସରୁବାଲି ଓ ଷଣ୍ଢପୁର ମୌଜାରୁ ମୋଟ ୧୨୯ ପରିବାର ବିସ୍ଥାପିତ ହେବେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମ୍ବପଡ଼ା ଓ ଗୋରୁଆଳ ପଞ୍ଚାୟତବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ରଥଖଳାରୁ...

### ଗୁଜ ଅନୁକୂଳ ସହ ଯନ୍ତାଗାଡ଼ ପ୍ରସ୍ତୁତି ଶେଷ

ପୁରୀ, ୩୦।୪(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇଚାଲିଛି। ରଥ ନିର୍ମାଣର ଏକାଦଶ ଦିବସରେ ଗୁରୁବାର ନିୟୋଜିତ ସେବକ ଓ କାରିଗରମାନେ ରଥଖଳାରେ ଉପସ୍ଥିତ ହୋଇ ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଶ୍ରୀନୃସିଂହ ଚତୁର୍ଦ୍ଦଶୀ ତିଥିରେ ଗୁରୁବାର ଗୁଜ ଅନୁକୂଳ ପୂଜା ସମ୍ପନ୍ନ ହୋଇଛି। ତିନି ରଥର ଗୁଜ, ଅର ଓ ତୁମ୍ବରେ ଅର ସଂଯୋଗ କରାଯାଇଛି। ଚକ ନିର୍ମାଣ ପାଇଁ ତୁମ୍ବରେ ଅର ସଂଯୋଗ ସହ ଅରରେ କଣ୍ଟା ବାଡ଼ିଆ ବା ସିଙ୍ଗଡ଼ା ବାଡ଼ିଆ ଲାଗି ଭୋଇ ସର୍ଦ୍ଦାର ରବି ଭୋଇ ଓ କାର୍ତ୍ତିକ ଭୋଇଙ୍କ ନେତୃତ୍ୱରେ ଭୋଇ ସେବକମାନେ ରଥଖଳା ସମ୍ମୁଖ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ ଯନ୍ତାଗାଡ଼ ପ୍ରସ୍ତୁତି କାମ ଶେଷ କରିଛନ୍ତି। ପୂର୍ବ ଦିନରୁ ରଥ ଅମିନ ସାଲଗୁଜ, କୁତ୍ତୁକା ଏବଂ ଜଳ ଯନ୍ତ୍ର ନିର୍ମାଣ ସକାଶେ ଚଉପଟ ପାଇଁ ତିନି ରଥଚାଳିକୁ ପ୍ରଥମ ପର୍ଯ୍ୟାୟରେ ୮ଟି ଲେଖାଏ ୧୨ ଫୁଟିଆ ଧଉରା ଏବଂ ଅସନ କାଠ ଯୋଗାଇ ଦେଇଥିଲେ। ପୂର୍ବାହ୍ନରେ ମୁଖ୍ୟ ମହାରଣାମାନେ ନିର୍ମାଣ ଉଦ୍ଦିଷ୍ଟ କାଠରେ ମହାପ୍ରଭୁଙ୍କ ମାହାର୍ଦ୍ଦ ରଖି ନଡ଼ିଆ ବାଡେଇ ଅନୁକୂଳ ପୂଜା ସାରିବା ପରେ ସାଥୀ ମହାରଣା ସେବକମାନେ ସାଲଗୁଜ କାଠ, ଜଳଯନ୍ତ୍ର ଚଉପଟ କରିବା ସହ ଅରପଟାକୁ ମାପ ପ୍ରକାରେ କାଟି ମୁଖକୁ ସାଲ କରି ସାଇତି ରଖିଥିଲେ। ଶ୍ରୀମନ୍ଦିରରୁ ଚନ୍ଦନ ଠାକୁର ବିଜେ ହୋଇ ରଥଖଳା ନିକଟରେ ପହଞ୍ଚିବା କ୍ଷଣି ତିନିରଥର ରୂପକାର ସେବକମାନେ ଚଉପଟ ସାଲଗୁଜରେ ଶ୍ରୀନୃସିଂହ ଦେବଙ୍କ ରୂପ ଅଙ୍କନ କରି ମାହାର୍ଦ୍ଦ ରଖି ନଡ଼ିଆ ବାଡ଼େଇ ପୂଜା ସହ ରୂପ ଖୋଦେଇ ଅନୁକୂଳ କାର୍ଯ୍ୟ ପରମ୍ପରା ପ୍ରକାରେ ସମ୍ପନ୍ନ କରିଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ୩ ରଥର ଚକା ଡେରା ନୀତି ପାଇଁ ଆବଶ୍ୟକ ପନ୍ଦାରି, ବଳା ଏବଂ ଅରକଣ୍ଟା ନିର୍ମାଣ ଶେଷକରି ବାକି ରଥ ଚକଗୁଡ଼ିକ ସକାଶେ ଆବଶ୍ୟକ ପରିମାଣର ବଳା, ପନ୍ଦାରି ଏବଂ ଅରକଣ୍ଟା ପ୍ରସ୍ତୁତି ଜାରି ରଖିଛନ୍ତି।


ରୂପକାର ସେବକମାନେ ଗୁଜ ଅନୁକୂଳ କରୁଛନ୍ତି ।

## ସଂକ୍ଷେପରେ

### ଆନ୍ଦୋଳନକାରୀଙ୍କ ନାମରେ ମାମଲା ରୁଜୁ

ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ବେଳେ ପୋଲିସ ଗାଡ଼ି ଅଟକାଇବା ଘଟଣା

ଡେଲାଙ୍ଗ,୩୦।୪(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅନ୍ତର୍ଗତ କଲ୍ୟାଣପୁର ଗ୍ରାମରେ ଗତ ୨୪ ତାରିଖରେ ମେଳଣବେଳେ ପୁରୀ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ସାଦା ପୋଷାକରେ ଜୁଆଆଡ୍ଡା ଉପରେ ଚଢ଼ାଉ କରିଥିଲା। ଏହି ସମୟରେ କେତେଜଣ ବ୍ୟକ୍ତି ଉକ୍ତ ଟିମ୍‌ର ଅଧିକାରୀମାନଙ୍କୁ ଆକ୍ରମଣ କରିଥିଲେ। ଏନେଇ ପୋଲିସ ଏକାଧିକ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିଥିବାବେଳେ ୧୪ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ତେବେ ଦୋଷୀଙ୍କୁ ଛାଡ଼ି ନିରୀହ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଥିବା କଲ୍ୟାଣପୁର ଗ୍ରାମର ମହିଳାମାନେ ଅଭିଯୋଗ ଆଣି ସେମାନଙ୍କୁ ମୁକ୍ତ କରିବା ଦାବି ନେଇ ଗତ ୨୬ତାରିଖରେ ପୋଲିସ ଗାଡ଼ି ସାମ୍ନାରେ ଧାରଣା ଦେଇଥିଲେ। ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ବୁଝାଶୁଝା ପରେ ସେମାନେ ଧାରଣାରୁ ଓହରିଥିଲେ। ତେବେ ମାମଲାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ମୁକ୍ତକରିବା ଦାବି ମହଙ୍ଗା ପଡ଼ିଛି। ଗୁରୁବାର ଏନେଇ ଡେଲାଙ୍ଗ ଥାନା ଏସ୍‌ଆଇ ସୁଧାଂଶୁ ବାରିକଙ୍କ ଲିଖିତ ଅଭିଯୋଗକ୍ରମେ ଆନ୍ଦୋଳନକାରୀମାନଙ୍କ ବିରୋଧରେ ମାମଲା (ନଂ. ୧୨୪/୨୬) ରୁଜୁ କରାଯାଇଛି।

### ଶ୍ରୀମନ୍ଦିରରେ ନୃସିଂହ ଜନ୍ମ ନୀତି

ପୁରୀ,୩୦।୪(ଅଜିତ୍ କୁମାର ମହାନ୍ତି)

ବୈଶାଖ ମାସ ଶୁକ୍ଳ ଚତୁର୍ଦ୍ଦଶୀ ତଥା ନୃସିଂହ ଚତୁର୍ଦ୍ଦଶୀ ଅବସରରେ ଗୁରୁବାର ଶ୍ରୀମନ୍ଦିରରେ ନୃସିଂହ ଜନ୍ମ ନୀତି ସମ୍ପନ୍ନ ହୋଇଯାଇଛି। ସ୍କନ୍ଦ ପୁରାଣ ଅନୁଯାୟୀ, ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଅବତାରୀ। ତାଙ୍କଠାରୁ ସବୁ ଅବତାର ହୋଇ ଯୁଗେ ଯୁଗେ ବିବିଧ ଲୀଳା କରି ପୁନଶ୍ଚ ତାଙ୍କରି ଶ୍ରୀଅଙ୍ଗରେ ବିଲୀନ ହୋଇଥାନ୍ତି। ଏହି ପୌରାଣିକ ତଥ୍ୟ ଅନୁଯାୟୀ, ଗୁରୁବାର ଶ୍ରୀନୃସିଂହଙ୍କ ଜନ୍ମ ନୀତିରେ ଶ୍ରୀବିଗ୍ରହମାନଙ୍କ ସର୍ବାଙ୍ଗ ନୀତି ସମ୍ପନ୍ନ ହୋଇ ଯାତ ଭୋଗ ସରିଥିଲା। ଶ୍ରୀବିଗ୍ରହଙ୍କ ଚଳନ୍ତି ପ୍ରତିମା ଆଜ୍ଞାମାଳ ପାଇ ଚନ୍ଦନଯାତ୍ରା ନିମନ୍ତେ ଚନ୍ଦନ ଚକଡ଼ାକୁ ବିଜେ କରିଥିଲେ। ନରେନ୍ଦ୍ର ପୁଷ୍କରିଣୀରେ ଠାକୁର ନୌକା ବିହାର ସାରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ପରେ ପାଳିଆ ପୂଜାପଣ୍ଡା ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଘଣ୍ଟ, ଛତା, କାହାଳୀ ସହ ଚକ୍ରତୀର୍ଥ ରୋଡ଼ସ୍ଥିତ ନୃସିଂହ ମନ୍ଦିରକୁ ଯାଇଥିଲେ। ସେଠାରେ ମହାପ୍ରଭୁଙ୍କ ଆଜ୍ଞାମାଳ ଶ୍ରୀନୃସିଂହଦେବଙ୍କୁ ଲାଗି ପରେ ପଞ୍ଚ ଉପଚାପରେ ଭୋଗ ହୋଇଥିଲା। ସେବାୟତମାନେ ନୀତି ସାରି ଶ୍ରୀମନ୍ଦିରକୁ ଫେରିଥିଲେ। ମହାପ୍ରଭୁଙ୍କ ମଇଲମ ହୋଇ ଆଳତି ବଢ଼ିଥିଲା। ତିନିବାଡ଼ରେ ଠାକୁରଙ୍କୁ ପଞ୍ଚାମୃତ ମହାସ୍ନାନ କରାଯାଇ ସର୍ବାଙ୍ଗ ବଢ଼ିବା ପରେ ନୂଆଲୁଗା ଓ ୬ମୂର୍ତ୍ତି ଅଳଙ୍କାର ଲାଗିହୋଇଥିଲେ। ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ମହାଜନ ସେବକ ଦକ୍ଷିଣୀଘରୁ ନୃସିଂହ ଠାକୁରଙ୍କୁ ଆଣି ରତ୍ନସିଂହାସନକୁ ବିଜେ କରାଇଥିଲେ। ସେଠାରୁ ଆଜ୍ଞାମାଳ ପାଇ ମୁକ୍ତିମଣ୍ଡପକୁ ନୃସିଂହଙ୍କୁ ଖଟୁଲିରେ ବିଜେ କରାଇଥିଲେ। ଅପରପକ୍ଷରେ ମୁକ୍ତିମଣ୍ଡପ ନିକଟ ନୃସିଂହ ମନ୍ଦିରରେ ପତିମହାପାତ୍ର ଏବଂ ମୁକ୍ତିମଣ୍ଡପ ଉପରେ ନୃସିଂହଙ୍କ ପାଖରେ ପୂଜାପଣ୍ଡା ମହାସ୍ନାନ ପୂଜା କରିଥିଲେ। ଉଭୟଙ୍କ ପାଖରେ ପଞ୍ଚ ଉପଚାରରେ ଶୀତଳ ଭୋଗ ମଣୋହି ହେବା ପରେ ବନ୍ଦାପନା ନୀତି ସମ୍ପନ୍ନ ହୋଇଥିଲା। ମହାଜନ ସେବକ ନୃସିଂହଙ୍କୁ ଝୁଲଣମଣ୍ଡପ ତଳେ ଥିବା ବିମାନରେ ଏବଂ ବିମାନ ବଡୁମାନେ ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରାଇଥିଲେ। ସେଠାରେ ବିଭିନ୍ନ ନୀତି ସହ ଭୋଗ ଓ ବନ୍ଦାପନା ସରିବା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ନୃସିଂହ ବିଜେ ପରେ ଅନ୍ୟାନ୍ୟ ନୀତି ବଢ଼ିଥିଲା।


ରଥଚକରେ ଅଖ ସଂଯୋଗ ପାଇଁ ଭୋଇ ସେବକମାନେ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ ଯନ୍ତାଗାଡ଼ ପ୍ରସ୍ତୁତ କରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଚିକିତ୍ସାଧୀନ ଅବସ୍ଥାରେ ଗୁରୁତର ବ୍ୟକ୍ତିଙ୍କ ମୃତ୍ୟୁ

କୋଠଘର ବାରଣ୍ଡାରେ ଶୋଇବାକୁ କେନ୍ଦ୍ରକରି ଆକ୍ରମଣ ମାମଲା

ବଳଙ୍ଗା,୩୦।୪(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ଡାଙ୍ଗୁରା ଗ୍ରାମରେ କୋଠ ଘରେ ଶୋଇବାକୁ କେନ୍ଦ୍ରକରି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କୁ ଗାଁର ବ୍ରହ୍ମାନନ୍ଦ ସାହୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଗୁରୁତର ହୋଇ ପୂର୍ଣ୍ଣଚନ୍ଦ୍ର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ବ୍ରହ୍ମାନନ୍ଦଙ୍କୁ ଥାନାରେ ଆଣି ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ମୁତାବକ, ଗତ ୨୪ତାରିଖ ରାତିରେ ପୂର୍ଣ୍ଣଚନ୍ଦ୍ରଙ୍କ ସହିତ ଗ୍ରାମର ଅନ୍ୟ ୨ଜଣ ବ୍ୟକ୍ତି ଗାଁ କୋଠଘରେ ଶୋଇଥିଲେ। ଏହି ସମୟରେ ଅଭିଯୁକ୍ତ ବ୍ରହ୍ମାନନ୍ଦ ସେଠାରେ ପହଞ୍ଚି ମୁଁ କୋଠଘର ନିର୍ମାଣ କରିଛି, ଏଠାରେ କେହି ଶୋଇପାରିବେନି ବୋଲି କହି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଅନ୍ୟ ୨ଜଣ ବ୍ୟକ୍ତି ସେଠାରୁ ଚାଲିଯାଇଥିଲେ ମଧ୍ୟ ପୂର୍ଣ୍ଣଚନ୍ଦ୍ର ଏହାର ପ୍ରତିବାଦ କରିଥିଲେ। ବ୍ରହ୍ମାନନ୍ଦ ଧରିଥିବା ଏକ ବାଉଁଶରେ ପୂର୍ଣ୍ଣଚନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କ ପାଟି ଶୁଣି ତାଙ୍କ ଝିଅ ଓ ଗ୍ରାମର କେତେଜଣ ଲୋକ ପହଞ୍ଚି ତାଙ୍କୁ ଉଦ୍ଧାରକରି ପ୍ରଥମେ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏ ସଂକ୍ରାନ୍ତରେ ପୂର୍ଣ୍ଣଚନ୍ଦ୍ରଙ୍କ ଝିଅ ମନୋରମା ସ୍ୱାଇଁ ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ।

## ସ୍ୱାସ୍ଥ୍ୟସେବା, ରାସ୍ତା ଦଖଲ, ପରିମଳ ସମସ୍ୟା ନେଇ ଉଦ୍‌ବେଗ

ପୁରୀ,୩୦।୪(ଅଜିତ୍ କୁମାର ମହାନ୍ତି)

**ରଥଯାତ୍ରା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସାମାଜିକ କର୍ମୀ**

ଚଳିତ ବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଜୁଲାଇ ୧୬ରେ ହେବ। ରଥଯାତ୍ରା ପ୍ରସ୍ତୁତି ନେଇ ସାମାଜିକ କର୍ମୀ ତଥା କମନମ୍ୟାନ୍ ଅନୁଷ୍ଠାନର ହେକ୍ଟର ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ସହ କାର୍ଯ୍ୟକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ମିଶ୍ର ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଆଗାମୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଏବେ ୮୩ ଦିନ ବାକି ରହିଲା, ତେବେ ଏପର୍ଯ୍ୟନ୍ତ ଆବଶ୍ୟକ ପ୍ରସ୍ତୁତିରେ ଗୁରୁତ୍ୱପୂର୍ଣ୍ଣ ପ୍ରଗତି ଦେଖାଯାଉନାହିଁ, ଯାହାକି ଚିନ୍ତାର ବିଷୟ। ଜିଲା ମୁଖ୍ୟ ଚିକିତ୍ସାଳୟ ଆଇସିୟୁରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି। ଅନେକ ବରିଷ୍ଠ ଡାକ୍ତରଙ୍କ ପଦ ଖାଲିପଡ଼ିଛି। ବର୍ନ ୟୁନିଟ୍ ଏପର୍ଯ୍ୟନ୍ତ ଚାଲୁହୋଇନାହିଁ। ଗତ ଚନ୍ଦନଯାତ୍ରାରୁ ପ୍ରଶାସନ କିଛି ଶିଖିଲା ନାହିଁ। ରାସ୍ତାଘାଟ ଅବରୋଧ ସହ ଅନଧିକୃତ ଦଖଲ ସମସ୍ୟା ଏପର୍ଯ୍ୟନ୍ତ ସମାଧାନ କରାଯାଇନାହିଁ। ବଡ଼ଦାଣ୍ଡ ଓ ତତ୍ ସଂଲଗ୍ନ ରାସ୍ତା ସମେତ ପୁରୀ ପ୍ରବେଶ ପଥ ସହିତ ସଂଯୁକ୍ତ ରାସ୍ତାର ପ୍ରାୟ ୩୦ରୁ ୪୦ ପ୍ରତିଶତ ଅଂଶ ବିଭିନ୍ନ ଲୋକଙ୍କ ଦ୍ୱାରା ଦଖଲରେ ରହିଛି। ଫଳରେ ଯାତାୟାତ ସମସ୍ୟା, ଭିଡ଼ ଓ ଦୁର୍ଘଟଣା ଘଟୁଛି। ନାଳନର୍ଦ୍ଦମା ଏପର୍ଯ୍ୟନ୍ତ ପରିଷ୍କାର କରାଯାଇନାହିଁ। ଅନେକ ଡ୍ରେନ୍ ମୁକୁଳା ପଡ଼ିଛି, ଫଳରେ ପଥଚାରୀ ଓ ପଶୁଙ୍କ ଜୀବନ ପ୍ରତି ବିପଦ ରହିଛି। ଅଳିଆ ଆବର୍ଜନା ପାଇଁ ବିଭିନ୍ନ ରୋଗ ବ୍ୟାପିବା ସହ ମଶାଜନିତ ରୋଗ ବୃଦ୍ଧିର କାରଣ ହେବ। ରାସ୍ତା କାମ ମନ୍ଥର ଗତିରେ ଚାଲିଛି। ଏଭଳି ଅବହେଳା ଲୋକଙ୍କ ଜୀବନକୁ ବିପଦରେ ପକାଇବା ସହ ସରକାରଙ୍କ ଛବିକୁ ବଦନାମ କରୁଛି। ତେଣୁ ଏ ସମ୍ପର୍କରେ ତୁରନ୍ତ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ମିଶ୍ର ନିବେଦନ କରିଛନ୍ତି।

## ଜମିବାଡ଼ି ବିବାଦରୁ ଗୋଷ୍ଠୀ ସଂଘର୍ଷ: ୮ ଆହତ

କଣାସ,୩୦।୪(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା ଗଡ଼ିଶାଗଡା ଥାନା ଅଧୀନ କଉଡ଼ିଖିଣି ଗାଁରେ ଗୁରୁବାର ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷର ୮ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନେ କଣାସ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମାତ୍ର ୬୦ କଡ଼ି ଜାଗାର ମାପଚୁପ ବେଳେ ଗାଁ ଦାଣ୍ଡରେ ଉଭୟ ପକ୍ଷ ପରସ୍ପରକୁ କଟୁରି, କୋଦାଳ ଓ ଠେଙ୍ଗା ଆଦିରେ ଆକ୍ରମଣ କରିଥିଲେ। ପୂର୍ବରୁ ଆର୍‌ଆଇ, ଅମିନଙ୍କ ଉପସ୍ଥିତିରେ ଏହି ଜାଗାର ମାପଚୁପ ସରିଥିଲା। ତେବେ ଗୁରୁବାର ସେହି ଜାଗାରେ କାର୍ଯ୍ୟ ଚାଲିଥିବାବେଳେ ଉଭୟ ପକ୍ଷ ହାତାହାତି ହୋଇଥିଲେ। ଏହି ଘଟଣାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ଖବର ପାଇ ଗଡ଼ିଶାଗଡା ପୋଲିସ ପହଞ୍ଚି ଉଭୟ ପକ୍ଷର ଗୋଷ୍ଠୀଙ୍କୁ ବୁଝାଶୁଝା ଜାରି ରଖିଛି। ଗ୍ରାମରେ ପୋଲିସ ମୁତୟନ କରାଯାଇଛି। ଘଟଣା ଉପରେ ପୋଲିସ ତୀକ୍ଷ୍ଣ ନଜର ରଖିଛି।

## କପିଳେଶ୍ୱରପୁର- ବିନ୍ଧେଇବସ୍ତ ସେତୁ ନିର୍ମାଣ ହେବ

ପୁରୀ,୩୦।୪(ଅଜିତ୍ କୁମାର ମହାନ୍ତି)

ଦୀର୍ଘ ବର୍ଷ ସ୍ୱପ୍ନର ଅବସାନ ଘଟାଇ ଖୁବ୍‌ଶୀଘ୍ର ପରିକଳ୍ପିତ କପିଳେଶ୍ୱରପୁର-ବିନ୍ଧେଇବସ୍ତ ସେତୁ ନିର୍ମାଣ ସ୍ୱପ୍ନ ସାକାର ହେବାକୁ ଯାଉଛି। ଆସନ୍ତା ଶୁକ୍ରବାର ଭାର୍ଗବୀ ଆଳତି ବାର୍ଷିକ ମହୋତ୍ସବ ହେବାକୁ ଯାଉଥିବାବେଳେ ସରକାର ଏହି ସେତୁ ନିର୍ମାଣ ଲାଗି ଘୋଷଣା ସହ ଅର୍ଥ ମଞ୍ଜୁର କରିଛନ୍ତି। ଏ ନେଇ ଭାର୍ଗବୀ ଆଳତି କମିଟି ସମେତ ସ୍ଥାନୀୟ କପିଳେଶ୍ୱରପୁର ଓ ବିନ୍ଧେଇବସ୍ତ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ରବିନାରାୟଣ ନାଏକ, କୃଷ୍ଣଚନ୍ଦ୍ର ମହାପାତ୍ର, ପୃଥ୍ୱୀରାଜ ହରିଚନ୍ଦନ, ଏମ୍‌ପି ସମ୍ବିତ ପାତ୍ର ଏବଂ ବିଧାୟିକା ଉପାସନା ମହାପାତ୍ରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜନ୍ମପୀଠ କପିଳେଶ୍ୱରପୁର ଶାସନର ଦେବୀ ପଞ୍ଚମୁଖୀଙ୍କ ସଂଲଗ୍ନ ଭାର୍ଗବୀରେ କିଛିବର୍ଷ ତଳେ ପ୍ରଶାନ୍ତ ତ୍ରିପାଠୀଙ୍କ ନେତୃତ୍ୱରେ ଭାର୍ଗବୀ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଏହା ଏବେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି ସେତୁ ନିର୍ମାଣ ଘୋଷଣାକୁ ଓଡ଼ିଶା ଯୁବ ଚେତନା ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର ସ୍ୱାଗତ କରିବା ସହ ଜଳସେଚନ ଓ ପାନୀୟଜଳ ଯୋଗାଣ ପାଇଁ ଭାର୍ଗବୀ ନଦୀ ଖନନ, କାଣ୍ଡଗୋଦା ମନେଇ ସାହୁଙ୍କ ଜନ୍ମପୀଠ, ଗଡକୋକଲ ଜଗନ୍ନାଥ ମନ୍ଦିର ଓ ମାଣିକପାଟଣା ଐତିହ୍ୟର ବିକାଶକରି ଏକ ସମୃଦ୍ଧ ବ୍ରହ୍ମଗିରି ନିର୍ମାଣ ସକାଶେ ସରକାରଙ୍କୁ ଅନୁରୋଧ କରିଛନ୍ତି।

## ଅଙ୍ଗନୱାଡ଼ି କେନ୍ଦ୍ର ନଳକୂପ ଅଧାପନ୍ତରିଆ

ଡେଲାଙ୍ଗ,୩୦।୪(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ ମୋହନପୁର ଆମ ଅଙ୍ଗନୱାଡି କେନ୍ଦ୍ରରେ ଏକମାସ ହେଲା ନଳକୂପ କାମ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଫଳରେ ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସମୟରେ ପାନୀୟଜଳ ପାଇଁ ଶିଶୁମାନେ ଉହଳବିକଳ ହେଉଛନ୍ତି। ତୁରନ୍ତ ନଳକୂପ କାର୍ଯ୍ୟକ୍ଷମ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଶ୍ରୀକ୍ଷେତ୍ର ନୃତ୍ୟ ଶିଳ୍ପୀ ସଂଘ ପକ୍ଷରୁ ବିଶ୍ୱ ନୃତ୍ୟ ଦିବସ ପାଳନ ଅବସରରେ ଗୁରୁ ମନୋରଞ୍ଜନ ସାହୁଙ୍କ ସ୍ମୃତିରେ ନୃତ୍ୟ ପରିବେଷଣ କରାଯାଉଛି ।

## ପ୍ରଧାନଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ପିପିଲି,୩୦।୪(ଦୁର୍ଗାମାଧବ ମିଶ୍ର)

ନୂଆଶାସନ କ୍ଲଷ୍ଟର ଅନ୍ତର୍ଗତ ଡିହସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ ସ୍ୱାଇଁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ସିଆର୍‌ସିସି ଜନାର୍ଦ୍ଦନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମୌସୁମୀ ପ୍ରଧାନ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ପିପିଲି ଏବିଇଓ ସାହେବ ପାତ୍ର, ସମ୍ମାନିତ ଅତିଥି ଭାବେ ଏବିଇଓ ଶରତ କୁମାର ଚଉଁରି, ଶିକ୍ଷକ ନେତା ବିକ୍ରମ ରଥ, ଜୟ ପ୍ରକାଶ ପ୍ରଧାନ, ପରିଚାଳନା କମିଟି ଅଧ୍ୟକ୍ଷ ରାହାସ ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ମାଗି ବେହେରା, ଶିକ୍ଷକ ଚିନ୍ତାମଣି ଓଝା, ପ୍ରଧାନଶିକ୍ଷକ ସନ୍ତୋଷ ନାୟକ, ଶକ୍ତିପ୍ରସନ୍ନ ମହାନ୍ତି, ପୂର୍ବତନ ସିଆର୍‌ସିସି ରମେଶ ଦାସ, ୱାର୍ଡମେମ୍ବର ମମତା ସ୍ୱାଇଁ, ପ୍ରଧାନଶିକ୍ଷକ ଅଭିମନ୍ୟୁ ଦାସ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକଙ୍କ କର୍ତ୍ତବ୍ୟନିଷ୍ଠ ଶିକ୍ଷାଦାନ ସହ ଛାତ୍ରବତ୍ସଳତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷକ ସ୍ୱାଇଁଙ୍କୁ ଉପଢୌକନ ଦିଆଯାଇ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ।

## ଅର୍ଦ୍ଧଶୋଷିନୀ ମାଉସୀ ମା'ଙ୍କ ଜଳାଶାୟୀ ଉତ୍ସବ

ପୁରୀ,୩୦।୪(ଅଜିତ୍ କୁମାର ମହାନ୍ତି)

ନୃସିଂହ ଚତୁର୍ଦ୍ଦଶୀରେ ଗୁରୁବାର ଅର୍ଦ୍ଧଶୋଷିନୀ ମାଉସୀ ମା'ଙ୍କ ଜଳାଶାୟୀ ଉତ୍ସବ ବଡ଼ଦାଣ୍ଡସ୍ଥିତ ମନ୍ଦିର ପ୍ରାଙ୍ଗଣରେ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରେ ପୂଜାନୀତି ସରିବା ପରେ ଅପରାହ୍ନରେ ମନ୍ଦିର ଗମ୍ଭୀରାରେ ମା'ଙ୍କ ସମ୍ମୁଖରେ ମାଟିବାଡ଼ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ବ୍ରାହ୍ମଣମାନେ ଶୁଦ୍ଧପୂତ ଭାବେ କୂଅରୁ ଗରାରେ ପାଣି ଆଣି ରଖିଥିଲେ। ମନ୍ଦିର ପୂଜକଙ୍କ ଦ୍ୱାରା ଜଳକୁ ଅଭିମନ୍ତ୍ରିତ କରାଯାଇ ମା'ଙ୍କ ଅଧର ଉଚ୍ଚ ପର୍ଯ୍ୟନ୍ତ ସୁବାସିତ ଜଳ ଲାଗି କରାଯାଇଥିଲା। ଏହି ଜଳରେ ଅଗୁରୁ, ଚନ୍ଦନ, କର୍ପୂର, କେଶର, ଜାଇଫଳ ଓ କୁଙ୍କୁମ ମିଶ୍ରିତ କରାଯାଇଥିଲା। ଏହି ଜଳାଶାୟୀ ଉତ୍ସବର ଚମତ୍କାରିତା ହେଉଛି ମା'ଙ୍କ ସମ୍ମୁଖରେ ଢଳାଯାଇଥିବା ଜଳ ଯିବା ପାଇଁ କୌଣସି ବ୍ୟବସ୍ଥା ନ ଥିବା ବେଳେ ଧୀରେ ଧୀରେ ଘେରରୁ ପାଣି ଛାଡ଼ିଯାଇଥାଏ। ମା' ଅର୍ଦ୍ଧଶୋଷିନୀ ଏହି ଜଳକୁ ଶୋଷି ନେଇଥାନ୍ତି ବୋଲି ବିଶ୍ୱାସ ରହିଛି। ପାଣି ଛାଡ଼ିଯିବା ପରେ ସନ୍ଧ୍ୟାରେ ମା'ଙ୍କୁ ସ୍ୱତନ୍ତ୍ର ବେଶରେ ସଜ୍ଜିତ କରାଯାଇଥିଲା। ଏହି ବେଶ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବହୁ ଶ୍ରଦ୍ଧାଳୁ ଶୁଖିଲା ଭୋଗ ଲାଗି କରିଥିଲେ। ଗ୍ରୀଷ୍ମତାପରୁ ଶୀତଳତା ପାଇଁ ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ନୃସିଂହ ଜନ୍ମରେ ମାଉସୀ ମା'ଙ୍କ ଜଳାଶାୟୀ ନୀତି ସମ୍ପନ୍ନ କରାଯାଇଛି। ମୁଖ୍ୟ ପୂଜକ ବିଶ୍ୱନାଥ ମିଶ୍ର, ଶୁଭେନ୍ଦୁ ତ୍ରିପାଠୀ, ଲିଙ୍ଗରାଜ ପଣ୍ଡା ଜଳାଶାୟୀ କାର୍ଯ୍ୟ ସମ୍ପାଦନ କରିଥିଲେ।


ଅର୍ଦ୍ଧଶୋଷିନୀ ମାଉସୀ ମା'।

**ନୃତ୍ୟନାଟିକା, ଓଡ଼ିଶୀରେ କମ୍ପିଲା ବଡ଼ଦାଣ୍ଡ**

ଏହି ଅବସରରେ ପଞ୍ଚକ ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲିଙ୍ଗରାଜ କଳାନିକେତନ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ବିଚିତ୍ରା, ଓଡ଼ିଶୀ ନୃତ୍ୟନାଟିକା ଗଙ୍ଗା ଅବତରଣ, ଦଶମହାବିଦ୍ୟା, ବାଳଗୋପାଳଷ୍ଟକମ୍, ଦଶାବତାର, ନିତ୍ୟ ଜଗନ୍ନାଥ ଏବଂ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଗୁରୁ ମନୋଜ କୁମାର ପ୍ରଧାନଙ୍କ ନୃତ୍ୟ ନିର୍ଦ୍ଦେଶନା ଏବଂ ବିଶିଷ୍ଟ ମର୍ଦ୍ଦଳ ଗୁରୁ ଜଗନ୍ନାଥ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୃତ୍ୟଶିଳ୍ପୀ ସିପ୍ରା ମିଶ୍ର, ମମତା ଭୋଇ, ଅର୍ଚ୍ଚନା ସାହୁ, ଭାଗ୍ୟଲକ୍ଷ୍ମୀ ଜେନା, ଶୁଭସ୍ମିତ ବଳ, କାଳୁଚରଣ ବରାଳ, ବଳରାମ ସେଠୀ ଏବଂ ସତ୍ୟଜିତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ନବୀନଙ୍କ ଉପରେ ବର୍ଷିଲେ ପ୍ରଭାତୀ

ଭୁବନେଶ୍ୱର,୩୦।୪(ରବିନାରାୟଣ ଜେନା)


ପ୍ରଭାତୀ ପରିଡ଼ା

ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ କାଳରେ ଗୁରୁବାର ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଉପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବର୍ଷିଛନ୍ତି। ପ୍ରଭାତୀ କହିଛନ୍ତି, ଆଜି ବିରୋଧୀ ଦଳ ନେତା କେନ୍ଦୁଝର ଜିତୁ ମୁଣ୍ଡାଙ୍କ କଥା ଗୃହରେ ଉଠାଉଛନ୍ତି। ହେଲେ ସେ ଭୁଲି ଯାଉଛନ୍ତି, ସେ ଯେତେବେଳେ ସେ ମୁଖ୍ୟମନ୍ତ୍ରୀ ଥିଲେ ସେତେବେଳେ ଦାନ ମାଝୀ ଭଳି ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା ରାଜ୍ୟରେ ଘଟିଥିଲା। ଅର୍ଥ ଅଭାବରୁ ଦାନ ମାଝୀ ତାଙ୍କ ସ୍ତ୍ରୀଙ୍କୁ କାନ୍ଧରେ ଦୀର୍ଘପଥ ବୋହି ନେଇଥିଲେ। ସେତେବେଳେ ଏହା କ'ଣ ମହିଳାଙ୍କ ପ୍ରତି ସମ୍ମାନ ଥିଲା କି ? ନବୀନବାବୁ କ'ଣ ପାଇଁ ଏହାର ଜବାବ ରଖି ନ ଥିଲେ, ହେଲେ ଏବେ କୁମ୍ଭୀରକାନ୍ଦଣା କାନ୍ଦୁଛନ୍ତି। ବିଜୁବାବୁ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ଲାଗୁ କରିଛନ୍ତି। ଏଥିପାଇଁ ବିଜୁବାବୁଙ୍କ ପ୍ରତି ଆମର ସମ୍ମାନ ରହିଛି। କିନ୍ତୁ ନବୀନବାବୁଙ୍କ ୨୪ ବର୍ଷ ଶାସନରେ ଯେତେସବୁ ମହିଳାଙ୍କ ପ୍ରତି ଅନ୍ୟାୟ ହୋଇଛି ତା'ର ଜବାବ ଦେଇପାରିବେ କି ? ନବୀନବାବୁ ଛଳନା କରି ଭାଜପାର ୨୦ ସାଂସଦଙ୍କୁ ଚିଠି ଲେଖିଥିଲେ। ଯେଉଁଦଳ ୨୪ବର୍ଷ ଧରି କିଛି କରିପାରିଲେ ନାହିଁ, ସେମାନେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିରୋଧ କରୁଛନ୍ତି। ହେଲେ ମୋଦି ଅଛନ୍ତି ତ ସବୁ ସମ୍ଭବ। ଇତିହାସ ଏମାନଙ୍କୁ କ୍ଷମାଦେବ ନାହିଁ। ଯେଉଁମାନେ ମହିଳାଙ୍କୁ ଅବହେଳା କରିଛନ୍ତି, ସେମାନଙ୍କୁ ସମୟ ହିଁ ଅବହେଳା କରିଦେବ। ନବୀନବାବୁ ଆପଣ ଆଉ ମହିଳାଙ୍କୁ ବୋକା ବନେଇପାରିବେ ନାହିଁ ବୋଲି କହି ପ୍ରଭାତୀ ବର୍ଷିଛନ୍ତି।

ପ୍ରଭାତୀ କଂଗ୍ରେସକୁ ଟାର୍ଗେଟ କରି କହିଛନ୍ତି, କଂଗ୍ରେସ ୪୦ବର୍ଷ ଧରି ଶାସନରେ ରହିଥିଲେ ହେଁ ମହିଳାଙ୍କ ପାଇଁ କିଛି କରିନାହିଁ। କଂଗ୍ରେସ କେବଳ ଗାନ୍ଧୀ ପରିବାରର ମହିଳା କିଭଳି ଆଗକୁ ଯିବେ ସେହି ଚିନ୍ତା କରୁଛି। ୨୦୨୩ରେ ଯେଉଁ ମହିଳା ବିଲ୍ ସଂସଦରେ ଆସିଥିଲା ତାହା ୨୦୨୪ରେ ଲାଗୁ ହୋଇପାରିବ ନାହିଁ ବୋଲି ବିରୋଧୀ ଜାଣିଥିଲେ। କଂଗ୍ରେସ ମହିଳା ବିରୋଧୀ ବୋଲି ପ୍ରଭାତୀ କହିଥିଲେ।

# ଟଙ୍କା ଦେଇଦେଲେ ମହିଳା ସଶକ୍ତୀକରଣ ହୁଏ ନାହିଁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୪(ରବିନାରାୟଣ ଜେନା)



ମହିଳାଙ୍କୁ ଟଙ୍କା ଦେଇଦେଲେ ମହିଳା ସଶକ୍ତୀକରଣ ହୁଏ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗୁରୁବାର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ 'ଗଣତନ୍ତ୍ରରେ ମହିଳାମାନଙ୍କ ଭୂମିକା' ଶୀର୍ଷକ ଆଲୋଚନାକୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ମହିଳା ସଶକ୍ତୀକରଣ, ବିଶେଷଭାବେ ରାଜନୈତିକ ସଶକ୍ତୀକରଣ ବିଷୟରେ ଆଲୋଚନା ପାଇଁ ଏହି ଅଧିବେଶନ ଆହୂତ କରାଯାଇଛି। ସେ କହିଛନ୍ତି, ରାଜ୍ୟରେ ଗତ କିଛି ଦଶନ୍ଧି ଧରି ସବୁ ରାଜନୈତିକ ଦଳ ମହିଳା ସଶକ୍ତୀକରଣ ବିଷୟରେ ଆଲୋଚନା କରୁଛନ୍ତି। କିନ୍ତୁ ତାଙ୍କ ପାଇଁ ମହିଳା ସଶକ୍ତୀକରଣର ସଂଜ୍ଞା ଅତି ସଙ୍କୁଚିତ। ସେମାନଙ୍କ ପାଇଁ ମହିଳା ସଶକ୍ତୀକରଣର ଅର୍ଥ ହେଉଛି କେବଳ ଅର୍ଥନୈତିକ ସ୍ତରରେ ଆତ୍ମନିର୍ଭରଶୀଳତା। ତେଣୁ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଗଠନ କରି କିଛି ଟଙ୍କା ଦେଇଦେଲେ ସେମାନେ ଭାବନ୍ତି ଯେ ମହିଳାମାନେ ସଶକ୍ତ ହୋଇଗଲେ। ମାତ୍ର ଏହା ଏକ ଭ୍ରାନ୍ତଧାରଣା। ସଶକ୍ତୀକରଣର ପ୍ରକୃତ ସଂଜ୍ଞା ହେଉଛି ନିଜେ ନିଜ ପାଇଁ, ପରିବାର ପାଇଁ ଏବଂ ସମାଜ ପାଇଁ ନିଷ୍ପତ୍ତି ନେବାର ଅଧିକାର। ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ କ୍ଷେତ୍ରରେ ସଶକ୍ତୀକରଣ ହେବା ହିଁ ହେଉଛି ପ୍ରକୃତ ଅର୍ଥରେ ମହିଳା ସଶକ୍ତୀକରଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ସେ କହିଛନ୍ତି, ଦେଶ ସ୍ୱାଧୀନ ହେବାର ପ୍ରାୟ ୮୦ ବର୍ଷ ହୋଇଗଲାଣି। ଏହି ୮ ଦଶକରେ ଦେଶର ଝିଅ ଓ ମହିଳାମାନେ ସବୁ କ୍ଷେତ୍ରରେ ପାରଙ୍ଗମ ହାସଲ କରିଛନ୍ତି। ଘର ଚଳାଇବା ସହିତ ଅଟୋ-ବସ୍ ଚଳାଇବାଠୁ ଆରମ୍ଭ କରି ଲଢୁଆ ବିମାନ ଉଡ଼ାଉଛନ୍ତି। ବାଲାକୋଟ ଆକ୍ରମଣଠାରୁ ଆରମ୍ଭ କରି 'ଅପରେଶନ ସିନ୍ଦୂର'ରେ ନାରୀମାନଙ୍କ ପରାକାଷ୍ଠା ସାରା ବିଶ୍ୱ ଦେଖିଛି। ଶିକ୍ଷା କ୍ଷେତ୍ରରେ ମହିଳାଙ୍କ ଭୂମିକା ଆହୁରି ଗୁରୁତ୍ୱପୂର୍ଣ୍ଣ। ଆଜିର ନାରୀଶକ୍ତି ଅସାଧ୍ୟ ସାଧନ କରିବାରେ ସମର୍ଥ। ନାରୀଙ୍କୁ ସମାନ ସୁଯୋଗ ଓ ଉପଯୁକ୍ତ ମଇଦାନର ଆବଶ୍ୟକତା ରହିଛି। ହେଲେ ପୁରୁଷ ପ୍ରାଧାନ୍ୟ ସମାଜରେ ମହିଳାଙ୍କୁ ସୁଯୋଗ ଦେବା ପାଇଁ ସବୁବେଳେ କିଛି ନା କିଛି ଅନ୍ତରାୟ ସୃଷ୍ଟି କରାଯାଇଥାଏ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଏ ଗୃହର ସଦସ୍ୟ ଓ ସଦସ୍ୟାମାନେ ଜାଣିଛନ୍ତି ଯେ, ଭାରତୀୟ ଜନତା ପାର୍ଟି(ଭାଜପା) ସବୁବେଳେ ସବୁ ସମୟରେ ମହିଳା ଆରକ୍ଷଣ ବିଲ୍‌କୁ ସମର୍ଥନ କରିଆସିଛି। କଂଗ୍ରେସ ଦଳର ବନ୍ଧୁଗଣ ଏଠାରେ ଉପସ୍ଥିତ ଅଛନ୍ତି। ତାଙ୍କ ଦଳର ୧୯୮୪ରେ ଲୋକ ସଭାରେ ୪୧୪ ସିଟ୍ ଏବଂ ରାଜ୍ୟ ସଭାରେ ୧୫୯ଟି ସିଟ୍ ଥିଲା। ଦୁଇ ତୃତୀୟାଂଶ ନୁହେଁ, ତିନି-ଚତୁର୍ଥାଂଶ ଆସନ ଥିଲା କଂଗ୍ରେସର। କିନ୍ତୁ ସେମାନେ ଏହି ମହତ୍ତ୍ୱପୂର୍ଣ୍ଣ ବିଲ୍‌କୁ ପାସ୍ କରି ନ ଥିଲେ। ଆଜି ଯେଉଁମାନେ ଆମ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି, ସେମାନେ ନିଜର ଇତିହାସ ଜାଣିବା ଆବଶ୍ୟକ। ବିଜୁ ଜନତା ଦଳର ସଦସ୍ୟା ସଦସ୍ୟମାନେ ପଞ୍ଚାୟତିରାଜ ବ୍ୟବସ୍ଥାରେ ୫୦ ପ୍ରତିଶତ ମହିଳା ସଂରକ୍ଷଣକୁ ନେଇ ବାହାବା ନେବାକୁ ଚେଷ୍ଟା କରୁଛନ୍ତି। ଆଜି ବି ଆଲୋଚନା ସମୟରେ ସେମାନେ ତାହାକୁ ଦୋହରାଇବେ। କିନ୍ତୁ ଯେତେବେଳେ ବିଧାନସଭା ଓ ଲୋକ ସଭା ପାଇଁ ଆରକ୍ଷଣ କଥା ଉଠୁଛି ସେମାନେ କାହିଁକି ମହିଳା ବିରୋଧୀ ଆଭିମୁଖ୍ୟ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ,ଏହାର ଉତ୍ତର ହେଉଛି ଏଠାରେ ବସିଥିବା ସଦସ୍ୟା ଓ ସଦସ୍ୟ କିମ୍ବା ସେହି ଦଳର ଆଗାଧାଡ଼ିର ନେତାମାନେ ତ ଆଉ ସରପଞ୍ଚ କି ଜିଲା ପରିଷଦ ନିର୍ବାଚନ ଲଢ଼ିବେ ନାହିଁ, ତେଣୁ ତାଙ୍କର ପଞ୍ଚାୟତ ନିର୍ବାଚନରେ ୧୦୦ ପ୍ରତିଶତ ଆରକ୍ଷଣ ହେଲେ ବି କିଛି ଅସୁବିଧା ନାହିଁ, କାରଣ ତାଙ୍କର ସେଥିରେ ସ୍ୱାର୍ଥହାନି ହେଉନାହିଁ। କିନ୍ତୁ ଯଦି ବିଧାନସଭା ଓ ଲୋକ ସଭା କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁହୁଏ, ତେବେ ନିଶ୍ଚିତ ଭାବେ ତାଙ୍କର ସ୍ୱାର୍ଥ ବାଧିତ ହେବ। ତେଣୁ କୌଣସି ନା କୌଣସି ବାହାନାରେ ଏହି ବିଲ୍ ବିରୋଧରେ ସେମାନେ ମତାମତ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଆମ ଦେଶର ତୃଣମୂଳ ସ୍ତରରେ ପ୍ରାୟ ୧୪.୫ ଲକ୍ଷ ମହିଳା ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକରେ ନିର୍ବାଚିତ ପ୍ରତିନିଧି ଭାବେ କାର୍ଯ୍ୟକରି ଦକ୍ଷତା ପ୍ରମାଣିତ କରୁଛନ୍ତି। ନାରୀ ଶକ୍ତି ବନ୍ଦନ ଅଧିନିୟମ ଏହି ପ୍ରତିନିଧିତ୍ୱକୁ ଅଧିକ ଗତି ଦେବା ପାଇଁ ଉଦ୍ଦିଷ୍ଟ। ତେଣୁ ଏହାକୁ ୨୦୨୯ ସାଧାରଣ ନିର୍ବାଚନ ପାଇଁ ଲାଗୁ କରିବାକୁ ପ୍ରଧାନମନ୍ତ୍ରୀ ଯେଉଁ ପଦକ୍ଷେପ ନେଇଥିଲେ, ସେଥିରେ ବିରୋଧୀଦଳ ବ୍ରେକ୍ ଲଗାଇ ନିଜ ସଙ୍କୁଚିତ ମାନସିକତାର ପ୍ରମାଣ ଦେଇଛନ୍ତି। ହେଲେ, ଏହା ଏକ ସାମୟିକ ବିରତି। ଆଜିର ଏହି ବିଶେଷ ଅଧିବେଶନରେ ଭାରତୀୟ ଗଣତନ୍ତ୍ରରେ ନାରୀଶକ୍ତିର ଅବଦାନ ସମ୍ପର୍କରେ ବିଶଦ୍ ଆଲୋଚନା ହେଉ ଏବଂ କିଛି ସାର୍ଥକ ନିଷ୍କର୍ଷ ବାହାରୁ, ଯାହା ଫଳରେ ଦେଶର ନାରୀଶକ୍ତି ତାଙ୍କର ନ୍ୟାଯ୍ୟ ଓ ବହୁ ପ୍ରତୀକ୍ଷିତ ଅଧିକାର ପ୍ରାପ୍ତ ହେବ। ଏହି ପ୍ରସଙ୍ଗରେ ଯଦି ବିରୋଧୀ ଦଳ ସଦସ୍ୟଙ୍କ କିଛି ପ୍ରଶ୍ନ ଥାଏ ତା'ର ସ୍ପଷ୍ଟୀକରଣ ଦେବି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

# ଗେରୁଆ ସନାତନ ସଂସ୍କୃତିର ଅଂଶବିଶେଷ: ମନ୍ତ୍ରୀ ସୂର୍ଯ୍ୟବଂଶୀ

ଭୁବନେଶ୍ୱର,୩୦।୪(ରବିନାରାୟଣ ଜେନା)

ଗେରୁଆ ହେଉଛି ସନାତନ ସଂସ୍କୃତିର ଅଂଶବିଶେଷ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଗୃହରେ ମହିଳା ପ୍ରସଙ୍ଗ ଆଲୋଚନା କାଳରେ ବିରୋଧୀଦଳ ଉପନେତାଙ୍କୁ କଡ଼ା ଜବାବ ଦେଇ ମନ୍ତ୍ରୀ ସୂରଜ କହିଛନ୍ତି, ବିରୋଧୀଙ୍କ ଭିତରେ ଗେରୁଆ ପ୍ରତି ଅସହିଷ୍ଣୁତା ରହିଛି। ଗୃହରେ ଗେରୁଆକୁ ତାଚ୍ଛଲ୍ୟ କାରଗଲା। ମାତ୍ର ଗେରୁଆ ବସ୍ତ୍ର ହେଉଛି ସନାତନ ସଂସ୍କୃତିର ଅଂଶବିଶେଷ। ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦଙ୍କ ବସ୍ତ୍ରର ରଙ୍ଗ କ'ଣ ଥିଲା ବୋଲି ମନ୍ତ୍ରୀ ବିରୋଧୀଙ୍କୁ ପ୍ରଶ୍ନ କରିଛନ୍ତି।

ସେ କହିଛନ୍ତି, ସଂସଦରେ ଯେତେବେଳେ ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଉଥିଲା, ସେତେବେଳେ ବିରୋଧୀମାନେ ଟେବୁଲ ବାଡ଼େଇ ଥିଲେ। ବିରୋଧୀମାନେ ଯେତେଥର ଟେବୁଲ ବାଡ଼ାଉଥିଲେ, ସେତେଥର ମହିଳାଙ୍କୁ ସେ ମାଡ଼ ଦେଉଥିଲେ। ଆମ ସମାଜ ନାରୀ କୈନ୍ଦ୍ରିକ ସମାଜ। ଏଠାରେ ପ୍ରକୃତି ମା', ତୁଳସୀ ମା', ଗଙ୍ଗା ମା', ଗୋ-ମାତା। ୨୪ଘଣ୍ଟା ଯଦି କେହି ବିନା ଦରମାରେ କାମ କରେ ସେ ହେଉଛି ଆମ ମା' ବୋଲି ମନ୍ତ୍ରୀ କହିଛନ୍ତି।

ସେ କହିଛନ୍ତି, ୧୫୦୦ ଶତାବ୍ଦୀରେ ବଳରାମ ଦାସ ତାଙ୍କ ଶ୍ରୀୟା ଚଣ୍ଡାଳୁଣୀ ଉପାଖ୍ୟାନରେ ମହିଳା ସଶକ୍ତୀକରଣର କଥା କହିଛନ୍ତି। ଓଡ଼ିଶାରେ ରମାଦେବୀ, ସରଳା ଦେବୀଙ୍କଠାରୁ ଆରମ୍ଭ କରି ନନ୍ଦିନୀ ଦେବୀଙ୍କ ପର୍ଯ୍ୟନ୍ତ ବହୁ ମହୀୟସୀ ମହିଳା ଦେଶମାତୃକାର ସେବା କରିଛନ୍ତି। ମହିଳା ସଂରକ୍ଷଣ ପ୍ରସଙ୍ଗରେ ବିରୋଧୀ ରାଜ୍ୟବାସୀଙ୍କ ମଧ୍ୟରେ ଭ୍ରମାତ୍ମକ ପ୍ରଚାର କରୁଛନ୍ତି। ହେଲେ ସେମାନେ ସଫଳ ହେବନାହିଁ ବୋଲି ମନ୍ତ୍ରୀ ସୂରଜ କହିଛନ୍ତି।

# ନାରୀଙ୍କ ସହ ଛଳନା କଲେ ମୃତ୍ୟୁ: ପ୍ରସନ୍ନ

ଭୁବନେଶ୍ୱର,୩୦।୪(ରବିନାରାୟଣ ଜେନା)

ରାମାୟଣରେ ରାବଣ ଯେମିତି ମା' ସୀତାଙ୍କ ସହିତ ଛଳନା କରିଥିଲା, ଠିକ୍ ସେହିପରି ଦେଶର ମହିଳାଙ୍କ ସହିତ କେନ୍ଦ୍ର ସରକାର ଛଳନା କରିଛନ୍ତି ବୋଲି ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। ସ୍ୱତନ୍ତ୍ର ଅଧିବେଶନରେ ଗୁରୁବାର ମହିଳା ପ୍ରସଙ୍ଗରେ ଆଲୋଚନା ରଖି ସେ କହିଛନ୍ତି, ଭାରତୀୟ ସ୍ୱାଧୀନତାରେ ଯେଉଁ ମହୀୟସୀ ମହିଳାମାନେ ସଂଗ୍ରାମ କରିଥିଲେ, ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଆମେ ଭୁଲି ଯାଇଛୁ। ଏହା ଠିକ୍ ନୁହେଁ।

ପ୍ରସନ୍ନ କହିଛନ୍ତି, ମହିଳା ସଂରକ୍ଷଣ ବିଲ୍- ୨୦୨୩ରେ ସଂସଦରେ ପାରିତ ହୋଇଥିଲା, କିନ୍ତୁ ତାହାକୁ ସେତେବେଳେ କାର୍ଯ୍ୟକାରୀ ନ କରି ଏବେ ୫ ରାଜ୍ୟର ନିର୍ବାଚନ ବେଳେ କ'ଣ ପାଇଁ ଅଣାଗଲା। ଏହାର ଉଦ୍ଦେଶ୍ୟ ଅଲଗା। ରାବଣ ଯେମିତି ଗେରୁଆ ବସ୍ତ୍ର ପିନ୍ଧି ସୀତାଙ୍କ ସହିତ ଛଳନା କରି ମୃତ୍ୟୁବରଣ କଲା, ଠିକ୍ ସେମିତି ଦେଶର ମହିଳାଙ୍କ ସହିତ କେନ୍ଦ୍ର ସରକାର ଛଳନା କରିଛନ୍ତି। ଦିଲ୍ଲୀ ବ୍ୟତୀତ ଭାଜପା କେତୋଟି ରାଜ୍ୟରେ ମୁଖ୍ୟମନ୍ତ୍ରୀ ଦେଇଛି ବୋଲି ପ୍ରସନ୍ନ ପ୍ରଶ୍ନ କରିଥିଲେ। ରାଜ୍ୟରେ ପରିସ୍ଥିତି ଏପରି ହେଲାଣି ଯେ, ମାଟି ଭିତରୁ କଙ୍କାଳ ଉଠୁଛି, ଜଗତ୍‌ସିଂହପୁର ଜିଲାପାଳ ମହିଳାଙ୍କୁ ଅପମାନିତ କରୁଛନ୍ତି। ଏସବୁ କ୍ଷେତ୍ରରେ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି କାହିଁକି ବୋଲି ପ୍ରସନ୍ନ କହିଥିଲେ।

# ମହିଳା ଆଲୋଚନା ନାଁରେ ଟାଇମ୍‌ପାସ୍: ପ୍ରମିଳା

ଭୁବନେଶ୍ୱର,୩୦।୪(ରବିନାରାୟଣ ଜେନା)

ବିଧାନସଭାରେ ମହିଳାଙ୍କ ଉପରେ ହୋଇଥିବା ସ୍ୱତନ୍ତ୍ର ଆଲୋଚନାକୁ ନେଇ ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସରକାରଙ୍କୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି, ଏହା କେଉଁ ବିଲ୍ ନା ସଂକଳ୍ପ ଯେ ବିଧାନସଭାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ସରକାର ଆଲୋଚନା ଆଣିଛନ୍ତି। ଯଦି ମହିଳାଙ୍କ ପାଇଁ ସରକାର ସ୍ୱତନ୍ତ୍ର ଆଲୋଚନା କରିବାକୁ ଚାହୁଁଥିଲେ ତେବେ ଜନତା ମଇଦାନରେ ଟେଣ୍ଟ ବାନ୍ଧି କରିପାରିଥାନ୍ତେ। ବିଧାନସଭାରେ ଏସବୁ ନାଟକ କରିବା କ'ଣ ଆବଶ୍ୟକ ଥିଲା, ଏହା କେବଳ ଟାଇମପାସ୍ ବୋଲି ପ୍ରମିଳା କହିଛନ୍ତି।

ସେ କହିଛନ୍ତି, ଉପମୁଖ୍ୟମନ୍ତ୍ରୀ 'ସୁଭଦ୍ରା'ରେ ୫ହଜାର ଟଙ୍କା ସହାୟତାରେ ମହିଳାଙ୍କୁ ଛେଳି ରଖିବାକୁ କହିଲେ। ହେଲେ ୫ହଜାର ଟଙ୍କା ଦେଲେ ମହିଳାମାନେ ସଶକ୍ତୀକରଣ ହେବେନାହିଁ। ରାଜ୍ୟ ସରକାର ଯେଉଁ ଲକ୍ଷପତି ଦିଦି କଥା କହୁଛନ୍ତି ତାହା ପୂର୍ବ ସରକାରର। ରାଜ୍ୟରେ ମହିଳା ବିଭାଗ ସୃଷ୍ଟି କରିଥିଲେ ବିଜୁବାବୁ। ମହିଳା କମିଶନଠାରୁ ଆରମ୍ଭ କରି ମହିଳା ବିକାଶ ନିଗମ ଓ ମହିଳା ବ୍ୟାଙ୍କ ସବୁ କିଛିର ଶ୍ରେୟ ବିଜୁବାବୁଙ୍କର। ପଞ୍ଚାୟତରେ ମହିଳାଙ୍କ ଭାଗୀଦାରି ବଢ଼ାଇବା ପାଇଁ ବିଜୁବାବୁ ୩୩% ସଂରକ୍ଷଣ ବ୍ୟବସ୍ଥା କରିଥିବାବେଳେ ତାଙ୍କ ପୁଅ ନବୀନ ପଟ୍ଟନାୟକ ଏହାକୁ ୫୦ ପ୍ରତିଶତକୁ ବଢ଼ାଇଛନ୍ତି। ହେଲେ ଆପଣମାନେ କେବଳ ଗପ କହୁଛନ୍ତି। ଲୋକେ ଏସବୁ ଜାଣି ସାରିଲେଣି। ମିଛ ବାଜା ବଜାଉଛନ୍ତି। ୨୦୧୯ରେ ୨୧ରୁ ୭ ଜଣଙ୍କୁ ସାଂସଦ ପ୍ରାର୍ଥୀ କରିଥିଲେ ନବୀନବାବୁ। ୨୦୨୩ରେ ଆସିଥିବା ମହିଳା ସଂରକ୍ଷଣ ବିଲ୍‌କୁ ବିଜେଡି ସମର୍ଥନ କରିଥିଲା। ହେଲେ ୩ବର୍ଷ ପର୍ଯ୍ୟନ୍ତ କାହିଁକି ବିଜ୍ଞପ୍ତି ଜାରି ନ କରି ପେଣ୍ଡିଂ ରଖିଲେ କେନ୍ଦ୍ର ସରକାର। ଏବେ ଯେଉଁ ମହିଳା ସଂରକ୍ଷଣ ବିଲ୍ ସଂସଦରେ ଆଣିଲେ ସେଥିରେ ଡି-ଲିମିଟେସନ କେଁ ରଖିଲେ; ଯେଉଁଥିରେ ରାଜ୍ୟର ୦.୫% କ୍ଷତି ହୋଇଥାନ୍ତା ବୋଲି ପ୍ରମିଳା କହିଥିଲେ। ଏହି ଅବସରରେ ଭାଜପା ସଦସ୍ୟ ସନ୍ତୋଷ ଖଟୁଆ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କେବଳ ବିରୋଧ କରିବା ପାଇଁ ବିରୋଧୀଙ୍କ ଏହି ନାଟକ। ୨୦୨୩ରେ ଯେଉଁ ମହିଳା ସଂରକ୍ଷଣ ବିଲ୍ ଆସିଥିଲା ତାହା ୨୦୨୬ରେ ସମାନ ବୋଲି ସେ କହିଥିଲେ।

# ମଧୁସୂଦନ, ଗୋପବନ୍ଧୁଙ୍କୁ ଭାରତରତ୍ନ ଦାବି

ଭୁବନେଶ୍ୱର,୩୦।୪(ରବିନାରାୟଣ ଜେନା)

## ରାଜ୍ୟପାଳଙ୍କୁ ସ୍ମାରକପତ୍ର

ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ମରଣୋତ୍ତର ଭାରତରତ୍ନ ଉପାଧିରେ ଭୂଷିତ କରିବାକୁ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଦାବି କରିଛନ୍ତି। ଲୋକଭବନଠାରେ ଗୁରୁବାର ରାଜ୍ୟପାଳ ଡ.ହରିବାବୁ କମ୍ଭମପାଟିଙ୍କୁ ସାକ୍ଷାତ କରି ପ୍ରସାଦ ଏନେଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଉକ୍ତ ସ୍ମାରକପତ୍ରରେ ସେ ଦର୍ଶାଇଛନ୍ତି, ମଧୁସୂଦନ କେବଳ ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଓଡ଼ିଶା ଗଠନର ଉଦ୍‌ଗାତା ନ ଥିଲେ, ଦେଶର ସଂଘୀୟ ବ୍ୟବସ୍ଥାର ସାଂସ୍କୃତିକ ମୂଳଦୁଆ ସ୍ଥାପନ କରିବାରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ। ଉଚ୍ଚକୋଟୀର ଆଇନଜ୍ଞ ଭାବେ ବିଦିତ ମଧୁସୂଦନ ଜଣେ ସମାଜ-ସୁଧାରକ ଓ ଦୂରଦ୍ରଷ୍ଟା ଥିଲେ। ସେହିପରି ସାଧାରଣ ଜନତାର ସ୍ୱର ଗୋପବନ୍ଧୁ ପାରିବାରିକ ସୁଖସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ଦେଶବାସୀଙ୍କର ସେବା କରିଥିଲେ। ଏହି ନିର୍ଭୀକ ମହାମନୀଷୀ ଓ ସମାଜ ସଂସ୍କାରକଙ୍କୁ ଆଉ କାଳ ବିଳମ୍ବ ନ କରି ଭାରତରତ୍ନ ପ୍ରଦାନ କରି ଅତୀତର ଭୁଲ୍‌କୁ ସଂଶୋଧନ କରିବାକୁ ହରିଚନ୍ଦନ ଅନୁରୋଧ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ପ୍ରସାଦଙ୍କ ସହ କଂଗ୍ରେସ ନେତା ବାଙ୍କନିଧି ବେହେରା, ପିସିସି ସାଧାରଣ ସମ୍ପାଦକ ସୀତାଂଶୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


୩୩% ମହିଳା ସଂରକ୍ଷଣ ଦାବିରେ ଗୁରୁବାର ବିଧାନସଭା ଘେରାଉ ଉଦ୍ୟମବେଳେ ପୋଲିସ ସହ ମହିଳା କଂଗ୍ରେସ କର୍ମୀଙ୍କ ଧସ୍ତାଧସ୍ତି।

# ମାଟି ସଂଗ୍ରହ ବେଳେ ଅତଡ଼ା ଧସି ମହିଳାଙ୍କ ମୃତ୍ୟୁ

ନନ୍ଦପୁର,୩୦।୪(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ହିକିମପୁଟ ପଞ୍ଚାୟତ ନୀଳଦୋରାପୁଟ ଗ୍ରାମ ନିକଟ ଗଙ୍ଗାନାଳ କଡ଼ରୁ ମାଟି ସଂଗ୍ରହ କରୁଥିବା ବେଳେ ମାଟି ଅତଡ଼ା ଧସି ଜଣେ ମହିଳାଙ୍କ ଗୁରୁବାର ମୃତ୍ୟୁ ହୋଇଛି। ମୃତକ ହେଲେ କଟଲାପୁଟ ଗ୍ରାମର ପୁଷ୍ପ ମାଲିଙ୍କ ସ୍ତ୍ରୀ ଗୁପ୍ତେଶ୍ୱରୀ(୨୧)। ଏଥିରେ ତାଙ୍କ ଭାଉଜ କମାରବେଲଗାଁ ଗ୍ରାମର ମାଳତୀ ଖିଲ(୨୮) ଓ ଝିଆରୀ କାଞ୍ଚନ ଛୋଡ଼ିଆ(୧୩) ଆହତ ହୋଇ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

ସୂଚନାନୁଯାୟୀ, ଗୁପ୍ତେଶରୀ, ସ୍ୱାମୀ ଓ ଦିବ୍ୟାଙ୍ଗ ପୁଅକୁ ସହି ବାପଘର କମାରବେଲଗାଁ ବୁଲି ଆସିଥିଲେ। ଗୁରୁବାର ଶାଶୁଘରକୁ ଫେରିବା ବାଟରେ ଘରଲିପା ମାଟି ସଂଗ୍ରହ କରିବାକୁ ଭାଇ, ଭାଉଜ ଓ ଝିଆରୀଙ୍କ ସହ ନୀଳଦୋରାପୁଟ ଗଙ୍ଗାନାଳ ନିକଟରେ ପହଞ୍ଚିଥିଲେ। ଭାଉଜ ମାଳତୀ, ଜୟନ୍ତୀ ନାୟକ, ଝିଆରୀ କାଞ୍ଚନ ଛଡ଼ିଆ, ଅମ୍ବିକା ଛଡ଼ିଆ ପ୍ରମୁଖଙ୍କ ସହ ନାଳ ତଳଦେଶକୁ ଯାଇ ମାଟି ସଂଗ୍ରହ କରୁଥିଲେ। ଏହି ସମୟରେ ମାଟି ଅତଡ଼ା ଖସି ୩ଜଣଙ୍କ ଉପରେ ପଡ଼ିଥିଲା। ଏଥିରେ ଗୁପ୍ତେଶ୍ୱରୀଙ୍କ ଭାଉଜ ଓ ଝିଆରୀ ଅଳ୍ପକେ ବର୍ତ୍ତିଯାଇ ବାହାରକୁ ବାହାରି ଆସି ପାଟି କରିବାରୁ ଗୁପ୍ତେଶ୍ୱରୀଙ୍କ ସ୍ୱାମୀ ଓ ଭାଇ ତାଙ୍କୁ ଉଦ୍ଧାରକରି ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୧/୨୦୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁକରିଛି। ଏଏସ୍‌ଆଇ ଗୁପ୍ତେଶ୍ୱର ଗୌଡ଼ ତଦନ୍ତ କରୁଛନ୍ତି। ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ମଲିବେଲଗାଁ ସରପଞ୍ଚ ପ୍ରହ୍ଲାଦ ମୁଦୁଲି ଓ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ଜିଲା, ବ୍ଲକସ୍ତରରେ ହେବ ମଶାଲ ଶୋଭାଯାତ୍ରା: ଭକ୍ତ

ଭୁବନେଶ୍ୱର,୩୦।୪(ରବିନାରାୟଣ ଜେନା)

## ମହିଳା କଂଗ୍ରେସର ବିଶାଳ ସମାବେଶ

ଭାଜପା ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାରର ମହିଳା-ବିରୋଧୀ ଆଭିମୁଖ୍ୟକୁ ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ। ଏନେଇ ଜିଲା ଏବଂ ବ୍ଲକସ୍ତରରେ ମଶାଲ ଶୋଭାଯାତ୍ରା ହେବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ଲୋୟର ପିଏମ୍‌ଜିଠାରେ ଗୁରୁବାର ୩୩% ସଂରକ୍ଷଣ ଦାବିରେ ଆୟୋଜିତ ମହିଳା ସମାବେଶରେ ଉଦ୍‌ବୋଧନ ଦେଇ ଭକ୍ତ କହିଛନ୍ତି, ଆସନ୍ତା ୩ ଓ ୪ ତାରିଖ ସନ୍ଧ୍ୟାରେ ପ୍ରତି ଜିଲା କଂଗ୍ରେସ କମିଟିର ତତ୍ତ୍ୱାବଧାନରେ ମହିଳା କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା ଆୟୋଜିତ ହେବ। ଏଥିସହ ୭ ଓ ୮ ତାରିଖରେ ବ୍ଲକସ୍ତରରେ ଏହି ଶୋଭାଯାତ୍ରା ଆୟୋଜିତ ହେବ। ମହିଳାମାନଙ୍କୁ ପ୍ରତାରଣା କରିବାର ମନୋବୃତ୍ତି ଛାଡ଼ି ସରକାର ତୁରନ୍ତ ୨୦୨୩ରେ ସଂସଦରେ ସର୍ବସମ୍ମତ କ୍ରମେ ପାରିତ ମହିଳା ସଂରକ୍ଷଣ ଆଇନକୁ କାର୍ଯ୍ୟକାରୀ କରନ୍ତୁ; ନଚେତ୍ ପରିଣାମ ଭୋଗିବାକୁ ପ୍ରସ୍ତୁତ ରୁହନ୍ତୁ ବୋଲି ଭକ୍ତ ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଓଡ଼ିଶା ସହ ପ୍ରଭାରୀ ଜେ.ଟି. କୁସୁମ କୁମାର ଭାଜପା କଂଗ୍ରେସକୁ ମହିଳା ବିରୋଧୀ କହିବା ହାସ୍ୟାସ୍ପଦ ବୋଲି କହିଥିଲେ।


ଲୋୟର ପିଏମ୍‌ଜିଠାରେ ଆୟୋଜିତ ସଭାରେ ପିସିସି ସଭାପତି ଭକ୍ତଚରଣ ଦାସ ଓ ମହିଳା କଂଗ୍ରେସ କର୍ମକର୍ତ୍ତା।

ଏହି ଅବସରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ, ଭାଜପା ମହିଳା ସଂରକ୍ଷଣକୁ ନେଇ ଏବେ ଡ୍ରାମା କରୁଛି। ଆଉ ଅପପ୍ରଚାର କରୁଛି ଯେ, କଂଗ୍ରେସ ମହିଳା ସଂରକ୍ଷଣ ଆଇନ ଲାଗୁ ହେବାରେ ବାଧକ ସାଜିଲା। ୨୦୨୩ରେ ସଂସଦରେ ଏହି ବିଲ୍ ଆସିଲାବେଳେ କଂଗ୍ରେସ ସମେତ ସମସ୍ତ ଅଣ ଭାଜପା ଦଳ ଏହି ବିଲ୍‌କୁ ସମର୍ଥନ କଲେ। ବିଲ୍ ଆଇନରେ ପରିଣତ ହେଲା। ମାତ୍ର ଏହାକୁ କାହିଁକି ୨୦୨୪ ସାଧାରଣ ନିର୍ବାଚନରେ ମୋଦି ସରକାର ଲାଗୁ କଲାନାହିଁ ତା'ର ଜବାବ ରଖନ୍ତୁ ବୋଲି ଶ୍ରୀକାନ୍ତ କହିଛନ୍ତି। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ସୁର ରାଉତରାୟ, ମହିଳା କଂଗ୍ରେସ ଓଡ଼ିଶା ପ୍ରଭାରୀ ତୁଲୀକା କର୍ମା, ମହିଳା କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦିକା ରୀତା ପଣ୍ଡା ପ୍ରମୁଖ ଭାଜପା ସରକାର ଉପରେ ବର୍ଷିଥିଲେ। ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାବେଶ ଓ ବିଧାନସଭା ଘେରାଉ କାର୍ଯ୍ୟକ୍ରମରେ ମଧୁମିତା ପଣ୍ଡା ସେଠୀ, ପିସିସି ମୁଖପାତ୍ର ସୋନାଲୀ ସାହୁ, କଂଗ୍ରେସ ନେତ୍ରୀ ସୁନିତା ବିଶ୍ୱାଳ, ଅନିତା ବିଶ୍ୱାଳ ଓ ପିସିସି ମୁଖପାତ୍ର ଜୟଶ୍ରୀ ପାତ୍ର, ଡ. ମନୀଷାଦାସ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

## ଦିଲ୍ଲୀରେ ଆଜି



କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଓ ମନ୍ତ୍ରୀ କପିଳ ମିଶ୍ର ପତାକା ଦେଖାଇ ନୂଆଦିଲ୍ଲୀସ୍ଥିତ ସଫଦରଜଙ୍ଗ ରେଳ ଷ୍ଟେସନରୁ ବାହାରିଥିବା ସୋମନାଥ ସ୍ୱାଭିମାନ ପର୍ବ ଯାତ୍ରାର ଶୁଭାରମ୍ଭ କରୁଛନ୍ତି। (ଫଟୋ: ଚମନ ଗୌତମ)

# ଭୋଟ ଟାମ୍ପରିଂକୁ ନେଇ ଟିଏମ୍‌ସି-ଭାଜପା ହାଇଡ୍ରାମା

**କୋଲକାତା,୩୦।୪**

ପଶ୍ଚିମବଙ୍ଗରେ ଦ୍ୱିତୀୟ ତଥା ଚୂଡ଼ାନ୍ତ ମତଦାନ ପ୍ରକ୍ରିୟା ଶେଷହେବାର ଦିନକ ପରେ ଭୋଟ ଟାମ୍ପରିଂ ଅଭିଯୋଗକୁ ନେଇ ଟିଏମ୍‌ସି ଏବଂ ଭାଜପା ମୁହାଁମୁହିଁ ହୋଇଛନ୍ତି। ଭାଜପା ସହ ମିଶି ନିର୍ବାଚନ କମିଶନ ଟିଏମ୍‌ସି କର୍ମୀଙ୍କ ଅନୁପସ୍ଥିତିରେ ପୋଷ୍ଟାଲ ଭୋଟ ବକ୍ସ ଖୋଲିବାକୁ ଉଦ୍ୟମ କରିଥିବା ଟିଏମ୍‌ସି ଅଭିଯୋଗ କରିବା ପରେ ଉଭୟ ଦଳ ମଧ୍ୟରେ ହାଇଡ୍ରାମା ଦେଖିବାକୁ ମିଳିଛି। ଏଭଳି ଅଭିଯୋଗ ପରେ ଟିଏମ୍‌ସି ନେତା କୁନାଲ ଘୋଷ ଏବଂ ଶଶୀ ପାଞ୍ଜା ଭୋଟ ବାକ୍ସ ରଖାଯାଇଥିବା ନେତାଜୀ ଇନ୍‌ଡୋର ଷ୍ଟାଡିୟମ ଷ୍ଟ୍ରଙ୍ଗ୍‌ରୁମ୍ ସାମ୍ନାରେ ଧାରଣା ଦେଇଛନ୍ତି। ସେମାନେ କହିଛନ୍ତି, ଷ୍ଟ୍ରଙ୍ଗ୍‌ରୁମ୍ ଭିତରେ କେତେକ ଲୋକ ପଶି କିଛି କାର୍ଯ୍ୟ କରୁଥିବା ନିର୍ବାଚନ କମିଶନଙ୍କ ସିସିଟିଭି କ୍ୟାମେରାରେ ଲାଇଭ ଷ୍ଟ୍ରିମିଂରୁ ଜଣାପଡ଼ିଛି। ଷ୍ଟ୍ରଙ୍ଗ୍‌ରୁମ୍‌ରେ ସ୍ୱଚ୍ଛତା ରଖାଯାଉ ନାହିଁ ଏବଂ ଭାଜପାର ଚୋରି ଧରାପଡ଼ିଯାଇଛି। କିନ୍ତୁ ଟିଏମ୍‌ସିର ଉକ୍ତ ଅଭିଯୋଗକୁ ଭାଜପା ଖଣ୍ଡନକରି ଏହା ଟିଏମ୍‌ସିର ନାଟକ ବୋଲି କହିଛି। ଶାସକ ଦଳ ନିର୍ବାଚନ ହାରିବା ନିଶ୍ଚିତ ବୋଲି ଜାଣିବା ପରେ ଏଭଳି ଅପପ୍ରଚାର ଆରମ୍ଭ କରିଛି। ପରାଜୟର ସମ୍ମୁଖୀନ ହେବା ପୂର୍ବରୁ ଏହା ଟିଏମ୍‌ସିର ପୂର୍ବ ପ୍ରସ୍ତୁତି ବୋଲି ବରିଷ୍ଠ ଭାଜପା ନେତା ତାପସ ରାୟ କହିଛନ୍ତି। ଟାମ୍ପରିଂ ଅଭିଯୋଗକୁ ନେଇ ଉଭୟ ଦଳର କର୍ମୀ ଷ୍ଟ୍ରଙ୍ଗ୍‌ରୁମ୍ ସାମ୍ନାରେ ମୁହାଁମୁହିଁ ହୋଇଛନ୍ତି। ତେବେ ଟିଏମ୍‌ସି ଆଣିଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ନିର୍ବାଚନ ଆୟୋଗ ପକ୍ଷରୁ କୁହାଯାଇଛି।

# ପଓ୍ୱନ ଖେଡ଼ାଙ୍କ ଆଗୁଆ ଜାମିନ ମାମଲାରେ ରାୟ ସଂରକ୍ଷିତ

**ନୂଆଦିଲ୍ଲୀ,୩୦।୪**



ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସ୍ତ୍ରୀ ରିଙ୍କି ଭୂୟାଁ ଶର୍ମାଙ୍କ ବିରୋଧରେ ଅପମାନଜନକ ଟିପ୍ପଣୀ ଦେବା ମାମଲାରେ କଂଗ୍ରେସ ନେତା ପଓ୍ୱନ ଖେଡ଼ାଙ୍କ ବିରୋଧରେ ଆସାମ ପୁଲିସ ମାମଲା ରୁଜୁ କରିଥିଲା। ତାଙ୍କୁ ଗିରଫ କରି ପଚରାଉଚରା ଲାଗି ହେପାଜତକୁ ନେବାକୁ ଆସାମ ପୁଲିସ ଉଦ୍ୟମ କରୁଥିଲାବେଳେ ଗିରଫରୁ ରକ୍ଷା ପାଇବାକୁ ଖେଡ଼ା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କୁ ଆଗୁଆ ଜାମିନ ଦେବାକୁ ସେ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଗୁହାରି କରିଥିଲାବେଳେ ଗୁରୁବାର ଜଷ୍ଟିସ୍ ଜେ.କେ. ମାହେଶ୍ୱରୀ ଏବଂ ଜଷ୍ଟିସ୍ ଅତଲ ଚନ୍ଦୁରକର ତାଙ୍କ ଆବେଦନର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ଖେଡ଼ାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ତଥା କଂଗ୍ରେସ ନେତା ଅଭିଷେକ ମନୁସିଂହଭି ପ୍ରତିନିଧିତ୍ୱ କରି ଖେଡ଼ା ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ନୁହେଁ ଏବଂ ତାଙ୍କୁ ଜାମିନ ମିଳିବା ଉଚିତ ବୋଲି ଯୁକ୍ତି କରିଥିଲେ। ଆସାମ ପୋଲିସ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହଟ୍ଟା ପକ୍ଷ ରଖି ସିଂହଭିଙ୍କ ଆଭିମୁଖ୍ୟକୁ ବିରୋଧ କରି ଯୁକ୍ତି ଉପସ୍ଥାପନ କରିଥିଲେ।

# ଝଡ଼ ଆସୁଛି, କେହି ରୋକିପାରିବେନି: ଟ୍ରମ୍ପ୍

**ୱାଶିଂଟନ୍/ତେହରାନ୍ , ୩୦।୪**

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ପ୍ରାୟ ୨ ମାସ ପୂରିଛି। ଯୁଦ୍ଧ ବନ୍ଦ ଲାଗି କୂଟନୈତିକ ସ୍ତରରେ ବହୁବାର ଆଲୋଚନା ସତ୍ତ୍ୱେ ଏବେ ସୁଦ୍ଧା କୌଣସି ସୁଫଳ ମିଳିପାରି ନାହିଁ। ବରଂ ଆମେରିକା ଏବଂ ଇରାନ ନିଜ ଜିଦ୍‌ରେ ଅଟଳ ରହିଥିବାରୁ ସ୍ଥିତି ଜଟିଳ ରହିଛି। ଏବେ ହର୍ମୁଜ୍ ପ୍ରଣାଳୀ ଉଭୟ ଦେଶ ମଧ୍ୟରେ ବିବାଦର କେନ୍ଦ୍ରବିନ୍ଦୁ ହୋଇଥିବାବେଳେ ଏହାକୁ ମୁକ୍ତ କରିବାକୁ ଆମେରିକା ନିଜ ରଣନୀତିକୁ ନେଇ ଇରାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କିନ୍ତୁ ଆମେରିକାର ଚାପରେ ଇରାନ ନଇଁବାକୁ ଆଦୌ ପ୍ରସ୍ତୁତ ନୁହେଁ କି ଆମେରିକା ସର୍ତ୍ତ ଅନୁସାରେ ଯୁଦ୍ଧ ବୁଝାମଣା କରିବାକୁ ମଧ୍ୟ ରାଜି ନାହିଁ। ଏହାମଧ୍ୟରେ ଉଭୟ ରାଷ୍ଟ୍ର ମଧ୍ୟରେ ପୁଣି ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ 'ଟ୍ରୁଥ୍' ସୋସିଆଲ ମିଡିଆରେ ନିଜର ଏକ ଫଟୋ ପୋଷ୍ଟକରି 'ଝଡ଼ ଆସୁଛି , ଏହାକୁ କେହି ବି ଅଟକାଇ ପାରିବେନି' ବୋଲି ଉଲ୍ଲେଖ କରିଛନ୍ତି। ଟ୍ରମ୍ପ୍‌ଙ୍କ ଏହି ଟୁଇଟ୍‌କୁ ନେଇ ଏବେ ଅନ୍ତର୍ଜାତୀୟ ମହଲରେ ଉଦ୍‌ବେଗ ସୃଷ୍ଟି ହୋଇଛି। ଯୁଦ୍ଧକୁ ୨ ମାସ ବିତିଥିଲେ ମଧ୍ୟ ଇରାନ୍ ଆମେରିକା ସହ ବୁଝାମଣା କରିବାକୁ ପ୍ରସ୍ତୁତ ନ ଥିବାରୁ ଟ୍ରମ୍ପ୍ ଇରାନ ବିରୋଧରେ ଅନ୍ତିମ ତଥା କଠୋର ପଦକ୍ଷେପ ନେଇପାରନ୍ତି ବୋଲି ଆକଳନ କରାଯାଉଛି। ଟ୍ରମ୍ପ୍‌ଙ୍କ ଏହି ଟୁଇଟ୍‌କୁ ନେଇ ସରକାରୀ ସ୍ତରରେ କୌଣସି ଟିପ୍ପଣୀ ଦିଆଯାଇ ନାହିଁ। ହେଲେ ଇରାନ ବିରୋଧରେ ଚୂଡ଼ାନ୍ତ ପଦକ୍ଷେପ ନେବାକୁ ଆମେରିକାର ସେଣ୍ଟ୍ରାଲ କମାଣ୍ଡ ପକ୍ଷରୁ ହ୍ୱାଇଟ୍ ହାଉସ୍‌କୁ ନିକଟରେ ଯେଉଁ ପ୍ରସ୍ତାବ ଦିଆଯାଇଥିଲା ତାହାକୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଟ୍ରମ୍ପ୍ ଏଭଳି ଟୁଇଟ୍ କରିଛନ୍ତି ବୋଲି କୁହାଯାଉଛି।

### ଆମେରିକା-ଇରାନ ମଧ୍ୟରେ ପୁଣି ବାକ୍‌ଯୁଦ୍ଧ




ଡୋନାଲ୍ଡ ଟ୍ରମ୍ପ

## ଆମର ଗୁପ୍ତ ଅସ୍ତ୍ର ଆମେରିକାର ହୃଦ୍‌ଘାତ ବଢ଼ାଇବ: ଖାମେନେଇ



ହର୍ମୁଜ୍ ପ୍ରଣାଳୀ ମୁକ୍ତ କରିବାକୁ ଇରାନ ଦେଇଥିବା ସର୍ତ୍ତକୁ ଆମେରିକା ପ୍ରତ୍ୟାଖ୍ୟାନ କରିଦେବା ପରେ ଉଭୟ ରାଷ୍ଟ୍ର ମଧ୍ୟରେ ବୁଝାମଣା ସମ୍ଭାବନା କ୍ଷୀଣ ହୋଇପଡ଼ିଛି। ଏହାକୁ ମୁକ୍ତ କରିବାକୁ ଆମେରିକା ଇରାନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ କରିବାକୁ ପରୋକ୍ଷ ଧମକ ଦେଇଥିଲାବେଳେ ଇରାନ୍‌ର ସର୍ବୋଚ୍ଚ ନେତା ମୋଜତାବା ଖାମେନେଇ ଆମେରିକାକୁ ପରୋକ୍ଷ ଧମକ ଦେଇଛନ୍ତି। ଇରାନ ଏବେ ଶତ୍ରୁ ରାଷ୍ଟ୍ର ବିରୋଧରେ ଏଭଳି ଗୁପ୍ତ ଅସ୍ତ୍ର ପ୍ରୟୋଗ କରିବ, ଯାହାକୁ ଦେଖିଲେ ଆମେରିକାର ହୃଦଘାତ୍ ହେବ ବୋଲି ସେ କହିଛନ୍ତି। ମୋଜତାବାଙ୍କ ଏଭଳି ଧମକ ପରେ ଇରାନ ଆମେରିକୀୟ ଯୁଦ୍ଧ ଜାହାଜକୁ ଟାର୍ଗେଟକରି 'ଅଣ୍ଡର ୱାଟର ସୁପର ୱିପନ୍' ଭାବେ ପରିଚିତ ତାହାର ହୁଟ୍ ଟର୍ପିଡୋ ବ୍ୟବହାର କରିବ ବୋଲି ସାମରିକ ବିଶେଷଜ୍ଞମାନେ ଆକଳନ କରିଛନ୍ତି। କେବଳ ସେତିକି ନୁହେଁ, ଗୁରୁବାର ନ୍ୟାଶନାଲ ପର୍ସିଆନ୍ ଗଲ୍ଫ ଡେ' ପାଳନ ଅବସରରେ ମୋଜତାବା ଆମେରିକାକୁ ଶକ୍ତ ଚେତବାନୀ ଦେଇ ଇରାନ୍ ପାରସ୍ୟ ସାଗର ଏବଂ ହର୍ମୁଜ୍ ପ୍ରଣାଳୀ ପାଇଁ ନୂଆ ଫର୍ଦ୍ଦ ଖୋଲିବାକୁ ଯାଉଛି ବୋଲି କହିଛନ୍ତି। ଆମେରିକା ଇରାନ ନୌସେନାକୁ ଧ୍ୱଂସକରି ହର୍ମୁଜ୍ ଉପରେ ପୂର୍ଣ୍ଣ କ୍ଷମତା ବିସ୍ତାର କରିବାକୁ ଚାହୁଁଥିଲେ ହେଁ ହର୍ମୁଜ୍ ସମୁଦ୍ର ତଳେ ହିଁ କୌଣସି ବିଦେଶୀଙ୍କ ସ୍ଥାନ ରହିବ ବୋଲି ଇରାନ କହିଛି।

# ବେଙ୍ଗାଲୁରୁରେ ବର୍ଷା ବିପ୍ୱାତ, ମୃତ୍ୟୁ ସଂଖ୍ୟା ୧୦କୁ ବୃଦ୍ଧି

**ବେଙ୍ଗାଲୁରୁ,୩୦।୪**

ବେଙ୍ଗାଲୁରୁରେ ବୁଧବାର ସନ୍ଧ୍ୟାରୁ ଅଚାନକ ଭାବେ ଆରମ୍ଭ ହୋଇଥିବା ବର୍ଷା ପରବର୍ତ୍ତୀ ସମୟରେ ଭୀଷଣ ରୂପ ନେବାରୁ ସାରା ସହର ଜଳାର୍ଣ୍ଣବ ହୋଇପଡ଼ିଛି। ସହରର ବିଭିନ୍ନ ଅଞ୍ଚଳ ଜଳବନ୍ଦୀ ହୋଇପଡ଼ିବା ସହ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଘଟଣାରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସାରା ସହରରେ ବର୍ଷାଜଳ ବନ୍ୟା ପରିସ୍ଥିତି ସୃଷ୍ଟି କରିଥିବାରୁ ଟ୍ରାଫିକ୍ ସମସ୍ୟା ମଧ୍ୟ ଉତ୍କଟ ହୋଇପଡ଼ିଛି। କେତେକ ପ୍ରମୁଖ ରାସ୍ତାରେ ଜଳ ଭର୍ତ୍ତି ହୋଇ ରହିଥିବାରୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ପବନ ଏବଂ ଭୀଷଣ ବର୍ଷା ଯୋଗୁ ଲେଡି କର୍ଜନ ହସ୍ପିଟାଲର ଏକ ପାଚେରି ଭୁଶୁଡ଼ି ପଡ଼ିବାରୁ ୭ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ଆଉ କେତେକ ସ୍ଥାନରେ ପାଣିରେ ଭାସିଯାଇ ଅନ୍ୟ ୩ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ଏହାଛଡ଼ା ଆଉ କେତେଜଣ ଲୋକଙ୍କ ପତ୍ତା ମିଳୁ ନ ଥିବାରୁ ମୃତ୍ୟୁ ସଂଖ୍ୟା ବଢ଼ିବା ଆଶଙ୍କା ଉପୁଜିଛି।



ବେଙ୍ଗାଲୁରୁ ସହରର କୋରାମଙ୍ଗଳ ଅଞ୍ଚଳରେ ବର୍ଷା ଜଳରେ ଫସିଯାଇଥିବା ଜଣେ ଅଟୋ ଚାଳକ।

## ସମସ୍ତଙ୍କ ହୃଦୟରେ ମହାଦେବଙ୍କ ଡିଏନ୍‌ଏ ଟିପ୍ପଣୀକୁ ନେଇ ଜାମିଆରେ ଉତ୍ତେଜନା

**ନୂଆଦିଲ୍ଲୀ,୩୦।୪**

ଜାମିଆ ମିଲିଆ ବିଶ୍ୱବିଦ୍ୟାଳୟ କୁଳପତି ମଜହର ଆସିଫ୍‌ଙ୍କ ଏକ ବୟାନକୁ ନେଇ ଏବେ ବିଶ୍ୱବିଦ୍ୟାଳୟ ପରିସରରେ ଉତ୍ତେଜନା ବୃଦ୍ଧି ପାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍) ପକ୍ଷରୁ ଯୁବକୁମ୍ଭ ନାମରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲାବେଳେ ଏଥିରେ କୁଳପତି ଆସିଫ୍ ଯୋଗଦେଇ 'ଆମେ ସମସ୍ତେ ଭାରତୀୟ ଏବଂ ଆମ ସମସ୍ତଙ୍କ ଭିତରେ ମହାଦେବଙ୍କ ଡିଏନ୍‌ଏ ଅଛି' ବୋଲି କହିଥିଲେ। କିନ୍ତୁ ତାଙ୍କର ଏଭଳି ବୟାନକୁ ନେଇ ଜାମିଆ ଛାତ୍ରସଂଘ ତୀବ୍ର ବିରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

# ୨୨୬ ଆସନରେ ଟିଏମ୍‌ସି ବିଜୟୀ ହେବ: ମମତା

## ଦଳୀୟ ମନୋବଳ ଦୁର୍ବଳ କରିବାକୁ ଏକ୍‌ଜିଟ୍ ପୋଲ୍‌ର ପ୍ରୟାସ

**କୋଲକାତା,୩୦।୪**

ପଶ୍ଚିମବଙ୍ଗରେ ଏଥର ଭାଜପା ଏବଂ ଟିଏମ୍‌ସି ମଧ୍ୟରେ କଡ଼ା ଟକ୍କର ହେବ ବୋଲି କେତେକ ପୋଲ୍ ଏଜେନ୍ସି ଆକଳନ କରିଥିଲାବେଳେ ଭାଜପା ସର୍ବାଧିକ ଆସନ ପାଇ ସରକାର ଗଢ଼ିବ ବୋଲି ଅଧିକାଂଶ ଏଜେନ୍ସି ମତ ଦେଇଛନ୍ତି। କିନ୍ତୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ଉକ୍ତ ଏକ୍‌ଜିଟ୍ ପୋଲ୍ ମତାମତକୁ ଭର୍ତ୍ସନା କରିବା ସହ ଏହା କେବଳ ଦଳୀୟ ମନୋବଳକୁ ଦୁର୍ବଳ କରିବା ଉଦ୍ଦେଶ୍ୟରେ ନିହିତ ବୋଲି କହିଛନ୍ତି। ଟିଏମ୍‌ସି ଏଥର ୨୨୬ ଆସନ ପାଇ ପୁଣି ସରକାର କରିବ ବୋଲି ମମତା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଭୋଟ ଗଣତି ସମୟରେ ସେ ନିଜେ ବୁଥ୍‌ରେ ଉପସ୍ଥିତ ରହିବେ ଏବଂ ଦଳୀୟ କର୍ମୀମାନେ ମଧ୍ୟ ସେମାନଙ୍କ ବୁଥ୍‌ରେ ଉପସ୍ଥିତ ରହିବାକୁ ସେ କହିଛନ୍ତି। ବୁଧବାର ଦକ୍ଷିଣ ୨୪ ପ୍ରଗଣାର ୪ଟି ଆସନ ପାଇଁ ହୋଇଥିବା ମତଦାନ ବେଳେ କିଛି ବିଶୃଙ୍ଖଳା ପାଇଁ ୭୭ ବୁଥ୍‌ରେ ସାନି ମତଦାନ ପାଇଁ ଟିଏମ୍‌ସି ପକ୍ଷରୁ ନିର୍ବାଚନ କମିଶନ(ଇସି)ଙ୍କୁ ଲେଖାଯାଇଛି। ଏହାକୁ ଇସି ତର୍ଜମା କରୁଛନ୍ତି ବୋଲି କୁହାଯାଇଛି।



ମମତା ବାନାର୍ଜୀ

## ବୋଟ୍ ଓଲଟି ୫ ମୃତ

**ଜବଲପୁର,୩୦।୪**

ମଧ୍ୟପ୍ରଦେଶର ଜବଲପୁର ଜିଲାରେ ଗୁରୁବାର ସନ୍ଧ୍ୟାରେ ବାର୍‌ଗି ଡ୍ୟାମ୍‌ରେ ଏକ ଯାତ୍ରୀବାହୀ ବୋଟ୍ ଓଲଟି ପଡ଼ିବାରୁ ୫ ଜଣଙ୍କ ମୃତ୍ୟୁ ହେବା ସହ ଆଉ କେତେକ ଯାତ୍ରୀ ନିଖୋଜ ରହିଥିବା ଜଣାପଡ଼ିଛି। ଏହି ବୋଟ୍‌ରେ ୩୦ ଯାତ୍ରୀ ଡ୍ୟାମ୍ ପାରି ହେଉଥିଲାବେଳେ ଅଚାନକ ପାଣିପାଗରେ ପରିବର୍ତ୍ତନ ଘଟିବା ସହ ପ୍ରବଳ ବେଗରେ ପବନ ଏବଂ ବର୍ଷା ଲାଗି ରହିଥିଲା। ପବନ ଯୋଗୁ ବୋଟ୍‌ଟି ଭାରସାମ୍ୟ ହରାଇ ବୁଡ଼ି ଯାଇଥିଲା। ଉଦ୍ଧାରକାରୀ ଦଳ ୫ ଜଣଙ୍କ ମୃତଦେହ ଉଦ୍ଧାର କରିଛନ୍ତି।

# ଦିଲ୍ଲୀରେ କୁଆପଥର ମାଡ଼କୁ ବର୍ଷା, ରେଡ୍ ଆଲର୍ଟ ଜାରି

**ନୂଆଦିଲ୍ଲୀ,୩୦।୪**

ଗୁରୁବାର ଦିଲ୍ଲୀ ପାଣିପାଗରେ ଅଚାନକ ପରିବର୍ତ୍ତନ ସହ ପ୍ରବଳ କୁଆପଥର ବୃଷ୍ଟି ସହ ଭୀଷଣ ବର୍ଷା ଜନଜୀବନ ବ୍ୟାହତ କରିଛି। ପ୍ରବଳ ଗରମରୁ ଲୋକଙ୍କୁ ଆଶ୍ୱସ୍ତି ମିଳିଥିଲେ ହେଁ ପ୍ରବଳ ବେଗରେ ପବନ ଏବଂ ବର୍ଷାକୁ ନେଇ ବିଭିନ୍ନ ଅଞ୍ଚଳରେ ସ୍ଥିତି ଜଟିଳ ହୋଇପଡ଼ିଥିବା କୁହାଯାଇଛି। ଆହୁରି କିଛି ଘଣ୍ଟା ଧରି ବର୍ଷା ଓ ପବନ ହେବାକୁ ଥିବାରୁ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପକ୍ଷରୁ ଅରେଞ୍ଜ ଆଲର୍ଟ ସହ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ରେଡ୍ ଆଲର୍ଟ ଜାରି କରାଯାଇଛି।

## ଡିଜେ ଶବ୍ଦରେ ମରିଗଲେ ୧୪୦ କୁକୁଡ଼ା

**ସୁଲତାନପୁର(ୟୁପି),୩୦।୪**

ଉତ୍ତରପ୍ରଦେଶର ସୁଲତାନପୁର ଅଞ୍ଚଳରେ ଏକ ବିବାହ ଶୋଭାଯାତ୍ରା ଯିବା ସମୟରେ ଡିଜେ ବାଜୁଥିଲାବେଳେ ଏହା ଶବ୍ଦରେ ୧୪୦ କୁକୁଡ଼ା ହୃଦ୍‌ଘାତରେ ମରିଯିବା ଘଟଣା ବିଭିନ୍ନ ମହଲରେ ବିସ୍ମୟ ସୃଷ୍ଟି କରିଛି। ଏହି ଘଟଣାକୁ ନେଇ ସମ୍ପୃକ୍ତ କୁକୁଡ଼ା ଫାର୍ମ ମାଲିକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଡିଜେ ମାଲିକଙ୍କ ବିରୋଧରେ ମାମଲା ରୁଜୁ କରି ଯାଞ୍ଚ ଆରମ୍ଭ କରିଛି। ଦରିଆପୁର ଗ୍ରାମରେ ଏକ ବିବାହ ଶୋଭାଯାତ୍ରା ଯାଉଥିଲାବେଳେ ରାସ୍ତା କଡ଼ରେ ରହିଥିବା ଏକ କୁକୁଡ଼ା ଫାର୍ମରେ ଏକାଥରକେ ୧୪୦ କୁକୁଡ଼ା ମରି ପଡ଼ିଥିବା ମାଲିକ ଦେଖିଥିଲେ। ଯାଞ୍ଚ ପରେ ଡିଜେ ପାଇଁ କୁକୁଡ଼ା ମରିଯାଇଥିବା ଜାଣିଥିଲେ।

# ଟିଭିକେ ସହ ହାତ ମିଳାଇବାକୁ ଏଆଇଏଡିଏମ୍‌କେର ମସୁଧା

**ଚେନ୍ନାଇ,୩୦।୪**

ସିନେ ଷ୍ଟାର୍‌ରୁ ରାଜନେତା ବନିଥିବା ବିଜୟ ଚନ୍ଦ୍ରଶେଖର ତାମିଲନାଡୁ ବିଧାନସଭା ନିର୍ବାଚନରେ ପ୍ରଥମଥର ପାଇଁ ଅବତୀର୍ଣ୍ଣ ହୋଇଥିବାବେଳେ ତାଙ୍କ ଦଳ ତାମିଲଗା ଭେଟ୍ରି କଲଗାମ୍(ଟିଭିକେ) ଭଲ ପ୍ରଦର୍ଶନ କରିବ ବୋଲି ଏକ୍‌ଜିଟ୍ ପୋଲ୍ ଫଳାଫଳରେ ପ୍ରକାଶ କରାଯାଇଛି। ଏପରିକି ଟିଭିକେ ୯୦ରୁ ୧୨୦ ଆସନରେ ବିଜୟୀ ହେବା ନେଇ ମଧ୍ୟ କେତେକ ପ୍ରମୁଖ ଏଜେନ୍ସି ମତାମତ ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏଆଇଏଡିଏମ୍‌କେ ବିଜୟଙ୍କ ସହ ହାତ ମିଳାଇ ତାମିଲନାଡୁରେ ସରକାର ଗଠନ କରିବାକୁ ମସୁଧା ଚଳାଇଛି ବୋଲି ସୂଚନା ମିଳିଛି। ତାମିଲନାଡୁର ମୋଟ ୨୩୪ ଆସନ ମଧ୍ୟରୁ ଶାସକ ଡିଏମ୍‌କେ ଓ ଏହାର ସହଯୋଗୀ କଂଗ୍ରେସ ୯୨ରୁ ୧୧୦ ଆସନ ପାଇବେ ବୋଲି ମତାମତ ମିଳିଛି। ସେପଟେ ଏନ୍‌ଡିଏକୁ ୨୨ରୁ ୩୨ ଆସନ ମିଳିବା ନେଇ ଆକଳନ କରାଯାଉଛି। ଏଭଳି ସ୍ଥଳେ ଏଆଇଏଡିଏମ୍‌କେ ଟିଭିକେ ସହ ମିଶି ସରକାର ଗଠନ କରିବାକୁ ପ୍ରସ୍ତୁତି ଚଳାଇଛି ବୋଲି କୁହାଯାଉଛି।



ଥାଲାପତି ବିଜୟ

# ମା' ହେବେ ସମ୍ଭାବନା



ଭୋଜପୁରୀ ଅଭିନେତ୍ରୀ ସମ୍ଭାବନା ସେଠ୍ ଖୁବ୍‌ଶୀଘ୍ର ମା' ହେବାକୁ ଯାଉଛନ୍ତି। ବିବାହର ୧୦ ବର୍ଷ ପରେ ସେ ଗର୍ଭବତୀ ଅଛନ୍ତି। ୪୫ ବର୍ଷ ବୟସରେ ସେ ସରୋଗେସି ମାଧ୍ୟମରେ ମା' ହେବେ। ଅଭିନେତ୍ରୀ ନିଜେ ସୋସିଆଲ ମିଡିଆରେ ପୋଷ୍ଟକରି ଏହି ଖୁସି ଖବର ତାଙ୍କ ପ୍ରଶଂସକଙ୍କ ସହ ଶେୟାର କରିଛନ୍ତି। ଏଥିପାଇଁ ତାଙ୍କୁ ଅନେକ କଷ୍ଟର ସମ୍ମୁଖୀନ ହେବାକୁ ପଡ଼ିଛି। ସେ ମଧ୍ୟ ଆଇଭିଏଫ୍ ପଦ୍ଧତି ଆପଣାଇଥିଲେ। ଗର୍ଭପାତ ଏବଂ ଅନେକ ଇଞ୍ଜେକ୍ସନର ଯନ୍ତ୍ରଣା ମଧ୍ୟ ସହ୍ୟ କରିଥିଲେ। ପୂର୍ବରୁ ସେ ୩ ମାସର ଗର୍ଭବତୀ ଥିଲେ। ୧୮ ଡିସେମ୍ବର ୨୦୨୪ରେ ତାଙ୍କ ପ୍ରଶଂସକଙ୍କ ସହ ଏହି ଖୁସି ଖବର ଶେୟାର କରିଥାନ୍ତେ। କିନ୍ତୁ ଏହି ଦିନଟି ତାଙ୍କ ଜୀବନର ସବୁଠାରୁ ଖରାପ ଦିନ ହୋଇଯାଇଥିଲା। ତାଙ୍କୁ ଗର୍ଭପାତ କରିବାକୁ ପଡ଼ିଥିଲା। କାରଣ ଏହା ତାଙ୍କ ଶରୀର ପାଇଁ ନିରାପଦ ନ ଥିଲା। ତାଙ୍କୁ ସମ୍ପୂର୍ଣ୍ଣ କୋର୍ସ ସମୟରେ ୬୫ଟି ଇଞ୍ଜେକ୍ସନ ଦିଆଯାଇଥିଲା, ଯାହା ଅତ୍ୟନ୍ତ ଯନ୍ତ୍ରଣାଦାୟକ ଥିଲା।

ଥରେ କିମ୍ବା ଦୁଇଥର ନୁହେଁ, ବରଂ ଚାରିଥର ଗର୍ଭପାତର ଶିକାର ହୋଇଛନ୍ତି ସମ୍ଭାବନା। ଏବେ ତାଙ୍କ ଜୀବନରେ ଖୁସି ଫେରିଛି। ସେ ଗର୍ଭବତୀ। ତାଙ୍କ ଗର୍ଭଧାରଣର ଖବର ଶେୟାର କରି ଅଭିନେତ୍ରୀ ତାଙ୍କ ପୋଷ୍ଟରେ ଲେଖିଛନ୍ତି, ମୁଁ ଗର୍ଭବତୀ। ଆମର ସବୁଠାରୁ ସୁନ୍ଦର କାହାଣୀ ଏବେ ସୃଷ୍ଟି ହେଉଛି। ପ୍ରେମ, ଆଶା ଏବଂ ସରୋଗେସି ମାଧ୍ୟମରେ କାଉଣ୍ଟଡାଉନ ଆରମ୍ଭ ହୋଇଛି। ସମ୍ଭାବନା ତାଙ୍କ ପ୍ରେମିକ ଅବିନାଶ ମିଶ୍ରାଙ୍କୁ ୨୦୧୬ ଜୁଲାଇ ୧୪ରେ ବିବାହ କରିଥିଲେ। ବିବାହ ପୂର୍ବରୁ ଉଭୟେ ୫ ବର୍ଷ ପାଇଁ ଡେଟ୍ ମଧ୍ୟ କରିଥିଲେ। ତେବେ ସମ୍ଭାବନା ବୟସରେ ତାଙ୍କ ସ୍ୱାମୀ ଅବିନାଶଙ୍କଠାରୁ ୭ ବର୍ଷ ବଡ଼।

**ଶିକାର ପାଇଁ ପ୍ରସ୍ତୁତି ବେଳେ ୪ ଶିକାରୀ ଗିରଫ**

ତୁମୁଡିବନ୍ଧ(ଦୀପକ କୁମାର ପାରସେଠ): କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବନାଞ୍ଚଳର କୋଟଗଡ଼ ଅଭୟାରଣ୍ୟ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ପିଡାମାହା ଜଙ୍ଗଲରୁ ବୁଧବାର ରାତିରେ ଶିକାର ପାଇଁ ପ୍ରସ୍ତୁତି ଚଳାଇଥିବା ୪ଜଣ ଶିକାରୀଙ୍କୁ ବନବିଭାଗର ପାଟ୍ରୋଲିଂ ଟିମ୍ ମଙ୍ଗଳବାର ଧରିଛି। ସେମାନଙ୍କୁ ଗିରଫ କରାଯାଇ ବୁଧବାର ଅପରାହ୍ନରେ କୋର୍ଟଚାଲାଣ କରାଯାଇଥିବା ତୁମୁଡିବନ୍ଧ ବନାଞ୍ଚଳ ଅଧିକାରୀ ରଜନୀକାନ୍ତ ମେହେର କହିଛନ୍ତି। ସମ୍ପୃକ୍ତ ଶିକାରୀମାନେ ହେଲେ ସିର୍ଲା ପଞ୍ଚାୟତ ଗୁଡୁରି ଗ୍ରାମର ଲୁଟାସିଂ ମୁଠାମାଝୀ, ଜିତୁ ମାଝୀ, ଫିନସ ମାଝୀ ଓ ରାଜେନ୍ଦ୍ର ମାଝୀ। ସେମାନଙ୍କଠାରୁ ୪ଟି ଦେଶୀ ବନ୍ଧୁକ, ୨୧ଟି ଜୀବନ୍ତ ଗୁଳି ଜବତ କରାଯାଇଛି।

## ଦୋକାନ ଭିତରକୁ ଚପଲ ପିନ୍ଧି ଯିବାରୁ... ନିଶା ବେପାରୀଙ୍କ ଖଣ୍ଡାଚୋଟରେ ପାପୁଲି ଛିଣ୍ଡିଲା

ଭୁବନେଶ୍ୱର/ପୁରୁଣା ଭୁବନେଶ୍ୱର, ୩୦।୪ (ପ୍ରସନଜିତ୍ ସାହୁ/ ସୁବାସ ଚନ୍ଦ୍ର ପ୍ରଧାନ)

ରାଜଧାନୀରେ ପୁଣି ବୁଲିଲା ଖଣ୍ଡା। ଖଣ୍ଡାଚୋଟରେ ହାତରୁ ଅଲଗା ହୋଇଗଲା ପାପୁଲି। ଚପଲ ପିନ୍ଧି ଦୋକାନ ଭିତରକୁ ପଶିଯିବାରୁ ନିଶା ବେପାରୀମାନେ ଏପରି ନୃଶଂସ କାଣ୍ଡ ଘଟାଇଛନ୍ତି। ସେମାନଙ୍କ ଖଣ୍ଡା ଚୋଟରେ ଧଉଳି ଜଗନ୍ନାଥପୁର ପାଟଣାର ବିଭୁ ପ୍ରସାଦ ସାହୁଙ୍କ ବାମହାତ ପାପୁଲି ଛିଣ୍ଡିଯାଇଥିବାବେଳେ ଅଭିଯୁକ୍ତମାନେ ତାହାକୁ ନାଳକୁ ଫିଙ୍ଗି ଦେଇଛନ୍ତି। ଲିଙ୍ଗରାଜ ଥାନା ଅନ୍ତର୍ଗତ ଗଙ୍ଗୁଆ ବ୍ରିଜ୍ ତଳେ ଗୁରୁବାର ଏହି ଘଟଣା ଘଟିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଅଭିଯୁକ୍ତ ବାପପୁଅଙ୍କୁ ଗିରଫ କରିଛି। ଏପଟେ ଗୁରୁତର ବିଭୁଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଏହି ଥାନା ଅନ୍ତର୍ଗତ କପିଳେଶ୍ୱର ତଳସାହିର ରାକେଶ ମଲିଆ ଓ ତାଙ୍କ ବାପା ସନ୍ତୋଷ ମଲିଆ।

ପୋଲିସ ସୂଚନାନୁସାରେ, ରାକେଶ ଓ ତାଙ୍କ ବାପା ସନ୍ତୋଷ ଗଙ୍ଗୁଆ ବ୍ରିଜ୍ ତଳେ ଏକ ଛୋଟ ଚାଳଘରେ ପାନ ଦୋକାନ ନାଁରେ ବେଆଇନ ମଦ ବ୍ୟବସାୟ କରନ୍ତି।



ଗିରଫ ଅଭିଯୁକ୍ତ ବାପ ପୁଅ।

ଗୁରୁବାର ସକାଳ ୬ଟା ୪୫ରେ ବିଭୁ ସେହି ଦୋକାନକୁ ମଦ ଆଣିବାକୁ ଯାଇଥିଲେ। ବିଭୁ ଦୋକାନ ଭିତରକୁ ଚପଲ ପିନ୍ଧି ପଶିଯିବାରୁ ରାକେଶ ବିରୋଧ କରିବା ସହ ମଦ ଦେବାକୁ ମନା କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଓ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ରାକେଶ ଓ

### ନାଳକୁ ଫିଙ୍ଗିଦେଲେ କଟା ପାପୁଲି

ତାଙ୍କ ବାପା ସନ୍ତୋଷ ମିଳିତ ଭାବେ ବିଭୁଙ୍କୁ ଦୁର୍ବ୍ୟବହାର କରିଥିଲେ। ଝଗଡ଼ା ବଢ଼ିଯିବାରୁ ରାକେଶ ଦୋକାନରେ ରଖିଥିବା ଏକ ଖଣ୍ଡା ଆଣି ବିଭୁଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲେ। ବିଭୁ ନିଜକୁ ରକ୍ଷା କରିବାକୁ ଯାଇ ବାମହାତ ଦେଖାଇ ଦେବାରୁ ପାପୁଲି ଛିଣ୍ଡି ତଳେ ପଡ଼ିଯାଇଥିଲା। ଗୁରୁତର ଅବସ୍ଥାରେ ବିଭୁ ଚିତ୍କାର କରୁଥିବା ବେଳେ ରାକେଶ ଉକ୍ତ କଟା ପାପୁଲିକୁ ଭୟରେ ପାଖ ନାଳରେ ଫୋପାଡ଼ି ଦେଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ପହଞ୍ଚି ଅଭିଯୁକ୍ତ ବାପପୁଅଙ୍କୁ ଗିରଫ କରିବା ସହ ଗୁରୁତର ବିଭୁଙ୍କୁ ଡାକ୍ତରଖାନା ପଠାଇଥିଲେ। ଏଥିସହ ନାଳରେ ପଡ଼ିଥିବା ପାପୁଲିକୁ ଖୋଜା ଖୋଜି କରି ପାଇବା ପରେ ପୋଲିସ୍ ତାହାକୁ ବିଭୁ ଚିକିତ୍ସିତ ହେଉଥିବା ଘରୋଇ ହସ୍ପିଟାଲକୁ ପଠାଇଥିବା ଜଣାପଡ଼ିଛି। ଏହି ଘଟଣାରେ ପୋଲିସ ଏକ ମାମଲା (କେସ୍ ନ.୧୨୮/୨୦୨୬) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

### ପୋଲିସକୁ ଡରୁନାହାନ୍ତି ଅପରାଧୀ

କମିଶନରେଟ୍ ପୋଲିସକୁ ଡରୁନାହାନ୍ତି ଅପରାଧୀ। ରାଜଧାନୀରେ ବଢ଼ୁଛି ଅପରାଧ। ହତ୍ୟା, ବଳାତ୍କାର, ଅପହରଣ ଆଦି ଘଟଣା କମିଶନରେଟ ପୋଲିସର ଖାକି ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିବାବେଳେ ସହରବାସୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ନିକଟରେ ଜଣେ ମହିଳାଙ୍କୁ ହତ୍ୟା କରି ଟ୍ରେନ୍ ଲାଇନ୍‌ରେ ଫିଙ୍ଗି ଦିଆଯାଇଥିଲା। ବୁଧବାର ୬୧୦ ଟଙ୍କା ପାଇଁ ଜଣେ କାଠ ମିସ୍ତ୍ରିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ସେହିପରି ସୋମବାର ରାତିରେ ଖାରବେଳନଗର ଥାନାରୁ ୧୦୦ ମିଟର ଦୂରରେ ଜଣେ ଜୋମାଟୋ ବୟଙ୍କୁ ଖଣ୍ଡାରେ ହାଣିଥିଲେ ୨ ଦୁର୍ବୃତ୍ତ। ସକାଳୁ ରାତି ପର୍ଯ୍ୟନ୍ତ ରାଜଧାନୀ ରାସ୍ତାରେ କେଉଁଠି ନା କେଉଁଠି ନିଶାଗ୍ରସ୍ତଙ୍କ ଉତ୍ପାତ ଦେଖିବାକୁ ମିଳୁଥିବାବେଳେ ନିଶା କାରବାର ଓ ଚୋରା ଚାଲାଣ ନିତିଦିନିଆ ହୋଇଯାଇଛି।

### ଓଭର ବ୍ରିଜ୍ ତଳେ ବେଧଡ଼କ ନିଶା ବେପାର

ସହରର ବିଭିନ୍ନସ୍ଥାନରେ ବେଆଇନ ନିଶା କାରବାର ହେଉଥିବାବେଳେ ଓଭରବ୍ରିଜ ତଳ ଏହାର ମୁଖ୍ୟ ହବ୍ ପାଲଟିଛି। ରାଜଧାନୀର ମୁଖ୍ୟ ଛକଗୁଡ଼ିକରେ ଥିବା ଓଭରବ୍ରିଜ୍ ତଳେ ବେଆଇନ ଭାବରେ ମଦ, ଗଞ୍ଜେଇ, କଫ୍ ସିରପ୍ ଭଳି ନିଶା କାରବାର ହେଉଛି। ବିଶେଷକରି ଖଣ୍ଡଗିରି, ବରମୁଣ୍ଡା, ଫାୟାର ଷ୍ଟେଶନ, ବାଣୀବିହାର, ରସୁଲଗଡ଼, ପଳାଶୁଣୀ, ଶିଶୁ ଭବନ ଛକ ଆଦି ସ୍ଥାନରେ ଥିବା ଓଭରବ୍ରିଜ୍ ତଳ ନିଶା ବେପାରୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଅଧିକାଂଶ ଓଭର୍ ବ୍ରିଜ୍ ନିକଟରେ ଥାନା ଥିବାବେଳେ ଦିନ ରାତି ବେଧଡ଼କ ବେଆଇନ ନିଶା କାରବାର ଚାଲିଛି। ନିଶାଖୋର ବ୍ୟକ୍ତିମାନେ ପ୍ରତିଦିନ ଅପରାଧ ଘଟାଉଥିବାବେଳେ ପୋଲିସର ଶିଥିଳ କାର୍ଯ୍ୟାନୁଷ୍ଠାନ ସାଧାରଣ ଲୋକଙ୍କ ମଧ୍ୟରେ ସନ୍ଦେହ ବଢ଼ାଇଛି।

## ତହସିଲର ବରିଷ୍ଠ କିରାଣି ଭିଜିଲାନ୍ସ କୋର୍ଟରେ ଦଣ୍ଡିତ

ଭବାନୀପାଟଣା,୩୦।୪ (ଉତ୍ତମ କୁମାର ଦାଶ)

### ମହଙ୍ଗା ପଡ଼ିଲା ପିଅନଙ୍କଠାରୁ ଲାଞ୍ଚ ନେବା

କଳାହାଣ୍ଡି ଜିଲା ଏମ୍. ରାମପୁର ତହସିଲର ପୂର୍ବତନ ବରିଷ୍ଠ କିରାଣି ହିମାଦ୍ରି କୁମାର ପଣ୍ଡା ୨୦୧୪ରେ ନିଜ ଅଫିସ ପିଅନଙ୍କଠାରୁ ଲାଞ୍ଚ ନେବା ମାମଲାରେ ଗୁରୁବାର ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି। ଭବାନୀପାଟଣାସ୍ଥିତ ଜିଲା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ବଦ୍ରି ନାରାୟଣ ନନ୍ଦ ମାମଲାର ବିଚାର କରି ଅଭିଯୁକ୍ତ କିରାଣି ପଣ୍ଡାଙ୍କୁ ବର୍ଷେ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଏମ୍. ରାମପୁର ବ୍ଲକ ଗୌଡ଼ କର୍ଲାଖୁଣ୍ଟା ଗ୍ରାମର ସୁବାସ ଚନ୍ଦ୍ର ପାଳ ସ୍ଥାନୀୟ ତହସିଲ ଅଫିସରେ ପିଅନ ଭାବେ କାର୍ଯ୍ୟ କରୁଥିଲେ। ତେବେ ଜିପିଏଫ୍ ବିଲ୍ କରାଇଦେବା ପାଇଁ କିରାଣି ପଣ୍ଡା ତାଙ୍କୁ ହଜାରେ ଟଙ୍କା ଲାଞ୍ଚ ମାଗିଥିଲେ। ଏହାକୁ ନେଇ ସେ ୮।୭।୨୦୧୪ରେ ଭବାନୀପାଟଣା ଭିଜିଲାନ୍ସ ଡିଏସ୍‌ପି ଜରିଆରେ କୋରାପୁଟ ଭିଜିଲାନ୍ସ ଏସ୍‌ପିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହାର ଦିନକ ପରେ ଅର୍ଥାତ୍ ୯ ତାରିଖରେ ନିଜ କାର୍ଯ୍ୟାଳୟରେ ଅଭିଯୁକ୍ତ କିରାଣି ପଣ୍ଡା



ବରିଷ୍ଠ କିରାଣି ହିମାଦ୍ରି ପଣ୍ଡା।

ପିଅନ ପାଳଙ୍କଠାରୁ ହଜାରେ ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ପୂର୍ବରୁ ଛକିରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡି ବସିଥିଲା। ଏହି ସମୟରେ କିରାଣି ପଣ୍ଡାଙ୍କଠାରୁ ହଜାର ଟଙ୍କା ଭିଜିଲାନ୍ସ ଜବତ କରିଥିଲା। ଏ ନେଇ କୋରାପୁଟ ଭିଜିଲାନ୍ସ ବିଭାଗରେ ଏକ ମାମଲା (ନଂ.୨୫/୨୦୧୪) ରୁଜୁ ହୋଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁଧୀର କୁମାର ପଣ୍ଡା ଓ ଇମ୍ରାନ ଖାଁ ମାମଲା ପରିଚାଳନା କରୁଥିଲେ।

## ମୁହଁ ଖୋଲିଲେ ଛାତ୍ରୀଛାତ୍ର

### ଏଫ୍‌ଏମ୍ ମହାବିଦ୍ୟାଳୟରେ ଛାତ୍ରୀଙ୍କୁ ନିର୍ଯାତନା ଘଟଣା

ବାଲେଶ୍ୱର, ୩୦।୪(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପୁଣି ବିବାଦ ଘେରରେ। ଥମୁନି ଛାତ୍ରୀ ନିର୍ଯାତନା ଅଭିଯୋଗ। ଓଡ଼ିଆ ବିଭାଗର ଏଚ୍‌ଓଡିଙ୍କ ବିରୋଧରେ ସାଂଘାତିକ ଅଭିଯୋଗ। ଇଣ୍ଟରନାଲ କମ୍ପ୍ଲେଣ୍ଟ କମିଟି (ଆଇସିସି)ଏବେ ଘଟଣାର ତଦନ୍ତ କରୁଥିବା ବେଳେ ଏଚ୍‌ଓଡି କରୁଛନ୍ତି ପ୍ରମାଣ ନଷ୍ଟ। ଇଣ୍ଟିଗ୍ରେଟେଡ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟାକୁ ବର୍ଷେ ପୂରିନି, ହେଲେ ଏବେ ବିଛୁରୁଛି ନିର୍ଯାତନାର ତାଲିକା। ଜଣେ ଛାତ୍ରୀ ରିଜିଓନାଲ ଡାଇରେକ୍ଟରଙ୍କ ନିକଟକୁ ଏକ ବେନାମୀ ଚିଠି ମାଧ୍ୟମରେ ଓଡ଼ିଆ ବିଭାଗର ଏଚ୍‌ଓଡି ଡ଼. ସନ୍ତୋଷ କୁମାର ନାୟକ ନିର୍ଯାତନା ଦେଉଥିବା ଅଭିଯୋଗ କରିଥିଲେ। ପରେ ସମ୍ପୃକ୍ତ ଏଚ୍‌ଓଡିଙ୍କୁ ପଦବୀରୁ ହଟାଯାଇ ମାମଲାର ତଦନ୍ତ କରୁଥିଲା ଆଇସିସି। ତେବେ ତଦନ୍ତ ଭିତରେ ପୁଣି ଓଡ଼ିଆ ବିଭାଗର ୯ଜଣ ଛାତ୍ରୀଛାତ୍ର ଏଚ୍‌ଓଡି ଡ଼. ନାୟକଙ୍କ ବିରୋଧରେ ପୁନର୍ବାର ଆଇସିସି ନିକଟରେ ଅଭିଯୋଗ କରିଥିଲେ। ଏଯାବତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ଗୁରୁବାର ମୁହଁ ଖୋଲିଛନ୍ତି ଛାତ୍ରୀଛାତ୍ର।

ସମ୍ପୃକ୍ତ ଏଚ୍‌ଓଡି ଖରାପ ମେସେଜ କରିବା ସହ ରୁମ୍‌କୁ ମଧ୍ୟ ଡାକୁଥିବା ଅଭିଯୋଗ ହୋଇଛି। ଅନେକ ସମୟରେ ଚାନ୍ଦିପୁର ବେଳାଭୂମି ବୁଲିବା ପାଇଁ ମଧ୍ୟ ଛାତ୍ରୀଛାତ୍ରମାନଙ୍କୁ ଡାକୁଥିବା କହିଛନ୍ତି। ଆଇସିସି ପକ୍ଷରୁ ତଦନ୍ତ ଚାଲିଥିବା ବେଳେ ଛାତ୍ରୀଛାତ୍ରମାନଙ୍କ ମୋବାଇଲରୁ ବାଧ୍ୟ କରି ମେସେଜ ଡିଲିଟ କରିବା ସହ ରାସ୍ତାରେ ଫଲୋ କରୁଥିବା ଅଭିଯୋଗ ହୋଇଛି। ତେବେ ଏଚ୍‌ଓଡିଙ୍କ ଭୟରେ କୌଣସି ଅଘଟଣ ନ ଘଟୁ ବୋଲି ଭୟରେ ଅଛନ୍ତି ଛାତ୍ରୀଛାତ୍ର। କ୍ଲାସରେ ବ୍ୟାକ ଲଗାଇ ଦେବା ଧମକ ଦେବା ସହ ଏଚ୍‌ଓଡିଙ୍କ ପ୍ରିୟ ଛାତ୍ରଙ୍କୁ ସେମିଷ୍ଟାର ପ୍ରଶ୍ନ ଆଗୁଆ ଦିଆଯାଉଥିବା ଅଭିଯୋଗ କରିଛନ୍ତି। ସେକେଣ୍ଡ ସେମିଷ୍ଟାର ପରୀକ୍ଷା ଖାତାରେ ଅନିୟମିତତା ହୋଇଥିବା ଯୋଗୁ ପୁନର୍ବାର ମୂଲ୍ୟାଙ୍କନ ହେଉ ବୋଲି ଦାବି ହୋଇଛି। ଛାତ୍ରୀମାନଙ୍କୁ ଖରାପ ଭାବେ ସ୍ପର୍ଶ କରିବା ଓ ଭୟ ଦେଖାଇବା ମଧ୍ୟ ଅଭିଯୋଗ ହୋଇଛି। ଅପରପକ୍ଷରେ ଏଭଳି ସମସ୍ୟା ଲାଗି ରହିଥିବା ଭିତରେ ଅଧ୍ୟକ୍ଷ ଦୀନେଶ ଚନ୍ଦ୍ର ଦାସ ଗୁରୁବାର ଅବସର ନେଇଛନ୍ତି। ୨ଦିନ ତଳେ ଛାତ୍ରୀଛାତ୍ରମାନେ କଲେଜ ଅଧ୍ୟକ୍ଷଙ୍କୁ ପୁନର୍ବାର ଅଭିଯୋଗ କରିଥିଲେ। ଅଧ୍ୟକ୍ଷ ସେମାନଙ୍କୁ ୨ ଦିନ ସମୟ ମାଗିଥିଲେ। ଗୁରୁବାର ଦୁଇ ଦିନ ବିତିଥିବା ବେଳେ ତାଙ୍କର କାର୍ଯ୍ୟକାଳ ଶେଷ ହୋଇଯାଇଛି। ତେବେ ଜିଲାପାଳଙ୍କ ହସ୍ତକ୍ଷେପ ସହ ଉଚ୍ଚସ୍ତରୀୟ ତଦନ୍ତ ହେଲେ ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି କୁହାଯାଇଛି।

## ବିଜେବି କଲେଜରେ ୨ ଛାତ୍ରଗୋଷ୍ଠୀ ମୁହାଁମୁହିଁ

ଭୁବନେଶ୍ୱର, ୩୦।୪(ପ୍ରସନଜିତ୍ ସାହୁ)

- କମେଣ୍ଟମରାକୁ ନେଇ ସଂଘର୍ଷ, ୨ ଗୁରୁତର
- ପ୍ରିନ୍ସିପାଲଙ୍କ ଚାମ୍ବରରେ ମାରଣାସ୍ତ୍ରରେ ଆକ୍ରମଣ
- ସିସିଟିଭି ଡିଭିଆର୍ ଜବତ କଲା ପୋଲିସ

ବିଜେବି କଲେଜରେ ଗୁରୁବାର ଗୋଷ୍ଠୀ ସଂଘର୍ଷ ଦେଖିବାକୁ ମିଳିଛି। କମେଣ୍ଟମରାକୁ ନେଇ ତୁମୁଳକାଣ୍ଡ ଘଟିଛି। ପ୍ରିନ୍ସିପାଲଙ୍କ ଚାମ୍ବରରେ ୨ ଗୋଷ୍ଠୀଙ୍କୁ ଡାକି ବୁଝାମଣା ସମୟରେ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀ ମାରଣାସ୍ତ୍ରରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ସମୀନ ଅକତର ଓ ଯୋଗେଶ ଜେନା ଗୁରୁତର ହୋଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଖବରପାଇ ଘଟଣାସ୍ଥଳରେ ବଡଗଡ଼ ପୋଲିସ ପହଞ୍ଚି ଛାନ୍‌ଭିନ ଆରମ୍ଭ କରିବା ସହ ଜଣେ ଛାତ୍ର ଅଭିଷେକ ଦେବତାଙ୍କୁ ଥାନାରେ ଅଟକ ରଖିଛି।

ସୂଚନା ଅନୁସାରେ, ୨ ଛାତ୍ରଗୋଷ୍ଠୀ ମଧ୍ୟରେ କମେଣ୍ଟମରାକୁ ନେଇ ଉତ୍ତେଜନା ଦେଖିବାକୁ ମିଳିଛି। ପୂର୍ବରୁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର କେତେଜଣ ଛାତ୍ରୀଙ୍କୁ କମେଣ୍ଟ ମାରିବାକୁ ନେଇ ସେମାନେ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ କେତେଜଣ ଛାତ୍ରୀଛାତ୍ରଙ୍କୁ ଥାନାକୁ ଡାକି ସମାଧାନ କରିଥିଲା। ଏହି ଘଟଣାରେ ଗୁରୁବାର ପ୍ରିନ୍ସିପାଲଙ୍କ ଚାମ୍ବରରେ ଆଲୋଚନା ସମୟରେ ଗୋଟିଏ ଗୋଷ୍ଠୀର ଛାତ୍ର ମାରଣାସ୍ତ୍ର ସାହାଯ୍ୟରେ ବିପକ୍ଷ ଗୋଷ୍ଠୀଙ୍କୁ ଆକ୍ରମଣ କରିଥିଲେ। ଚାମ୍ବର ମଧ୍ୟରେ ସିସିଟିଭି କ୍ୟାମେରା ଲାଗିଥିଲେ ମଧ୍ୟ ସେଠାରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ କିଛି ସମୟ ସଂଘର୍ଷ ଚାଲିଥିଲା। ଏହି ଆକ୍ରମଣରେ ୨ଜଣ ଛାତ୍ର ଅକ୍‌ତର ଓ ଯୋଗେଶ ଗୁରୁତର ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହାକୁ ଅଟକାଇବାକୁ ଯାଇ କେତେଜଣ କର୍ମଚାରୀ ମଧ୍ୟ ଆହତ ହୋଇଥିବା ଜାଣିବାକୁ ମିଳିଛି। ଘଟଣା ପରେ କଲେଜ ପରିସରରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିବାବେଳେ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଛି। ଏହି ଘଟଣାରେ ପୋଲିସ ଜଣେ ଛାତ୍ର ଅଭିଷେକ ଦେବତାଙ୍କୁ ଥାନାରେ ଅଟକ ରଖିଛି। ପ୍ରିନ୍ସିପାଲଙ୍କ ଚାମ୍ବରରେ ଲାଗିଥିବା କ୍ୟାମେରାର ଡିଭିଆର ଜବତ କରି ସିସିଟିଭି ଫୁଟେଜ ଜରିଆରେ ଘଟଣାକୁ ଅନୁଧ୍ୟାନ କରୁଥିବା ପୋଲିସ କହିଛି।





କ୍ୟାପିଟାଲ୍ ହସ୍ପିଟାଲ୍‌ରେ ୨ ଆହତ ଚିକିତ୍ସିତ ହେଉଛନ୍ତି।

## ରିମାଣ୍ଡ ପରେ ଜେଲକୁ ଫେରିଲେ ୪ ଅଭିଯୁକ୍ତ

### ସୁଧୀର ହତ୍ୟା ମାମଲା

### ସୂର୍ଯ୍ୟପ୍ରତାପଙ୍କ ଜୈବ ନମୁନା ସଂଗ୍ରହ

ବ୍ରହ୍ମପୁର,୩୦।୪(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋପାଳପୁର ଅଞ୍ଚଳର ଜମି ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ମାମଲାରେ ପୋଲିସ ରିମାଣ୍ଡରେ ନେଇଥିବା ୪ ଅଭିଯୁକ୍ତଙ୍କୁ ଗୁରୁବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି। ମୁଖ୍ୟ ଷଡ଼ଯନ୍ତ୍ରକାରୀ ତଥା ସୁଧୀରଙ୍କ ଝିଆରୀ ନିବେଦିତା ପାତ୍ର, ତାଙ୍କ ପୁରୁଷବନ୍ଧୁ କାଳୁ ଚରଣ ପ୍ରଧାନ, ପୁତୁରା ତୁଷାର କୁମାର ପାତ୍ର ଓ ସୁପାରିକିଲର ସୁରଟ ଗୋଦରା ଥାନା ଅଞ୍ଚଳର ସୂର୍ଯ୍ୟ ପ୍ରତାପ ସିଂଙ୍କୁ ୨୪ ଘଣ୍ଟା ପାଇଁ ରିମାଣ୍ଡରେ ନେବାକୁ କୋର୍ଟ ବୁଧବାର ଅନୁମତି ଦେଇଥିଲେ। ପୋଲିସ ସେମାନଙ୍କୁ ଗୋପାଳପୁର ଥାନାକୁ ନେଇ ମୁହାଁମୁହିଁ ଜେରା କରିଥିଲା। ସୁପାରିକିଲର ସୂର୍ଯ୍ୟ ପ୍ରତାପଙ୍କୁ ପୋଲିସ ଗୁରୁବାର କଡ଼ା ସୁରକ୍ଷାରେ ଏମ୍‌କେସିଜି ମେଡିକାଲ ଏଫଏମଟି ବିଭାଗରେ ହାଜର କରିଥିଲା। ସୁଧୀରଙ୍କୁ ଅପହରଣ, ଆକ୍ରମଣ ଓ ହତ୍ୟା ସମୟରେ ସୂର୍ଯ୍ୟପ୍ରତାପଙ୍କ ସହ ତାଙ୍କର ଧସ୍ତାଧସ୍ତି ବେଳେ ଶରୀରରେ କୌଣସି କ୍ଷତ ହୋଇଥିଲା କି ନାହିଁ ଜାଣିବା ନିମନ୍ତେ ଏଫଏମ୍‌ଟିକୁ ଅଣାଯାଇଥିଲା। ତାଙ୍କ ମୁଣ୍ଡର ଚୁଟି, ନଖ, ରକ୍ତ ନମୁନା ସଂଗ୍ରହ କରାଯାଇଥିବା ଏଫଏମଟି ବିଭାଗ ମୁଖ୍ୟ ସୁଦୀପା ଦାଶ ସୂଚନା ଦେଇଛନ୍ତି। ସଂଗୃହୀତ ସମସ୍ତ ନମୁନାକୁ ପୋଲିସ ପରୀକ୍ଷା ପାଇଁ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଏସ୍‌ଏଫଏସ୍‌ଏଲ୍‌କୁ ପଠାଇବ। ମାମଲାର ତଦନ୍ତ ବେଳେ ଆବଶ୍ୟକ ଦୃଷ୍ଟିରୁ ଏହି ଜୈବ ନମୁନା ସଂଗ୍ରହ କରାଯାଇଛି ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ନିବେଦିତାଙ୍କ ମା' ଓ ମାମୁ ଥାନାରେ ହାଜର ହୋଇଥିବା ବେଳେ ପୋଲିସ ତାଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିଥିବା ଜଣାପଡ଼ିଛି।

## ବ୍ରହ୍ମପୁରରେ ଅନ୍‌ଲାଇନ ବେଟିଂ, ୨ ଗିରଫ

### ୧୭ ଲକ୍ଷରୁ ଅଧିକ ଟଙ୍କା ଫ୍ରିଜ୍

ବ୍ରହ୍ମପୁର,୩୦।୪(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ କାୟା ମେଲାଉଥିବା ଅନ୍‌ଲାଇନ ବେଟିଂ ବା ଅନ୍‌ଲାଇନ ଜୁଆ ଖେଳ ଉପରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଛି। ବଡ଼ବଜାର ଓ ଟାଉନ ଥାନା ପକ୍ଷରୁ ପୃଥକ ସ୍ଥାନରେ ଚଢାଉ ବେଳେ ୨ ଜଣ ଆଇପିଏଲ୍ ବୁକିଙ୍କୁ ଗିରଫ ସହ ୧୭ ଲକ୍ଷ ଟଙ୍କାରୁ ଅଧିକ ବ୍ୟାଙ୍କ ବାଲାନ୍ସ ଫ୍ରିଜ୍ କରାଯାଇଛି। ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀନଗର ମୁଖ୍ୟ ରାସ୍ତାକଡ଼ରେ ଥିବା ଶୁଭମ ମୋବାଇଲ ଦୋକାନରେ ବେଟିଂ ଚାଲିଥିବା ସୂଚନା ପାଇ ପୋଲିସ ଅଚାନକ ଚଢ଼ାଉ କରିଥିଲା। ସେଠାରୁ ବୈକୁଣ୍ଠ ନଗର ୩ୟ ଲାଇନର ରୋହିତ ମହାନ୍ତି(୩୨)ଙ୍କୁ ଗିରଫ କରାଯାଇଥିଲା। ସେ ରୋହିତ ସ୍କାଏ ଏକ୍ସଚେଞ୍ଜ ନାମକ ଏକ ଅନଲାଇନ ପ୍ଲାଟଫର୍ମ ଜରିଆରେ ଲୋକଙ୍କୁ ଆଇଡି ଓ ପାସୱାର୍ଡ ଦେଇ ବେଟିଂ କରାଉଥିଲେ। ତାଙ୍କ ନିକଟରୁ ଗୋଟିଏ ଟ୍ୟାବ୍, ୨ଟି ଆଇଫୋନ୍, ନଗଦ ୩୭ ହଜାର ଟଙ୍କା ଜବତ କରାଯାଇଛି। ଏଥିସହ ୩ଟି ବ୍ୟାଙ୍କ ଆକାଉଣ୍ଟରେ ଥିବା ୧୭ ଲକ୍ଷ ଟଙ୍କା ଫ୍ରିଜ ହୋଇଛି। ଏ ନେଇ ଟାଉନ ଥାନାରେ ନଂ.୧୫୭/୨୬ରେ ମାମଲା ରୁଜୁ ହୋଇଛି। ସେହିପରି ବଡ଼ବଜାର ଥାନା ଅଞ୍ଚଳରେ ଆଇପିଏଲ ବେଟିଂ ଚାଲିଥିବା ଖବର ମିଳିବା ପରେ ପୋଲିସ ବିନାୟକ ଆଚାର୍ଯ୍ୟ କଲେଜ ପୋଖରୀ ନିକଟରେ ଚଢ଼ାଉ କରିଥିଲା। ସେଠାରୁ ବାଦଲ ଗୌଡ଼ ଓରଫ ବାବୁ(୨୨)ଙ୍କୁ ଗିରଫ କରାଯାଇଛି। ଦେଶୀ ବେହେରା ସାହିର ବାଦଲ ସ୍କାଏ ଏକ୍ସଚେଞ୍ଜ ଓ ହ୍ୱାଟ୍ସଆପ ମାଧ୍ୟମରେ ଅନ୍‌ଲାଇନ ବେଟିଂ ପ୍ୟାନେଲ ବିକ୍ରି କରୁଥିଲେ ବୋଲି ପୋଲିସ ତଦନ୍ତରୁ ଜଣାପଡ଼ିଛି।

## ଅନ୍ଧାର ଦେଖି ଲୁଟୁଛନ୍ତି ୟୁପିଆଇ ଲୁଟେରା

ଭୁବନେଶ୍ୱର,୩୦।୪(ପ୍ରସନଜିତ୍ ସାହୁ)

- ଫାଙ୍କା ଜାଗା ଦେଖି ମୋବାଇଲ୍ ଛଡ଼ାଉଛନ୍ତି
- ମାଡ଼ ମାରି ସଫା କରୁଛନ୍ତି ଆକାଉଣ୍ଟ

ରାଜଧାନୀରେ ଅନ୍ଧାର ରାତିରେ ମାତୁଛନ୍ତି ଲୁଟେରା। କେହି ହାବୁଡ଼ରେ ପଡ଼ିଲେ ଫାଙ୍କା ଜାଗାକୁ ନେଇ ମାଡ଼ ମାରିବା ସହିତ ମୋବାଇଲ୍ ଛଡ଼ାଇ ନେଉଛନ୍ତି। ମୋବାଇଲ୍ ଅନଲକ୍ କରିବାକୁ ଧମକ ଦେବା ସହ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ ଜରିଆରେ ମନଇଚ୍ଛା ଟଙ୍କା ଟ୍ରାନ୍ସଫର କରୁଛନ୍ତି। ଏମିତି ଏକ ୟୁପିଆଇ ଲୁଟେରା ଗ୍ୟାଙ୍ଗର ୨ଜଣଙ୍କୁ ଶହୀଦନଗର ଥାନା ପୋଲିସ ଧରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମହର୍ଷି କଲେଜ ନିକଟସ୍ଥ ଜଗଦୀଶ ଦାସ ଓ ଶାନ୍ତିପଲ୍ଲୀ ବସ୍ତିର ଚିନ୍ତାମଣି ବେହେରା। ୨ ଅଭିଯୁକ୍ତଙ୍କ ନିକଟରୁ ୩୫ ହଜାର ଟଙ୍କା ଜବତ କରିବା ସହିତ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନାଯୋଗ୍ୟ, ଗତ ୨୮ ତାରିଖ ସନ୍ଧ୍ୟା ସମୟରେ ମହର୍ଷି କଲେଜ ରୋଡ ନିକଟରେ ବିଭୂତି ଭୂଷଣ ସେଠୀ ମୋବାଇଲ ଫୋନ୍‌ରେ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ୩ ଜଣ ଦୁର୍ବୃତ୍ତ ତାଙ୍କ ଫୋନ୍ ଛଡ଼ାଇ ନେବା ସହ ମାଡ଼ ମାରିଥିଲେ। ପରେ ସେମାନେ ତାଙ୍କୁ ଧମକ ଦେଇ ଏହାକୁ ଅନ୍ ଲକ୍ କରିବାକୁ ବାଧ୍ୟ କରିଥିଲେ। ଅନ୍ ଲକ୍ ହେବା ପରେ ସେମାନେ ବିଭୂତିଙ୍କ ଆକାଉଣ୍ଟରୁ ୟୁପିଆଇ ଟ୍ରାଞ୍ଜାକ୍ସନ ମାଧ୍ୟମରେ ୪୬ ହଜାର ୨ ଶହ ଟଙ୍କା ଟ୍ରାନ୍ସଫର୍ କରି ନେଇଥିଲେ। ଏନେଇ ବିଭୂତି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ୍ ଏକ ମାମଲା (ନଂ. ୨୨୫/୨୦୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଚୋରି ଟଙ୍କା ମଧ୍ୟରୁ ୩୫ ହଜାର ଟଙ୍କା ଶାନ୍ତିପଲ୍ଲୀ ବସ୍ତିର ଚିନ୍ତାମଣି ବେହେରାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଥିବା ଜଣାପଡିଥିଲା।

## ବିବାହ କରିବାକୁ କହି ଭିଡିଓ ଭାଇରାଲ

ଭୁବନେଶ୍ୱର, ୩୦।୪ (ପ୍ରସନଜିତ୍ ସାହୁ)

- ରାପିଡୋ ଡ୍ରାଇଭର୍‌ରୁ ପ୍ରେମିକ
- ଘରେ ପଶି ଖଣ୍ଡା ଦେଖାଇ ମାରିଦେବାକୁ ଧମକ

ରାପିଡୋ ଡ୍ରାଇଭରରୁ ପ୍ରେମିକ ପାଲଟିଲେ। ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ଏବେ ଖଣ୍ଡା ଧରି ମାରିବାକୁ ଧମକ ଦେଇଛନ୍ତି। ଏଭଳି ଏକ ଘଟଣାରେ ଭିଏସ୍‌ଏସ୍ ନଗର ମହାବୀର ବସ୍ତିର ଜଣେ ମହିଳା ଶହୀଦନଗର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ୮ ମାସ ପୂର୍ବରୁ ମହିଳା ଜଣକ ଏକ ମାମଲା କାର୍ଯ୍ୟରେ କୋର୍ଟ ଯିବାକୁ ଏକ ରାପିଡୋ ବୁକ୍ କରିଥିଲେ। ଟଙ୍କା ନେବାରେ ଅସୁବିଧା ହେବାରୁ ଚାଳକ ମହିଳାଙ୍କ ମୋବାଇଲ ନମ୍ବର ନେଇଥିଲେ। ପରେ ରାପିଡୋ ଚାଳକ ମହିଳାଙ୍କ ସହିତ କଥାବାର୍ତ୍ତା ହେବା ସହିତ ତାଙ୍କୁ ବିବାହ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ମହିଳାଙ୍କୁ ତାଙ୍କ ପରିବାର ସହିତ କଥା କରାଇଥିବା ମହିଳା ଜଣଙ୍କ ଅଭିଯୋଗ କରିଛନ୍ତି। ସମୟକ୍ରମେ ଚାଳକ ମହିଳାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବା ପରେ ତାଙ୍କ ଅଜାଣତରେ ଅଶ୍ଳୀଳ ଭିଡିଓ ଓ ଫଟୋ ଉଠାଇଥିଲେ। କିଛିଦିନ ହେବ କୌଣସି କାରଣରୁ ମହିଳାଙ୍କ ସହିତ ତାଙ୍କର ଝଗଡା ହେବାରୁ ସେ ମହିଳାଙ୍କ ସହିତ ଉଠାଇଥିବା ଭିଡିଓ ଓ ଫଟୋଗୁଡ଼ିକୁ ଭାଇରାଲ କରିଦେଇଛନ୍ତି। ଏଥିରେ ବିରୋଧ କରିବାରୁ ଅଭିଯୁକ୍ତ ବୁଧବାର ରାତିରେ ଖଣ୍ଡା ଧରି ମହିଳାଙ୍କୁ ମାରିଦେବାକୁ ଧମକ ଦେବାରୁ ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ. ୨୨୮/୨୦୨୬) ରୁଜୁ କରିତଦନ୍ତ ଆରମ୍ଭ କରିଥିବା ସୂଚନା ଦେଇଛି।

## ଖଣ୍ଡା ବୁଲାଇ ଭିଡିଓ କରି ବନ୍ଧାହେଲେ



ଗିରଫ ୨ ଅଭିଯୁକ୍ତ।

ଭୁବନେଶ୍ୱର,୩୦।୪(ପ୍ରସନଜିତ୍ ସାହୁ)

ଖଣ୍ଡା ବୁଲାଇ ରିଲ୍‌ସ କରିବା ଓ ଲୋକଙ୍କୁ ଭୟଭୀତ କରିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଗୁରୁବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କାରଗିଲ୍ ବସ୍ତି ଅଞ୍ଚଳର ସୁଜିତ୍ ବେହେରା ଓ ଶୁଭମ୍ ବେହେରା।

ସୂଚନାଯୋଗ୍ୟ, ଗତ ୨୯ ତାରିଖରେ ଖଣ୍ଡା ବୁଲାଇ ରିଲ୍‌ସ କରିବା ଓ ଲୋକଙ୍କୁ ଭୟଭୀତ କରିବା ଅଭିଯୋଗରେ ପୋଲିସ ବିବେକାନନ୍ଦ ଖେଳପଡ଼ିଆ ନିକଟରେ ଅତର୍କିତ ଚଢ଼ାଉ କରି ସୁଜିତ ଓ ଶୁଭମ୍‌ଙ୍କୁ ଗିରଫ କରିଥିଲା। ସାର୍ବଜନୀନ ସ୍ଥାନରେ ଖୋଲାଖୋଲି ଭାବରେ ମାରଣାସ୍ତ୍ର ପ୍ରଦର୍ଶନ କରିବା ଫଳରେ ଜନସାଧାରଣଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା। ସେମାନଙ୍କ ନିକଟରୁ ୨ଟି ଖଣ୍ଡା ଜବତ କରାଯିବା ସହ ସେମାନେ ଘଟଣାରେ ନିଜର ସମ୍ପୃକ୍ତି ଥିବା ସ୍ୱୀକାର କରିଥିଲେ। ଏହି ଘଟଣାରେ ପୋଲିସ ଏକ ମାମଲା(ନଂ. ୧୭୭/୨୦୨୬) ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରିଛି।

## ଭିଡିଓ ଭାଇରାଲ ଧମକ ଅଭିଯୋଗ: ଯୁବକ ଗିରଫ

ସୁନ୍ଦରଗଡ଼,୩୦।୪ (ଜୟ ନାରାୟଣ ମେଣ୍ଟୁଲି)

ଫେସବୁକରେ ବନ୍ଧୁତା ପରେ ପ୍ରେମ ସମ୍ପର୍କ ଓ ଶାରୀରିକ ସମ୍ପର୍କ ସ୍ଥାପନ କରି ଜଣେ ଯୁବତୀଙ୍କୁ ଅନ୍ତରଙ୍ଗ ମୁହୂର୍ତ୍ତ ଭିଡିଓ ଭାଇରାଲ କରିଦେବା ଧମକ ଦେବା ଅଭିଯୋଗରେ ସୁନ୍ଦରଗଡ଼ ଟାଉନଥାନା ପୋଲିସ ଗୁରୁବାର ଜଣେ ବିବାହିତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଝାରସୁଗୁଡ଼ା ଜିଲା ଲଇକେରା ଥାନା ଭାଲୁପତ୍ରା ଗ୍ରାମର ଯୁବକ ଦୟାନିଧି ସେଠ। କିଞ୍ଜିରିକେଲା ଥାନା ଅଞ୍ଚଳର ଏହି ଯୁବତୀ ଜଣକ ଥାନାରେ କରିଥିବା ରିପୋର୍ଟ ଆଧାରରେ ପୋଲିସ କେସ୍ ନମ୍ବର ୧୭୯/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ଅଭିଯୋଗକାରୀଙ୍କ ରିପୋର୍ଟ ଅନୁସାରେ, ଅଭିଯୁକ୍ତ ଯୁବକ ଜଣକ ୨୦୨୩ରୁ ତାଙ୍କ ସହିତ ସମ୍ପର୍କ ରଖି ଆସିଛନ୍ତି। ୨୦୨୪ରେ ଯୁବତୀଙ୍କ ଅନ୍ୟଜଣେ ଯୁବକଙ୍କ ସହିତ ବିବାହ ପ୍ରସ୍ତାବ ଆସିବା ପରେ ଅଭିଯୁକ୍ତ ଜଣକ ଯୁବତୀଙ୍କ କିଛି ଫଟୋ ଓ ଭିଡିଓ ବିବାହ ପ୍ରସ୍ତାବ ଆଣିଥିବା ଯୁବକଙ୍କୁ ପଠାଇଥିଲେ। ଫଳରେ ଯୁବତୀଙ୍କ ବିବାହ ପ୍ରସ୍ତାବ ଭାଙ୍ଗି ଯାଇଥିଲା। ଏହାପରେ ବିଭିନ୍ନ ସୋସିଆଲ ମିଡିଆରେ ଯୁବତୀଙ୍କ ସହିତ ହୋଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭିଡିଓ ଭାଇରାଲ କରିଦେବା ପାଇଁ ଧମକ ଦେଇ ଆସୁଥିଲେ।

## ଗିରଫ ହେଲେ ଡିଇଓ, ବିଇଓ, ପିଇଟି

### ଶିକ୍ଷା ବିଭାଗରେ କଳାଦାଗ

- କର୍ମକ୍ଷେତ୍ରରେ ମହିଳା କର୍ମଚାରୀଙ୍କୁ ନିର୍ଯାତନା
- ତଦନ୍ତରେ ପଦାକୁ ଆସିଲା ଆର୍ଥିକ ହେରଫେର

ବରଗଡ଼,୩୦।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଶିକ୍ଷା ବିଭାଗରେ ଚାଲିଥିବା କଳା କାରନାମା ପଦାକୁ ଆସିଛି। କାର୍ଯ୍ୟସ୍ଥଳୀରେ ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା, କ୍ଷମତାର ଅପବ୍ୟବହାର ଏବଂ ବେଆଇନ ଭାବେ ଅନୁଗ୍ରହ ଗ୍ରହଣ ବିଭାଗୀୟ ଅଧିକାରୀଙ୍କୁ ମହଙ୍ଗା ପଡ଼ିଛି। ଏଭଳି ଅଭିଯୋଗ ପାଇବା ପରେ ଗୁରୁବାର ବରଗଡ଼ ଟାଉନ ଥାନା ପୋଲିସ ବରଗଡ଼ ବିଇଓ ତଥା ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା କନକତୋରା ଗ୍ରାମର ମୂଳ ବାସିନ୍ଦା ସୁରେନ୍ଦ୍ର କୁମାର ସାହୁ(୪୫), ଡିଇଓ ତଥା ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୮ ଖଜୁରିଟିକ୍ରାର ଜ୍ୟୋତିକାନ୍ତ ସାହୁ(୪୫) ଏବଂ ବରପାଲି ବ୍ଲକ ସତଲମା ହାଇସ୍କୁଲର ଶାରୀରିକ ଶିକ୍ଷା ଶିକ୍ଷକ(ପିଇଟି) ତଥା ବରପାଲି ଥାନା ବିଶିପାଲିର ସମୀର କୁମାର ପାଣିଗ୍ରାହୀ(୫୧)ଙ୍କୁ ଗିରଫ କରିଛି। ସେମାନଙ୍କ ପାଖରୁ ୩ ମୋବାଇଲ ଏବଂ ମାମଲାରେ ଜଡ଼ିତ କାଗଜାତ ଜବତ ହୋଇଛି। ଏ ନେଇ ଡେପୁଟି କଲେକ୍ଟର ସୁମତୀ ପଣ୍ଡାଙ୍କ ଏତଲା କ୍ରମେ ବରଗଡ଼ ଟାଉନ ଥାନାରେ ଏକ ମାମଲା(ନଂ-୨୨୯/୨୬) ରୁଜୁ ହୋଇଛି। ଗିରଫ ୩ ଅଭିଯୁକ୍ତଙ୍କୁ ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବରଗଡ଼ ଜିଲା କାରାଗରକୁ ପଠାଯାଇଛି।



ଜ୍ୟୋତିକାନ୍ତ ସାହୁ



ସମୀର କୁମାର ପାଣିଗ୍ରାହୀ



ସୁରେନ୍ଦ୍ର କୁମାର ସାହୁ

ସୂଚନା ଅନୁଯାୟୀ, ଜିଲା ଶିକ୍ଷା ବିଭାଗରେ କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ପ୍ରତି ବିଭାଗୀୟ ଅଧିକାରୀମାନେ ଯୌନ ଉତ୍ପୀଡ଼ନ, କ୍ଷମତାର ଅପବ୍ୟବହାର କରୁଥିବା ନେଇ ଜିଲାପାଳ ଆଦିତ୍ୟ ଗୋୟଲଙ୍କଠାରେ ଅଭିଯୋଗ ହୋଇଥିଲା। ଜିଲାପାଳ ଗୋୟଲଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି କଲେକ୍ଟର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏକ କମିଟି ଗଠନ କରାଯାଇ ଏହାର ତଦନ୍ତ ହୋଇଥିଲା। ତଦନ୍ତରେ ଅଭିଯୋଗର ସତ୍ୟାସତ୍ୟ ସାମ୍ନାକୁ ଆସିବା ପରେ ବୁଧବାର ଡେପୁଟି କଲେକ୍ଟର ପଣ୍ଡା ବରଗଡ଼ ଟାଉନ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ତଦନ୍ତ ଆଗକୁ ବଢ଼ାଇଥିଲା ଏବଂ ବୁଧବାର ଉପରୋକ୍ତ ଡିଇଓ, ବିଇଓ ଏବଂ ପିଇଟିଙ୍କୁ ଥାନାକୁ ଉଠାଇ ଆଣି ଜେରା କରିଥିଲା। ଜେରାବେଳେ ପୋଲିସ ଅଭିଯୋଗ ସମ୍ପର୍କରେ ପ୍ରମାଣ ପାଇବା ପରେ ସେମାନଙ୍କୁ ଗିରଫ କରିଥିଲା।

ତେବେ ଏ ସମ୍ପର୍କରେ ଅତିରିକ୍ତ ଏସ୍‌ପି ଶିବ ପ୍ରସାଦ ବିଶ୍ୱାଳ କହିଛନ୍ତି, ଡେପୁଟି କଲେକ୍ଟର ପଣ୍ଡା ଏତଲା ଦେଇଥିଲେ। ତାଙ୍କ ଏତଲାକ୍ରମେ ମାମଲା ରୁଜୁ କରି ତଦନ୍ତ ଚାଲିଥିଲା। ତଦନ୍ତରେ କର୍ମକ୍ଷେତ୍ରରେ ମହିଳାଙ୍କୁ ନିର୍ଯାତନା ସହିତ ଆର୍ଥିକ ହେରଫେର ମଧ୍ୟ ସାମ୍ନାକୁ ଆସିଥିଲା। ଡିଇଓଙ୍କ ଜ୍ଞାତସାରରେ ବିଇଓ କର୍ମକ୍ଷେତ୍ରରେ ମହିଳା କର୍ମଚାରୀଙ୍କୁ ଅସଦାଚରଣ ସହିତ ନିର୍ଯାତନା ଦେଉଥିବାବେଳେ ପିଇଟି ପାଣିଗ୍ରାହୀ ଆର୍ଥିକ ହେରଫେରରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ସେହିପରି ଜିଲାପାଳ ଗୋୟଲ କହିଛନ୍ତି, ଗତ କିଛିଦିନ ତଳେ ଜିଲା ଶିକ୍ଷା ବିଭାଗର କିଛି ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ଏହାର ତଦନ୍ତ ଚାଲିଥିଲା ଏବଂ ତଦନ୍ତ ରିପୋର୍ଟକୁ ଆଧାର କରି ପୋଲିସରେ ଏତଲା ହୋଇଛି। ପୋଲିସ ଆପରାଧିକ କାର୍ଯ୍ୟାନୁଷ୍ଠାନ ନେଇଛି, ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ଗିରଫ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କହିଛନ୍ତି। ତେବେ ତଦନ୍ତ ଜାରି ରହିଥିବା ଯୋଗୁ ଅନେକ କିଛି ତଥ୍ୟକୁ ଗୋପନୀୟ ରଖାଯାଇଛି ଏବଂ ଏଥିରେ ଯାହାର ସମ୍ପୃକ୍ତି ଜଣାପଡ଼ିବ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜିଲାପାଳ ଗୋୟଲ ପ୍ରକାଶ କରିଛନ୍ତି।



ବିଏସ୍‌ଇ ସେନ୍‌ସେକ୍ସ
୭୬,୯୧୩.୫୦ (–୫୮୨.୮୬)



୧ ଡଲାର = ୯୪.୯୦ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍) ୧୦୯.୭୩ ଡଲାର

# ଦୁବାଇରେ ରେସିଡେନ୍ସି ଭିଜା ପାଇବା ହେଲା ସହଜ



**ନୂଆଦିଲ୍ଲୀ, ୩୦।୪**

ଦୁବାଇରେ ରିଅଲ ଇଷ୍ଟେଟ୍‌ରେ ନିବେଶକରି ରେସିଡେନ୍ସି ଭିଜା ପାଇବାକୁ ଚାହୁଁଥିବା ଛୋଟ ନିବେଶକଙ୍କ ପାଇଁ ଆଶ୍ୱସ୍ତିକର ଖବର ମିଳିଛି। ଦୁବାଇ ସରକାର ପ୍ରପର୍ଟି-ଲିଙ୍କ୍ଡ ରେସିଡେନ୍ସି ଭିଜା ପାଇଁ ମିନିମମ୍ ସମ୍ପତ୍ତି ମୂଲ୍ୟର ସୀମା ସମ୍ପୂର୍ଣ୍ଣ ଭାବେ ଉଠାଇଦେଇଛନ୍ତି। ଏହା ଫଳରେ କମ୍ ନିବେଶରେ ମଧ ନିବେଶକମାନେ ଦୁବାଇରେ ରେସିଡେନ୍ସି ଭିଜା ପାଇପାରିବେ। ପୂର୍ବରୁ ୨ ବର୍ଷର ପ୍ରପର୍ଟି-ଲିଙ୍କ୍ଡ ରେସିଡେନ୍ସି ଭିସା ପାଇଁ ଅନ୍ୟୂନ ପ୍ରାୟ ୧.୯ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି କ୍ରୟ କରିବା ଆବଶ୍ୟକ ଥିଲା। ମାତ୍ର ନୂତନ ନିୟମ ଅନୁଯାୟୀ ଏବେ ଏହି ମିନିମମ୍ ମୂଲ୍ୟ ସୀମା ରହିନାହିଁ। ଏହି ପରିବର୍ତ୍ତନ କ୍ଷୁଦ୍ର ନିବେଶକଙ୍କୁ ଦୁବାଇ ରିଅଲ୍ ଇଷ୍ଟେଟ୍ ମାର୍କେଟରେ ପ୍ରବେଶ କରିବାର ସୁଯୋଗ ଦେବ। ତେବେ ଯୌଥ ମାଲିକାନା କ୍ଷେତ୍ରରେ ଏକ ନୂତନ ନିୟମ ଲାଗୁ ହୋଇଛି। ଯଦି ଏକାଧିକ ବ୍ୟକ୍ତି ମିଳିତ ଭାବେ ଏକ ପ୍ରପର୍ଟି କ୍ରୟ କରନ୍ତି ତେବେ ପ୍ରତ୍ୟେକ ନିବେଶକଙ୍କ ଅଂଶ ଅତିକମ୍‌ରେ ପ୍ରାୟ ୧.୦୩ କୋଟି ଟଙ୍କା ହେବା ଆବଶ୍ୟକ। ଏହି ନିୟମ ମିଡ୍ ସେଗମେଣ୍ଟ ପ୍ରପର୍ଟି ବିକ୍ରୟକୁ ପ୍ରୋତ୍ସାହିତ କରିବ ଏବଂ ଦୁବାଇର ରିଅଲ ଇଷ୍ଟେଟ୍ କ୍ଷେତ୍ରରେ ନୂତନ ନିବେଶକଙ୍କ ପ୍ରବେଶକୁ ସହଜ କରିବ ବୋଲି ଆଶା କରାଯାଉଛି। ଦୁବାଇ ସରକାରଙ୍କ ଏହି ନିଷ୍ପତ୍ତି ରିଅଲ ଇଷ୍ଟେଟ୍ ବଜାରକୁ ଆହୁରି ଗତିଶୀଳ କରିବ ଏବଂ ଭାରତୀୟ ନିବେଶକଙ୍କ ପାଇଁ ଦୁବାଇରେ ଲାଭଜନକ ନିବେଶ ଏବଂ ସୁନ୍ଦର ଜୀବନଶୈଳୀର ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟିକରିବ ବୋଲି ଆଶା କରାଯାଉଛି।

# ଟଙ୍କାଏ ଅଧିକ ପାଇବେ ଓମ୍‌ଫେଡ୍ ଦୁଗ୍ଧଚାଷୀ

**ଭୁବନେଶ୍ୱର, ୩୦।୪(ଅନୁରାଧା ମହାରଣା)**

ଓମ୍‌ଫେଡ୍ ଦୁଗ୍ଧଚାଷୀଙ୍କୁ ପ୍ରତି ୧ଲିଟର କ୍ଷୀର ପ୍ରତି ୧ଟଙ୍କା ଅଧିକ ମିଳିବ। ଓମ୍‌ଫେଡ୍ ଦୁଗ୍ଧଚାଷୀମାନେ ପୂର୍ବରୁ ଲିଟର ପିଛା ୩୮ଟଙ୍କା ୫ ପଇସା ପାଉଥିଲେ। ଏଣିକି ଲିଟର ପିଛା ୩୯ଙ୍କା ୫ ପଇସା ଲେଖାଏ ପାଇବେ। ଏହି ନୂତନ ବର୍ଦ୍ଧିତ ଦର ଶୁକ୍ରବାରଠାରୁ କାର୍ଯ୍ୟକାରୀ ହେବ ବୋଲି ଓମ୍‌ଫେଡ୍ ପକ୍ଷରୁ କୁହାଯାଇଛି। ଅପରପକ୍ଷେ ଘାସ, ଚାରା, ପିଡ଼ିଆ, ଗୋଖାଦ୍ୟ, ମେଡିସିନ ଆଦି ଖର୍ଚ୍ଚରେ ବୃଦ୍ଧି, ଦୁଗ୍ଧ ଉତ୍ପାଦନରେ ମଧ ପ୍ରଭାବ ପକାଉଥିବାରୁ ଓମ୍‌ଫେଡ୍ ଦୁଗ୍ଧ କ୍ରୟ ମୂଲ୍ୟରେ ବୃଦ୍ଧି କରିଛି। ଏହା ଫଳରେ ରାଜ୍ୟ ପ୍ରାୟ ୩ ଲକ୍ଷ ଓମ୍‌ଫେଡ୍ ଦୁଗ୍ଧଚାଷୀ ବିଶେଷ ଭାବେ ଉପକୃତ ହେବେ ବୋଲି ଆଶା କରାଯାଉଛି।

# ଅନୁଗୋଳ ସହରରେ ହେବ ୨୫ ଇଭି ଚାର୍ଜିଂ ଷ୍ଟେଶନ

**ଅନୁଗୋଳ,୩୦।୪(ଦିବ୍ୟଶାନ୍ତନୁ ନାଥ)**

ଇଭି ଭେହିକଲ ବା ବ୍ୟାଟେରିଚାଳିତ ଗାଡ଼ିଗୁଡ଼ିକୁ ନେଇ ଅନୁଗୋଳ ପାଇଁ ଏକ ଖୁସିର ଖବର ଆସିଛି। ଖୁବ୍‌ଶୀଘ୍ର ଅନୁଗୋଳ ସହର ମଧ୍ୟରେ ଇଭି ଚାର୍ଜି ସେଣ୍ଟର ଖୋଲିବାର କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ଏ ନେଇ ପ୍ରଶାସନିକସ୍ତରରେ ଆଲୋଚନା ହୋଇଥିବାବେଳେ ପରିବହନ ବିଭାଗ ପକ୍ଷରୁ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି। ଅନୁଗୋଳ ସହରରେ ଫାଷ୍ଟ ଚାର୍ଜି ପାଇଁ ୨୦ରୁ ୨୫ଟି ସ୍ଥାନ ନିରୂପଣ କରାଯାଇଛି। ବଁଅରପାଳଠାରୁ ବଡ଼କେରା ଏବଂ ଅନୁଗୋଳ ସହର ମଧ୍ୟରେ ଏହି ଚାର୍ଜିଂ ଷ୍ଟେଶନଗୁଡ଼ିକ ନିର୍ମାଣ ହେବ। ଗୁରୁବାର ଏ ନେଇ ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ (ବିଇଏଲ୍) ପକ୍ଷରୁ ୨ ଜଣିଆ ଟିମ୍ ଅନୁଗୋଳ ଆସିଛି। ଏହି ଟିମ୍ ଅନୁଗୋଳରେ ୨ ଦିନ ରହିବାକୁ ଥିବାବେଳେ ହେବାକୁ ଥିବା ପ୍ରତି ଚାର୍ଜି ଷ୍ଟେଶନ ବୁଲି ଦେଖିବେ। ଯେଉଁ ସ୍ଥାନଗୁଡିକ ସମସ୍ତ ଦୃଷ୍ଟିକୋଣରୁ ଉପଯୁକ୍ତ ହେବ, ସେଠାରେ ଚାର୍ଜିଂ ଷ୍ଟେଶନ କରିବାକୁ ମଞ୍ଜୁରୀ ପାଇଁ ପଠାଇବେ। ଏହାପରେ ଚିହ୍ନଟ ହୋଇଥିବା ସ୍ଥାନଗୁଡିକରେ ଇଭି ଚାର୍ଜିଂ ସେଣ୍ଟର ଖୋଲିବ। ଅନୁଗୋଳ ଜିଲ୍ଲା ପରିବହନ କାର୍ଯ୍ୟାଳୟ ପକ୍ଷରୁ ଏହି ଟିମ୍‌କୁ ୨ଦିନ ଧରି ବିଭିନ୍ନ ସ୍ଥାନ ପରିଦର୍ଶନ କରାଇବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି।

# ଫାର୍ମ ବି ପକ୍ଷରୁ ଦେବଭୋଗ ଖେଚୁଡ଼ି ଓ ଶାଗୁ ଖିରି ବଣ୍ଟନ



**ଭୁବନେଶ୍ୱର, ୩୦।୪(ଅନୁରାଧା ମହାରଣା)**

ପୁରୀରେ ଖାଦ୍ୟ ଉଦ୍ୟୋଗ ଫାର୍ମବି ଓ ରେଜ୍ ଫାଉଣ୍ଡେଶନ ପକ୍ଷରୁ ଏକ ନିଆରା ମହାଭୋଗ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ଦେବଭୋଗ ଖେଚୁଡ଼ି ଓ ଶାଗୁ ଖିରି' ପ୍ରସ୍ତୁତ କରାଯାଇ ବଡ଼ଦାଣ୍ଡରେ ହଜାର ହଜାର ଭକ୍ତଙ୍କୁ ଭକ୍ତିଭାବ ସହ ବଣ୍ଟନ କରାଯାଇଥିଲା। ଏନେଇ ଫାର୍ମ ବି ପକ୍ଷରୁ କୁହାଯାଇଛି, ପ୍ରତ୍ୟେକ ପାତ୍ରରେ ଶୁଦ୍ଧତା, ଭରସା ଓ ଆଧ୍ୟାତ୍ମିକତାର ସ୍ପର୍ଶ ଥିଲା। ଏହି ପବିତ୍ର ପ୍ରୟାସ କେବଳ ଖାଦ୍ୟ ବଣ୍ଟନ ନୁହେଁ ବରଂ ଓଡ଼ିଶାର ଧାର୍ମିକ ଓ ପରମ୍ପରାକୁ ପୁନର୍ଜୀବିତ କରିବାର ଏକ ସାର୍ଥକ ଚେଷ୍ଟା । ଭକ୍ତମାନେ ଏହାକୁ ମହାପ୍ରଭୁଙ୍କର ପ୍ରସାଦ ଭାବେ ଗ୍ରହଣକରି ଫାର୍ମବି ପ୍ରତି ତାଙ୍କର ଆନନ୍ଦ ଓ କୃତଜ୍ଞତା ପ୍ରକାଶ କରିଥିଲେ । ଏହି ଅବସରରେ ଭକ୍ତମାନେ କହିଥିଲେ ଏହା କେବଳ ଖାଦ୍ୟ ନୁହେଁ ବରଂ ମହାପ୍ରଭୁଙ୍କର ପ୍ରସାଦର ଅନୁଭୂତି ଦେଉଛି। ଫାର୍ମବି ପକ୍ଷରୁ ନିଆଯାଇଥିବା ଏହି ପବିତ୍ର ପଦକ୍ଷେପ ଓଡ଼ିଶାର ଧାର୍ମିକ ଓ ପାକଶାଳୀୟ ପରମ୍ପରାକୁ ନୂତନ ଆଲୋକରେ ଉପସ୍ଥାପନା କରିଛି। ସେବା, ସମର୍ପଣ ଓ ସଂସ୍କୃତି ପ୍ରତି ଆଦରକୁ ଆଗରେ ରଖି ଫାର୍ମବି ଏହି ଉଦ୍ୟମ ମାଧ୍ୟମରେ ସମାଜ ସହ ଏକ ଗଭୀର ଆତ୍ମୀୟ ସମ୍ପର୍କ ସୃଷ୍ଟି କରିଛି। ଫାର୍ମବି ଓ ରେଜ୍ ଫାଉଣ୍ଡେଶନର ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ରହି ଭକ୍ତମାନଙ୍କୁ ପ୍ରସାଦ ବ ନ କରିବା ସହ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

# ଅନୁଗୋଳ କଲେଜ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏମ୍‌ଓୟୁ




ଅନୁଗୋଳ ମହାବିଦ୍ୟାଳୟ ଓ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହେଉଛି।

**ଅନୁଗୋଳ,୩୦।୪(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଭୁବନେଶ୍ୱରସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ମଧ୍ୟରେ ଏକ ବୁଝାମଣାପତ୍ର ଗୁରୁବାର ସ୍ୱାକ୍ଷରିତ ହୋଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବସନ୍ତ କୁମାର ସାହୁ ସଭାପତିତ୍ୱ କରିଥିବାବେଳେ ଅନୁଗୋଳ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧାପିକା ତଥା ମୁଖ୍ୟ ଶୈକ୍ଷିକ ଅଧିକାରୀ ପ୍ରଫେସର ସୁଲଗ୍ନା ଚୌଧୁରୀ, ବରିଷ୍ଠ ପ୍ରାଧାପକ ତଥା ମୁଖ୍ୟ ବିତ୍ତ ଅଧିକାରୀ ପ୍ରଫେସର ନାରାୟଣ ନାୟକ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ପ୍ରାୟୋଗିକ ବିଜ୍ଞାନ ଶାଖା ତଥା ଉଦ୍ଭିଦ ବିଜ୍ଞାନ ବିଭାଗର ଏମେରିଟସ ପ୍ରଫେସର କୁଞ୍ଜବିହାରୀ ଶତପଥୀ, ପ୍ରାୟୋଗିକ ବିଜ୍ଞାନ ଶାଖା ନିର୍ଦ୍ଦେଶକ ପ୍ରଫେସର ସୁଶାନ୍ତ କୁମାର ବିଶ୍ୱାଳ, ସହଯୋଗୀ ଡିନ୍ ତଥା ପ୍ରାଣୀବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଗଗନ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଫେସର ଶତପଥୀ କହିଥିଲେ, ଏହି ବୁଝାମଣାପତ୍ର ଶିକ୍ଷା, ଗବେଷଣା ଓ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି ହେବ। କାର୍ଯ୍ୟକ୍ରମରେ ଶୈକ୍ଷିକ ଅଧିକାରୀ ଡ. ସୁଜ୍ଞାନୀ ରଥ ଧନ୍ୟବାଦ ଦେଇଥିଲେ। ଅନୁଗୋଳ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଡ. ଗୌରୀ ଶଙ୍କର ଯୁଗପ୍ରକାଶ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନୁଗୋଳ ମହାବିଦ୍ୟାଳୟ ଅନ୍ୟତମ ଶୈକ୍ଷିକ ଅଧିକାରୀ ଡ. ସ୍ମିତା ତପସ୍ୱିନୀ, ବାଣିଜ୍ୟ ବିଭାଗ ମୁଖ୍ୟା ଡ. ସୁଜ୍ଞାନୀ ରଥ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ସରିତା ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ଏଏମ୍‌ଏନ୍‌ଏସ୍‌ର ଅଟୋମୋଟିଭ୍ ଇସ୍ପାତ ଉତ୍ପାଦନ ଲାଇନ ଉଦ୍‌ଘାଟିତ

**ଭୁବନେଶ୍ୱର, ୩୦।୪(ଅନୁରାଧା ମହାରଣା)**



ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ ଶୁକ୍ରବାର ଗୁଜରାଟର ହାଜିରାସ୍ଥିତ ପ୍ରମୁଖ କାରଖାନାରେ ଜାପାନ ରାଷ୍ଟ୍ରଦୂତ କେଇଚି ଓନୋଙ୍କ ଦ୍ୱାରା ପିକ୍‌ଲିଂ ଲାଇନ୍ ଏବଂ ଟାଣ୍ଡେମ୍ କୋଲ୍ଡ ମିଲ୍ (ପିଏଲସିଏମ୍) ଉଦ୍‌ଘାଟିତ ହୋଇଯାଇଛି। ବାର୍ଷିକ ୨ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏହି ଅତ୍ୟାଧୁନିକ ପିଏଲ୍‌ସିଏମ୍ ୟୁନିଟ୍ ଉଚ୍ଚ-ଗୁଣବତ୍ତା ବିଶିଷ୍ଟ କୋଲ୍ଡ-ରୋଲ୍ଡ ବେସ୍ ଷ୍ଟିଲ୍ ଉତ୍ପାଦନ ଆରମ୍ଭ କରିବ। ଆଧୁନିକ ଅଟୋମୋଟିଭ୍ ଇସ୍ପାତ ଉତ୍ପାଦନରେ ସହାୟତା ନିମନ୍ତେ ଉଚ୍ଚ ଶକ୍ତିସମ୍ପନ୍ନ ଇସ୍ପାତ(ଏଏଚ୍‌ଏସ୍‌ଏସ୍), ଗାଲଭାନିଲ୍ଡ (ଜିଏ), ଗାଲଭାନାଇଜଡ୍ (ଜିଆଇ), ଏବଂ ପ୍ରେସ୍ ହାର୍ଡନେଡ୍ ଷ୍ଟିଲ୍ (ପିଏଚଏସ) ଅନୁପ୍ରୟୋଗ ପାଇଁ ଏହି ୟୁନିଟ୍‌ର ପରିକଳ୍ପନା କରାଯାଇଛି। ଭାରତରେ ଅବସ୍ଥାପିତ ଜାପାନ ରାଷ୍ଟ୍ରଦୂତ କେଇଚି ଓନୋ କହିଛନ୍ତି, ଭାରତରେ ଉଚ୍ଚମାନର ଇସ୍ପାତ ସାମଗ୍ରୀ ଉତ୍ପାଦନ ଆରମ୍ଭ କରିବାରେ ଜାପାନର ଆଧୁନିକ ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ଦି ୱାର୍ଲ୍ଡ ପ୍ରୟାସରେ ଜାପାନର ଯୋଗଦାନ ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛି। ଏଏମ୍/ଏନ୍‌ଏସ୍ ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ଉମେନ୍ କହିଛନ୍ତି, 'ସ୍ମାର୍ଟର୍‌ଷ୍ଟିଲ୍ସ, ବ୍ରାଇଟର ଫ୍ୟୁଚର୍ସ' ହେଉଛି ଆମର ବ୍ରାଣ୍ଡ ପ୍ରତିବଦ୍ଧତା। ଆମେ ସର୍ବୋତ୍ତମ ଅଟୋମୋଟିଭ୍ ଷ୍ଟିଲ୍ ଉତ୍ପାଦନ କ୍ଷେତ୍ରରେ ବିଶ୍ୱ ସ୍ତରରେ ସ୍ୱୀକୃତିପ୍ରାପ୍ତ ଅଗ୍ରଣୀ କମ୍ପାନୀ ଭାବେ ପରିଚିତ ।

# ଗ୍ରୀଷ୍ମରେ ବଢ଼ୁଛି ରେଳଯାତ୍ରୀଙ୍କ ଭିଡ଼

**ଭୁବନେଶ୍ୱର, ୩୦।୪(ଅନୁରାଧା ମହାରଣା)**



ଗ୍ରୀଷ୍ମଋତୁରେ ରେଳଯାତ୍ରୀଙ୍କ ସଂଖ୍ୟା ବଢ଼ୁଥିବାବେଳେ ବିଭିନ୍ନ ଟ୍ରେନ୍‌ରେ ଅତିରିକ୍ତ କୋଚ୍ ସଂଯୋଗ ନିଷ୍ପତ୍ତି ନିଆଯାଇଛି। ଭୁବନେଶ୍ୱର ଏବଂ ସମ୍ବଲପୁରରୁ ଛାଡୁଥିବା ଅନେକ ଟ୍ରେନ୍‌ରେ ଅସ୍ଥାୟୀ ଭାବେ ଅତିରିକ୍ତ କୋଚ୍ ସଂଯୋଗ କରାଯିବ। ଭୁବନେଶ୍ୱର- କେଏସ୍‌ଆର୍ ବେଙ୍ଗାଲୁରୁ ପ୍ରଶାନ୍ତି ଏକ୍ସପ୍ରେସ୍ (୧୮୪୬୩)ରେ ମେ' ୧ରୁ ମେ' ୩୧ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ। ବେଙ୍ଗାଲୁରୁ- ଭୁବନେଶ୍ୱର ପ୍ରଶାନ୍ତି ଏକ୍ସପ୍ରେସ୍ (୧୮୪୬୪)ରେ ମେ' ୨ରୁ ଜୁନ୍ ୧ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ଯୋଡ଼ାଯିବ। ଭୁବନେଶ୍ୱର- ଆନନ୍ଦ ବିହାର ଟର୍ମିନାଲ ଓଡ଼ିଶା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ୍ (୧୨୮୧୯)ରେ ମେ'୩ରୁ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ। ଆନନ୍ଦ ବିହାର ଟର୍ମିନାଲ -ଭୁବନେଶ୍ୱର ଓଡ଼ିଶା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ୍ (୧୨୮୨୦) ମେ' ୫ରୁ ଜୁନ୍ ୨ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ। ଅନ୍ୟ ଟ୍ରେନଗୁଡ଼ିକ ମଧ୍ୟରେ ଭୁବନେଶ୍ୱର- ତିରୁପତି ସୁପରଫାଷ୍ଟ ଏକ୍ସପ୍ରେସ୍ (୨୨୮୭୯/ ୨୨୮୮୦), ସମ୍ବଲପୁର-ରାୟଗଡ଼। ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍ (୧୮୩୦୧/୧୮୩୦୨), ସମ୍ବଲପୁର- ଶାଲିମାର ମହିମା ଗୋସାଇଁ ଏକ୍ସପ୍ରେସ୍ (୨୦୮୩୨/ ୨୦୮୩୧), ଭୁବନେଶ୍ୱର- ପୁରୁଣାକଟକ ଇଣ୍ଟରସିଟି ସୁପରଫାଷ୍ଟ ଏକ୍ସପ୍ରେସ (୧୨୮୯୩/ ୧୨୮୯୪), ଭୁବନେଶ୍ୱର- ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ୍ (୧୮୪୪୭/୧୮୪୪୮), ପୁରୀ-ଗୁଣପୁର ଏକ୍ସପ୍ରେସ୍ (୧୮୪୧୭/୧୮୪୧୮)ଅତିରିକ୍ତ କୋଚ୍ ସହିତ ଚଳାଚଳ କରିବ।

# ଫ୍ଲିପ୍‌କାର୍ଟ, ଆକ୍ସିସ୍ ବ୍ୟାଙ୍କ ଓ ପେୟୁ କାର୍ଡ ପେମେଣ୍ଟରେ ବାୟୋମେଟ୍ରିକ୍ ସୁବିଧା

**ଭୁବନେଶ୍ୱର, ୩୦।୪(ଅନୁରାଧା ମହାରଣା)**

ଫ୍ଲିପ୍‌କାର୍ଟ, ଆକ୍ସିସ୍ ବ୍ୟାଙ୍କ ଏବଂ ପେୟୁ ମିଳିତ ଭାବେ ଏକ ବଡ଼ ଘୋଷଣା କରିଛନ୍ତି। ଏବେ ଫ୍ଲିପ୍‌କାର୍ଟରେ ଆକ୍ସିସ୍ ବ୍ୟାଙ୍କ କାର୍ଡରେ ପେମେଣ୍ଟ କରିବା ସମୟରେ ବାୟୋମେଟ୍ରିକ୍ ପ୍ରମାଣୀକରଣ ଅର୍ଥାତ୍ ଆଙ୍ଗୁଠି ଛାପ କିମ୍ବା ମୁହଁ ବ୍ୟବହାର କରାଯିବ। ଏହି ନୂଆ ସୁବିଧା ଦ୍ୱାରା ଗ୍ରାହକମାନଙ୍କୁ ଓଟିପି ପାଇଁ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଆଣ୍ଡ୍ରଏଡ୍ ଓ ଆଇଓଏସ୍ ଫୋନ୍‌ରେ ଆଙ୍ଗୁଠି ଛାପ କିମ୍ବା ଫେସ୍ ଆଇଡି ବ୍ୟବହାରକରି ସହଜରେ ପେମେଣ୍ଟ ପୂରା କରିହେବ। ପ୍ରଥମେ ଆକ୍ସିସ ବ୍ୟାଙ୍କ କାର୍ଡଧାରୀଙ୍କ ପାଇଁ ଏହି ସୁବିଧା ଉପଲବ୍ଧ ହେବ। ଏହି ବ୍ୟବସ୍ଥା ପେମେଣ୍ଟକୁ ଅଧିକ ସୁରକ୍ଷିତ କରିବ। ସିମ୍ ସ୍ୱାପ୍ ଏବଂ ଓଟିପି ଜାଲିଆତି ଭଳି ବିପଦ ବହୁତ କମ୍ ହେବ। ଫ୍ଲିପ୍‌କାର୍ଟ ଏହି ବାୟୋମେଟ୍ରିକ୍ ସୁବିଧା ଯୋଗାଇଥିବା ବଡ଼ ଇ-କମର୍ସ ପ୍ଲାଟ୍‌ଫର୍ମ ହୋଇଛି। ପେୟୁ କମ୍ପାନୀର ୱିବମୋ ଏହି ବାୟୋମେଟ୍ରିକ୍ ପ୍ରକ୍ରିୟା ପରିଚାଳନା କରୁଛି। ଏହା ଗ୍ରାହକଙ୍କୁ ଦ୍ରୁତ ଏବଂ ସୁରକ୍ଷିତ ପେମେଣ୍ଟ ଅନୁଭୂତି ଦେବ। ଡିଜିଟାଲ ଜାଲିଆତି ବଢ଼ୁଥିବାରୁ ଏହି ପଦକ୍ଷେପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଫ୍ଲିପ୍‌କାର୍ଟ, ଆକ୍ସିସ ବ୍ୟାଙ୍କ ଏବଂ ପେୟୁ ଏହି ସହଯୋଗ ଜରିଆରେ ଗ୍ରାହକଙ୍କୁ ସହଜ, ନିରାପଦ ଏବଂ ଆଧୁନିକ ପେମେଣ୍ଟ ସେବା ଦେବାକୁ ପ୍ରତିବଦ୍ଧ ହୋଇଛନ୍ତି।

# ନାଲ୍‌କୋର ୫,୮୧୬କୋଟିର ନିଟ୍ ଲାଭ

**ଭୁବନେଶ୍ୱର, ୩୦।୪(ଅନୁରାଧା ମହାରଣା)**

କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧୀନ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟ କମ୍ପାନୀ ଲିମିଟେଡ୍(ନାଲ୍‌କୋ) ଆର୍ଥିକବର୍ଷ ୨୦୨୫-୨୬ରେ ଉତ୍ପାଦନ ଓ ବିକ୍ରୟ ତଥା ଲାଭ ଅର୍ଜନ କ୍ଷେତ୍ରରେ ସର୍ବକାଳୀନ ସର୍ବାଧିକ ରେକର୍ଡ କରିଛି। ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ରେକର୍ଡ ହୋଇଥିବା ଆର୍ଥିକ ଫଳାଫଳ ଅନୁଯାୟୀ, ନାଲ୍‌କୋ ସର୍ବକାଳୀନ ସର୍ବାଧିକ ୫,୮୧୬କୋଟି ଟଙ୍କାର ନିଟ୍ ଅର୍ଜନ କରିଛି। ପୂର୍ବ ଆର୍ଥିକ ବର୍ଷରେ ଏହି ପରିମାଣ ୫,୩୨୫କୋଟି ଟଙ୍କା ଥିଲା। ଆର୍ଥିକ ବର୍ଷ ୨୦୨୫-୨୬ରେ ମଧ କମ୍ପାନୀ ସର୍ବକାଳୀନ ସର୍ବାଧିକ ୧୭,୮୪୩ କୋଟି ଟଙ୍କାର ମୋଟ ବ୍ୟବସାୟ କରିଛି ଯାହା ପୂର୍ବ ଆର୍ଥିକବର୍ଷରେ ୧୬,୭୮୮କୋଟି ଟଙ୍କା ଥିଲା। ୨୦୨୬ ମାର୍ଚ୍ଚରେ ଶେଷ ହୋଇଥିବା ୪ର୍ଥ ତ୍ରୈମାସିକରେ କମ୍ପାନୀର ନିଟ୍ ଲାଭରେ ୭% ଅଭିବୃଦ୍ଧି ଘଟି ୧,୭୧୮କୋଟି ଟଙ୍କା ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷର ୩ୟ ତ୍ରୈମାସିକରେ ୧,୬୦୧ କୋଟି ଟଙ୍କା ଥିଲା। ସେହିପରି ୪ର୍ଥ ତ୍ରୈମାସିକରେ କମ୍ପାନୀ ୫,୧୦୩ କୋଟି ଟଙ୍କାର ବ୍ୟବସାୟ କରିଥିବାବେଳେ ୩ୟ ତ୍ରୈମାସିକରେ ଏହି ପରିମାଣ ୪,୭୩୧ କୋଟି ଟଙ୍କା ଥିଲା। ଆର୍ଥିକବର୍ଷ ୨୦୨୫-୨୬ରେ ନାଲ୍‌କୋ ମଧ୍ୟସ୍ଥାପନା ପରଠାରୁ ସର୍ବୋତ୍ତମ ଉତ୍ପାଦନ ଓ ବ୍ୟବସାୟିକ ପ୍ରଦର୍ଶନ ହାସଲ କରିଛି। କମ୍ପାନୀ ୭୭.୦୧ଲକ୍ଷ ଟନ୍ ବକ୍ସାଇଟ୍ ଖନନ ଏବଂ ୭୭.୦୭ଲକ୍ଷ ଟନ୍ ବକ୍ସାଇଟ୍ସ ପରିବହନରେ ଏହାର ସର୍ବୋଚ୍ଚ ରେକର୍ଡ କରିଛି। ନାଲ୍‌କୋ ସିଏମ୍‌ଡି ବ୍ରଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି, ଉତ୍ପାଦନ ପରିମାଣ ବୃଦ୍ଧି, ଉତ୍ପାଦର ଠିକ୍ ମୂଲ୍ୟ ଏବଂ ବଜାର ସୁଯୋଗକୁ କୁଶଳୀ ଢଙ୍ଗରେ ବ୍ୟବହାର କରିବାରେ ଆମର ଦକ୍ଷତା ଯୋଗୁ ଏହି ଫଳାଫଳ ହାସଲ ହୋଇପାରିଛି।

# ଗୋଦ୍‌ରେଜ ଇଣ୍ଡଷ୍ଟ୍ରିଜର ନୂଆ ବ୍ରାଣ୍ଡ ପରିଚୟ ଉନ୍ମୋଚିତ



**ଭୁବନେଶ୍ୱର, ୩୦।୪(ଅନୁରାଧା ମହାରଣା)**

ଗୋଦ୍‌ରେଜ ଇଣ୍ଡଷ୍ଟ୍ରିଜ ଗ୍ରୁପ୍ ପକ୍ଷରୁ ନୂତନ ଉଦ୍ଦେଶ୍ୟ ଓ ବ୍ରାଣ୍ଡ ପରିଚୟ ଉନ୍ମୋଚନ କରାଯାଇଛି ଯାହା ଏହାର ପରବର୍ତ୍ତୀ ପର୍ଯ୍ୟାୟ ଅଭିବୃଦ୍ଧି ସହିତ ସମନ୍ୱିତ ରହିଛି। ଗୋଦ୍‌ରେଜ ଗ୍ରୁପ୍‌ର ପ୍ରତିଷ୍ଠାତା ଆର୍ଦେସିର ଗୋଦ୍‌ରେଜଙ୍କ ଦ୍ୱାରା ଏହି ଉଦ୍ଦେଶ୍ୟ ଅନୁପ୍ରାଣିତ। ଗୋଦ୍‌ରେଜ ଇଣ୍ଡଷ୍ଟ୍ରିଜ ଗ୍ରୁପ୍ ଭାରପ୍ରାପ୍ତ ଅଧ୍ୟକ୍ଷ ପିରୋଜସା ଗୋଦ୍‌ରେଜ କହିଛନ୍ତି, ୧୮୯୭ ପରଠାରୁ ଭବିଷ୍ୟତ ଗଢ଼ିବାର ଉଦ୍ଦେଶ୍ୟ ମୂଲ୍ୟବୋଧ ଓ ଫଳାଫଳ ମିଳିତ ଭାବେ ଆଗକୁ ବଢ଼ିବା ଉପରେ ଆମର ରହିଥିବା ବିଶ୍ୱାସକୁ ପ୍ରତିଫଳିତ କରୁଛି। ଆମେ ବ୍ୟାପକ ହେଉଥିବା ବେଳେ ଏହି ଦର୍ଶନ ଆମେ କିଭଳି ଉଭୟ ସଫଳ ଓ ଦାୟିତ୍ୱବାନ୍ ବ୍ୟବସାୟ ଗଠନ କରୁ ତାହାକୁ ମାର୍ଗଦର୍ଶନ କରିବା ଜାରି ରଖିବ। ଗ୍ରୁପ୍ ଉଭୟ ବିକ୍ରି ଓ ନିଟ୍ ଲାଭରେ ଚମତ୍କାର ରେକର୍ଡ ପ୍ରଦର୍ଶନ କରିଛି। ଯେଉଁଥିରେ ଗତ ୫ ବର୍ଷରେ ନିଟ୍ ଲାଭ ଓ ବିକ୍ରି ୨୦% ଚକ୍ରବୃଦ୍ଧି ହାରରେ ବଢ଼ିଛି। ପରବର୍ତ୍ତୀ ପର୍ଯ୍ୟାୟ ଅଭିବୃଦ୍ଧି ପାଇ ଏହା ବାର୍ଷିକ ୧୫%ରେ ବିକ୍ରି ବୃଦ୍ଧି ଓ ୨୦%ରୁ ଅଧିକ ଇପିଏସ୍ ଅଭିବୃଦ୍ଧି ଆଶା କରୁଛି। ପ୍ରତି ବ୍ୟବସାୟ ଇକ୍ୱିଟି ଉପରେ ୧୮% ରିଟର୍ନ ପ୍ରଦାନ କରିବ ବୋଲି ଏହା ଆଶା କରୁଛି। କଞ୍ଜ୍ୟୁମର ପ୍ରଡକ୍ଟ, ପ୍ରପର୍ଟିଜ ଓ ଆଗ୍ରୋଭେଟକୁ ୫ଟି ତାଲିକାଭୁକ୍ତ ପ୍ଲାଟ୍‌ଫର୍ମରେ ପରିଣତ କରିବାକୁ ଏହା ଚାହୁଁଛି। ଏହି ପଦକ୍ଷେପ ଦ୍ୱାରା ଆସନ୍ତା ୫ବର୍ଷରେ ମିଳିତ ବଜାର ପୁଞ୍ଜି ପରିମାଣ ୫,୦୦,୦୦୦ କୋଟି ଟଙ୍କା ହେବା ଆଶା କରାଯାଉଛି। ଗୋଦ୍‌ରେଜ ଇଣ୍ଡଷ୍ଟ୍ରିଜର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ମୁଖ୍ୟ ବ୍ରାଣ୍ଡ ଅଧିକାରୀ ତାନ୍ୟା ଦୁବାଶ କହିଛନ୍ତି, ଏହି ନୂଆ ବ୍ରାଣ୍ଡ ପରିଚୟ ଆମେ କ'ଣ ଓ ଆମେ କେଉଁ ଆଡ଼େ ଯାଉଛୁ ତାହାକୁ ପ୍ରତିଫଳିତ କରୁଛି। ଏହାର ଗୋଦ୍‌ରେଜ ବ୍ରାଣ୍ଡର ଦୃଢ଼ତାକୁ ଆହୁରି ଦୃଢ଼ କରୁଛି ଏବଂ ଭବିଷ୍ୟତ ପାଇଁ ଆମର ମହତ୍ୱାକାଂକ୍ଷାର ଏକ ଅଧିକ ସମସାମୟିକ ଓ ଏକକ ପରିପ୍ରକାଶ ସୃଷ୍ଟି କରୁଛି।


## ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା
### ପ୍ରଥମ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ୟୁନିଟ୍-୫, ଭୁବନେଶ୍ୱର

No.31001/15/2627:ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ କାରିଗରୀ କୃତି ପାଇଁ ସମ୍ମାନିତ କରିବା ନିମନ୍ତେ ୨୦୨୫ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ଅଧୀନରେ **'ଜୀବନବ୍ୟାପୀ ହସ୍ତଶିଳ୍ପ ସାଧନା ପୁରସ୍କାର', 'ଓଡ଼ିଶା ରାଜ୍ୟ ଶ୍ରେଷ୍ଠ ହସ୍ତଶିଳ୍ପୀ ସମ୍ମାନ', 'କଳାକୃତି ପୁରସ୍କାର'** ଏବଂ **'ଉଦୀୟମାନ ହସ୍ତଶିଳ୍ପୀ ସମ୍ମାନ'** ନିମନ୍ତେ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି । ସମ୍ପୃକ୍ତ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟରେ ପ୍ରସ୍ତୁତ ପ୍ରତିକୃତି ସହିତ ଆବେଦନର ଶେଷ ତାରିଖ ୨୧.୦୮.୨୦୨୬ ।

**ଆବେଦନ ନିମନ୍ତେ ଆବଶ୍ୟକୀୟ ତଥ୍ୟ**

**କ. ଜୀବନବ୍ୟାପୀ ହସ୍ତଶିଳ୍ପ ସାଧନା ପୁରସ୍କାର**
୧) ପ୍ରାର୍ଥୀଙ୍କ ଯୋଗ୍ୟତା :- ଓଡ଼ିଶାର କାରିଗର ହୋଇଥିବେ ।
୨) ବୟସ ସୀମା :- ସର୍ବନିମ୍ନ ବୟସ ୬୦ ବର୍ଷ ହୋଇଥିବା ଆବଶ୍ୟକ ।
୩) ପୁରସ୍କାର ରାଶି :- ଟ.୫,୫୦,୦୦୦ଙ୍କା (ପାଞ୍ଚ ଲକ୍ଷ ପଚାଶ ହଜାର ଟଙ୍କା) ସହିତ ମାନପତ୍ର

**ଖ. ଓଡ଼ିଶା ରାଜ୍ୟ ଶ୍ରେଷ୍ଠ ହସ୍ତଶିଳ୍ପୀ ସମ୍ମାନ**
୧) ପ୍ରାର୍ଥୀଙ୍କ ଯୋଗ୍ୟତା :- ଓଡ଼ିଶାର କାରିଗର ହୋଇଥିବେ ।
୨) ବୟସ ସୀମା :- ସର୍ବନିମ୍ନ ବୟସ ୩୦ ବର୍ଷ ହୋଇଥିବା ଆବଶ୍ୟକ ।
୩) ପୂର୍ବରୁ କୌଣସି ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇନଥିବେ ।
୪) ପୁରସ୍କାର ରାଶି :- ଟ.୧,୨୦,୦୦୦ଙ୍କା (ଏକ ଲକ୍ଷ କୋଡିଏ ହଜାର ଟଙ୍କା) ସହିତ ପ୍ରମାଣପତ୍ର

**ଗ. କଳାକୃତି ପୁରସ୍କାର**
୧) ପ୍ରାର୍ଥୀଙ୍କ ଯୋଗ୍ୟତା :- ଓଡ଼ିଶାର କାରିଗର ହୋଇଥିବେ ।
୨) ବୟସ ସୀମା :- ସର୍ବନିମ୍ନ ବୟସ ୩୦ ବର୍ଷ ହୋଇଥିବା ଆବଶ୍ୟକ ।
୩) ପୁରସ୍କାର ରାଶି :- ଟ.୩୦,୦୦୦ଙ୍କା (ତିରିଶ ହଜାର ଟଙ୍କା) ସହିତ ପ୍ରମାଣପତ୍ର

**ଘ. ଉଦୀୟମାନ ହସ୍ତଶିଳ୍ପୀ ସମ୍ମାନ**
୧) ପ୍ରାର୍ଥୀଙ୍କ ଯୋଗ୍ୟତା :- ଓଡ଼ିଶାର କାରିଗର ହୋଇଥିବେ ।
୨) ବୟସ ସୀମା :- ବୟସ ୩୦ ବର୍ଷରୁ କମ ହୋଇଥିବା ଆବଶ୍ୟକ ।
୩) ପୁରସ୍କାର ରାଶି :- ଟ.୧୧,୦୦୦ଙ୍କା (ଏଗାର ହଜାର ଟଙ୍କା) ସହିତ ପ୍ରମାଣପତ୍ର

ସବିଶେଷ ବିବରଣୀ ଓ ଆବଶ୍ୟକ ଆବେଦନ ପତ୍ର ନିମନ୍ତେ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ଅନୁରୋଧ କିମ୍ବା ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶାର ୱେବସାଇଟ https://crafts.odisha.gov.in/ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶାର ୱେବସାଇଟ https://handloom.odisha.gov.in ପରିଦର୍ଶନ କରିବାକୁ ଅନୁରୋଧ ।

ସ୍ୱା./- ନିର୍ଦ୍ଦେଶିକା
ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

OIPR-31001/31034/1/26-27/0001



यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

## ସିଡିଏ ବିଡାନାସୀ ଶାଖା
ପ୍ଲଟ୍ ନଂ.: ସି/୪୫୨, ସେକ୍ଟର-୬, ସିଡିଏ, ମର୍କତନଗର, କଟକ-୭୫୩୦୧୪
ଇ-ମେଲ୍: ubin0558869@unionbankofindia.bank

## ଡିମାଣ୍ଡ ନୋଟିସ୍

**ଆମର ସିଡିଏ ବିଡାନାସୀ ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ**

ଆମେ ନିମ୍ନଲିଖିତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସିଡିଏ ବିଡାନାସୀ ଶାଖା**ର ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ପ୍ରକାର | ଏନ୍‌ପିଏ ତାରିଖ/ ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ପାସ୍ୱାଲ୍ ଫୁଡ୍ସ, ସ୍ୱତ୍ତ୍ୱାଧିକାରୀ: ମହମ୍ମଦ କାସିଫ୍,** ପିତା: ମହମ୍ମଦ ହୁସେନ୍, ସା: ସୁତାହାଟ, ପୋ.: ବକ୍ସି ବଜାର, ଜିଲ୍ଲା: କଟକ, ପିନ୍-୭୫୩୦୦୧ / **ଗ୍ୟାରେଣ୍ଟିଦାତା: ଶ୍ରୀ ବିରାଜ ଛୋଟରାୟ,** ପିତା: ୰ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା.: ବଢ଼େଇ ସାହି, ମାଛୁଆ ବଜାର, ପୋ.: ବକ୍ସି ବଜାର, ଜିଲ୍ଲା: କଟକ, ପିନ୍-୭୫୩୦୦୧ | ସିଏଲ୍‌ୟୁସିସି | **୦୧.୦୩.୨୦୨୧ / ୨୧.୦୪.୨୦୨୬ / ଟ.୧୪,୪୮,୦୬୬.୪୮** + ସେବାବଦ ଭବିଷ୍ୟତ ସୁଧ ଏବଂ ଦେୟ | **ଶ୍ରୀ ବିରାଜ ଛୋଟରାୟ,** ପିତା: ୰ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୯୭, ଖାତା ନଂ.: ୩୪୨, ଥାନା ନଂ.: ୪, ଥାନା: ମଙ୍ଗଳାବାଗ, ମୌଜା: କଟକ ସହର ୟୁନିଟ୍ ନଂ.: ୧୮ ବକ୍ସି ବଜାର, ତହସିଲ/ଜିଲ୍ଲା: କଟକ, **ସମୁଦାୟ ଜମିର କ୍ଷେତ୍ର: ଏକର ୦.୦୯୭ ଡିସିମିଲି ଯାହା ୪୨୨୫ ବର୍ଗଫୁଟ,** |
| ଏହାର ଚଉପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୬୧୩, ଦକ୍ଷିଣ: ପ୍ଲଟ୍ ନଂ.: ୫୯୭, ପୂର୍ବ: ପ୍ଲଟ୍ ନଂ.: ୫୯୬, ପଶ୍ଚିମ: ପ୍ଲଟ୍ ନଂ.: ୬୧୨ | | | |

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଆମ୍ଭ ସହିତ ଆପଣ ସହଯୋଗ କରିବାରେ ବିଫଳ ହେଲେ ତେଣୁ ଆମ୍ଭେ ସୁରକ୍ଷିତ ଋଣଦାତା ଭାବେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ଅନୁଯାୟୀ ଯେକୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରିବାକୁ ହକ୍‌ଦାର ହେବୁ। ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

**ଦ୍ରଷ୍ଟବ୍ୟ: ଏତଦ୍‌ଦ୍ୱାରା ଧାରା ୧୩(୨) ଅନୁସାରେ ଆମର ସମସ୍ତ ପୂର୍ବ ନୋଟିସଗୁଡ଼ିକୁ ଉଚ୍ଛେଦ କରାଗଲା ଏବଂ ଏହି ନୋଟିସ୍‌ଟି ପୂର୍ବ ନୋଟିସ୍ ଉପରେ ପ୍ରଦାନ କରାଗଲା।**

ସ୍ଥାନ : କଟକ
ତାରିଖ : ୩୦.୦୪.୨୦୨୬

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ସାନୁ
ପରିବାରବର୍ଗ


ଦମୟନ୍ତୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨ ଟ୍ରକ୍ ମୁହାଁମୁହିଁ ଧକ୍କା, ଚାଳକ ଜୀବନ୍ତ ଦଗ୍ଧ

ହେମଗିର,୩୦।୪
(ଚୈତନ୍ୟ ପଟେଲ )

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ଗୋପାଳପୁରସ୍ଥିତ ଡିବିଏଲ୍ କମ୍ପାନୀ ସମ୍ମୁଖରେ ବୁଧବାର ବିଳମ୍ବିତ ରାତିରେ ୨ଟି ଟ୍ରକ୍ ମୁହାଁମୁହିଁ ଧକ୍କା ହେବାରୁ ନିଆଁ ଲାଗିଯାଇଥିଲା। ଫଳରେ ଚାଳକ ନିଆଁରେ ପୋଡ଼ି ହୋଇ ଜୀବନ୍ତ ଦଗ୍ଧ ହୋଇଛନ୍ତି। ମୃତ ଚାଳକ ହେଲେ ବିହାର ଅଞ୍ଚଳର ମନିଶ କୁମାର (୨୦)। ଅନ୍ୟ ଜଣେ ଚାଳକ ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଖବର ଲେଖା ହେବା ସୁଦ୍ଧା ତାଙ୍କ ପରିଚୟ ମିଳିପାରି ନାହିଁ। ଏନେଇ ପୋଲିସ ଏକ ମାମଲା ନଂ.୧୯୮/୨୬ ରୁଜୁ କରି ଘଟଣାର ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଗୋପାଳପୁରସ୍ଥିତ ଡିବିଏଲ କମ୍ପାନୀ ସମ୍ମୁଖରେ ଗୋଟିଏ



ଆଇରନ ବୋଝେଇ ଟ୍ରକ ( ନଂ.ଓଡି ୧୬ପି୫୯୨୫) ଓ ଅନ୍ୟ ଏକ ଖାଲି ଟ୍ରକ(ଓଡି ୧୬ ଏମ୬୦୮୯) ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଗାଡିରେ ନିଆଁ ଲାଗି ଯାଇଥିଲା। ଅଗ୍ନିଶମ ବାହିନୀ ନିଆଁକୁ ଲିଭାଇବାରେ ସକ୍ଷମ ହୋଇଥିଲେ ହେଁ ୨ଟି ଟ୍ରକ ଜଳିଯାଇଛି। ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବି କରି ରାସ୍ତାରୋକୋ କରି କୋଇଲା ପରିବହନ ବନ୍ଦ କରିଥିଲେ। ପରେ ପ୍ରଶାସନ ପକ୍ଷରୁ ୨ଲକ୍ଷ ୨୦ହଜାର କ୍ଷତିପୂରଣ ପ୍ରଦାନ କରିବା ସହିତ ଇନସ୍ୟୁରାନ୍ସ ଟଙ୍କା ପ୍ରଦାନ କରାଯିବା ନେଇ ପ୍ରତିଶ୍ରୁତି ମିଳିବା ପରେ ସନ୍ଧ୍ୟାରେ ରାସ୍ତାରୋକୋ ହଟିଥିଲା।


## ବିବାହ ବାର୍ଷିକୀ ଶୁଭେଚ୍ଛା



ସୁଧାକର ବାରିକ ଓ କୀର୍ତ୍ତିମାଳା ବାରିକ
ମଠସାହି, ଭଦ୍ରକ
୩୯ତମ ବିବାହ ବାର୍ଷିକୀର ହାର୍ଦ୍ଦିକ ଶୁଭକାମନା ଓ ଅଭିନନ୍ଦନ। ସର୍ବଦା ଏମିତି ପାରିବାରିକ ପରିବେଶରେ ପ୍ରଫୁଲ୍ଲିତ ଏବଂ ସୁସ୍ଥ ରୁହନ୍ତୁ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପା ସଦା ବୃଷ୍ଟି ହେଉ। ଦୀର୍ଘାୟୁ ରୁହନ୍ତୁ, ଖୁସିରେ ରୁହନ୍ତୁ।
-:ଶୁଭେଚ୍ଛା ସହ:-
ସାଧିକା, ଶଶାଙ୍କ, ଶଶିପ୍ରଭା, ସସ୍ମିତା
ଧ-୨୫୫

## ଜନ୍ମଦିନର ଶୁଭେଚ୍ଛା



ଦମୟନ୍ତୀ ନାୟକ (ବୁପୁନ)
ଆଗିରିଆ, ତାଳପଦା, ଗୁଆମାଳ, ଭଦ୍ରକ
ଆଜି ତୁମର ପବିତ୍ର ଜନ୍ମଦିନ ଅବସରରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ସୁସ୍ଥ, ନୀରୋଗ, ସୁଖଶାନ୍ତି ପ୍ରଦାନ କରିବା ସହିତ ଚଲାପଥକୁ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ:- ଅଫିସ୍‌ର ସବୁ କର୍ମଚାରୀବୃନ୍ଦ, ଶୁଭାକାଂକ୍ଷୀ ଓ ଆତ୍ମୀୟସ୍ୱଜନ।
ଧ-୨୫୩

## ୧୬ତମ ଜନ୍ମଦିନ ଶୁଭେଚ୍ଛା



ରାଜେଶ ପରିଡ଼ା (ସାନୁ)
ଗୌରି ଗାର୍ଡେନ, ଭୁବନେଶ୍ୱର
ଆଜି ତୁମ ୧୬ତମ ଶୁଭ ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମ ଚଲାପଥ କୁସୁମିତ କରନ୍ତୁ, ଉଜ୍ଜ୍ୱଳମୟ ଭବିଷ୍ୟତ ସହ ଦୀର୍ଘାୟୁ କରନ୍ତୁ, ଏହା ହିଁ ଆମର ବିନମ୍ର ପ୍ରାର୍ଥନା।
-:ଶୁଭେଚ୍ଛା ସହ:-
ବାପା, ମା', ବଡ ବାପା, ବଡ ମା', ଦାଦା, ଖୁଡ଼ୀ, ମାମୁ, ମାଇଁ, ଜେଜେ, ଜେଜେ ମା'।
ଧ-୨୬୦




## ଅନ୍ତର୍ଜାତୀୟ ଶ୍ରମିକ ଦିବସ

# ଶ୍ରମିକ ଅଧିକାରକୁ ସମ୍ମାନ

ପ୍ରତିବର୍ଷ ମେ' ୧ରେ ପାଳନ ହୋଇଆସୁଛି ଅନ୍ତର୍ଜାତୀୟ ଶ୍ରମିକ ଦିବସ। ଏହି ଦିବସ ଆଧୁନିକ କର୍ମକ୍ଷେତ୍ର ସମସ୍ୟା ଉପରେ ଧ୍ୟାନଦେଇ ଶ୍ରମିକ ଅଧିକାରକୁ ସମ୍ମାନ ଦିଏ। ଚଳିତବର୍ଷ ଶ୍ରମର ମର୍ଯ୍ୟାଦା, କର୍ମକ୍ଷେତ୍ର ସୁରକ୍ଷା, କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ପ୍ରଭାବ ଓ ପରିବର୍ତ୍ତିତ ପରିବେଶରେ ସାମାଜିକ ନ୍ୟାୟ ଏବଂ ସମାନତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଉଛି। ମେ' ୧ରେ ଭାରତ, ଚାଇନା, ସମଗ୍ର ୟୁରୋପ ଓ ଆଫ୍ରିକା ସମେତ ବିଭିନ୍ନ ଦେଶରେ ଏହି ଦିବସ ପାଳନ କରାଯାଏ। ଆମେରିକା ଓ କାନାଡାରେ ଏହି ଦିବସ ସେପ୍ଟେମ୍ବର ୭ରେ ପାଳନ ହୋଇଥାଏ। ସୂଚନାଯୋଗ୍ୟ, ୧୮୮୬ ମେ' ୧ରେ ଆମେରିକାର ଶିକାଗୋ ସହରର ହେମାର୍କେଟ୍‌ରେ ନିର୍ଯାତିତ ଶ୍ରମିକମାନେ ନିଜର ହକ୍ ପାଇଁ ଏକାଠି ହୋଇ ଆନ୍ଦୋଳନ କରିଥିଲେ। ପରବର୍ତ୍ତୀ ସମୟରେ ତାହା ଶ୍ରମିକ ଦିବସ ପାଳନ ଲାଗି ମୂଳଦୁଆ ପକାଇଥିଲା। ତେବେ ଆମ ଦେଶରେ ପ୍ରଥମ ଥର ପାଇଁ ଚେନ୍ନାଇରେ ୧୯୨୩ ମେ' ୧ରେ ଶ୍ରମିକ କିଷାନ ପାର୍ଟି ଦ୍ୱାରା ଶ୍ରମିକ ଦିବସ ପାଳନ କରାଯାଇଥିଲା।

# ଶ୍ରମ ବିନା ସମୃଦ୍ଧି ଅସମ୍ଭବ

ଜୀବନରେ ଶ୍ରମର ଗୁରୁତ୍ୱ କେତେ ଅଧିକ, ତାହା ହୃଦୟଙ୍ଗମ କରିପାରିଲେ ଆମେ ଆମକୁ ପ୍ରକୃତ ମର୍ଯ୍ୟାଦା ଦେଇପାରିବା ଏ ପୃଥିବୀ ପୃଷ୍ଠରେ ଜୀବନ ନିର୍ବାହ ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ ଏବଂ ଅନ୍ୟାନ୍ୟ ପଦାର୍ଥ ଆବଶ୍ୟକ। ଏହିସବୁ ଜିନିଷ କେବଳ ଶ୍ରମ ଦ୍ୱାରା ପ୍ରାପ୍ତ ହୋଇଥାଏ। କୌଣସି ପ୍ରକାର ଶାରୀରିକ ଶ୍ରମକୁ ଘୃଣା କରିବା ଅନୁଚିତ। ''ଶ୍ରମ ହିଁ ସଫଳତାର ମାପକାଠି''। ପରିଶ୍ରମ ବ୍ୟକ୍ତିକୁ ସୁସ୍ଥସବଳ କରିବା ସଙ୍ଗେ ସଙ୍ଗେ ଆନନ୍ଦ ପ୍ରଦାନ କରିଥାଏ। ସମ୍ପୃକ୍ତ ବ୍ୟକ୍ତି ଲାଭ କରିଥାଏ ଶ୍ରମଜନିତ ଆତ୍ମସନ୍ତୋଷ। ଶାନ୍ତିନିକେତନ ଶିକ୍ଷାନୁଷ୍ଠାନ ଆରମ୍ଭ କଲା ବେଳେ ରବୀନ୍ଦ୍ରନାଥ ଟାଗୋର ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ କିଛି କିଛି ଶାରୀରିକ ଶ୍ରମ କରିବାକୁ କହୁଥିଲେ। ସ୍ୱକାର୍ଯ୍ୟ ନିମନ୍ତେ ଶ୍ରମ ସ୍ୱୀକାର କଲେ ଶ୍ରମର ମହତ୍ତ୍ୱ ବୃଦ୍ଧିପାଇବା ସଙ୍ଗେ ସଙ୍ଗେ ନିଜର ମର୍ଯ୍ୟାଦା ବୃଦ୍ଧି ହୋଇଥାଏ। ଶ୍ରମ ସମ୍ବନ୍ଧରେ ମାନବର ଦୃଷ୍ଟିକୋଣକୁ ପରିବର୍ତ୍ତନ କରିବା ପାଇଁ ସମାଜବାଦୀମାନେ ଉଦ୍ୟମ କରି ଆସିଛନ୍ତି।

ଆଜି ଶ୍ରମିକ ଦିବସ। ସେହି ମେହେନତି ମଣିଷମାନେ ଦିନ ରାତି ନିଜର ଶ୍ରମ ବଳରେ ମର୍ତ୍ତ୍ୟରେ ସ୍ୱର୍ଗ ସୃଷ୍ଟି କରିଥାନ୍ତି। ସେହିମାନଙ୍କ ଯୋଗୁ ସମଗ୍ର ମାନବ ସମାଜ ଖାଦ୍ୟ, ବସ୍ତ୍ର ଓ ବାସଗୃହ ପାଇଥାଏ। ସେ ଦିନ ଥିଲା ୧୮୮୬ ମସିହା ମେ ୧(ଏକ) ତାରିଖ। ଆମେରିକାର ଚିକାଗୋ ସହରର ହେମାର୍କେଟ୍ ଚଉମୁଖୀରେ ନିର୍ଯାତିତ ଶ୍ରମିକମାନେ ନିଜର ହକ୍ ପାଇଁ ଏକାଠି ହୋଇଥିଲେ। ମାଲିକଙ୍କ ଦ୍ୱାରା ଅତ୍ୟାଚାରରେ ଜର୍ଜରିତ ଏହି ଶ୍ରମିକମାନଙ୍କୁ ମଣିଷ ଭଳି ବଞ୍ଚିବାକୁ ଦିଆଯିବା ସହ ୧୮ ଘଣ୍ଟା ବଦଳରେ ୮ଘଣ୍ଟା କରାଇବା ସହିତ ସପ୍ତାହକୁ ଏକ ଦିନ ବିଶ୍ରାମ ପାଇଁ ଅଡି ବସିଥିଲେ। ଧନିକ ଶ୍ରେଣୀର ଲୋକଙ୍କ ଏଭଳି ନୃଶଂସ ମନୋଭାବକୁ ନେଇ ସାମ୍ୟବାଦର ପ୍ରତିଷ୍ଠାତା କାର୍ଲ ମାର୍କସ ତାଙ୍କର 'ଦାସ କ୍ୟାପିଟାଲ'ରେ କହିଥିଲେ, ଅତିରିକ୍ତ ମୂଲ୍ୟନୀତି ଯେଉଁଥିରେ ସେ ପ୍ରାଞ୍ଜଳ ଭାବରେ ବୁଝାଇ ଥିଲେ ଶ୍ରମିକମାନଙ୍କୁ ଦିଆଯାଉଥିବା ପାରିଶ୍ରମିକ ତୁଳନାରେ ତାଙ୍କଠାରୁ ଯେପରି ଅଧିକ ପରିମାଣର କାର୍ଯ୍ୟ ହାସଲ କରାଯାଏ, ସେହି ଅତିରିକ୍ତ ଶ୍ରମଜାତ ଧନରେ ଧନୀକ ଗୋଷ୍ଠୀର କୌଣସି ଅଧିକାର ନାହିଁ। ସୁତରାଂ ସେ ଧନିକ ଶ୍ରେଣୀ ବିରୋଧରେ ବିପ୍ଳବ ଘୋଷଣା କଲେ ଏବଂ ଶ୍ରମିକ ଶ୍ରେଣୀକୁ ଆହ୍ୱାନ ଦେଲେ 'ଦିନ ଆସିବ ଯେତେବେଳେ ଶୋଷିତ ଶ୍ରେଣୀ ନିଶ୍ଚୟ ଶୋଷକ ଶ୍ରେଣୀକୁ ଶୋଷଣ କରିବ। ଶ୍ରମିକମାନଙ୍କର ଏକଛତ୍ର ଶାସନ ପ୍ରତିଷ୍ଠା ହେବ। ଶ୍ରମିକ ନେତା ସ୍ୱାଇନ୍, ଫିସର,ଏଙ୍ଗେଲ, ପିୟର୍ସ ଚାହିଁଥିଲେ ଖଟିଖିଆଙ୍କର ମୁକ୍ତି। ସେମାନେ ବଞ୍ଚିବେ, ଖାଇବେ, ସ୍ୱପ୍ନ ଦେଖିବେ। ସେହି ପବିତ୍ର ଦିନରୁ ସୃଷ୍ଟି ହେଲା ପ୍ରସିଦ୍ଧ ''ମଇ ଦିବସ''। ଶ୍ରମିକମାନେ ହିଁ ଆମ ସୃଜନୀର ରୂପକାର, ଇତିହାସର ଐତିହାସିକ। କାର୍ଲ ମାର୍କସ୍‌ଙ୍କ ସ୍ଲୋଗାନ ଥିଲା ଶ୍ରମିକ ଏକତା ଜିନ୍ଦାବାଦ– 'ଲଢ଼େଇ ବିନା ମୁକ୍ତି ନାହିଁ, ପ୍ରତିବାଦ ବିନା ପ୍ରାପ୍ତି ନାହିଁ। ଭାରତୀୟ ଶ୍ରମିକ ସଙ୍ଗଠନ ମୁଖ ସୌଧ କହେ ' ନ୍ୟାୟର ମଞ୍ଜି ବୁଣ ତା' ଦ୍ୱାରା ତୁମେ ଶାନ୍ତି ପାଇବ'।

ଶ୍ରମିକମାନଙ୍କ ଶ୍ରମଦାନରେ ରାଷ୍ଟ୍ର ହୋଇଥାଏ ସମୃଦ୍ଧିଶାଳୀ। ତେଣୁ ଆମ ଶାସନତନ୍ତ୍ର ଶ୍ରମିକଙ୍କୁ ଯଥାମାନ୍ୟ ସମ୍ମାନ ଦେବା ସହ ତାଙ୍କର ପ୍ରତ୍ୟେକ ସୁବିଧା ଉପରେ ଦୃଷ୍ଟି ଦେବା ଦରକାର, କାରଣ ''ଶ୍ରମ ବିନା ସମୃଦ୍ଧି ଅସମ୍ଭବ''।

–ଉମା ଶଙ୍କର ପ୍ରସାଦ, ମୋ:୬୩୭୦୬ ୭୫୫୬୨

## ଅବଶିଷ୍ଟାଂଶ

### ପୁରୁଷକୈନ୍ଦ୍ରିକ ମାନସିକତା ...

ମାତ୍ର ପରିତାପର ବିଷୟ ସ୍ୱାଧୀନତା ପରେ ମଧ୍ୟ ୮୦ ଦଶକ ପର୍ଯ୍ୟନ୍ତ କୌଣସି ନା କୌଣସି କାରଣରୁ ମହିଳାମାନଙ୍କୁ ରାଜନୈତିକ କ୍ଷେତ୍ରରେ ଆଖିଦୃଶିଆ ପ୍ରତିନିଧିତ୍ୱ ମିଳିପାରି ନାହିଁ। ସଂସଦରେ ଏହି ପ୍ରତିନିଧିତ୍ୱ ପ୍ରାୟ ୧୫ରୁ ୨୦ ପ୍ରତିଶତ ମଧ୍ୟରେ ରହୁଥିବା ବେଳେ ଓଡ଼ିଶାରେ ଏହି ସଂଖ୍ୟା ଆହୁରି ନୈରାଶ୍ୟଜନକ। ଉଦାହରଣ ସ୍ୱରୂପ ଗତ ବିଧାନସଭାରେ ୧୮ ଜଣ ମହିଳା ସଦସ୍ୟ ଥିବାବେଳେ ଏଥର ତାହା ହ୍ରାସ ପାଇ ୧୧ରେ ପହଞ୍ଚିଛି। ଏହା କୌଣସି ନିର୍ଦ୍ଦିଷ୍ଟ ଦଳ ନୁହେଁ, ସବୁ ରାଜନୈତିକ ଦଳ ପାଇଁ ଚିନ୍ତାର ବିଷୟ। ଦେଶର ଅଧା ଜନସଂଖ୍ୟା ମହିଳା। ମହିଳାଙ୍କୁ କେବଳ ଭୋଟ୍ ବ୍ୟାଙ୍କ ଭାବେ ବ୍ୟବହାର କରାଯାଇଛି, କିନ୍ତୁ ସେମାନଙ୍କୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସାମିଲ କରିବା ପାଇଁ ଆନ୍ତରିକତାର ଅଭାବ ରହିଛି। ଏହି ଆନ୍ତରିକତା ଅଭାବକୁ ଦୂର କରିବା ଲାଗି ପ୍ରଧାନମନ୍ତ୍ରୀ ସଂକଳ୍ପ ନେଇଛନ୍ତି।

୨୦୨୩ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ମୋଦି ନାରୀ ଶକ୍ତି ବନ୍ଦନ ଅଧିନିୟମ ଲୋକ ସଭାରେ ପାରିତ କରାଇଲେ, ଯାହା ସେହି ମାସ ୨୮ ତାରିଖରେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲା। ଏହି ବିଲ୍‌କୁ ତୁରନ୍ତ ସଂଶୋଧନ କରିବା ଲାଗି ୧୩୧ତମ ସଂଶୋଧନ ଅଣାଯାଇଥିଲା, ଯେଉଁଥିରେ ୨୦୨୯ ସାଧାରଣ ନିର୍ବାଚନରେ ୩୩ ପ୍ରତିଶତ ସଂରକ୍ଷଣର ବ୍ୟବସ୍ଥା ଥିଲା। ଏହାଦ୍ୱାରା ଲୋକ ସଭାର ଆସନ ୫୪୩ରୁ ୮୫୦କୁ ବୃଦ୍ଧି ପାଇଥାଆନ୍ତା। ଓଡ଼ିଶାରେ ଲୋକ ସଭା ଆସନ ୩୧ କିମ୍ବା ୩୨ ହୋଇଥାଆନ୍ତା। ସ୍ୱରାଷ୍ଟ୍ର ମନ୍ତ୍ରୀ ମଧ୍ୟ ଆବଶ୍ୟକ ସଂଶୋଧନ ଲାଗି ପ୍ରସ୍ତୁତ ଥିଲେ। କିନ୍ତୁ ବିରୋଧୀମାନେ ଷଡ଼ଯନ୍ତ୍ର କରି ମହିଳାମାନଙ୍କ ଅଧିକାର ଛଡ଼ାଇ ନେଲେ। ବିରୋଧୀ ଦଳଗୁଡ଼ିକ ସୀମା ପୁନଃନିର୍ଦ୍ଧାରଣ ଏବଂ ଜନଗଣନା ବାହାନା ଦେଖାଇ ଏହାକୁ ବିଳମ୍ବ କରିବାକୁ ଚାହିଁଲେ। ସେମାନଙ୍କ ସମସ୍ୟା ବାବଦରେ ଏପର୍ଯ୍ୟନ୍ତ କିଛି ସ୍ପଷ୍ଟ କରିନାହାନ୍ତି। ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସ୍ୱାଗତ କରୁଛୁ। ଏହି ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ଲାଗି ଏକ ସଚେତନତା କାର୍ଯ୍ୟକ୍ରମ କରାଯିବ। ସବୁ ଦଳକୁ ଆହ୍ୱାନ, ସମସ୍ତେ ଆସନ୍ତା ନିର୍ବାଚନରେ ଉଭୟ ଲୋକ ସଭା ଏବଂ ବିଧାନସଭାରେ ମହିଳାମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶେଷରେ ଗୃହରେ ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ପୂର୍ଣ୍ଣ ସମର୍ଥନ ଉଦ୍ଦେଶ୍ୟରେ ଏକ ସଂକଳ୍ପ ପାରିତ ହୋଇଛି।

### ଭାଜପା ବିଧାୟକମାନେ ...

ନବୀନ ପଟ୍ଟନାୟକ କହିଥିଲେ, ରାଜ୍ୟରେ ମହିଳାଙ୍କ ଅଧିକାର ଓ ସମ୍ମାନ ସହ ଜଡ଼ିତ ଏକ ଗମ୍ଭୀର ବିଷୟ ଗୃହରେ ଉଠାଇବାକୁ ଯାଇ ମୁଁ ଅତ୍ୟନ୍ତ ମର୍ମାହତ। ଓଡ଼ିଶାର ମୁଣ୍ଡ ଆଜି ଲଜ୍ଜାରେ ନଇଁ ଯାଉଛି। ଜଣେ ମହିଳାଙ୍କ ମୃତ୍ୟୁ ପ୍ରମାଣିତ କରିବା ଏବଂ ପ୍ରାପ୍ୟ ପାଇବା ପାଇଁ ପରିବାର ଲୋକଙ୍କୁ ମହିଳାଙ୍କ କଙ୍କାଳ କବରରୁ ଖୋଳି ବାହାର କରି ବ୍ୟାଙ୍କକୁ ନେବାକୁ ପଡ଼ିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ବ୍ୟାଙ୍କରେ ପ୍ରମାଣ ସ୍ୱରୂପ କଙ୍କାଳ ଦେଖାଇବା ପରେ ତାଙ୍କୁ ପୁଣି ସେହି କଙ୍କାଳକୁ ପାଦରେ ଚାଲି ଚାଲି ଘରକୁ ବୋହି ଆଣିବାକୁ ପଡ଼ିଥିଲା। ଏହା ଏକ ସମ୍ବେଦନହୀନ ଘଟଣା ଓ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ପ୍ରଶାସନର ଚରମ ଅବହେଳା ଏବଂ ଶୂନ୍ୟ ଉତ୍ତରଦାୟିତ୍ୱକୁ ଦର୍ଶାଉଛି ବୋଲି ନବୀନ କହିଛନ୍ତି। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ କୌଣସି ବିବୃତି ଦେବା ପୂର୍ବରୁ ନିଜର ଆତ୍ମସମୀକ୍ଷା କରିବା ଉଚିତ। ଏପରି ଦୁଃଖଦ ଓ ଲଜ୍ଜାଜନକ ଘଟଣା ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲାରେ ଘଟିବା ଓଡ଼ିଶାର ଶୋଚନୀୟ ସ୍ଥିତିର ଜ୍ୱଳନ୍ତ ଉଦାହରଣ।

ନବୀନ କହିଛନ୍ତି, 'ମହିଳା ସଂରକ୍ଷଣ ବିଲ୍' ୨୦୨୩ରେ ସଂସଦରେ ସର୍ବସମ୍ମତି କ୍ରମେ ଗୃହୀତ ହୋଇଛି ଓ ବିଜେଡି ସଂସଦରେ ତାହାକୁ ଦୃଢ଼ ସମର୍ଥନ କରିଛି। ଆଜି ମଧ୍ୟ ଆମେ ଦାବି କରୁଛୁ ଏହାକୁ ତୁରନ୍ତ ଲାଗୁ କରାଯାଉ। ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରଥମ ରାଜ୍ୟ ଭାବରେ ଓଡ଼ିଶା ସମସ୍ତ ପଞ୍ଚାୟତିରାଜ ଅନୁଷ୍ଠାନରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ କାର୍ଯ୍ୟକାରୀ କରିଥିଲା। ୨୦୧୧ରେ ମୋ ସରକାର ଏହାକୁ ୫୦%କୁ ବୃଦ୍ଧି କରିଥିଲେ। ୨୦୧୯ ଏବଂ ୨୦୨୪ ଲୋକ ସଭା ନିର୍ବାଚନରେ ମଧ୍ୟ ୩୩% ମହିଳାଙ୍କୁ ଟିକେଟ ଦେଇଥିଲୁ। ତେଣୁ ଜନସାଧାରଣଙ୍କୁ ଭଣ୍ଡାଇବା ପାଇଁ ମିଛ କାହାଣୀ ଗଢ଼ିବା ବ୍ୟତୀତ ଓଡ଼ିଶାରେ ଭାଜପା ଆଉ କିଛି କରିନାହିଁ। ମୁଁ ପୁଣି ଥରେ ମନେପକାଇ ଦେଉଛି, ଲୋକଙ୍କୁ ସବୁବେଳେ ବୋକା ବନାଯାଇପାରିବ ନାହିଁ। ସଂସଦରେ ପାରିତ ହୋଇସାରିଥିବା 'ମହିଳା ସଂରକ୍ଷଣ ବିଲ୍'କୁ ପୁଣି 'ସୀମା ପୁନଃନିର୍ଦ୍ଧାରଣ ବିଲ୍' ସହିତ ଯୋଡ଼ିବା ହେଉଛି ଗୋପନୀୟ ଓ ହୀନ ଚକ୍ରାନ୍ତ। ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ମୋର ଚିଠି ଏବଂ ଓଡ଼ିଶାର ସମସ୍ତ ୨୧ ସାଂସଦଙ୍କୁ ମୋର ନିବେଦନ ବିଜୁ ଜନତା ଦଳର ଆଭିମୁଖ୍ୟକୁ ସ୍ପଷ୍ଟ କରିଛି। ଏହି 'ସୀମା ପୁନଃନିର୍ଦ୍ଧାରଣ ବିଲ୍' ଆମ ଲୋକଙ୍କର, ବିଶେଷକରି ଭବିଷ୍ୟତ ପିଢ଼ିର ରାଜନୈତିକ ଅଧିକାରକୁ ହ୍ରାସ କରିବାକୁ ଚାହୁଁଛି। ଯଦି ଆମେ ଏହି 'ସୀମା ପୁନଃନିର୍ଦ୍ଧାରଣ ବିଲ୍'କୁ ସମର୍ଥନ କରୁ, ତେବେ ଇତିହାସ ଆମକୁ କେବେ କ୍ଷମାକରିବ ନାହିଁ। ଓଡ଼ିଶାବାସୀଙ୍କୁ ଭରସା ଦେଉଛି। ମୁଁ ଥିଲା ପର୍ଯ୍ୟନ୍ତ ଓଡ଼ିଶାକୁ ତା'ର ହକ୍‌ରୁ କେହି ବଞ୍ଚିତ କରିପାରିବ ନାହିଁ। ଓଡ଼ିଶାର ଭାଜପା ବିଧାୟକମାନେ ମହିଳାଙ୍କ ପାଇଁ କୁମ୍ଭୀରକାନ୍ଦଣା ବନ୍ଦ କରନ୍ତୁ ବୋଲି ନବୀନ କହିଥିଲେ।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କିଛି ସମୟ ପରେ ଗୃହକୁ ପ୍ରତ୍ୟାବର୍ତ୍ତନ କରି ଆଲୋଚନାରେ ଭାଗନେଇ କହିଥିଲେ, ୨୦୨୩ ସେପ୍ଟେମ୍ବରରେ ମହିଳା ବିଲ୍ ସଂସଦରେ ପାରିତ ହୋଇଥିଲେ ହେଁ କାହିଁକି ୩ବର୍ଷ ପର୍ଯ୍ୟନ୍ତ କେନ୍ଦ୍ର ସରକାର ପକାଇ ରଖିଥିଲେ। ସେତେବେଳେ ପ୍ରଧାନମନ୍ତ୍ରୀଙ୍କ ଇଚ୍ଛାଶକ୍ତି କେଉଁଠି ଥିଲା ବୋଲି କାଡାମ ପ୍ରଶ୍ନ କରିଥିଲେ।

କାଡାମ କହିଥିଲେ, ଦେଶକୁ ଇନ୍ଦିରା ଗାନ୍ଧୀଙ୍କ ଭଳି ଜଣେ ଦକ୍ଷ ମହିଳାଙ୍କୁ କଂଗ୍ରେସ ପ୍ରଧାନମନ୍ତ୍ରୀ କରିଛି। ରାଜୀବ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ମହିଳାଙ୍କ ପାଇଁ ସଂରକ୍ଷଣ କଥା ଉଠାଇଥିଲେ। ଓଡ଼ିଶାରେ ନନ୍ଦିନୀ ଶତପଥୀଙ୍କୁ ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ କରାଯାଇଛି। ଯଦି ଭାଜପାର ସତ୍‌ସାହସ ଅଛି ତେବେ ଗୃହର ଜଣେ ସଦସ୍ୟାଙ୍କୁ ମୁଖ୍ୟମନ୍ତ୍ରୀ କରନ୍ତୁ। ସିଜିମାଳିରେ ପ୍ରକୃତିର ସୁରକ୍ଷା ପାଇଁ ଆଦିବାସୀ ମା'ମାନେ ଲଢ଼ୁଛନ୍ତି। ରାଜ୍ୟରେ ଆଦିବାସୀ ମୁଖ୍ୟମନ୍ତ୍ରୀ ଥାଇ ମଧ୍ୟ ପେସା ଆଇନ ଏଯାଏ ଲାଗୁ ହେଲା ନାହିଁ। ଆପଣମାନେ ମହିଳାଙ୍କୁ ସମ୍ମାନ ଦେଇ ଜାଣିନାହାନ୍ତି। ପ୍ରଶାସନିକ ଅବହେଳା କାରଣରୁ କେନ୍ଦୁଝରରେ ଜଣେ ଭାଇ ତାଙ୍କ ଭଉଣୀର କଙ୍କାଳ ଖୋଳି ଆଣିବାକୁ ପଡୁଛି। ମହିଳାମାନଙ୍କ ପାଇଁ ଯଦି କୌଣସି ଦଳ ଲଢ଼େଇ କରୁଥାଏ ତେବେ ସିଏ ହେଲା କଂଗ୍ରେସ। କେବଳ ମହିଳା ସଂରକ୍ଷଣ ଆଣନ୍ତୁ, ଆମେ ସମର୍ଥନ କରିବୁ ବୋଲି କାଡାମ କହିଥିଲେ।


# Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର AIIMS Medical ନିକଟରେ Gated society plot, Duplex ନିଅନ୍ତୁ। 6370132635. D-34

ହଂସପାଳ ଗୁଆଳିରେ ଘରବାରି ଫ୍ଲାଟ୍ ବ୍ୟାଙ୍କ୍ ଲୋନ ସୁବିଧାଥାଇ ବିକ୍ରି ହେବ। Sqft. Rs.1350/-, 9337259012. D-184


CONSTRUCTION

Construct your dream home @999/-, 1560/- with branded materials, we provide plan approval, free boring(Vastu complaints) SNV Engineering-9439295469. D-212

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




3BHK flat at Chandrama Complex, Block-A, Unit-III 3BHK flat at Park Tower, Ganga Nagar, Bhubaneswar Contact: 9348491449, 9437062777. D-230

Commercial Space Available: 200 to 1200sqft. suitable for Shop, Office, Bank, or Institute 1500 to 8000sqft. at Rajpath, Bhubaneswar Contact: 9348491449, 9437062777. D-231




Newly health benifits, Joint pain relax environment atmosphere 7653969971. D-229

All types haircutting, body massage by smart lady, one hour 700/-. Room services available. Contact: 7788888200. D-76307

All types of physiotherapy and massage. Contact 9556924059 / 7656969134. D-257

Newly open health benefits spa by expert therapist. Contact-7504222886. D-76963

## LOST

I, Subhasis Mohapatra, S/o.- Dr. Manmath Kumar Mohapatra have lost the Original ROR (Patta) in the name of my father bearing Khata No.- 347, Plot No.- 458, Mouza- Cuttack Sahar Unit-37 alongwith other documents on dtd.- 07.01.2018 while going to shop for Xerox purpose. If anybody finds the lost documents kindly contact me. Mob-9861061000. D-254

By virtue of an affidavit sworn before the Notary Public, Sonepur dated 26.04.2026, I, Mohana Bhoi, son of Arakhita Bhoi, Resident of Village- Jamatangi, P.O.- Manupali, P.S.- Manamunda, Dist.- Boudh declare that I have purchased a land of Mouza- Jamatangi, P.S.- Manamunda, Khata No.- 183/80, plot No.- 534 by way of Regd. Sale Deed vide No.- 606/2005/1. I have lost the sale deed bearing document No.- 606/2005/1 of year 2005 of Office of Registering officer, Kantamal somewhere. D-259

## AFFIDAVIT

By virtue of an affidavit sworn before Notary Public, Bhubaneswar, dated 30.4.2026, I, A Amaladoss son of Arulsamy resident of Loyola School, P.O.- East Coast Railway Colony, P.S.- Maitri Vihar, Dist.- Khordha, Pin- 751023, declare that I have changed my name from A. Amaladoss (old name) to A Amaladoss(new name). Henceforth, I shall be known as A Amaladoss for all purposes.
A Amaladoss D-261

By virtue of an affidavit sworn before Executive Magistrate, Pipili, dated-28.04.2026, I, Laxmipriya Jena, Resident of Vill.- Binayakpur (Melak), P.O.- Binayakpur, P.S.- Pipili, Dist - Puri, Odisha, PIN-752104 declare that I have changed my name from Pinki Jena to Laxmipriya Jena. Henceforth, I shall be known as Laxmipriya Jena for all purposes.
Laxmipriya Jena D-256

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

By virtue of an affidavit sworn before the Executive Magistrate, Sonepur, Dtd.28.04.2026, I, Bimala Mahakur, D/o- Gobardhan Mahakur, W/o- Jagneswar Karmi, R/o. Village-Lumburjena, P.O.- Gundulia, P.S.- Manamunda, Dist.- Boudh declare that after marriage I shall be known as Bimala Karmi. That both the names Bimala Mahakur and Bimala Karmi is the same and one person. Henceforth, I want to change my name from Bimala Karmi to Bimala Mahakur for all purposes. D-258

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୫୨୫/-ରେ। ରଙ୍ଗୀନ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



✓କାନନବାଳା ମହାପାତ୍ର
ଆବିର୍ଭାବ : ୧୩/୦୩/୧୯୫୬
ତିରୋଧାନ : ୨୭/୦୪/୨୦୨୧
ଚାହୁଁ ଚାହୁଁ ପାଞ୍ଚବର୍ଷ ବିତିଗଲା ସିନା, ହେଲେ ତୁମର ମୁହଁ ଆଜି ବି ଦିଶିଯାଉଛି ଆମ ଆଗରେ। ତୁମ ହାତଗଢ଼ା ସଂସାରର ପ୍ରତିଟି ସ୍ମୃତି ଆଜିବି ଜୀବନ୍ତ, ଯେଉଁଠି ଥାଅ ଭଲରେ ଥାଅ ଏତିକି କାମନା।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ
ସ୍ୱାମୀ, ପୁତ୍ର, ପୁତ୍ରବଧୂ, ମହାପାତ୍ର ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୧୧୯

### ସପ୍ତଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ରଜନୀକାନ୍ତ ମହାପାତ୍ର
ଶକ୍ତିନଗର, ପ୍ଲଟ୍ ନଂ.୫, ଲିଙ୍କରୋଡ, କଟକ
ତିରୋଧାନ: ୦୯।୦୫।୨୦୦୯
(ବୈଶାଖ ପୂର୍ଣ୍ଣମୀ)
ଆଜିର ଏ ପବିତ୍ର ଦିନରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ସେ ତୁମକୁ ତାଙ୍କ କରକମଳରେ ସ୍ଥାନ ଦିଅନ୍ତୁ।
-:ଶୋକସନ୍ତପ୍ତ:-
ପତ୍ନୀ, କନ୍ୟା, ଜାମାତା, ନାତୁଣୀ, ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ।
ଧ-୨୨୨

# ତେଜୋଦୀପ୍ତ ତପନ

## ଓଡ଼ିଶା ଜିମ୍ନାଷ୍ଟିକ୍ସର ଚର୍ଚ୍ଚିତ ଚେହେରା

**କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଜୁନିୟର ଓ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ରେ ଦେଶର ଅନେକ ପ୍ରତିଷ୍ଠିତ ପ୍ରତିଯୋଗୀଙ୍କୁ ଚ୍ୟାଲେଞ୍ଜ ଦେଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି ଓଡ଼ିଶାର ତପନ ମହାନ୍ତି। ଶ୍ରୀକ୍ଷେତ୍ର ପୁରୀର ଏହି ପ୍ରତିଭା ସମ୍ପନ୍ନ ଜିମ୍ନାଷ୍ଟ ରାଜ୍ୟକୁ ଗର୍ବିତ କରିବା ସହ ଓଡ଼ିଶା ଜିମ୍ନାଷ୍ଟିକ୍ସକୁ ଭିନ୍ନ ଏକ ସୋପାନକୁ ନେବାପାଇଁ ଆଶା ସଞ୍ଚାର କରାଇଛନ୍ତି...** –ପ୍ରସ୍ତୁତି: ତପନ କୁମାର ସ୍ୱାଇଁ



ରାଜ୍ୟରେ ଏବେ ଏକାଧିକ କ୍ରୀଡ଼ାରେ କ୍ରୀଡ଼ାବିତ୍‌ମାନେ ସଫଳତା ଅର୍ଜନ କରୁଥିବା ନଜରକୁ ଆସୁଛି। ଖେଳାଳିଙ୍କ ସଫଳତା ଗୋଟିଏ କିମ୍ବା ହାତଗଣତି ଅଳ୍ପ କେତୋଟି କ୍ରୀଡ଼ାରେ ସୀମିତ ହୋଇ ରହିନାହିଁ। ରାଜ୍ୟ ସରକାର ଏକାଧିକ କ୍ରୀଡ଼ାର ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ କରାଇଛନ୍ତି। କେତେକ କ୍ଷେତ୍ରରେ ଏହାର ସୁଫଳ ମଧ୍ୟ ମିଳୁଛି। ପର୍ଯ୍ୟାପ୍ତ ସଂଖ୍ୟାରେ ନ ହେଲେ ମଧ୍ୟ ଏହାର ସଫଳ ଉପଯୋଗ କରି କେତେକଣ କ୍ରୀଡ଼ାବିତ୍ ଆଖିଦୃଶିଆ ସଫଳତା ପାଇବାରେ ସକ୍ଷମ ହେଉଛନ୍ତି। ଏହାର ସଦ୍ୟତମ ଉଦାହରଣ ହେଲେ ପ୍ରତିଭାସମ୍ପନ୍ନ ଜିମ୍ନାଷ୍ଟ ତପନ ମହାନ୍ତି। ଜିମ୍ନାଷ୍ଟିକ୍ସପରି ଏକ କଷ୍ଟସାଧ୍ୟ ଏବଂ କୌଶଳପୂର୍ଣ୍ଣ କ୍ରୀଡ଼ାରେ ସେ ପାରଦର୍ଶିତା ଦେଖାଇ ଆଗାମୀ ଦିନପାଇଁ ଅନେକ ସମ୍ଭାବନା ସୃଷ୍ଟି କରିଛନ୍ତି। ସମ୍ପ୍ରତି କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଜୁନିୟର ଓ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ରେ ଦେଶର ଅନେକ ପ୍ରତିଷ୍ଠିତ ପ୍ରତିଯୋଗୀଙ୍କୁ ଚ୍ୟାଲେଞ୍ଜ ଦେଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି ଓଡ଼ିଶାର ତପନ। ଶ୍ରୀକ୍ଷେତ୍ର ପୁରୀର ଏହି ପ୍ରତିଭାସମ୍ପନ୍ନ ଜିମ୍ନାଷ୍ଟ ରାଜ୍ୟକୁ ଗର୍ବିତ କରିବା ସହ ଓଡ଼ିଶା ଜିମ୍ନାଷ୍ଟିକ୍ସକୁ ଭିନ୍ନ ଏକ ସୋପାନକୁ ନେବାପାଇଁ ଆଶା ସଞ୍ଚାର କରାଇଛନ୍ତି। ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ସିନିୟର ପୁରୁଷ ଅଲ୍–ଆରାଉଣ୍ଡ ବିଭାଗରେ ତପନ ୭୩.୪୩୩ ପଏଣ୍ଟ ହାସଲ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ମା' ମନୋରମା ମହାନ୍ତି ଓ ବାପା ଲୋକନାଥ ମହାନ୍ତିଙ୍କ ସୁପୁତ୍ର ତପନଙ୍କ ଆଖିରେ ଏବେ ଅନେକ ସ୍ୱପ୍ନ। ଅଲିମ୍ପିକ୍ସପରି ବଡ଼ ପ୍ରତିଯୋଗିତା କଥା ଏବେଠାରୁ ଚିନ୍ତା ନ କରି ସେ ଆଗାମୀ ଦିନରେ ଚାଇନାରେ ହେବାକୁଥିବା ଏସିଆନ ଚାମ୍ପିୟନଶିପ୍, ଜାପାନରେ ହେବାକୁ ଯାଉଥିବା ଏସିଆନ ଗେମ୍ସ ଏବଂ ସ୍କଟଲାଣ୍ଡ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଉପରେ ଦୃଷ୍ଟି ନିବଦ୍ଧ କରୁଛନ୍ତି। ଏହିସବୁ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ ପାଇଁ କଠିନ ପରିଶ୍ରମ କରିବାକୁ ସେ ପ୍ରତିଶ୍ରୁତିବଦ୍ଧ ଥିବା ପ୍ରକାଶ କରିଛନ୍ତି।

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହ ହାଇପରଫର୍ମାନ୍ସ ସେଣ୍ଟରର ମୁଖ୍ୟ କୋଚ୍ ଅଶୋକ ମିଶ୍ର, କୋଚ୍ ରାକେଶ ପାତ୍ର ଏବଂ ପୂରା କୋଚିଂ ଓ ଫିଜିଓ ଟିମ୍‌କୁ ଶ୍ରେୟ ଦେଇଛନ୍ତି ତପନ। ''ଟୁର୍ନାମେଣ୍ଟ ପୂର୍ବରୁ କୋଚ୍‌ମାନଙ୍କୁ ନେଇ ଗଠିତ ଟିମ୍ ଯେଉଁ ପ୍ରୋଗ୍ରାମ ପ୍ରସ୍ତୁତ କରନ୍ତି ଆମେ ତାକୁ କାର୍ଯ୍ୟକାରୀ କରିଥାଉ। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଟୁର୍ନାମେଣ୍ଟରେ ମଧ୍ୟ ତାହା ହୋଇଥିଲା। ଯେପରି ଭାବେ ପ୍ରୋଗ୍ରାମ ପ୍ରସ୍ତୁତ ହୋଇଥିଲା ତାହାକୁ ମୁଁ ସଫଳତାର ସହ କାର୍ଯ୍ୟକାରୀ କରିପାରିଥିଲି। ଏହା ପୂର୍ବରୁ ମୁଁ ୨୦୨୫ରେ ଉତ୍ତରାଖଣ୍ଡରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ାରେ ପୁରୁଷ ଦଳଗତ, ବ୍ୟକ୍ତିଗତ ଅଲ୍–ଆରାଉଣ୍ଡ ଏବଂ ଫ୍ଲୋର ଏକ୍ସରସାଇଜ୍‌ରେ ୩ ସ୍ୱର୍ଣ୍ଣ ଏବଂ ରିଙ୍ଗ୍‌ରେ ବ୍ରୋଞ୍ଜ ପଦକ ପାଇଥିଲି। ତେଣୁ ମନୋବଳ ଦୃଢ଼ଥିଲା ଏବଂ ଏଥର ମଧ୍ୟ ପୋଡିୟମ ଫିନିଶ୍ କରିପାରିବି ବୋଲି ଆଶା ରହିଥିଲା। ଏବେ ଆଗକୁ ଯେଉଁ ୩ଟି ବଡ଼ ପ୍ରତିଯୋଗିତା ଆସୁଛି ତା' ଉପରେ ଫୋକସ କରୁଛି। ସେଥିରେ ଭଲ ପ୍ରଦର୍ଶନ ନେଇ ଆଶା ରହିଛି'' ବୋଲି ପ୍ରକାଶ କରିଛନ୍ତି ଓଡ଼ିଶାର ଏହି ଜିମ୍ନାଷ୍ଟ ତାରକା।



୨୦୨୩ରେ ଚାଇନାର ହାଙ୍ଗଝୋରେ ଅନୁଷ୍ଠିତ ଏସିଆନ ଗେମ୍ସରେ ଭାରତୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ଦଳରେ ସାମିଲ ହୋଇ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ ତପନ। ଇତିମଧ୍ୟରେ ସେ ଚାଇନା, ଇଜିପ୍ଟ, ଆଜରବୈଜାନ, ପ୍ୟାରିସ ଆଦି ଦେଶରେ ୭ଟି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇ ସାରିଛନ୍ତି। ପୋଡିୟମ ଫିନିଶ୍ କରିପାରି ନ ଥିଲେ ମଧ୍ୟ ନିଜ ପ୍ରଦର୍ଶନରେ ସେ ସନ୍ତୁଷ୍ଟଥିବା କଥା କହିଛନ୍ତି।

ଓଡ଼ିଶା କ୍ରୀଡ଼ା ମହଲରେ ତପୁ ନାମରେ ପରିଚିତ ତପନଙ୍କ ପରିବାର କହିଲେ ମା, ବାପା ଓ ବଡ଼ଭାଇ ବଳଭଦ୍ର ମହାନ୍ତି। ବାପା ଲୋକନାଥ ମହାନ୍ତି ହେଉଛନ୍ତି ଜଣେ ପୂର୍ବତନ ରାଜ୍ୟସ୍ତରୀୟ କୁସ୍ତିବିତ୍ ଏବଂ ଜଗନ୍ନାଥ ମନ୍ଦିରର ସେବକ। ପିଲାଦିନେ ତପନ ନିଜ ବାପାଙ୍କ ପଦାଙ୍କ ଅନୁସରଣ କରିବାକୁ ଇଚ୍ଛା ରଖିଥିଲେ। ୭ ବର୍ଷର ହୋଇଥିବାବେଳେ ନିଜ ଘରପାଖରେ ଥିବା ଜାଗାଘର (ଆଖଡ଼ା)ରେ ସେ କୁସ୍ତି ଅଭ୍ୟାସ ଆରମ୍ଭ କରିଥିଲେ। ତେବେ ପରେ ପୁରୀର ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଏକ ଚୟନ ଟ୍ରାଏଲ ଅବସରରେ ଜିମ୍ନାଷ୍ଟିକ୍ସ ପ୍ରଦର୍ଶନକୁ ଦେଖିବାପରେ ସେ ଏହି କ୍ରୀଡ଼ାପ୍ରତି ଆକୃଷ୍ଟ ହୋଇଥିଲେ। ଏହିଠାରୁ ତାଙ୍କ ଜିମ୍ନାଷ୍ଟିକ୍ସ କ୍ୟାରିୟରର ମୂଳଦୁଆ ପଡ଼ିଥିଲା। ୨୦୧୨ରୁ ୨୦୧୮ ପର୍ଯ୍ୟନ୍ତ ସେ ପୁରୀ କ୍ରୀଡ଼ା ଛାତ୍ରାବାସରେ ଜିମ୍ନାଷ୍ଟିକ୍ସ ଟ୍ରେନିଂନେଇ ଆଗକୁ ବଢ଼ିଥିଲେ। ୨୦୧୭ରେ ପୁରୀ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ୩୯ତମ ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ର ୧୪ ବର୍ଷରୁ କମ୍ ଅଲ୍–ଆରାଉଣ୍ଡ ଇଭେଣ୍ଟରେ ରୌପ୍ୟ ପଦକ ଜିତିବାପରେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ୨୦୧୯ରେ ପୁଣେର ଶିବାଜୀ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଜାତୀୟ ଜୁନିୟର ଆର୍ଟିଷ୍ଟିକ୍ସ ଚାମ୍ପିୟନଶିପ୍‌ର ବ୍ୟକ୍ତିଗତ ଆପାରାଟସ୍ (ପାରାଲାଲ ବାର୍ସ)ରେ ସ୍ୱର୍ଣ୍ଣ ପଦକରୁ ଆରମ୍ଭ ହୋଇଥିବା ଅଭିଯାନ ଆଗକୁ ଆଗକୁ ବଢ଼ି ଚାଲିଛି। ଇତିମଧ୍ୟରେ ସେ ଜାତୀୟ ସ୍ତରରେ ଅଧଡଜନେ ସ୍ୱର୍ଣ୍ଣ ସହ ୧୫ରୁ ଅଧିକ ପଦକ ହାସଲ କରି ସାରିଛନ୍ତି।

### ସଂକ୍ଷେପରେ...

ନାମ: ତପନ ମହାନ୍ତି
ପରିବାର: ମା– ମନୋରମା ମହାନ୍ତି,
ବାପା–ଲୋକନାଥ ମହାନ୍ତି, ଭାଇ–ବଳଭଦ୍ର ମହାନ୍ତି
ଜନ୍ମ: ୨୦୦୨ ଜୁନ୍ ୨
ଟ୍ରେନିଂ: ପୁରୀ ସ୍ପୋର୍ଟ୍ସ ହଷ୍ଟେଲ, ଓଡ଼ିଶା ଏଏମ୍/ଏନ୍ଏସ୍ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର, ସାଇ–ଇଷ୍ଟର୍ନ ସେଣ୍ଟର କୋଲକାତା।
କୋଚ୍: ପ୍ରଦୀପ କୁମାର ସାହୁ, ଅଶୋକ କୁମାର ମିଶ୍ର, ରାକେଶ ପାତ୍ର।

### ଅଲରାଉଣ୍ଡର

ମହେନ୍ଦ୍ରଗିରିରେ ଇକୋ ଆଡ୍‌ଭେଞ୍ଚର
ମହୋତ୍ସବ ହେଲା ଶେଷ
ହିଲ ରନିଂ, ରକ କ୍ଲାଇମ୍ବିଂ, ରାପେଲିଂ
ବୋଲ୍ଡରିଂରେ ରଚି ଯଶ
ସାହିଲ କୁମାର ଦାସ
ଗୋଲ୍‌ଡେନ ପଦକ ପାଇଥିବା ବେଳେ
ଅଣ୍ଡର ସିକ୍ସିଟିନ ବର୍ଷ।



ନ୍ୟାଶନାଲ ଆର୍ଟିଷ୍ଟିକ, ଜିମିନାଷ୍ଟିକ୍ସ
ଚାଲିଛି କମ୍ପିଟିଶନ
ଛ' ଶହରୁ ଜ୍ୟାଦା ଜିମିନାଷ୍ଟ ଦେଖାନ୍ତି
କଳା କୌଶଳ ପ୍ରଦର୍ଶନ
ଦି ଘଣ୍ଟାରେ ମାରାଥନ
ଶେଷ କରି ୱାର୍ଲଡ ରେକର୍ଡ କରିଛି
କେନିଆ ସେବାଷ୍ଟିଆନ।




ଆମ ଏଠି ପିଲା ସ୍ମାର୍ଟ ବଏ କେବଳ
କ୍ରିକେଟକୁ ଘୋରି ଘୋରି
ହକି, ଫୁଟବଲ, ଜିମ୍ନାଷ୍ଟ ଜିକେରେ
ଜିରୋ ଟୁବୁ, ଲକି, ହରି
ଏକ ବିଦ୍ୟା ଭୟଙ୍କରୀ
ଅଲ୍‌ରାଉଣ୍ଡର ନ ହେଲେ ଚିଲଡ୍ରେନ
ବସି ବେଳ ଯିବ ସରି।
–ସୁବାସ ଚନ୍ଦ୍ର ପ୍ରଧାନ

# ଫିଫା ବିଶ୍ୱକପ୍

**ବିଶ୍ୱର ସବୁଠାରୁ ଲୋକପ୍ରିୟ ପ୍ରତିଯୋଗିତା ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଜୁନ୍ ୧୧ରୁ ଆରମ୍ଭ ହେବାକୁ ଯାଉଛି। ଜୁଲାଇ ୧୯ ପର୍ଯ୍ୟନ୍ତ ହେବାକୁଥିବା ଏହି ଟୁର୍ନାମେଣ୍ଟରେ ଏଥର ଅନେକ ନୂଆ କଥା ଦେଖିବାକୁ ମିଳିବ। ପ୍ରଥମଥର ପାଇଁ ୩ ଦେଶ ଆମେରିକା, ମେକ୍ସିକୋ ଓ କାନାଡ଼ାରେ ମ୍ୟାଚଗୁଡ଼ିକ ହେବାକୁ ଥିବାବେଳେ ୪୮ ଦଳର ଅଂଶଗ୍ରହଣ ମଧ୍ୟ ନୂଆ ଅନୁଭୂତି ଆଣିବ...**



ନିର୍ମଳ କୁମାର ମିଶ୍ର

ବିଶ୍ୱର ଶ୍ରେଷ୍ଠ ପ୍ରଫେଶନାଲ ଏବଂ ଲୋକପ୍ରିୟ ଟି୨୦ କ୍ରିକେଟ ଲିଗ୍ ଆଇପିଏଲ୍ ବର୍ତ୍ତମାନ ଶେଷ ପର୍ଯ୍ୟାୟ ଆଡ଼କୁ ଗତି କରୁଥିବାବେଳେ ଏହାପରେ ଆସୁଛି ଫିଫା ବିଶ୍ୱକପ୍। ବିଶ୍ୱର ସବୁଠାରୁ ଲୋକପ୍ରିୟ ଫୁଟବଲର ଏହି ମେଗା ପ୍ରତିଯୋଗତାକୁ ନେଇ ଚର୍ଚ୍ଚା କ୍ରମେ ଆରମ୍ଭ ହେଇଛି। ଜୁନ୍ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହେବ ଫୁଟବଲ ରୋମାଞ୍ଚ। ତେଣୁ ଫୁଟବଲ ପ୍ରେମୀଙ୍କ ଉତ୍କଣ୍ଠା ବଢ଼ୁଛି। ୧୯୩୦ ମସିହାରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତାର ଏହା ହେବ ୨୩ତମ ସଂସ୍କରଣ। ଜୁନ୍ ୧୧ରୁ ଆରମ୍ଭ ହୋଇ ଏହା ଜୁଲାଇ ୧୯ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଥର ତିନୋଟି ଦେଶ କାନାଡା, ମେକ୍ସିକୋ ଏବଂ ଆମେରିକା ଏହାକୁ ଆୟୋଜନ କରିବେ। ୧୯୯୪ରେ ୟୁଏସ୍ଏ ଏହାର ଆୟୋଜକ ହୋଇଥିବା ବେଳେ ମେକ୍ସିକୋ ଏହାକୁ ତୃତୀୟ ଏବଂ କାନାଡା ପ୍ରଥମ ଥର ପାଇଁ ଏହି ସୁଯୋଗ ପାଇଛି। ବିଶ୍ୱକପ ଇତିହାସରେ ପ୍ରଥମ ଥର ପାଇଁ ୪୮ଟି ଦେଶ ଏଥର ଅଂଶଗ୍ରହଣ କରିବେ। ୩ ଦେଶର ୧୬ଟି ଭେନ୍ୟୁରେ ମ୍ୟାଚଗୁଡ଼ିକ ଅନୁଷ୍ଠିତ ହେବ।

ଟୁର୍ନାମେଣ୍ଟର ନିୟମ ଅନୁସାରେ ଆୟୋଜକ ତିନୋଟିଯାକ ଦେଶ ସିଧାସଳଖ ଭାଗ ନେବାର ସୁଯୋଗ ପାଇଛନ୍ତି। ପୂର୍ବ ଟୁର୍ନାମେଣ୍ଟଗୁଡ଼ିକରେ ୬ଟି କନଫେଡେରେଶନରୁ ୩୨ଟି ଭାଗ ନେଉଥିଲେ। ୧୯୯୮ ପରେ ପ୍ରଥମ ଥର ପାଇଁ ମ୍ୟାଚର ସମ୍ପ୍ରସାରଣ ଏବଂ ଫର୍ମାଟରେ ପରିବର୍ତ୍ତନ ଆଣିଛି ଫିଫା। ପୂର୍ବରୁ ୬୪ଟି ମ୍ୟାଚ ଖେଳାଯାଉଥିବା ବେଳେ ଏହି ନୂତନ ଫର୍ମାଟରେ ବର୍ତ୍ତମାନ ୧୦୪ଟି ମ୍ୟାଚ ଖେଳାଯିବ। ମୋଟ ୩୯ ଦିନ ଧରି ଏହି ମ୍ୟାଚଗୁଡ଼ିକ ଅନୁଷ୍ଠିତ ହେବ। ୟୁଏସ୍ଏର ୧୧ଟି ଭେନ୍ୟୁ, ମେକ୍ସିକୋର ୩ଟି ଏବଂ କାନାଡାର ୨ଟି ଭେନ୍ୟୁରେ ମ୍ୟାଚ ଖେଳାଯିବ। ଏଥିପାଇଁ ଦର୍ଶକମାନଙ୍କ ସୁବିଧା ମ୍ୟାଚରେ ଶୃଙ୍ଖଳା ରକ୍ଷା, ଖେଳାଳିମାନଙ୍କ ହୋଟେଲ ଅବସ୍ଥାନ, ସେମାନଙ୍କର ନିରାପତ୍ତା ଏବଂ ଯାତ୍ରା ପାଇଁ ସମସ୍ତ ବ୍ୟବସ୍ଥାକୁ ତନ୍ନତନ୍ନ କରି ଯାଞ୍ଚ କରିଛି ଫିଫାର ସ୍ୱତନ୍ତ୍ର ଟିମ୍। ବର୍ତ୍ତମାନ ଯୁଦ୍ଧର ସ୍ଥିତି ପାଇଁ ଏବଂ ଆମେରିକା ଆୟୋଜକ ହୋଇଥିବାରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଏବଂ ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର




ରଖାଯାଇଛି। ସୁରକ୍ଷା ବଳୟ ବଢ଼ାଇବା ପାଇଁ ମଧ୍ୟ ଫିଫା ଆୟୋଜକ ଦେଶ ମାନଙ୍କୁ ଉପଦେଶ ଦେଇଛି। ୧୨ଟି ଗ୍ରୁପରେ ଭାଗ ନେଉଥିବା ୪୮ଟି ଦଳକୁ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଗ୍ରୁପରେ ୪ଟି ଲେଖାଏ ଦଳ ସ୍ଥାନ ପାଇଛନ୍ତି। ଗ୍ରୁପ ପର୍ଯ୍ୟାୟରେ ପ୍ରତ୍ୟେକ ଟିମ୍ ୩ଟି ମ୍ୟାଚ ଖେଳିବାକୁ ଥିବା ବେଳେ ମୋଟ ୮୦ ଟି ପ୍ରାରମ୍ଭିକ ପର୍ଯ୍ୟାୟ ମ୍ୟାଚ ଖେଳାଯିବ। ଦୀର୍ଘ ୩ବର୍ଷ ଧରି ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚଗୁଡ଼ିକରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା।

ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ ୨୨ଟି ସଂସ୍କରଣ ଖେଳା ସରିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପାଇଁ ୧୯୪୨ ଏବଂ ୧୯୪୬ରେ ଏହି ପ୍ରତିଯୋଗିତା ହୋଇପାରି ନ ଥିଲା। ଏପର୍ଯ୍ୟନ୍ତ ପର୍ଯ୍ୟାୟ କ୍ରମେ ବିଭିନ୍ନ ସମୟରେ ୮୦ଟି ଫିଫା ଅନୁବନ୍ଧିତ ଦେଶ ଟୁର୍ନାମେଣ୍ଟଗୁଡ଼ିକରେ ଭାଗ ନେଇଛନ୍ତି। ଏଥି ମଧ୍ୟରୁ ମାତ୍ର ୮ଟି ଦେଶ ବିଭିନ୍ନ ସଂସ୍କରଣରେ ଚାମ୍ପିୟନ ହେବାର ସୌଭାଗ୍ୟ ପାଇଛନ୍ତି। ବ୍ରାଜିଲ, ଆର୍ଜେଣ୍ଟିନା, ଜର୍ମାନ, ଇଟାଲୀ, ଫ୍ରାନ୍ସ, ଇଂଲଣ୍ଡ, ସ୍ପେନ ଏବଂ ଉରୁଗୁଏ ଏହି ତାଲିକାରେ ରହିଛନ୍ତି। ବ୍ରାଜିଲ ଏକମାତ୍ର ଦେଶ ରୂପେ ସମସ୍ତ ସଂସ୍କରଣରେ ଭାଗ ନେଇଛି। ବ୍ରାଜିଲ ସର୍ବାଧିକ ୫ଥର, ଆର୍ଜେଣ୍ଟିନା ୩ଥର, ଜର୍ମାନୀ ଏବଂ ଇଟାଲୀ ୪ଥର ଲେଖାଏ ଏବଂ ଫ୍ରାନ୍ସ ୨ଥର (୧୯୯୮, ୨୦୧୮), ଇଂଲଣ୍ଡ ଓ ସ୍ପେନ ଥରେ ଲେଖାଏ ଜିତିଥିବା ବେଳେ ଉରୁଗୁଏ ପ୍ରଥମ ସଂସ୍କରଣ ୧୯୩୦ ଏବଂ ୧୯୫୦ରେ ବିଜୟୀ ହୋଇଥିଲା। ଏପର୍ଯ୍ୟନ୍ତ ୧୮ଟି ଦେଶରେ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜିତ ହୋଇଛି। ଉଜବେକିସ୍ତାନ, ଜୋର୍ଡାନ, କେପ୍ ଭର୍ଡେ ଏବଂ କୁରାକାଓ ଆଦି ୪ଟି ଦେଶର ଦଳ ପ୍ରଥମ ଥର ପାଇଁ ଭାଗ ନେବାକୁ ଯାଉଛନ୍ତି। ୧୨ଟି ଗ୍ରୁପ୍‌ରୁ ଶ୍ରେଷ୍ଠ ୨ଟି ଦଳ ଏବଂ ୮ଟି ତୃତୀୟ ସ୍ଥାନରେ ଥିବା ଶ୍ରେଷ୍ଠ ଦଳଗୁଡ଼ିକୁ ନେଇ ୩୨ ଦଳ ମଧ୍ୟରେ ନୂଆ ରାଉଣ୍ଡ ଆରମ୍ଭ ହେବ। ପରବର୍ତ୍ତୀ ସମୟରେ କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଏବଂ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

୨୦୨୨ରେ ଚାମ୍ପିୟନ ଆର୍ଜେଣ୍ଟିନା ଗ୍ରୁପ 'ଜେ' ରେ ସ୍ଥାନ ପାଇଥିବା ବେଳେ ସେହି ଗ୍ରୁପ୍‌ରେ ଆଲଜେରିଆ, ଜୋର୍ଡାନ, ଅଷ୍ଟ୍ରିଆ ରହିଛନ୍ତି। ବ୍ରାଜିଲ ୧୯୫୮, ୧୯୬୨, ୧୯୭୦, ୧୯୯୪ ଓ ୨୦୦୨ରେ ଚାମ୍ପିୟନ ହୋଇଥିଲା। ସେହିପରି ରନରଅପ୍ ଫ୍ରାନ୍ସ ଗ୍ରୁପ 'ଆଇ'ରେ ସ୍ଥାନ ପାଇଛି। ଏସିଆ ମହାଦେଶରୁ ଇରାକ, ଇରାନ, ଜାପାନ, ଜୋର୍ଡାନ, କାତାର, ସାଉଦି ଆରବ, ଦକ୍ଷିଣ କୋରିଆ ଏବଂ ଉଜବେକିସ୍ତାନ ଖେଳିବା ପାଇଁ ସ୍ଥାନ ପକ୍କା କରିଛନ୍ତି। ୪ବର୍ଷ ପରେ ଟିମ୍‌ଗୁଡିକରେ ବ୍ୟାପକ ପରିବର୍ତ୍ତନ ଘଟିଛି। ଅନେକ ଯୁବଖେଳାଳିଙ୍କ ଆବିର୍ଭାବ ଟିମ୍‌ଗୁଡିକୁ ବେଶ୍ ଶକ୍ତିଶାଳୀ କରିଛି। ଖେଳ ଶୈଳୀରେ ମଧ୍ୟ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଲାଟିନ ଆମେରିକୀୟ ଦେଶଗୁଡିକର ଖେଳ କୌଶଳ, ୟୁରୋପିଆନ ଖେଳ ଶୈଳୀଠାରୁ ଭିନ୍ନ ହୋଇଥିବା ବେଳେ ଆଫ୍ରିକୀୟ ଏବଂ ଏସୀୟ ଖେଳ ଶୈଳୀ ପ୍ରାୟ ଏକପ୍ରକାର। ଆକ୍ରମଣାତ୍ମକ ଖେଳ ଶୈଳୀ ଏବେ ରଣ କୌଶଳର ମୁଖ୍ୟ ଅସ୍ତ୍ର ପାଲଟିଛି। ପ୍ରତିଯୋଗିତା ବେଶ୍ ରୋମାଞ୍ଚକର ହେବା ପ୍ରାୟ ନିଶ୍ଚିତ। ଏଥି ମଧ୍ୟରେ ରେଫରିମାନଙ୍କର ଖେଳ ନିୟନ୍ତ୍ରଣ ଶୈଳୀ ମଧ୍ୟ ବଦଳିଛି। ଟେକ୍ନୋଲୋଜିର ବ୍ୟାପକ ସହାୟତା ନେବା ସହିତ ୪ର୍ଥ ଏବଂ ୫ମ ରେଫରିଙ୍କ ମାଧ୍ୟମରେ ନିର୍ଭୁଲ ପରିଚାଳନା ହେବ। ଦର୍ଶକମାନଙ୍କ ମଧ୍ୟରେ ଉତ୍ତେଜନା କମିବ। ବିଶ୍ୱର ସବୁଠାରୁ ଲୋକପ୍ରିୟ ଏବଂ ସର୍ବାଧିକ ଦର୍ଶକ ଏହି ତୀବ୍ର ପ୍ରତିଯୋଗିତାମୂଳକ ମ୍ୟାଚଗୁଡିକର ଭରପୂର ଆନନ୍ଦ ନେଇଥାନ୍ତି। ଦର୍ଶକମାନଙ୍କର ପସନ୍ଦର ଖେଳାଳିମାନଙ୍କ ମଧ୍ୟରେ ଫ୍ରାନ୍ସର କିଲିୟାନ ଏମ୍ବାପେ, ଆର୍ଜେଣ୍ଟିନାର ଜୁଲିଆନ ଆଲଭାରେଜ, ସ୍ପେନର ପେଡ୍ରି, ଜାପାନର ତୋଜିରୋ କୁବୋ, ଘାନାର ମହମ୍ମଦ କୁଡୁସ୍, ଅଷ୍ଟ୍ରେଲିଆର ଗାରିଙ୍ଗ କୁଏ, କାମେରୁନର ଖ୍ରୀଷ୍ଟିଆନ କୋଫେନ, ମରକ୍କୋର ଆରାଫ ହାକିମ ଅନ୍ୟତମ। ଏଥି ସହିତ ଅନେକ ନାମୀଦାମୀ ଖେଳାଳିଙ୍କ ଉପରେ ସମସ୍ତଙ୍କର ନଜର ରହିବ।

ଅନ୍ୟପକ୍ଷରେ ଦେଖିବାକୁ ଗଲେ ଭାରତୀୟ ଫୁଟବଲର ଅଧୋଗତି ଦେଖିବାକୁ ମିଳିଛି। ନୈରାଶ୍ୟଜନକ ପ୍ରଦର୍ଶନ ଅବ୍ୟାହତ ରହିଛି। କ୍ୱାଲିଫାଏ କରିବାରେ ବାରମ୍ବାର ବିଫଳ ହେବା ଚର୍ଚ୍ଚାର ବିଷୟ ହୋଇଛି। ବର୍ତ୍ତମାନ ଫିଫା ର୍ୟାକିଙ୍ଗରେ ଭାରତର ସ୍ଥାନ ୧୩୬ ନମ୍ବରରେ ରହିଛି। ସର୍ବଶ୍ରେଷ୍ଠ ର୍ୟାକିଙ୍ଗ ପ୍ରଦର୍ଶନ ୧୯୯୬ରେ ୯୪ତମ ସ୍ଥାନରେ ଥିଲା। ସର୍ବନିମ୍ନ ର୍ୟାକିଙ୍ଗ ୨୦୧୫ରେ ୧୭୩ ରହିଥିଲା। କେବେ ବି ଭାରତ ଫିଫା ବିଶ୍ୱକପ ଖେଳିପାରି ନାହିଁ। ଯାହାକି ଫୁଟବଲ ପ୍ରେମୀଙ୍କୁ ବେଶ୍ ନିରାଶ କରିଛି। ୨୦୨୬ ବିଶ୍ୱକପ ପାଇଁ କ୍ୱାଲିଫାୟର ମ୍ୟାଚଗୁଡିକ ୨୦୨୪ ଜୁନ୍ ମାସରେ ସମାପ୍ତ କରିଥିଲା। ଦକ୍ଷ ଯୁବଖେଳାଳି ସୃଷ୍ଟି କରିବାରେ ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ୍ ପୂରାପୂରି ବିଫଳ ହୋଇଛି। ୨୦୧୯–୨୦ରୁ ଆରମ୍ଭ ହୋଇଥିବା ଆଇଏସ୍ଏଲ ପରି ଫ୍ରାଞ୍ଚାଇଜଭିତ୍ତିକ ଲିଗ୍ ମଧ୍ୟ ଭଲ ଯୁବଖେଳାଳି ସୃଷ୍ଟି କରିବାରେ ବିଫଳ ହୋଇଛି। ୨୦୨୬ ବିଶ୍ୱକପ ପାଇଁ ଯୋଗ୍ୟତା ପର୍ଯ୍ୟାୟର ଦ୍ୱିତୀୟ ପର୍ଯ୍ୟାୟରୁ ଭାରତ ବିଦା ହୋଇଥିଲା। କୁଏତ ବିପକ୍ଷରେ ୧–୦ରେ ବିଜୟୀ ହେବା ଏକ ମାତ୍ର ବିସ୍ମୟକର ଓ ଐତିହାସିକ ବିଜୟ ରହିଥିଲା। ଗ୍ରୁପ'ଏ'ରେ ସ୍ଥାନ ପାଇଥିବା ଭାରତ ଗୋଟିଏ ବିଜୟ, ୨ଟି ଡ୍ର ଏବଂ ୩ଟି ପରାଜୟ ସହ ଅଭିଯାନ ଶେଷ କରିଥିବାରୁ ପୁଣି ୪ବର୍ଷ ଅପେକ୍ଷାରେ ରହିବ।



ଧରିତ୍ରୀ 52 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ମେ ୧/୨୦୨୬ Bhubaneswar, Friday, May 1/ 2026

Dr. Juneja's EYE Mantra®
ନିଜ ଆଖିକୁ ଦିଅନ୍ତୁ ପ୍ରାକୃତିକ ଆଇ ମନ୍ତ୍ରା
ପ୍ରୟୋଗ ବିଧି: 2 ରୁ 3 ଡ୍ରପ୍‌ସ ଦିନରେ ତିନି ଥର କିମ୍ବା ଚିକିତ୍ସକୀୟ ପରାମର୍ଶ ଅନୁସାରେ ବ୍ୟବହାର କରନ୍ତୁ।


12 ଗୁଣକାରୀ ଆୟୁର୍ବେଦିକ ଔଷଧ ଯେପରି ଗୋଲାପ, ତୁଳସୀ, ଅଁଳା, ନିମ, ପୁଦିନା, ମହୁ ଇତ୍ୟାଦିର ଯୋଗରେ ପ୍ରସ୍ତୁତ 'ଆଇ ମନ୍ତ୍ରା' ଆୟୁର୍ବେଦିକ ଆଇ ଡ୍ରପ୍‌ସ ଆଖିରେ ଦେଖାଦେଉଥିବା ସମସ୍ୟା ଯେପରି ଆଖିର କ୍ଳାନ୍ତି, ଆଖିର ଶୁଷ୍କତା, ଆଖି ଉପରୁ ଚାପ ହ୍ରାସକରି ତାହାକୁ ସୁସ୍ଥ ଓ ଶୀତଳ ରଖିବାରେ ସହାୟକ ଅଟେ। ଆୟୁର୍ବେଦିକ ହୋଇଥିବା କାରଣରୁ ଏହା ସୁରକ୍ଷିତ ହୋଇଥାଏ ଏବଂ ଆଖି ଉପରେ ଏହାର କୌଣସି କୁପ୍ରଭାବ ମଧ ପଡ଼ି ନ ଥାଏ।
24x7 Helpline: 8196822222 • www.eyemantra.com



# ଗୁଜରାଟର ସହଜ ବିଜୟ

ଅହମଦବାଦ,୩୦।୪

ବୋଲରଙ୍କ ଘାତକ ବୋଲିଂ ବଳରେ ଗୁଜରାଟ ଟାଇଟନ୍ସ (ଜିଟି) ଏଠାରେ ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ୪ ଉଇକେଟରେ ପରାସ୍ତ କରିଛି। ଏହା ଆର୍‌ସିବିର ତୃତୀୟ ପରାଜୟ ହୋଇଥିବା ବେଳେ ପଞ୍ଚମ ବିଜୟ ସହ ଗୁଜରାଟ ପଞ୍ଚମ ସ୍ଥାନରେ ରହିଛି।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
**ରାଜସ୍ଥାନ ବନାମ ଦିଲ୍ଲୀ**
ସ୍ଥାନ: ଜୟପୁର
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଆର୍‌ସିବି ୧୯.୨ ଓଭରରେ ୧୫୫ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଦେବଦତ୍ତ ପଡିକଲ ୨୪ ବଲରେ ୪୦ (୫ ଚୌକା ଓ ୨ ଛକା) ଓ ବିରାଟ କୋହଲି ୧୩ ବଲରେ ୨୮ (୫ ଚୌକା ଓ ୧ ଛକା) ରନ କରିଥିଲେ। ଗୁଜରାଟ ପକ୍ଷରୁ ଅର୍ଶଦ ଖାନ ୩ ଉଇକେଟ ନେଇଥିବା ବେଳେ ରଶିଦ ଖାନ ଓ ଜାସନ ହୋଲ୍ଡର ଦୁଇ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଆରମ୍ଭରୁ ସାଇ ସୁଦର୍ଶନ (୬)ଙ୍କ ଉଇକେଟ ହରାଇଥିବା ଗୁଜରାଟକୁ ଅଧିନାୟକ ଶୁବମନ ଗିଲ (୧୮ ବଲ, ୪୩ ରନ, ୪ ଚୌକା ଓ ୩ ଛକା) ଓ ଜୋସ ବଟଲର (୧୯ ବଲ, ୩୯ ରନ, ୨ ଚୌକା ଓ ୪ ଛକା) ଭଲ ପ୍ଲାଟଫର୍ମ ପ୍ରଦାନ କରିଥିଲେ। ମଧ୍ୟକ୍ରମରେ ୱାଶିଂଟନ ସୁନ୍ଦର (୧୨), ଶାହରୁଖ ଖାନ (୮) ଓ ହୋଲ୍ଡର (୧୨) ଫେଲ ମାରିଥିଲେ। ଏହାପରେ ରାହୁଲ ଟେୱାଟିଆ ୧୭ ବଲରେ ୨୭ (୪ ଚୌକା) ରନ କରି ଦଳକୁ ଜିତାଇଥିଲେ। ଫଳରେ ଗୁଜରାଟ ୧୫.୫ ଓଭରରେ ୬ ଉଇକେଟ ହରାଇ ୧୫୮ ରନ କରିଥିଲା। ଆର୍‌ସିବି ପାଇଁ ଭୁବନେଶ୍ୱର କୁମାର ୩ ଓ ଶେଫର୍ଡ ୨ ଉଇକେଟ ନେଇଥିଲେ।


ଉଇକେଟ ନେବା ପରେ ଉଲ୍ଲସିତ ଅର୍ଶଦ ଖାନ୍।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୧୯.୨ ଓଭରରେ ୧୫୫/ଅଲଆଉଟ୍ (ଦେବଦତ୍ତ ପଡିକଲ-୪୦, ବିରାଟ କୋହଲି-୨୮, ଅର୍ଶଦ ଖାନ-୩/୨୨, ରଶିଦ ଖାନ-୨/୧୯, ଜାସନ ହୋଲ୍ଡର-୨/୨୯)। ଗୁଜରାଟ ଟାଇଟନ୍ସ: ୧୫.୫ ଓଭରରେ ୧୫୮/୬ (ଶୁବମନ ଗିଲ-୪୩, ଜୋସ ବଟଲର-୩୯, ଭୁବନେଶ୍ୱର କୁମାର-୩/୨୮, ରୋମାରିଓ ଶେଫର୍ଡ-୨/୩୦)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୮ | ୬ | ୧ | ୧ | ୧୩ | +୧.୦୪୩ |
| ରୟାଲ ଚ୍ୟାଲେଞ୍ଜର୍ସ | ୯ | ୬ | ୩ | ୦ | ୧୨ | +୧.୪୨୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୬ | ୩ | ୦ | ୧୨ | +୦.୮୩୨ |
| ରାଜସ୍ଥାନ ରୟାଲ୍ସ | ୯ | ୬ | ୩ | ୦ | ୧୨ | +୦.୬୧୭ |
| ଗୁଜରାଟ ଟାଇଟନ୍ସ | ୯ | ୫ | ୪ | ୦ | ୧୦ | -୦.୧୯୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୩ | ୫ | ୦ | ୬ | -୦.୧୨୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୩ | ୫ | ୦ | ୬ | -୧.୦୬୦ |
| ନାଇଟ ରାଇଡର୍ସ | ୮ | ୨ | ୫ | ୧ | ୫ | -୦.୭୫୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୨ | ୬ | ୦ | ୪ | -୦.୭୮୪ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୮ | ୨ | ୬ | ୦ | ୪ | -୧.୧୦୬ |

# ସେମିରେ ଦିଲ୍ଲୀର ପାଲାମ ବିହାର କ୍ଲବ୍

ପୁରୀ, ୩୦।୪ (ଅଜିତ୍ କୁମାର ମହାନ୍ତି)

ପାୟୋନିୟର କ୍ଲବ ଆନୁକୂଲ୍ୟରେ ଜଗନ୍ନାଥ ଷ୍ଟାଡିୟମରେ ଚାଲିଥିବା ଜଗଦୀଶ ଚନ୍ଦ୍ର ରାଉତରାୟ ସ୍ମାରକୀ ସର୍ବଭାରତୀୟ ନୀଳାଚଳ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଦିଲ୍ଲୀର ପାଲାମ ବିହାର କ୍ଲବ ୧ ରନରେ ରାଉରକେଲାର ଆରୱାଇସିସିକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି।

**ସର୍ବଭାରତୀୟ ନୀଳାଚଳ ଟ୍ରଫି**

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଦିଲ୍ଲୀ ଦଳ ୩୫ ଓଭରରେ ୮ ଉଇକେଟ ହରାଇ ୨୪୦ ରନ କରିଥିଲା। ଦଳ ପକ୍ଷରୁ ଶତକ ହାସଲକାରୀ ସୁମିତ ସିଂ ସର୍ବାଧିକ ୧୦୬ ଓ ସିମରନଜିତ ସିଂ ୭୯ ରନ କରିଥିଲେ। ବିପକ୍ଷ ଦଳର ଆକାଶ କୁମାର ଠାକୁର ୫ ଉଇକେଟ ସଫଳତା ପାଇଥିଲେ। ଜବାବରେ ରାଉରକେଲା ଦଳ ଗୋବିନ୍ଦ ପୋଦ୍ଦାରଙ୍କ ୮୬, ଜ୍ଞାନ ରଞ୍ଜନ ନାୟକଙ୍କ ୪୩ ଓ ୱାଲ୍ଟର ଟପ୍ପୋଙ୍କ ୩୯ ରନ ସତ୍ତ୍ୱେ ୩୫ ଓଭରରେ ୬ ଉଇକେଟ ହରାଇ ୨୩୯ ରନରେ ସୀମିତ ରହି ଯାଇଥିଲା। ବିଜୟୀ ଦଳ ପକ୍ଷରୁ ସଚିନ ଚିଲୋ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ୮୭ ବଲ୍‌ରୁ ୪ ଚୌକା ଓ ୯ ଛକା ସହାୟତାରେ ୧୦୬ ରନ କରିଥିବା ସୁମିତ ସିଂ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆକାଶ କୁମାର ଠାକୁର ଇମ୍ପାକ୍ଟ ପ୍ଲେୟର ପୁରସ୍କାର ପାଇଥିଲେ। ପୁରୀସ୍ଥିତ ହୋଟେଲ ସି-ହକ୍ ଓ ପୁଲିନର ଏମ୍‌ଡି ସୋମନାଥ ବାନାର୍ଜୀ ଏବଂ ଇଗଲ ଆଇର ଏମ୍‌ଡି ନରେନ୍ଦ୍ର ମହାପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

## ପରାଗଙ୍କୁ ଜରିମାନା

ନୂଆଦିଲ୍ଲୀ,୩୦।୪(ପି.ଟି.)

ଭ୍ୟାପିଂ କରି ଖେଳକୁ ଅପମାନିତ କରିଥିବା ରାଜସ୍ଥାନ ରୟାଲ୍ସ ଅଧିନାୟକ ରିୟାନ ପରାଗଙ୍କୁ ଗୁରୁବାର ଜରିମାନା କରାଯାଇଛି। ତାଙ୍କ ମ୍ୟାଚ୍ ଫିଁର ୨୫ ପ୍ରତିଶତ କାଟ୍ କରାଯିବ। ଘଟଣା ସମ୍ପର୍କରେ ଫିଲ୍ଡ ଅମ୍ପାୟର ତନ୍ମୟ ଶ୍ରୀବାସ୍ତବ ଓ ନୀତୀନ ମେନନ ମ୍ୟାଚ୍ ରେଫରି ଅମିତ ଶର୍ମାଙ୍କୁ ରିପୋର୍ଟ କରି ନ ଥିଲେ। ସେମାନେ ଭିଜୁଆଲ ପ୍ରମାଣ ଦେଖିବା ପରେ ରେଫରି ଅମିତ ପରାଗ କୋଡ୍ ଅଫ୍ କଣ୍ଡକ୍ଟ ଭଙ୍ଗ କରିଥିବା ଜାଣିବାକୁ ପାଇଥିଲେ।

## ରାଜ୍ୟ ଟାଏକୋଣ୍ଡୋ: ଗଞ୍ଜାମ ଚାମ୍ପିୟନ

କଟକ,୩୦।୪(କୁମାରଶ୍ରୀ)

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ରାଜ୍ୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ୍ ୬୦୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଗଞ୍ଜାମ ଦଳଗତ ଚାମ୍ପିୟନ ହୋଇଥିବା ବେଳେ କଟକ ରନରଅପ୍ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଟାଏକୋଣ୍ଡୋ ସଂଘ ଉପସଭାପତି ପ୍ରସନ୍ନ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ତର୍ଜାତୀୟ ରେଫରୀ ଗୌରବ ସିଂ, ସ୍ୱଦେଶ ରଞ୍ଜନ ରାଉତ, ଜାତୀୟ ରେଫରୀ ଦିଲ୍ଲୀପ ଶତପଥୀ, ସନ୍ତୋଷ ମହାନ୍ତି, ରଜତ ଜଗଦେବ,ଭୁବନେଶ୍ୱରୀ ସାହୁ, ସ୍ମୃତିଶିଖା ସିଂହ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

# ଜାତୀୟ କମ୍ବାଟ୍ ସାମ୍ବୋ: ଓଡ଼ିଶାକୁ ୮ ପଦକ

ଭୁବନେଶ୍ୱର, ୩୦।୪ (ବିଜୟ ରଣା)

କେରଳର କୋଝିକୋଡ଼୍‌ଠାରେ ୨୩ ରୁ ୨୬ ତାରିଖ ମଧ୍ୟରେ ଅନୁଷ୍ଠିତ ଜାତୀୟ ସାମ୍ବୋ ଖେଳ ପ୍ରତିଯୋଗିତାରେ ଉତ୍କଳ କରାଟେ ସ୍କୁଲରୁ ଭାଗ ନେଇଥିବା ଖେଳାଳି ମାନେ ବିଭିନ୍ନ ବିଭାଗରେ ୫ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୨ ବ୍ରୋଞ୍ଜ ସମେତ ୮ ଟି ପଦକ ହାସଲ କରିଛନ୍ତି। ଏସ୍ୱର୍ଣ୍ଣ ପଦକ୍ଜିତିଥିବା ପ୍ରତିଯୋଗୀମାନେ ହେଲେ ସିନିୟର ପୁରୁଷ ୭୧ କିଲୋ ସ୍ପୋର୍ଟ୍ସ ସାମ୍ବୋ ବିଭାଗରେ ସରାଜ ଯାନୀ, ୨୪ ବର୍ଷରୁ କମ୍ ପୁରୁଷ ୫୮ କିଲୋ ସ୍ପୋର୍ଟ୍ସ ସାମ୍ବୋ ବିଭାଗରେ ସୁମନ୍ତ କୁମାର ସାହୁ , ୮୮ କିଲୋ ପୁରୁଷ କମ୍ବାଟ ସାମ୍ବୋ ବର୍ଗରେ ମିର୍ଜା ତାହିର ବେଗ ଓ ଜୁନିୟର ପୁରୁଷ ୭୯ କିଲୋ ଉଭୟ କମ୍ବାଟ ସାମ୍ବୋ ଓ ସ୍ପୋର୍ଟ୍ସ ସାମ୍ବୋ ବର୍ଗରେ ମିର୍ଜା ସାହିଲ ବେଗ୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୨୪ବର୍ଷରୁ କମ୍ ପୁରୁଷ ୫୮ କିଲୋ କମ୍ବାଟ ସାମ୍ବୋ ବିଭାଗରେ ସୁମନ୍ତ କୁମାର ସାହୁ ଙ୍କୁ ରୌପ୍ୟ ପଦକ ହାସଲ କରିଛନ୍ତି । ୨୪ ବର୍ଷ ରୁ କମ ୮୮କିଲୋ ପୁରୁଷ କମ୍ବାଟ ସାମ୍ବୋ ବର୍ଗ ରେ ମିର୍ଜା ତାହିର ବେଗ ଓ ଜୁନିୟର ପୁରୁଷ ୫୮ କିଲୋ କମ୍ବାଟ ସାମ୍ବୋ ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ପଦକ ବିଜେତାମାନଙ୍କୁ ଉତ୍କଳ କରାଟେ ସ୍କୁଲ ର ପ୍ରତିଷ୍ଠାତ ଡ. ହରିପ୍ରସାଦ ପଟ୍ଟନାୟକ, ଗୌରି ମହାନ୍ତି, ଖାରବେଳ ମଲ୍ଲିକ, ହିମାଂଶୁ ଶେଖର ଦାସ, ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି ମାନେ ସାମ୍ବୋ ପ୍ରତିଯୋଗୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।


ଅତିଥିଙ୍କ ଗହଣରେ ପଦକଧାରୀ ଆଥଲେଟ୍।

# ଏନ୍‌ଏଫ୍‌ଏ-କିକ୍‌ଷ୍ଟାର୍ଟ ମ୍ୟାଚ୍ ଡ୍ର

କଟକ,୩୦।୪ (କୁମାରଶ୍ରୀ)

ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ଆନୁକୂଲ୍ୟରେ ଭାରତୀୟ ମହିଳା ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ଚାମ୍ପିୟନଶିପ୍‌ରେ ଓଡ଼ିଶାର ଏକମାତ୍ର ଦଳ ଭାବେ ଭାଗ ନେଇଥିବା ନୀତା ଫୁଟବଲ ଏକାଡେମୀ (ଏନ୍‌ଏଫ୍‌ଏ) ଗୁରୁବାର ଖେଳାଯାଇଥିବା କିକ୍‌ଷ୍ଟାର୍ଟ ଏଫସି କର୍ଣ୍ଣାଟକ ବିପକ୍ଷ ମ୍ୟାଚକୁ ଡ୍ର ରଖିଛି। କୋଲକାତାର ସେଣ୍ଟର ଅଫ ଏକ୍ସିଲେନ୍ସରେ ଏହି ମ୍ୟାଚ ଖେଳାଯାଇଥିଲା। ଖେଳର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧର ୪୯ତମ ମିନିଟରେ କିକ୍‌ଷ୍ଟାର୍ଟର ମିଡ୍‌ଫିଲ୍ଡର କିରନ ପିସଦା ପ୍ରଥମ ଗୋଲ ଦେଇ ଦଳକୁ ଅଗ୍ରଣୀ ରଖିଥିଲେ। ଏନ୍‌ଏଫ୍‌ଏ ପ୍ରଥମ ଗୋଲ ସୁଝାଇବାକୁ ଉଦ୍ୟମ କରି ବିଫଳ ହୋଇଥିବା ବେଳେ ୮୫ତମ ମିନିଟରେ କିକଷ୍ଟାର୍ଟର ଏକ ତ୍ରୁଟି ମ୍ୟାଚ୍‌କୁ ବରାବର ସ୍ଥିତିରେ ପହଞ୍ଚାଥିଲା। ଦଳର ଡିଫେଣ୍ଡର ଅରୁଣା ବାଗ୍ ଏକ ଆତ୍ମଘାତୀ ଗୋଲ ସ୍କୋର କରିଥିଲେ। ଖେଳର ଅବଶିଷ୍ଟ ସମୟରେ କୌଣସି ଗୋଲ ନ ହେବାରୁ ଉଭୟ ଦଳ ଭିତରେ ପଏଣ୍ଟ ଭାଗ ହୋଇଛି। ଆସନ୍ତା ୩ ତାରିଖରେ ଗରୱାଲ ୟୁନାଇଟେଡ ଫୁଟବଲ କ୍ଲବ ବିପକ୍ଷରେ ଏନ୍‌ଏଫ୍‌ଏ ପରବର୍ତ୍ତୀ ମ୍ୟାଚ୍ ଖେଳିବ।

**ଭାରତୀୟ ମହିଳା ଲିଗ୍**

# ଓଡ଼ିଶାରୁ ଖେଳିବେ ୧୪ ଖେଳାଳି

ଭୁବନେଶ୍ୱର, ୩୦।୪ (ତପନ ସ୍ୱାଇଁ)

ଜିଏମ୍‌ଆର୍ ସ୍ପୋର୍ଟ୍ସ ଓ ରଗ୍‌ବୀ ଇଣ୍ଡିଆ ଆନୁକୂଲ୍ୟରେ ଫ୍ରାଞ୍ଚାଇଜ୍‌ଭିତ୍ତିକ ରଗ୍‌ବୀ ପ୍ରିମିୟର ଲିଗ୍ (୭ଏସ୍)ର ଦ୍ୱିତୀୟ ସଂସ୍କରଣ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଛି। ହାଇଦ୍ରାବାଦର ଗାଚିବୋଲି ଷ୍ଟାଡିୟମରେ ଏହି ପ୍ରତିଯୋଗିତା ଜୁନ ୧୬ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଲାଗି ଖେଳାଳି ନିଲାମ ପ୍ରକ୍ରିୟା ଗୁରୁବାର ହାଇଦ୍ରାବାଦରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାରୁ ମୋଟ ୧୪ ଖେଳାଳି ବିଭିନ୍ନ ଦଳକୁ ଯାଇଛନ୍ତି। ଏହା ମଧ୍ୟରେ ୮ ମହିଳା ଓ ୬ ପୁରୁଷ ଖେଳାଳି ସାମିଲ। ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ କେବଳ ପୁରୁଷ ବର୍ଗରେ ପ୍ରତିଯୋଗିତା ହୋଇଥିଲା। ଏହାର ଫାଇନାଲରେ ଦିଲ୍ଲୀ ରେଜ୍‌କୁ ୪୧-୦ରେ ହରାଇ ଚେନ୍ନାଇ ବୁଲ୍ସ ଚାମ୍ପିୟନ ହୋଇଥିଲା। ପ୍ରଥମ ସଂସ୍କରଣର ସଫଳତାକୁ ଭିତ୍ତିକରି ଏଥର ପ୍ରଥମଥର ପାଇଁ ମହିଳା ବର୍ଗରେ ମଧ୍ୟ ଲିଗ୍ କରାଯିବାକୁ ନିଷ୍ପତ୍ତି ହୋଇଛି। ପୁରୁଷ ବର୍ଗରେ ୬ ଏବଂ ମହିଳା ବିଭାଗରେ ୪ ଦଳ ଅଂଶଗ୍ରହଣ କରିବେ। ପୁରୁଷ ବର୍ଗରେ କେବଳ ଦିଲ୍ଲୀ ରେଜ୍‌କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଦଳରେ ଓଡ଼ିଶା ଖେଳାଳିଙ୍କୁ ଦେଖିବାକୁ ମିଳିବ। ଚେନ୍ନାଇ ବୁଲ୍ସ ୧.୨୫ ଲକ୍ଷ ଟଙ୍କାରେ ଜୁଗଳ କିଶୋର ମାଝିଙ୍କୁ କିଣିଛି। ସେହିପରି ଗଣେଶ ଧାଙ୍ଗଡ଼ା ମାଝି ୯୦ ହଜାର ଟଙ୍କାରେ ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ ଦଳକୁ ଯାଇଥିବାବେଳେ ସମ୍ବିତ ପ୍ରଧାନଙ୍କୁ ୧ ଲକ୍ଷ ଟଙ୍କାରେ ନେଇଛି ହାଇଦ୍ରାବାଦ ହିରୋଜ। ମୁମ୍ବାଇ ଡ୍ରିମର୍ସ ୫୦ ହଜାର ଟଙ୍କାରେ ଆଶିଷ ଶବରଙ୍କୁ ଏବଂ କୋଲକାତା ବାଙ୍ଗା ଟାଇଗର୍ସ ୧ ଲକ୍ଷ ୨୫ ହଜାର ଟଙ୍କାରେ ଶାନାୱାଜ ଅହମଦ ଓ ୫୦ ହଜାର ଟଙ୍କାରେ ସଞ୍ଜୟ କିସାନଙ୍କୁ କିଣିଛି।

ମହିଳା ବର୍ଗରେ ଚେନ୍ନାଇ ବୁଲ୍ସ ତରୁଲତା ନାଏକଙ୍କୁ ୫୦ ହଜାର ଓ ସନ୍ଧ୍ୟାରାଣୀ ଟୁଡୁଙ୍କୁ ୧.୪ ଲକ୍ଷ ଟଙ୍କାରେ କିଣିଛି। ଦିଲ୍ଲୀ ରେଜ୍ ଡୁମୁନି ମାର୍ଣ୍ଡିଙ୍କ ପାଇଁ ୬୦ ହଜାର ଖର୍ଚ୍ଚ କରିଥିବାବେଳେ ମୁମ୍ବାଇ ଡ୍ରିମର୍ସ ମାମା ନାଏକଙ୍କୁ ୫୦ ହଜାର, ହୁପି ମାଝିଙ୍କୁ ୫୦ ହଜାର ଓ ସୁନୀତା ହାଁସଦାଙ୍କୁ ୫୦ ହଜାର ଟଙ୍କାରେ ନେଇଛି। କୋଲକାତା ବାଙ୍ଗା ଟାଇଗର୍ସ ନିର୍ମାଲ୍ୟ ରାଉତଙ୍କୁ ୧.୬ ଲକ୍ଷ ଓ ପାର୍ବତୀ ହାଁସଦାଙ୍କୁ ୭୦ ହଜାର ଟଙ୍କାରେ ନିଜ ଦଳକୁ ନେବାରେ ସକ୍ଷମ ହୋଇଛି।

ଭାରତୀୟ ଖେଳାଳିଙ୍କ ମଧ୍ୟରେ ପଶ୍ଚିମବଙ୍ଗର ସୁମିତ କୁମାର ରୟ ସର୍ବାଧିକ ୩.୭୫ ଲକ୍ଷ ଟଙ୍କାରେ ହାଇଦ୍ରାବାଦ ହିରୋଜ ଦଳକୁ ଯାଇଛନ୍ତି। ସେହିପରି ମହିଳା ବିଭାଗରେ ସବୁଠାରୁ ଦାମୀ ଭାରତୀୟ ଖେଳାଳି ହୋଇଛନ୍ତି ଦିଲ୍ଲୀର ଶିଖା ଯାଦବ। ଦିଲ୍ଲୀ ରେଜ୍ ତାଙ୍କୁ ୨.୪ ଲକ୍ଷ ଟଙ୍କାରେ କିଣିଛି। ପ୍ରକାଶଯୋଗ୍ୟ ଯେ, ରଗ୍‌ବୀ ପ୍ରିମିୟର ଲିଗ୍‌ର ଗତବର୍ଷ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ଓଡ଼ିଶାଭିତ୍ତିକ ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଅଂଶଗ୍ରହଣ କରିଥିଲା।

RUGBY PREMIER LEAGUE

### ବିଭିନ୍ନ ଦଳରେ ସାମିଲ ଓଡ଼ିଶା ଖେଳାଳି

**ପୁରୁଷ ବର୍ଗ**
ଚେନ୍ନାଇ ବୁଲ୍ସ: ଜୁଗଳ କିଶୋର ମାଝି (୧ ଲକ୍ଷ ୨୫ ହଜାର)।
ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ: ଗଣେଶ ଧାଙ୍ଗଡ଼ା ମାଝି (୯୦ ହଜାର)
ହାଇଦ୍ରାବାଦ ହିରୋଜ: ସମ୍ବିତ ପ୍ରଧାନ (୧ ଲକ୍ଷ)
ମୁମ୍ବାଇ ଡ୍ରିମର୍ସ: ଆଶିଷ ଶବର (୫୦ ହଜାର)
କୋଲକାତା ବାଙ୍ଗା ଟାଇଗର୍ସ: ଶାନାୱାଜ ଅହମଦ (୧ ଲକ୍ଷ ୨୫ ହଜାର), ସଞ୍ଜୟ କିସାନ (୫୦ ହଜାର)।

**ମହିଳା ବର୍ଗ**
ଚେନ୍ନାଇ ବୁଲ୍ସ: ତରୁଲତା ନାଏକ (୫୦ ହଜାର), ସନ୍ଧ୍ୟାରାଣୀ ଟୁଡୁ (୧.୪ ଲକ୍ଷ)।
ଦିଲ୍ଲୀ ରେଜ୍: ଡୁମୁନି ମାର୍ଣ୍ଡି (୬୦ ହଜାର),
ମୁମ୍ବାଇ ଡ୍ରିମର୍ସ: ମାମା ନାଏକ (୫୦ ହଜାର), ହୁପି ମାଝି (୫୦ ହଜାର), ସୁନୀତା ହାଁସଦା (୫୦ ହଜାର)।
କୋଲକାତା ବାଙ୍ଗା ଟାଇଗର୍ସ: ନିର୍ମାଲ୍ୟ ରାଉତ (୧.୬ ଲକ୍ଷ), ପାର୍ବତୀ ହାଁସଦା (୭୦ ହଜାର)।

ବର୍ଷ ବର୍ଷର ଗବେଷଣା, ପ୍ରାଚୀନ ଆୟୁର୍ବେଦ ପଦ୍ଧତି ଦ୍ୱାରା ପ୍ରସ୍ତୁତ ଜୋଲି ତୁଳସୀ-51 ଡ୍ରପ୍‌ସ ଯାହା
ଶରୀରକୁ ଡିଟକ୍ସ (Detox) କରେ
CLINICALLY TESTED ଇମ୍ୟୁନିଟି ବଢ଼ାଇବାରେ ସହାୟକ
ଖାସ୍ 5 ପ୍ରକାର ତୁଳସୀ ଅର୍କରେ ଅତ୍ୟନ୍ତ ଖାସ୍ ବିଧି ଦ୍ୱାରା ପ୍ରସ୍ତୁତ, ସମଗ୍ର ପରିବାରକୁ ରୋଗରୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରେ
- ପେଟ ଗ୍ୟାସ୍
- ଜ୍ୱାଳା
- ବଦହଜମି
- ଗଟ୍ ହେଲ୍‌ଥ
- କବ୍ଜ
- ମୁହଁର ଦୁର୍ଗନ୍ଧ
- ବ୍ରଣ ଓ କାଠବ୍ରଣ
- କେଶ ଝଡ଼ିବା
- ଜିଭରେ ଘା'
- ଏକାଗ୍ରତାରେ ସମସ୍ୟା (ADHD)




- ଥଣ୍ଡି ଦରଜ
- କଫ କାଶ
- ଶ୍ୱାସ ରୋଗ
- ଆଲର୍ଜି
- ଚର୍ମ ରୋଗ
- ମୁଣ୍ଡ ବୁଲାଇବା
- ସ୍ମୃତିଶକ୍ତି
- ଦୁର୍ବଳତା
- ବାଦାମୀ ଦାଗ ଓ କୁଞ୍ଚନ
- ହାତଗୋଡ଼ କାଲୁଆ ଲାଗିବା
- ଗଣ୍ଠି ବ୍ୟଥାରେ ଉପାଦେୟ

JOLLY
CLINICALLY TESTED
ତୁଳସୀ 51 ଡ୍ରପ୍‌ସ
5-5 ବୁନ୍ଦା ସକାଳେ ଓ ସନ୍ଧ୍ୟାରେ, ପିଲା, ବୟସ୍କ ଓ ଯୁବବର୍ଗ
ଜୋଲି ତୁଳସୀ 51 ଡ୍ରପ୍‌ସର ଲୋକପ୍ରିୟତାର ଫାଇଦା ଉଠାଇବା ପାଇଁ ବଜାରରେ ଏକା ସଦୃଶ ନାମର ଅନେକ ତୁଳସୀ ଡ୍ରପ୍‌ସ ଆସିଯାଇଛି, ତେଣୁ
ଷ୍ଟୋର୍‌ରେ ତୁଳସୀ ଡ୍ରପ୍‌ସ ନୁହେଁ ଜୋଲି ତୁଳସୀ 51 ଡ୍ରପ୍‌ସ ହିଁ ମାଗନ୍ତୁ
Super Stockist»Jeevan dhara ,Bhubaneswar, M: 9438134013
Stockist»Angul:9861121114, Aska:9437424001, Balasore:9040605196,Bamra: 6642229249, Barbil: 6767277283, Bargarh: 9438625544Baripada: 9437320423 Begunia:9437429268, Behrampur: 9437358569 , 06802250741, Bhadrak: 9437215761, Bhubaneshwar: 9437307031 Bolangir: 9437241574, 06652235303 Cuttack: 9437247237, Cuttack: 9861290948: Dhenkanal:6762223261 Jajpur Town: 9437191273, Jaraka: 9938167140 Jatni: 9437162097, Jeypore: 8895796354 , 9437215425, harsohda, 9438192309, Jharsukuda: 9437689233, Jharsukuda:9437250042, Junagarh: 9438015398, Kendrapara: 6727221049 Keonjhar:hurda:6755220419,Phulbani: 9853525181, Puri:9437281214, Rourkela: 9438143234, Sambalpur: 7873077707, Talcher: 9937060364, Titlagarh: 9437151725, Tarka:6725283032
ସବୁ ମେଡିକାଲ ଷ୍ଟୋରରେ ଉପଲବ୍ଧ । ✆98143-30500 JOLLYorganic.com

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ Business queries: <advt@dharitri.com>